

ଆମେରିକା ସଂସଦରେ ଟ୍ରମ୍ପଙ୍କୁ ଝଟକା

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 74 ଭାଗ ୩୪ | ସଂଖ୍ୟା ୭୪ | Friday 5 June 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର, ୫ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



## ପରିବର୍ତ୍ତନ, ସୁଶାସନ ଓ ସଙ୍କଳ୍ପକୁ ଦୁଇ ବର୍ଷ

ଭୁବନେଶ୍ୱର,୪।୬ (ସଂଚାର ବ୍ୟୁରୋ): ଆଜିକୁ ଠିକ ଦୁଇ ବର୍ଷ ତଳେ, ଆଜିର ଦିନ ଥିଲା ଓଡ଼ିଶା ରାଜନୀତିର ଏକ ଟର୍ଣ୍ଣିଂ ପଏଣ୍ଟ। ଜନତା ଦେଇଥିଲେ ଜବାବ, ଭୁଶୁଡ଼ି ପଡ଼ିଥିଲା ୨୪ ବର୍ଷର ବିଜେଡି ଗଡ। ଶଙ୍ଖର ଦବଦବାକୁ ମାତ ଦେଇ ଓଡ଼ିଶା ମାଟିରେ ଫୁଟିଲା ପଦ୍ମ। ନବୀନ ପଟ୍ଟନାୟକଙ୍କ ଦୀର୍ଘ ଅଢ଼େଇ ଦଶନ୍ଧିର ଶାସନକୁ ହଟେଇ କ୍ଷମତାସୀନ ହେଲା ବିଜେପି। ପ୍ରଥମ ଥର ପାଇଁ ଓଡ଼ିଶାରେ ଏକାକୀ ସରକାର ଗଢ଼ିଥିଲା। ସତ ହୋଇଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବାନୁମାନ। ନିର୍ବାଚନୀ ପ୍ରଚାରରେ ଓଡ଼ିଶା ଆସି ମୋଦି ଘୋଷଣା କରିଥିଲେ, ଜୁନ୍ ୪, ୨୦୨୪ ହେଉଛି ବିଜେଡି ସରକାରର ଏକ୍ସପାୟରୀ ଡେଟ୍।

ସରକାରକୁ ଆସୁ ଆସୁ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିଥିଲେ ମୋହନ ମାଝୀଙ୍କ ସରକାର। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସହ ରତ୍ନ ଭଣ୍ଡାର ଗଣତି ମଣତି କରାଯାଇଛି। ଆରମ୍ଭ ହୋଇଥିଲା ସରକାରଙ୍କ ପ୍ରମୁଖ ଲୋକାଭିମୁଖୀ କାର୍ଯ୍ୟକ୍ରମ ସୁଭଦ୍ରା ଯୋଜନା। ଏ ଭିତରେ ସବୁଠୁ ବଡ ପଦକ୍ଷେପ ହେଉଛି ଚାଷୀଙ୍କୁ ୮୦୦ ଟଙ୍କା ଇନପୁଟ୍ ସହାୟତା ରାଶି ଦେଇ ଧାନ କୁଇଣ୍ଟାଲକୁ ୩୧ ଶହ ଟଙ୍କାରେ କିଣିଲେ। ଲାଗୁ ହେଲା ଆୟୁଷ୍ମାନ ଯୋଜନା। ଖାଲି ସେତିକି ନୁହେଁ, ମୋହନ ମାଝୀ ବନ୍ଦ ପଡିଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ପୁନର୍ଜୀବନ ଦେଇଛନ୍ତି। ଭୁବନେଶ୍ୱର ସହ ସମ୍ବଲପୁରରେ ମଧ୍ୟ ମନ୍ତ୍ରୀ ପରିଷଦ ସହ ଯାଇ ଲୋକଙ୍କ ଅଭିଯୋଗ ସିଧାସଳଖ ଶୁଣି ସମାଧାନ କରୁଛନ୍ତି। ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଦୁଇ ବର୍ଷ ପୂର୍ବେ ଆଜିର ଦିନରେ ରାଜ୍ୟବାସୀ ପରିବର୍ତ୍ତନର ସଂକଳ୍ପ ନେଇ ଭାରତୀୟ ଜନତା ପାର୍ଟି ସପକ୍ଷରେ ଏକ ଐତିହାସିକ ଓ ସ୍ପଷ୍ଟ ଜନମତ ପ୍ରଦାନ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ଆଦର୍ଶରେ ଅନୁପ୍ରାଣିତ ହୋଇ ଡବଲ ଇଞ୍ଜିନ ସରକାର ଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟର ସମନ୍ୱୟରେ ଓଡ଼ିଶାରେ ବିକାଶର ଏକ ନୂତନ ଯୁଗର ସୂତ୍ରପାତ କରିଛି। ବିଜେପି ସରକାର ପ୍ରଶାସନିକ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଜନକଲ୍ୟାଣକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ରାଜ୍ୟର ପ୍ରତ୍ୟେକ ଶ୍ରେଣୀର ନାଗରିକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସଂପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନସାଧାରଣଙ୍କର ଜନମତ କେବଳ ଏକ ଶକ୍ତିଶାଳୀ ସରକାର ଗଠନ କରିନାହିଁ, ବରଂ ଦୀର୍ଘ ଦିନର ସ୍ଥାଣୁତାକୁ ଭାଙ୍ଗି ଏକ ସ୍ୱଚ୍ଛ, ସମୃଦ୍ଧ ଓ ପ୍ରଗତିଶୀଳ ଓଡ଼ିଶା ନିର୍ମାଣର ମୂଳଦୁଆ ସ୍ଥାପନ କରିଛି। ଆଗାମୀ ଜୁନ୍ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ସରକାରର ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବାକୁ ଯାଉଛନ୍ତି। ଜୁନ୍ ୨୦ ତାରିଖରେ ଖୋଦ ପ୍ରଧାନମନ୍ତ୍ରୀ ରାଜ୍ୟସ୍ତରୀୟ ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବାକୁ ଓଡ଼ିଶା ଆସୁଛନ୍ତି।

---

ଶକ୍ତି ସଙ୍କଟର ମୁକାବିଲା ପାଇଁ ନୂଆ ପଦକ୍ଷେପ

## ସରକାରୀ ଅଫିସରେ ଭଡ଼ାରେ ଲାଗିବ କେବଳ ଇଭି



**ମାସିକ ଭଡ଼ା ଧାର୍ଯ୍ୟ କଲା ଅର୍ଥ ବିଭାଗ**

ଭୁବନେଶ୍ୱର,୪।୬(ସଂଚାର ବ୍ୟୁରୋ): ଏଣିକି ସମସ୍ତ ସରକାରୀ ଅଫିସରେ ଇଭି ବା ବୈଦ୍ୟୁତିକ ଯାନ ଗାଡ଼ି ଭଡ଼ାରେ ନେଇ ବ୍ୟବହାର କରିବା ବାଧ୍ୟତାମୂଳକ କରାଯାଇଛି। ବ୍ଲକ ଓ ତହସିଲଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ବ୍ୟବହାର ପାଇଁ ମାସିକ ଗାଡ଼ିଭଡ଼ା ଧାର୍ଯ୍ୟ ହୋଇଛି। ଆଜି ଅର୍ଥ ବିଭାଗ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମା ଜୁନ୍ ୧ରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ଅର୍ଥ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ବିଭିନ୍ନସ୍ତରର ସରକାରୀ ଅଫିସର ଓ ଜନପ୍ରତିନିଧିମାନଙ୍କ ପାଇଁ ଗାଡ଼ିର ମାସିକ ସର୍ବାଧିକ ଭଡ଼ା ସୀମା ସ୍ଥିର କରାଯାଇଛି, ଯେଉଁଥିରେ ପ୍ରଯୁଜ୍ୟ ଟିକସ ଓ ଚାର୍ଜିଂ ଖର୍ଚ୍ଚକୁ ସାମିଲ କରାଯାଇ ନାହିଁ। ବ୍ଲକ ଓ ତହସିଲସ୍ତର ପାଇଁ ସର୍ବାଧିକ ମାସିକ ଭଡ଼ା ୫୫ହଜାର ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ପ୍ରଶାସନିକ ବିଭାଗ ବା ବିଭାଗୀୟ ମୁଖ୍ୟଙ୍କ ପୁଲ୍ ଭେହିକିଲ୍, ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଗାଡ଼ି ପାଇଁ ଏହି ସୀମା ୫୦ହଜାର ଟଙ୍କା ରଖାଯାଇଛି। ସେହିପରି ଜିଲ୍ଲା ଜଜ୍, ଜିଲ୍ଲାପାଳ ଓ ଜିଲ୍ଲା ଏସପିଙ୍କ ପାଇଁ ସର୍ବାଧିକ ୬୦ହଜାର ଟଙ୍କା ଏବଂ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ କମିଶନର-ତଥା-ସଚିବ ପାହ୍ୟାର ଅଧିକାରୀଙ୍କ ପାଇଁ ୬୫ହଜାର ଟଙ୍କା ମାସିକ ଭଡ଼ା ସ୍ଥିର ହୋଇଛି। ରାଜ୍ୟ ମୁଖ୍ୟ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର ଓ ରାଜସ୍ୱ ପର୍ଷଦର ସଦସ୍ୟମାନଙ୍କ ପାଇଁ ସର୍ବାଧିକ ➪ପୃଷ୍ଠା-୬

---

ରାଜ୍ୟ ପୁଲିସକୁ ସ୍ପଷ୍ଟ ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ

## ଲୋକଙ୍କ ପାଇଁ ବନ୍ଧୁ, ଅପରାଧୀଙ୍କ ପ୍ରତି କଠୋର ହୁଅନ୍ତୁ

- ଦୋଷୀ ଦଣ୍ଡ ପାଉ, ନିରପରାଧୀ ବିନା ଭୟରେ ଜୀବନ ଜିଉ
- ନ୍ୟାୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା ଉପରେ ସିଏମ୍‌ଙ୍କ ଗୁରୁତ୍ୱ
- ଭୟମୁକ୍ତ ପରିବେଶ ହିଁ ପ୍ରଗତିଶୀଳ ସମାଜର ମୂଳଦୁଆ
- ଅପରାଧମୁକ୍ତ ସମାଜ ଗଠନ ସମସ୍ତଙ୍କର ମିଳିତ ସଂକଳ୍ପ
- ରାଜ୍ୟରେ ୧୯୫ କୋଟିର ପୁଲିସ ଭିତ୍ତିଭୂମି ଲୋକାର୍ପିତ
- ଚାପମୁକ୍ତ ରହି ସେବା ଯୋଗାଇବେ ପୁଲିସ କର୍ମଚାରୀ



ଭୁବନେଶ୍ୱର,୪।୬ (ସଂଚାର ବ୍ୟୁରୋ): ପୁଲିସ ବାହିନୀର ନିଷ୍ଠାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ , ଆମକୁ ସୁରକ୍ଷା ଦେବା ପାଇଁ ପୁଲିସ ଅଧିକାରୀମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ସେମାନଙ୍କର ସାହସ, ସମର୍ପଣ ମନୋଭାବ ଏବଂ ସମାଜ ପ୍ରତି ଦାୟିତ୍ୱବୋଧତା ସବୁବେଳେ ଅମୂଲ୍ୟ। ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ପ୍ରଦାନ କରାଯାଉଛି। ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏହି ନୂତନ ପୁଲିସ ଷ୍ଟେସନ୍ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଏକ ସୁନ୍ଦର ଓ ଅନୁକୂଳ ପରିବେଶ ଯୋଗାଇବ। ଏହି ନବନିର୍ମିତ ଥାନା ଗୁଡ଼ିକରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଥାନାଗୁଡ଼ିକରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ୍ ବ୍ୟବସ୍ଥା, ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱେୟାରଲେସ୍ ସୂଚନା କେନ୍ଦ୍ର, ସ୍ୱତନ୍ତ୍ର ସ୍ୱାଗତ କକ୍ଷ ଏବଂ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସହ ୨୪ ଘଣ୍ଟିଆ ସିସିଟିଭିର ସୁବିଧା ରହିଛି।

ନ୍ୟାୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଇନ ଓ ନ୍ୟାୟ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ପୁଲିସ ବିଭାଗ ସର୍ବଦା ସଚେତନ ଓ ସକ୍ରିୟ। ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥାରେ ଦୋଷୀମାନେ ଦଣ୍ଡିତ ହେବା ଆବଶ୍ୟକ ଏବଂ ନିରପରାଧ ଲୋକମାନେ ବିନା ଭୟରେ ନିଜର ଦୈନନ୍ଦିନ ଜୀବନ ଅତିବାହିତ କରିବା ଆବଶ୍ୟକ। ଯେତେବେଳେ ସାଧାରଣ ଲୋକଙ୍କ ମନରେ ଏହି ବିଶ୍ୱାସ ଆସିବ, ସେତେବେଳେ ହିଁ ସାମାଜିକ ବ୍ୟବସ୍ଥା ପ୍ରକୃତରେ ସୁରକ୍ଷିତ ବୋଲି ଆମେ କହିପାରିବା। ଏଥିରେ ରାଜ୍ୟ ପୁଲିସର ଭୂମିକା ➪ପୃଷ୍ଠା-୬

---

ଓଡ଼ିଆରେ ଚାଲିବ ପ୍ରଶାସନ

## ସବୁ ଅଧିକାରୀ ଓ କର୍ମଚାରୀଙ୍କୁ ଦିଆଯିବ ତାଲିମ

**୧୦ ଓ ୧୧ରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ଭୁବନେଶ୍ୱର,୪।୬(ସଂଚାର ବ୍ୟୁରୋ): ଓଡ଼ିଆ ଭାଷାରେ ଚାଲିବ ଶାସନ। ରାଜ୍ୟ ପ୍ରଶାସନରେ ଓଡ଼ିଆ ଭାଷାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରିଛନ୍ତି। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଓଡ଼ିଆ ଭାଷାରେ ଅଫିସ କାର୍ଯ୍ୟ କରିବାକୁ ତାଲିମ ଦିଆଯବ। ଦୁଇ ଦିନିଆ ବିଶେଷ ତାଲିମ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ୧୦ ଓ ୧୧ ତାରିଖରେ ଆୟୋଜିତ ହେବ। ସରକାରୀ ଦପ୍ତରରେ ଦୈନିକ କାର୍ଯ୍ୟ, ଚିଠିପତ୍ର, ରିପୋର୍ଟ ଓ ଅନ୍ୟାନ୍ୟ ପ୍ରଶାସନିକ କାମ ଓଡ଼ିଆ ଭାଷାରେ କିପରି ସଠିକ୍ ଭାବେ କରାଯାଇପାରିବ ସେ ନେଇ ତାଲିମ ଦିଆଯିବ।

---

## ମୂଳପୋଛ ହେବ ବେଆଇନ ଖଣି କାରବାର

- ଚଢ଼ାଉ ଓ କଡାକଡି ଯାଞ୍ଚ ପାଇଁ ନିର୍ଦ୍ଦେଶ
- ଅବହେଳା କଲେ ହେବ କାର୍ଯ୍ୟାନୁଷ୍ଠାନ
- ମାଫିଆଙ୍କ ସହ ଅଫିସରଙ୍କୁ ବି ତାଗିଦ



ଭୁବନେଶ୍ୱର,୪।୬(ସଂଚାର ବ୍ୟୁରୋ): ରାଜ୍ୟରେ ବେଆଇନ ଖଣି କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି ସରକାର। ରାଜ୍ୟର ଖଣି କ୍ଷେତ୍ରରେ ବେଆଇନ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ମୂଳପୋଛ କରିବା ଓ ସରକାରୀ ରାଜସ୍ୱ ହାନିକୁ ରୋକିବା ପାଇଁ ରାଜ୍ୟ ସରକାର ଆକ୍ସନମୋଡକୁ ଆସିଛନ୍ତି। କେତେକ ସ୍ଥାନରେ ଖଣି ଲିଜଧାରୀ ଓ ମାଫିଆମାନେ ବେଆଇନ ଖନନ, ଅବୈଧ ପରିବହନ, ମହଜୁଦ ଓ ଚୋରା କାରବାର ଭଳି ଅନିୟମିତତାରେ ଲିପ୍ତ ଥିବା ଆଶଙ୍କା କରି ସରକାର ଏହି କଠୋର ପଦକ୍ଷେପ ➪ପୃଷ୍ଠା-୬

### ଡିଏମଏଫ ପାଣ୍ଠି ପାଇଁ ନୂଆ ନୀତି

ଖଣିଜ ସମ୍ପଦରୁ ଆଦାୟ ହେଉଥିବା ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିର ନ୍ୟାୟସଙ୍ଗତ ବଣ୍ଟନ ପାଇଁ ରାଜ୍ୟ ସରକାର ଏକ ନୂତନ ବ୍ୟବସ୍ଥା ଲାଗୁ କରିଛନ୍ତି । ଯଦି କୌଣସି ଖଣିର ପ୍ରଭାବିତ ଅଞ୍ଚଳ ଏକାଧିକ ଜିଲ୍ଲାକୁ ବ୍ୟାପିଥାଏ, ତେବେ ସେହି ଖଣିରୁ ଆଦାୟ ହୋଇଥିବା ପାଣ୍ଠି ପ୍ରଭାବିତ ଅଞ୍ଚଳର ପରିମାଣ ଅନୁସାରେ ସମ୍ପୃକ୍ତ ଜିଲ୍ଲାମାନଙ୍କ ମଧ୍ୟରେ ବଣ୍ଟନ କରାଯିବ। ଏନେଇ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ଜାରି କରାଯାଇଛି।

ନୂଆ ପ୍ରସ୍ତାବ ଅନୁଯାୟୀ, ଖଣି ସୀମାରୁ ୧୫ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳକୁ 'ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ' ଏବଂ ୧୫ରୁ ୨୫ କିଲୋମିଟର ➪ପୃଷ୍ଠା-୬

---

ମୋହନଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

## ଆଇଜିଆଇଟି ସରାଙ୍ଗକୁ 'ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା' ଅପିଲ୍

- ଭିସୁଟ ଓ ଓୟୁଟିଆର ଭଳି ଅପଗ୍ରେଡ୍ ପାଇଁ ଦେଲେ ପ୍ରସ୍ତାବ
- ଶିଳ୍ପାଞ୍ଚଳ ମଧ୍ୟରେ ଅବସ୍ଥିତ ଥିବାରୁ ବଡ଼ ସମ୍ଭାବନା ରହିଛି
- ଏକକ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠାନର ସ୍ୱାୟତ୍ତତା ବଢ଼ିବ



ଭୁବନେଶ୍ୱର,୪।୬(ସଂଚାର ବ୍ୟୁରୋ): ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ବିକାଶ ତଥା ଢେଙ୍କାନାଳ ଓ ଅନୁଗୋଳ ଭଳି ଶିଳ୍ପାଞ୍ଚଳର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' (ଆଇଜିଆଇଟି), ସରାଙ୍ଗକୁ ଏକ ସ୍ୱତନ୍ତ୍ର ଏକକ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ୍ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ବଜେଟ୍ ୨୦୨୬-୨୭ରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଏବଂ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)କୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ପ୍ରଶଂସନୀୟ। ଏହି କ୍ରମରେ ଆଇଜିଆଇଟି, ସରାଙ୍ଗକୁ ମଧ୍ୟ ସମାନ ଭାବେ ଉନ୍ନତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ୧୯୮୨ ମସିହାରେ ପ୍ରତିଷ୍ଠିତ ଏହି ➪ପୃଷ୍ଠା-୬

---

୬ ଦିନ ପାଇଁ ନୋଟାମ୍ ଜାରି

## ବଙ୍ଗୋପସାଗରରେ ସୈନ୍ୟ ପ୍ରସ୍ତୁତି ସମ୍ଭାବନା



ନୂଆଦିଲ୍ଲୀ,୪।୬: ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଲଗାତାର ନିଜ ଶକ୍ତି ବୃଦ୍ଧି କରୁଛି। ଓଡ଼ିଶା ଉପକୂଳରୁ ଲଗାତାର ସଫଳ ମିସାଇଲ୍ ପରୀକ୍ଷଣ କରି ଶତ୍ରୁଙ୍କୁ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି। ଏହାରି ଭିତରେ ଭାରତ ବଙ୍ଗୋପସାଗରରେ ଜୁନ୍ ୪ରୁ ୯ ମଧ୍ୟରେ ସମ୍ଭାବିତ ମିସାଇଲ୍ ପରୀକ୍ଷଣକୁ ନେଇ ନୋଟାମ୍ ଏବଂ ନୌବାହାନୀ ଚେତାବନୀ ଜାରି କରିଛି। ଏହା ସଂକେତ ଦେଉଛି ଯେ ଭାରତୀୟ ବାୟୁ ସେନା ଏବଂ ନୌସେନା ବ୍ୟାପକ ସ୍ତରରେ ମିସାଇଲ୍ ପରୀକ୍ଷଣ କରିପାରେ। ପ୍ରଥମ ନୋଟିସ୍ ଓଡ଼ିଶା ସ୍ଥିତ ଅବଦୁଲ ➪ପୃଷ୍ଠା-୬

---

## ଜରା ନିବାସରେ ଅଗ୍ନିକାଣ୍ଡ, ୧୨ ମୃତ

କଲମ୍ବୋ,୪।୬: ଶ୍ରୀଲଙ୍କାର କାଲୁତାରା ଜିଲ୍ଲାରେ ଘରୋଇ ଭାବରେ ଚାଲିଥିବା ଏକ ଜରା ନିବାସରେ ଗୁରୁବାର ଭୟଙ୍କର ଅଗ୍ନିକାଣ୍ଡ ଘଟିବା ଫଳରେ ଅନ୍ୟୁନ ୧୨ ଜଣଙ୍କର ମୃତ୍ୟୁ ଘଟିଛି। କଲମ୍ବୋଠାରୁ ୬୫ କିଲୋମିଟର ଦକ୍ଷିଣରେ ଅବସ୍ଥିତ ଅଙ୍ଗୁରୁୱାଟୋଟାଠାରେ ଥିବା ମାୱପିୟା ସେବାନା ଜରା ନିବାସରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଘଟଣାସ୍ଥଳରେ ୧୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣ ଡାକ୍ତରଖାନା ଯିବା ବାଟରେ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ୍ କହିଛି। ପୁଲିସ୍ ଜରା ନିବାସର ମାଲିକଙ୍କୁ ଗିରଫ୍ କରିଛି। ଜରା ନିବାସରେ ୭୦ରୁ ଅଧିକ ବୟସ୍କ ନାଗରିକ ରହୁଥିବା ବେଳେ ୫୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିକଟସ୍ଥ ଏକ ସ୍କୁଲରେ ଅସ୍ଥାୟୀ ଭାବେ ରଖାଯାଇଛି। ଏହି ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ଆରମ୍ଭ ହୋଇଛି।

### ଇସ୍ରାଏଲ ଆକ୍ରମଣରେ ୧୧ ମୃତ

ତେଲଆଭିଭ୍,୪।୬: ଗାଜା ସିଟିରେ ଇସ୍ରାଏଲ୍ ପକ୍ଷରୁ ହୋଇଥିବା ବାୟୁସେନା ଆକ୍ରମଣରେ ପାଲେଷ୍ଟାଇନର ୧୧ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ ଅଛନ୍ତି। ଏହି ଆକ୍ରମଣରେ ଡଜନରୁ ଅଧିକ ଆହତ ହୋଇଥିବା ଘଟଣାକୁ ନିକଟରୁ ଦେଖିଥିବା ଗଣମାଧ୍ୟମଗୁଡ଼ିକ ଜଣାଇଛନ୍ତି। ଗୁରୁବାର ଦିନ ଇସ୍ରାଏଲ ୪ଟି ଆବାସିକ ଗୃହ ଉପରେ ଆକ୍ରମଣ କରିଥିଲା, ଯାହାର ଫଳ ସ୍ୱରୂପ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଇସ୍ରାଏଲ ପକ୍ଷରୁ ଏ ବାବଦରେ ତୁରନ୍ତ କୌଣସି ଟିପ୍ପଣୀ କରାଯାଇ ନଥିବା ବେଳେ ଉତ୍ତରଗାଜାରେ ରହୁଥିବା ହମାସର କମାଣ୍ଡର ହାସଲ ଲାବାଡ଼ଙ୍କୁ ଟାର୍ଗେଟ୍ କରି ଏଭଳି ଆକ୍ରମଣ କରାଯାଇଥିବା କୁହାଯାଉଛି।

---

## ରୁଖାକୁ ଚଢ଼ିଗଲେଣି ଲେନିନ୍ ଓ ପ୍ରିୟବ୍ରତ

- ପ୍ରଶ୍ନ କରିବାକୁ ବରିଷ୍ଠଙ୍କ ପଛଘୁଞ୍ଚା
- ତଳିଆ ନେତାଙ୍କୁ ଫସାଇବାକୁ ଯୋଜନା



ଭୁବନେଶ୍ୱର,୪।୬(ସଂଚାର ବ୍ୟୁରୋ) : ରାଜ୍ୟରେ ବିଜେପି ସରକାର ତାହାର ୨ବର୍ଷ ପୂରଣ କରିଥିବାବେଳେ ମୁଖ୍ୟ ବିରୋଧିଦଳ ହିସାବରେ ବିଜେଡି ଦଳ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ୨୪ ମାସରେ ୨୪ଟି ବିଫଳତା ଦର୍ଶାଇଛି। ତେବେ ବିଜେଡିରେ ତୁଙ୍ଗ ନେତାମାନେ ଥିବାବେଳେ ଜୀବନରେ ୱାର୍ଡମେମ୍ବରଟିଏ ହୋଇପାରିନଥିବାବେଳେ ଡକ୍ଟର ଲେନିନ ମହାନ୍ତି ଓ ଡକ୍ଟର ପ୍ରିୟବ୍ରତ ମାଝୀ ପତ୍ର ଲେଖିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପିମ୍ପୁଡି ରୁଖା ଉପରେ ଚଢ଼ି ପାହାଡ ଚଢ଼ିଛି ବୋଲି ଭାବିବା ଭଳି ଏହି ଦୁଇ ନେତା ଏବେ ନିଜକୁ ଦଳର ସର୍ବେସର୍ବା ଭାବିବା ଆରମ୍ଭ କଲେଣି।

ନିର୍ବାଚନ ହାରିବା ପରଠାରୁ ବିଜେଡିର ବଡ ବଡ ନେତାମାନେ ଆଉ ପ୍ରାୟତଃ ସରକାରଙ୍କ ବିରୁଦ୍ଧରେ ସେଭଳି କୌଣସି ମନ୍ତବ୍ୟ ଦେଉନାହାନ୍ତି କି ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହୁନାହାନ୍ତି। ଏହାର ଫାଇଦା ଏବେ ଲେନିନ୍ ଓ ପ୍ରିୟବ୍ରତ ଭଳି ନେତାଙ୍କୁ ମିଳିଛି। ପ୍ରତିଦିନ ଏମାନେ ଗଣମାଧ୍ୟମରେ ଆସି ସରକାରଙ୍କୁ ସମାଲୋଚନା କରିବାରେ ଲଗିଛନ୍ତି। ତେବେ ଦଳରେ ଦେବୀ ମିଶ୍ର, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାଶବର୍ମା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବଙ୍କ ଭଳି ବରିଷ୍ଠ ନେତା ଥିବାବେଳେ ସରକାରଙ୍କ ବର୍ଷପୂର୍ତ୍ତି ପାଳନ ସମୟରେ ବିଫଳତା ଦର୍ଶାଇବାକୁ କିନ୍ତୁ ଏମାନଙ୍କୁ ଖୋଜା ପଡିନାହିଁ। ଜୀବନରେ ସାଧାରଣ ନିର୍ବାଚନ ଲଢ଼ିନଥିବା ଏହି ଦୁଇ ନେତା ଚିଠି ଲେଖିବାକୁ ଦଳୀୟ କର୍ମୀମାନେ ସହଜରେ ଗ୍ରହଣ କରିପାରୁନଥିବାବେଳେ ଶାସକଦଳ ବି ଏହି ଦୁଇ ନେତାଙ୍କୁ ଗୁରୁତ୍ୱ ଦେଉନାହିଁ କି କାଉଣ୍ଟର କରିବାକୁ ଯୋଗ୍ୟ ଭାବୁନାହିଁ।

ବିଜେଡିର କର୍ମୀମାନଙ୍କ କହିବାକଥା ଯେ ଲେନିନ୍ ଓ ପ୍ରିୟବ୍ରତଙ୍କ ଅବସ୍ଥା ଏବେ ପିମ୍ପୁଡି ଭଳି ହୋଇଛି। ବରିଷ୍ଠମାନଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଏମାନେ ଏବେ ରୁଖା ଉପରେ ପହଞ୍ଚିଛନ୍ତି। ଶଙ୍ଖଭବନରେ ଏବେ ନିଜକୁ ସର୍ବେସର୍ବା ଭାବୁଥିବା ଏହି ଦୁଇ ନେତା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଗାଳି ଦେବାରେ ଲାଗିଛନ୍ତି । ତେବେ ଅନ୍ୟ ବରିଷ୍ଠ ନେତାମାନେ କାହିଁକି ଏମାନଙ୍କୁ ଅଟକାଉ ନାହାନ୍ତି ଓ ନିଜେ ସରକାରଙ୍କୁ ଆକ୍ରମଣ କରୁନାହାନ୍ତି ତାହା ଏବେ ବଡ ପ୍ରଶ୍ନବାଚୀ ହୋଇଛି।

ହେଉଥିବା ଆଲୋଚନା ଅନୁଯାୟୀ ବିଜେଡିର ମଙ୍ଗୁଆଳମାନେ ସରକାରଙ୍କୁ କଡା ସମାଲୋଚନା କରି ଅକଳରେ ପଡିବାକୁ ଚାହୁଁନାହାନ୍ତି । ତେଣୁ ସେମାନେ ଯଥାସମ୍ଭବ ସରକାରଙ୍କୁ ସମାଲୋଚନା କରିବାରୁ ଦୂରେଇ ରହୁଛନ୍ତି। ବିଭିନ୍ନ ଆଳ ଦେଖାଇ ଖସି ଯାଉଛନ୍ତି। ଯାହାର ଫାଇଦା ଏବେ ଲେନିନ୍ ଓ ପ୍ରିୟବ୍ରତ ଭଳି ନେତାଙ୍କୁ ମିଳୁଛି। ଲେନିନ୍ ଜୀବନରେ ୱାର୍ଡମେମ୍ବରଟିଏ ହୋଇନଥିବାବେଳେ ପ୍ରିୟବ୍ରତ ଏକଦା କଂଗ୍ରେସରେ ଥିଲେ। ତେଣୁ ଏହି ଦୁଇଜଣ ଯେତେ ଶାଣିତ ଆକ୍ରମଣ କଲେ ବି ଶାସକଦଳ ତାହାକୁ ଗୁରୁତ୍ୱର ➪ପୃଷ୍ଠା-୬

## ଅଭିଆରା ପ୍ରତିଭା ସମ୍ମାନ-୨୦୨୬




ଗରଦପୁର,୪।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ରାଏସର ଖରିସାଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଭିଆରା ଫାଉଣ୍ଡେସନ ଓ ଫାଇଣ୍ଡ ଫାଉଣ୍ଡେସନର ମିଳିତ ସହଯୋଗରେ ଅଭିଆରା ପ୍ରତିଭା ସାମ୍ମନ-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହା ଅଭିଆରା ଫାଉଣ୍ଡେସନ ଓ ଫାଇଣ୍ଡ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ ଅବସ୍ଥିତ। ଏହି କାର୍ଯ୍ୟକ୍ରମ ଅଭିଆରା ଫାଉଣ୍ଡେସନର ସଂଯୋଜକ ମନୋଜ କୁମାର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଅବସରରେ ବିଦ୍ୟାଳୟର ଦଶମ ଶ୍ରେଣୀର ଟପର ଶୁଭଲକ୍ଷ୍ମୀ ନାୟକ, ବ୍ଲକ ଟପର ସ୍ମିତମ ସାଲୋନୀକା ପାଣି, ଆଇ. ଆଇ. ଟି (ଜାମ)ରେ ଭଲ ନମ୍ବର ରଖିଥିବା ଶୁଭ୍ରାଂଶୁ ଶେଖର ପୃଷ୍ଟି, ତଥା ରାଏସର ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ଯେଉଁମାନେ ବର୍ତ୍ତମାନ +୨ ବିଜ୍ଞାନରେ ଅଧ୍ୟୟନ କରି ୭୦%ରୁ ଅଧିକ ନମ୍ବର ରଖିଥିବା ୭ଜଣ କୃତି ଛାତ୍ରଛାତ୍ରୀ ଓ ରାଏସର ବିଦ୍ୟାଳୟର ଦଶମ ଶ୍ରେଣୀର ୬୦%ରୁ ଅଧିକ ନମ୍ବର ରଖିଥିବା ୧୮ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରାଜକିଶୋର ରାଉତ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପଞ୍ଚଶଖା ଶିକ୍ଷା ସେତୁର ସଭାପତି ଶ୍ରୀ ଅନୁଜ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ଶ୍ରୀ ପ୍ରଭାତ କୁମାର ଜେନା, ଶ୍ରୀ ଗୌରାଙ୍ଗ ପ୍ରସାଦ ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ମଲ୍ଲିକ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଶୃଙ୍ଖଳା ଓ ସମାଜ ସେବା କ୍ଷେତ୍ରରେ ଆଗକୁ ବଢିବା ପାଇଁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ।

## ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ରବିନ୍ଦୁ ପାଲଟିଛି

# ଚଷାକୁନ୍ଦର ମା' ଜଙ୍ଗଲୀ ଜନନୀ ମଙ୍ଗଳା ପୀଠ

କେନ୍ଦ୍ରାପଡ଼ା,୪।୬ (ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ଣା ପଞ୍ଚାୟତର ଚଷାକୁନ୍ଦ ଗ୍ରାମ ନିକଟରେ ଅବସ୍ଥିତ ମା' ଜଙ୍ଗଲୀ ଜନନୀ ମଙ୍ଗଳା ପୀଠ ଆଜି ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ରବିନ୍ଦୁ ପାଲଟିଛି। କୋଲୁଆସ୍ଥିତ ମା' ମଙ୍ଗଳା ପୀଠରୁ ମାତ୍ର ତିନି କିଲୋମିଟର ଦୂରରେ ଘନ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ଶକ୍ତିପୀଠକୁ ନେଇ ରହିଛି ଅନେକ ଅଲୌକିକ କାହାଣୀ ଓ ଲୋକବିଶ୍ୱାସ। ବର୍ଷ ପରେ ବର୍ଷ ଧରି ଜଙ୍ଗଲ ମଧ୍ୟରେ ମା'ଙ୍କ ଆବିର୍ଭାବ ସ୍ଥଳରେ ଭକ୍ତମାନେ ପୂଜାର୍ଚ୍ଚନା କରି ଆସୁଛନ୍ତି। କୁହାଯାଏ, ପୂର୍ବରୁ ଏହି ଅଞ୍ଚଳ ଘନ ଜଙ୍ଗଲରେ ଆବୃତ ଥିଲା ଏବଂ ସେଠାରେ ବଡ଼ ବଡ଼ ସର୍ପ ଓ ବନ୍ୟଜନ୍ତୁଙ୍କ ବିଚରଣ ଥିଲେ ମଧ୍ୟ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କର କେବେ କୌଣସି କ୍ଷତି ହୋଇନଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି।

ସ୍ଥାନୀୟ ବାସିନ୍ଦା ସୁରେନ୍ଦ୍ର ନାଥ ମହାନ୍ତିଙ୍କ କହିବା ଅନୁଯାୟୀ, ତାଙ୍କ ଅଜାଙ୍କୁ ସ୍ୱପ୍ନରେ ମା'






ଦର୍ଶନ ଦେଇଥିଲେ। ସେହି ଘଟଣା ପରେ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ମା'ଙ୍କ ମହିମା ପ୍ରତି ଗଭୀର ଆସ୍ଥା ସୃଷ୍ଟି ହୋଇଥିଲା ଏବଂ ସେହି ଦିନଠାରୁ ନିୟମିତ ଭାବେ ମା'ଙ୍କ ପୂଜାର୍ଚ୍ଚନା ଚାଲିଆସୁଛି। ମା'ଙ୍କ ପୀଠର ବର୍ତ୍ତମାନ ପୂଜକ ଗୋଲକ ସଡ଼ଙ୍ଗୀ ଗତ ୩୫ ବର୍ଷ ଧରି ମା'ଙ୍କ ସେବାପୂଜା କରୁଛନ୍ତି। ତାଙ୍କ ପୂର୍ବରୁ ତାଙ୍କ ପିତା ଏହି ଦାୟିତ୍ୱ ତୁଲାଇ ଆସୁଥିଲେ।

ମା' ଜଙ୍ଗଲୀ ଜନନୀ ମଙ୍ଗଳାଙ୍କର ମୁଖ୍ୟ ବାର ହେଉଛି ମଙ୍ଗଳବାର। ଏହି ଦିନ ଶ୍ରଦ୍ଧାଳୁମାନଙ୍କ ଭିଡ଼ ବେଶ୍ ଜମିଥାଏ। ମା'ଙ୍କ ପୀଠରେ ପଣା ସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା ଓ ବୈଶାଖ ପୂର୍ଣ୍ଣିମା ବିଶେଷ ଆଡ଼ମ୍ବରରେ ପାଳନ କରାଯାଏ। ବୈଶାଖ ପୂର୍ଣ୍ଣିମାରେ ମା'ଙ୍କ ଜନ୍ମୋତ୍ସବ ଅବସରରେ ଯଜ୍ଞ ଓ ଅଷ୍ଟ ପ୍ରହରୀ ନାମଯଜ୍ଞର ଆୟୋଜନ ହୋଇଥାଏ। ଏହି ସମସ୍ତ ଧାର୍ମିକ ଉତ୍ସବରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳେ। କେବଳ କେନ୍ଦ୍ରାପଡ଼ା କିମ୍ବା ଆଖପାଖ ଅଞ୍ଚଳ ନୁହେଁ, ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରୁ ମଧ୍ୟ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ଏଠାକୁ ଛୁଟି ଆସିଥାନ୍ତି। ଭକ୍ତମାନଙ୍କ ବିଶ୍ୱାସ, ମା' ଜଙ୍ଗଲୀ ଜନନୀ ମଙ୍ଗଳାଙ୍କ ନିକଟରେ ଭକ୍ତିର ସହ ପ୍ରାର୍ଥନା କଲେ ମନୋକାମନା ପୂରଣ ହୋଇଥାଏ।

ଘନ ଜଙ୍ଗଲ ମଧ୍ୟରେ ଅବସ୍ଥିତ ହୋଇ ମଧ୍ୟ ମା' ଜଙ୍ଗଲୀ ଜନନୀ ମଙ୍ଗଳା ପୀଠ ଆଜି ହଜାର ହଜାର ଭକ୍ତଙ୍କ ଆସ୍ଥାର ପ୍ରତୀକ ହୋଇ ରହିଛି। ଆଧ୍ୟାତ୍ମିକ ପରିବେଶ, ପ୍ରାଚୀନ ପରମ୍ପରା ଓ ଲୋକବିଶ୍ୱାସର ଅନନ୍ୟ ସମନ୍ୱୟ ଏହି ପୀଠକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ତେବେ ଦୁଃଖର ବିଷୟ ହେଉଛି, ଏତେ ପ୍ରସିଦ୍ଧ ଓ ପ୍ରାଚୀନ ଧାର୍ମିକ ପୀଠ ହୋଇଥିଲେ ମଧ୍ୟ ଏହାର ଉନ୍ନତି ପାଇଁ ସରକାରୀ ସ୍ତରରେ ସେପରି କୌଣସି ଦୃଶ୍ୟମାନ ପଦକ୍ଷେପ କିମ୍ବା ଆର୍ଥିକ ସହାୟତା ମିଳିନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ପୀଠର ରାସ୍ତାଘାଟ, ଭକ୍ତମାନଙ୍କ ପାଇଁ ମୌଳିକ ସୁବିଧା ଏବଂ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ ଦିଗରେ ସରକାର ଓ ଜନପ୍ରତିନିଧିମାନେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅନାଥ ଦୁଇ ନାବାଳିକାଙ୍କୁ ସହାୟତାର ହାତ ବଢ଼ାଇଲେ ତେଜେଶ୍ୱର



ଡେରାବିଶ,୪।୬ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମର ଅନାଥ ନାବାଳିକା ପ୍ରଭାସିନୀ ଓ ରୂପାଲିଙ୍କୁ ଆଜି ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସହାୟତାର ହାତ ବଢ଼ାଇଛନ୍ତି। ଗୌତମଙ୍କ ଶୁଦ୍ଧିକ୍ରିୟା କର୍ମ ପାଇଁ ଶ୍ରୀ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଦୁଇ ଝିଅଙ୍କ ପାଠପଢ଼ାର ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଘଟଣାରୁ ପ୍ରକାଶ ଗୌତମଙ୍କ ପତ୍ନୀ ପ୍ରତିମା ୬ ମାସ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ଗତ ଦଶଦିନ ତଳେ କିଡ଼ନୀ ରୋଗରେ ଆକ୍ରାନ୍ତ ଗୌତମ ମୃତ୍ୟୁବରଣ କରିବା ପରେ ତାଙ୍କର ଦୁଇ ଝିଅ ପ୍ରଭାସିନୀ ଓ ରୂପାଲି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଶ୍ରୀ ପରିଡ଼ାଙ୍କ ସହିତ କେଦାର ମହାନ୍ତି, ରାକେଶ ତ୍ରିପାଠି, ସମୀର ମହାନ୍ତି, ଧୁନା ଦଳାଇ, ଅକ୍ଷୟ ମିଶ୍ର, ଇନ୍ଦ୍ରମଣି ନାୟକ, ଜ୍ୟୋତିରଞ୍ଜନ ସାମନ୍ତରାୟ, ଡବୁଲ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ ଲାଗି ଜିଲ୍ଲା ଶ୍ରମଅଧିକାରୀଙ୍କୁ ଭେଟିଲେ ଶ୍ରମିକନେତା



ଡେରାବିଶ,୪।୬ (ସଂଚାର ବ୍ୟୁରୋ):ନିର୍ମାଣ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଆଜି ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟିଥିଲେ। ନିର୍ମାଣ ଶ୍ରମିକମାନଙ୍କର ୫ଦଫା ଦାବି ପୂରଣ କରିବା ନିମନ୍ତେ ଶ୍ରୀ ତ୍ରିପାଠୀ ଶ୍ରମ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ଶ୍ରମ ଅଧିକାରୀ ଏହି ଦାବିପତ୍ରଟିକୁ ଗ୍ରହଣ କରିବା ସହିତ ଏହାର ସମାଧାନ କରିବା ନିମନ୍ତେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ତ୍ରିପାଠୀଙ୍କ ସହିତ ସଂଘର ସଦସ୍ୟ ନିତ୍ୟାନନ୍ଦ ସାମଲ, ପ୍ରଦିପ୍ତ କୁମାର ସାମଲ ଓ ଜଗଦିଶ କଟାଳ ପ୍ରମୁଖ ସାମିଲଥିଲେ।

## ଆମ୍ ଆଦମୀ ପାର୍ଟିର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ପ୍ରସ୍ତୁତି ବୈଠକ




କେନ୍ଦ୍ରାପଡା,୪।୬ (ସଂଚାର ବ୍ୟୁରୋ): ଆମ୍ ଆଦମୀ ପାର୍ଟିର ରାଜ୍ୟ ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡ଼ା ସଦର ମହକୁମାଠାରେ ଆଗାମୀ ଜୁନ୍ ୧୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି। ଜୁନ୍ ୧ ତାରିଖ ଠାରୁ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଦଳରେ ଅଧିକରୁ ଅଧିକ ସଦସ୍ୟ ଯୋଡିବା ନିମନ୍ତେ ଅଭିଯାନ ଜାରି ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ୧୦ ତାରିଖରେ ସମସ୍ତ ୱାର୍ଡର ନୂଆ ଏବଂ ପୁରୁଣା ସଦସ୍ୟଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକରେ ମ୍ୟୁନିସିପାଲିଟି ଏବଂ ପଞ୍ଚାୟତ ସ୍ତରରେ ଦଳୀୟ ସଂଗଠନକୁ ପହଞ୍ଚାଇବା ନିମନ୍ତେ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଦଳ କହିଛି । ଜୁନ୍ ମଧ୍ୟ ଭାଗରେ ଆସିବାକୁ ଥିବା କେନ୍ଦ୍ରୀୟ ଟିମ୍ ଦ୍ୱାରା ନିଯୁକ୍ତ ସହ ପ୍ରଭାରୀଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ ଯୋଜନାକୁ କିପରି ସଫଳକାମୀ କରାଯାଇ ପାରିବ ସେଥି ନିମନ୍ତେ ଏହି ପ୍ରସ୍ତୁତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ । ସଦସ୍ୟ ଯୋଡ଼ ଅଭିଯାନକୁ ସଫଳ କରିବା ନିମନ୍ତେ ସମସ୍ତ କାର୍ଯ୍ୟକର୍ତ୍ତା ନିଜର ଅଧିକ ସମୟ ଓ ପରିଶ୍ରମ ବିନିଯୋଗ କରିବା ପାଇଁ ରାଜ୍ୟ ସଂଗଠନ ସମ୍ପାଦକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଶ୍ରୀ ସନ୍ଦୀପ୍ତ ଦାସ୍ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ସୂର୍ଯ୍ୟକାନ୍ତ ପରିଡ଼ା ନିବେଦନ କରିଛନ୍ତି।

## ଶୁଦ୍ଧିକର୍ମ ପାଇଁ ବାପା-ମାଆ ଛେଉଣ୍ଡ ୨ କନ୍ୟାଙ୍କୁ ମିଳିଲା ସହାୟତା



ଡେରାବିଶ,୪।୬ (ସଂଚାର ବ୍ୟୁରୋ): ବାପା - ମାଆ ଛେଉଣ୍ଡ ଦୁଇ କନ୍ୟା ନିଜ ବାପାଙ୍କ ଶୁଦ୍ଧିକର୍ମ ପାଇଁ ଭିକ୍ଷାବୃତ୍ତି କରିବା ଖବର ସଂଚାରରେ ପ୍ରକାଶିତ ହେବା ପରେ ପ୍ରଶାସନ ସହାୟତା ଅସହାୟ ପରିବାରଙ୍କୁ ପ୍ରଦାନ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଡେରାବିଶ ବିଡ଼ିଓ ତହସିଲଦାର ଙ୍କ ସମେତ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ବିଧାୟକ ଅରବିନ୍ଦ ମହାପାତ୍ର ଜିଲ୍ଲାର ସାମାଜିକ କର୍ମୀ ସ୍ୱେଚ୍ଛାସେବୀ ସଂଗଠନ ଶୁଦ୍ଧିକର୍ମ ପାଇଁ ଆର୍ଥୀକ ସହାୟତା କରିଛନ୍ତି। ଏହି ଦୁଃଖଦ ଖବର କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାର ସାଧାରଣ ଜନତାଙ୍କୁ ବ୍ୟଥିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀ ଇନ୍ଦାଳ ପଂଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମର ଗୌତମ ଜେନାଙ୍କ ପରିବାରର ଦୁଃଖ କାହାଣୀ । ଗୌତମ ଜଣେ କଳାକାର ହୋଇଥିବା ବେଳେ ଡେଲିଙ୍ଗି ବାଜା ବଜାଇ ନିଜର ପରିବାର ଗୁଜୁରଣ ମେଣ୍ଟାଉଥିଲେ । ତେବେ ଗତ ୯ଦିନ ତଳେ ଗରଦପୁରରୁ ବାଜା ବଜାଇ ସାରି ନିଜ ଗାଁକୁ ଫେରିବା ବାଟରେ ତାଙ୍କର ଅଂଶୁଘାତରେ ଜୀବନ ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ତେବେ ଘରେ ଦୁଇ ଝିଅ ସୋନି ଓ ରୋନି ବାପା ଗୌତମଙ୍କ ଦେହାନ୍ତ ପରେ ବେସାହାରା ହୋଇପଡିଥିଲେ ।

ଏହି ଖବର ପ୍ରଥମେ ସଂଚାରରେ ପ୍ରକାଶିତ ହେବାପରେ ପ୍ରଶାସନ ଓ ରାଜନେତା ମାନେ ଅସହାୟ ନାବାଳିକା କନ୍ୟା ସୋନି ଓ ରୋନିଙ୍କୁ ଆର୍ଥିକ ସହାୟତା କରିବା ସହ ସମସ୍ତ ସୁବିଧା ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି । ଯାହାକୁ ନେଇ ଗ୍ରାମବାସୀ ଏବଂ ସ୍ଥାନୀୟ ଅଞ୍ଚଳର ଲୋକେ ସଂଚାର କୁ ଧନ୍ୟବାଦ ଜଣାଇଛନ୍ତି ।

## ଥାଇଲାଣ୍ଡରେ ଫସିଛନ୍ତି ଆଳି ଓ ରାଜକନିକା ଅଞ୍ଚଳର ୪ ଶ୍ରମିକ

## ସ୍ୱଦେଶ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଓ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ନିବେଦନ



ଆଳି,୪।୬(ସଂଚାର ବ୍ୟୁରୋ): କାମ କରିବାକୁ ଯାଇ ଥାଇଲାଣ୍ଡର ଫସିଛନ୍ତି ୪ ଓଡ଼ିଆ ଶ୍ରମିକ।ଏମାନଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ଆଳି ଓ ରାଜକନିକା ଥାନା ଅଞ୍ଚଳରେ। ବର୍ଷେ ତଳେ ଏକ ଠିକାଦାର ମାଧ୍ୟମରେ ଏକ ପ୍ଲାଏଉଡ଼ କମ୍ପାନୀରେ କାମକରିବା ପାଇଁ ସୁଦୂର ଥାଇଲାଣ୍ଡ ଯାଇଥିଲେ। ହେଲେ ଏବେ ୩/୪ମାସ ହେବ କମ୍ପାନୀ ମାଲିକ ପାରିଶ୍ରମିକ ଦେଉନଥିବା ଅଭିଯୋଗ କରିଛନ୍ତି ଶ୍ରମିକମାନେ।ଏମାନଙ୍କ ଘର ରାଜକନିକା ଥାନା ଗୋବାଙ୍ଗ ଗ୍ରାମର କ୍ଷୀରୋଦ ଦାସ , ପୋଇଝାରିଆ ଗ୍ରାମର ମୋନାଜ ମଲିକ,ନୋହୁଣି ଗ୍ରାମର କୈଳାସ ସେଠୀ, ଆଳି ପଦନିପାଳ ଗ୍ରାମର ନିତ୍ୟାନନ୍ଦ ମଲିକ। ଅନ୍ୟପଟେ ଏମିତିକି ଟଙ୍କା ମାଗିଲେ ସେମାନଙ୍କୁ ପୋଲିସର ଧମକ ଦିଆଯାଉଛି। ପାଖରେ ଟଙ୍କା ନଥିବାରୁ ଭୋକ ଉପାସରେ ଦିନ କାଟୁଛନ୍ତି ଶ୍ରମିକ ମାନେ। ଖୁବ ଶୀଘ୍ର ସ୍ୱଦେଶ ଫେରାଇ ଆଣିବା ପାଇଁ ରାଜ୍ୟସରକାର ଓ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନିବେଦନ କରିଛନ୍ତି।

## ଗୌରାଙ୍ଗ ସେଠୀଙ୍କୁ ଆକ୍ରମଣ ଓ ନିଖୋଜ ଘଟଣା

## ପୀଡିତ ପରିବାରଙ୍କୁ ଭେଟି ଆଶ୍ୱାସନା ଦେଲା ଜିଲ୍ଲା କଂଗ୍ରେସ କମିଟି



ଆଳି,୪।୬ (ସଂଚାର ବ୍ୟୁରୋ): ଗତ ୨୮/୦୫/୨୬ରେ ଆଳି ବ୍ଲକ ଅନ୍ତର୍ଗତ ବାଟିପଡା ପଞ୍ଚାୟତ ସ୍ଥିତ ମହାଦେଇପାଟଣା ଗ୍ରାମର ଯୁବକ ଗୌରାଙ୍ଗ ସେଠୀଙ୍କୁ ସଂଘବଦ୍ଧ ଆକ୍ରମଣ ଓ ଏବେ ପର୍ଯ୍ୟନ୍ତ ତା' ସନ୍ଧାନ ମିଳୁନଥିବାକୁ କେନ୍ଦ୍ରକରି କେନ୍ଦ୍ରପଡ଼ା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଡ଼ଃ ଦେବସ୍ମିତ ଶର୍ମାଙ୍କ ଦ୍ୱାରା ଗଠିତ ତଥ୍ୟ ଅନୁସନ୍ଧାନ କମିଟି ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲ୍ଲା ସଙ୍ଗଠନ ଉପସଭାପତି ସତ୍ୟପ୍ରିୟ ସାମଲ, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାଶ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲକ୍ଷ୍ମୀପ୍ରିୟା ନାୟକ, ରାମମୋହନ ସ୍ୱାଇଁ, ଅଜୟ ଜେନା, ପ୍ରଭାକର ସାହୁ, ମାନଗୋବିନ୍ଦ ଦାସ, ଚୈତନ୍ୟ ମଲିକ୍, ସୌଭାଗ୍ୟ ରାଉତ, ସୁରେନ୍ଦ୍ର ପାଣ୍ଡବ, ଦୀପକ କୁମାର ପରିଡା ପ୍ରମୁଖ ଆଳି ବ୍ଲକ ଅନ୍ତର୍ଗତ ବାଟିପଡ଼ା ପଞ୍ଚାୟତର ମହାଦେପାଟଣା ଗ୍ରାମକୁ ଗସ୍ତ କରି ନିଖୋଜ ଗୌରାଙ୍ଗ ସେଠୀଙ୍କ ପରିବାର ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ଆକ୍ରମଣର ଶିକାର ହୋଇଥିବା ଗୌରାଙ୍ଗ ସେଠୀଙ୍କ ପରିବାର ସହ ସାକ୍ଷାତ କରି ସାନ୍ତ୍ୱନା ପ୍ରଦାନ କରିଥିଲେ।

ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି ଯେ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଗୌରାଙ୍ଗ ସେଠୀଙ୍କ ଉପରେ ଅତର୍କିତ ଆକ୍ରମଣ ହେବା ପରେ ତାଙ୍କର କୌଣସି ସଠିକ୍ ଖୋଜଖବର ମିଳୁନାହିଁ। ଏହା ଫଳରେ ପରିବାର ଲୋକମାନେ ଗଭୀର ଆତଙ୍କ ଓ ଭୟ ମଧ୍ୟରେ ଦିନ କାଟୁଛନ୍ତି। ଘଟଣାରେ ପୋଲିସର ନିଷ୍କ୍ରିୟତା ଏବଂ ତଦନ୍ତରେ ଅପାରଗତା ପ୍ରତି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଜିଲ୍ଲା କଂଗ୍ରେସ ସଭାପତି ଡ଼ଃ ଦେବସ୍ମିତ ଶର୍ମା କହିଛନ୍ତି ଯେ ପୋଲିସ ପ୍ରଶାସନ ତୁରନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଗୌରାଙ୍ଗ ସେଠୀଙ୍କ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନ କରିବା ସହ ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଜିଲ୍ଲା କଂଗ୍ରେସ କମିଟି ପୀଡ଼ିତ ପରିବାର ସହ ଦୃଢ଼ ଭାବରେ ଛିଡ଼ା ହୋଇ ରହିଛି ଏବଂ ନ୍ୟାୟ ପ୍ରଦାନ ପାଇଁ ସମସ୍ତ ପ୍ରକାର ଗଣତାନ୍ତ୍ରିକ ସଂଗ୍ରାମ ଜାରି ରଖିବ ବୋଲି ସେ ପ୍ରକାଶ କରିଛନ୍ତି ।

## ବାଣ ତିଆରି ବେଳେ ବିସ୍ଫୋରଣ

## ଜଳିଗଲା ଘର, ବୃଦ୍ଧା ଗୁରୁତର



ମହାକାଳପଡ଼ା,୪।୬ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତର ଓସ୍ତର ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ସୂଚନା ଅନୁଯାୟୀ, ଗ୍ରାମର ଗଦାଧର ମଲ୍ଲିକ ଲୁଚାଛପାରେ ଘରେ ବାଣ ତିଆରି କରୁଥିବା ବେଳେ ଅପରାହ୍ନ ପ୍ରାୟ ୩ଟାରୁ ୪ଟା ମଧ୍ୟରେ ବାଣ ପରୀକ୍ଷା କରୁଥିଲେ। ଏହି ସମୟରେ ଏକ ବାଣ ଘର ଉପରେ ପଡ଼ିଯିବାରୁ ଘରେ ନିଆଁ ଲାଗିଥିଲା। ନିଆଁ ଲାଗିବା ପରେ ଘର ଭିତରେ ମହଜୁଦ ଥିବା ବାଣଗୁଡ଼ିକ କ୍ରମାଗତ ଭାବେ ଫୁଟିବା ଆରମ୍ଭ କରିଥିଲା। ଫଳରେ ପରିସ୍ଥିତି ଅଧିକ ଭୟଙ୍କର ହୋଇଯାଇଥିଲା। ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିବା ବେଳେ ଗ୍ରାମବାସୀମାନେ ତୁରନ୍ତ ଅଗ୍ନିଶମ ବିଭାଗ ଓ ମାର୍ଶାଘାଇ ଥାନାକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଏହା ସହିତ ଅଗ୍ନିକାଣ୍ଡ ମଧ୍ୟରୁ ଜଣେ ବୃଦ୍ଧ ମା ଓ ଏକ ବଳଦଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଆହତ ବୃଦ୍ଧ ମା ଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଘଟଣାର ଖବର ପାଇ ମାର୍ଶାଘାଇ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଗ୍ନିକାଣ୍ଡରେ ବ୍ୟାପକ ସମ୍ପତ୍ତି କ୍ଷୟକ୍ଷତି ଘଟିଥିବା ଅନୁମାନ କରାଯାଉଛି।

## ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଜନଅଭିଯୋଗ ଶୁଣାଣି ଶିବିର

ଡେରାବିଶ,୪।୬ (ସଞ୍ଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ଗ୍ରାମପଞ୍ଚାୟତ ସ୍ତରୀୟ ସ୍ୱତନ୍ତ୍ର ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଡେରାବିଶ ବିଡ଼ିଓ ନମିତା ବାରିକ, ଏବିଡ଼ିଓ ମୃଣ୍ମୟ ରାଉତ, ସିଡ଼ିପିଓ ହରପ୍ରିୟା ଦେବୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ବିଭୁଦତ ଦଶ ପ୍ରମୁଖ ଯୋଗଦେଇ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରୁ ଭତା ଓ ରେଶନ କାର୍ଡ଼ ସମ୍ବନ୍ଧୀୟ ହୋଇଥିବା ବେଳେ ଏଥିମଧ୍ୟରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟଗୁଡ଼ିକୁ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ଏହି ଅବସରରେ ବିଡ଼ିଓ ଶ୍ରୀମତୀ ବାରିକ ଉପସ୍ଥିତ ଲୋକମାନଙ୍କୁ ଏସ୍ଆଇଆର ସମ୍ବନ୍ଧରେ ସଚେତନ କରିଥିଲେ।

## ରାସ୍ତାରେ ଜମୁଛି ପାଣି, ଯାତାୟତ ବାଧାପ୍ରାପ୍ତ

### ମରାମତି ପାଇଁ ଦାବି



ମାହାଙ୍ଗା,୪।୬ (ସଞ୍ଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ଗ୍ରାମ ମାନଙ୍କରେ ସୁବିଧାରେ ଯାତାୟତ ନିମନ୍ତେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ଏବେ ବି ବହୁ ରାସ୍ତା ଖାଲ ଖମାରେ ପରିଣତ ହେବା ସହ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମଧୁପୁର ପଞ୍ଚାୟତ ମେରୀପୁର -ଘିସୁଆଁ ରାସ୍ତା ଏବଂ ବାସୁଦେବପୁର ପଞ୍ଚାୟତ ବାଣପୁର ଗ୍ରାମର ବଳ ସାହି ଠାରୁ ରାଉତ ସାହି ରାସ୍ତାରେ।

ଏହି ଦୁଇ ପଞ୍ଚାୟତର ୨ଟି ଗ୍ରାମ୍ୟ ରାସ୍ତାରେ ଖାଲ ଖମା ରହିବା ସହ ପାଣି ଜମୁଥିବା ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏପରିକି କୁନି କୁନି ପିଲାମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ମାହାଙ୍ଗା ବ୍ଲକ, ତହସିଲ, ଥାନା, ବ୍ୟାଙ୍କ, ଡାକଘର ଓ ବିଦ୍ୟାଳୟକୁ ଯାତାୟତ କରିଥାନ୍ତି। ଉଭୟ ରାସ୍ତା ଅବସ୍ଥା ବେହାଲ ହୋଇଥିବାରୁ ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ସ୍ଥାନ ମାନଙ୍କରେ ପାଣି ଜମି ରହୁଥିବାରୁ ପଚି ଦୁର୍ଗନ୍ଧ ହେବା ସହ ମଶାମାନେ ବାସ କରୁଛନ୍ତି। ଯେଉଁ ଜନସାଧାରଣମାନେ ଏହି ପାଣିରେ ଯାତାୟତ କରୁଛନ୍ତି ସେମାନଙ୍କୁ ଚର୍ମ ରୋଗ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉଭୟ ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# କାମ ସରିବାର ଛଅ ମାସ ପରେ ରାସ୍ତା ଅବସ୍ଥା ବେହାଲ

### ଦୋଷ ଲଦା ଲଦି ହୋଇ ଖସିଯିବାକୁ ଚେଷ୍ଟା କରୁଛନ୍ତି ପ୍ରଶାସନିକ ଅଧିକାରୀ



ବାଲିଆପାଳ,୪।୬ (ସଞ୍ଚାର ବ୍ୟୁରୋ): ଲୋକମାନଙ୍କର ମୌଳିକ ସୁବିଧା ଦୂରୀ କରଣ ପାଇଁ ସରକାର ଚେଷ୍ଟିତ ଥିବା ବେଳେ, ଗ୍ରାମାଞ୍ଚଳରେ ପ୍ରଶାସନର ହେୟ ମନୋଭାବ ଯୋଗୁଁ ଛଟ ପଟ ହେଉଛନ୍ତି ସାଧାରଣ ଲୋକେ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ କାଳିକ ପଂଚାୟତ ର ପୋଷ୍ଟ ଅଫିସ ଛକ ଠାରୁ ଧ୍ୟାନଘେରୀ, ପୁରୁଣାପାଣି ଓ ବେଗୁନିଆ ପର୍ଯ୍ୟନ୍ତ ସଂଯୋଗୀ କରଣ କରୁଥିବା ମୁଖ୍ୟ ରାସ୍ତା ବେହାଲ ଅବସ୍ଥା ରେ ଥିବା ବେଳେ ସରକାର ସେଠାରେ ଆର୍‌ଡି ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ନାମରେ ୭.୧୭୪ କିଲୋମିଟର ରାସ୍ତା ପାଇଁ ୪କୋଟି ୨୦ ଲକ୍ଷ ୧୭ ହଜାର ୪୭୦ ଟଙ୍କା ବ୍ୟୟବରାଦ କରିଥିଲେ।

ଠିକାଦାର ସୁଶାନ୍ତ କୁମାର ଗିରି ଗତ ୧.୮.୨୨ ଠାରୁ କାମ ଆରମ୍ଭ କରିଥିଲେ। ଗତ ୩୦.୬.୨୩ରେ କାର୍ଯ୍ୟର ଅବଧି ଶେଷ ହେବାକୁ ଥିବାବେଳେ, ପାଖାପାଖି ତିନି ବର୍ଷ ପରେ ବି ରାସ୍ତା କାମ ସମ୍ପୂର୍ଣ୍ଣ ସରି ନ ଥିବା ଦେଖିବାକୁ ମିଳିଛି. ତେବେ ସରିଥିବା ରାସ୍ତା ରେ ଭାରୀଯାନ ଯାତାୟାତ ଦ୍ୱାରା ରାସ୍ତା ର ଅବସ୍ଥା କଦର୍ଯ୍ୟ ହୋଇପଡିଛି. ଅନେକ ଜାଗାରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ ପାଖାପାଖି ୧୦୦ ମିଟରରୁ ଉର୍ଦ୍ଧ ରାସ୍ତାରେ ପିଚୁ ଉଠି ମେଟାଲ ସବୁ ଉପରକୁ ଆଁ କାଢି ଅନେଇଛି,ନିମ୍ନ ମାନର ପିଚୁ ବିଛା ହେବା ସହ ନିମ୍ନ କାମ ହୋଇଥିବାରୁ ଛଅ ମାସ ପରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି,ଫଳରେ ଲୋକମାନେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି,ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସାଲାସୁତୁରା ଯୋଗୁଁ ନିମ୍ନ ମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେବେ ଘଟଣାକୁ ନେଇ ବିଭାଗୀୟ ଅଧିକାରୀ କୌଣସି ପ୍ରତିକ୍ରିୟା ନ ଦେଇ ଆର୍‌ଡି ରାସ୍ତାରେ ୧୦ ଟନ ପରିବହନ କେପାସିଟି ଥିଲା ବେଳେ ଏଆର୍‌ଏସ୍‌ଏସ୍ କମ୍ପାନୀର ଗାଡି ମାଟି ବୋହିବା ଦ୍ୱାରା ରାସ୍ତା ଖରାପ ହୋଇଥିବା କହୁଥିବା ବେଳେ,ଠିକାଦାର ଙ୍କ କାମ କୁ ନେଇ କିଛି କହିନଥିଲେ.ତେବେ ଘଟଣାକୁ ନେଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏଆର୍‌ଏସ୍‌ଏସ୍ କମ୍ପାନୀ ଉପରେ ଥାନା ରେ ଅଭିଯୋଗ କରି ରାସ୍ତାର ସମସ୍ତ ଖର୍ଚ୍ଚ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

ତେବେ ନିମ୍ନମାନର କାମ ପାଇଁ ଠିକାଦାର ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ନା ଏଆର୍‌ଏସ୍‌ଏସ୍ କମ୍ପାନୀ ଉପରେ ଦୋଷ ଲଦି ସ୍ଥିର ହୋଇ ବସୁଛି ଦେଖିବାକୁ ବାକି ରହିଲା ।

## ଲୋକକଳା ମାଧ୍ୟମରେ ଏସ୍ଆଇଆର୍ ସଚେତନତା



ସତ୍ୟବାଦୀ,୪।୬ (ସଞ୍ଚାର ବ୍ୟୁରୋ): ସାରା ଦେଶରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଓଡ଼ିଶାରେ ସଫଳ ରୂପାୟନ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବ୍ୟାପକ ଜନସଚେତନତା ସୃଷ୍ଟି ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ସାକ୍ଷୀଗୋପାଳ ସିଂହଦ୍ୱାର ସମ୍ମୁଖରେ ପାଲା ମାଧ୍ୟମରେ ଏସ୍ଆଇଆର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲା ଗାୟକ ବିଜୟ କୁମାର ପଟ୍ଟନାୟକ ଓ ତାଙ୍କ ସହଯୋଗୀମାନେ ପାଲା ପରିବେଷଣ କରି ଏସ୍ଆଇଆର୍ ପ୍ରକ୍ରିୟାର ସଠିକ୍ କ୍ରିୟାନ୍ୱୟନ ପାଇଁ ଜନସାଧାରଣଙ୍କ କର୍ତ୍ତବ୍ୟ ଏବଂ ସହଯୋଗର ଆବଶ୍ୟକତା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଲୋକକଳା ମାଧ୍ୟମରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଗୁରୁତ୍ୱକୁ ସରଳ ଓ ଆକର୍ଷଣୀୟ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା।

କାର୍ଯ୍ୟକ୍ରମକୁ ସତ୍ୟବାଦୀ ତହସିଲଦାର ତଥା ଏସ୍ଆଇଆର୍‌ର ସ୍ଥାନୀୟ ସଂଯୋଜକ ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହେମନ୍ତ ତ୍ରିପାଠୀ ଓ ସାକ୍ଷୀଗୋପୀନାଥ ଦେବୋତ୍ତର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ଉପସ୍ଥିତ ରହି ଅନୁଧ୍ୟାନ କରିଥିଲେ। ସତ୍ୟବାଦୀ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହା ବ୍ୟତୀତ ବୁଧବାର ଶୁକଳ ମେଳଣ ପଡ଼ିଆରେ ଆୟୋଜିତ ଯାତ୍ରା ପେଣ୍ଡାଲରେ ମଧ୍ୟ ଏସ୍ଆଇଆର୍ ସମ୍ପର୍କିତ ସଚେତନତା ଭିଡିଓ ପ୍ରଦର୍ଶନ କରାଯାଇ ଉପସ୍ଥିତ ଦର୍ଶକମାନଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା।

# ରାଜ୍ୟର ୫୦ରୁ ଅଧିକ ସ୍ଥାନର ହେବ ନାମ ସଂଶୋଧନ

ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ)ଃଓଡ଼ିଶାର ବିଭିନ୍ନ ଜିଲ୍ଲା, ଉପଖଣ୍ଡ, ବ୍ଲକ୍ ଓ ତହସିଲର ମୂଳ ଓଡ଼ିଆ ନାମ ସଂଶୋଧନ ଦିଗରେ ରାଜ୍ୟ ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ଜିଲ୍ଲା, ଉପଖଣ୍ଡ, ବ୍ଲକ ଓ ତହସିଲର ପୁରୁଣା ଓଡ଼ିଆ ନାମ ଫେରାଇବାକୁ ସୁପାରିଶ କରାଯାଇଛି।




ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଗଠିତ ବିଶେଷଜ୍ଞ କମିଟିର ଦ୍ୱିତୀୟ ବୈଠକରେ ୫୦ରୁ ଅଧିକ ସ୍ଥାନର ନାମକୁ ସେମାନଙ୍କର ମୂଳ ଓଡ଼ିଆ ଉଚ୍ଚାରଣ ଓ ଐତିହାସିକ ପରିଚୟ ଅନୁଯାୟୀ ପରିବର୍ତ୍ତନ କରିବାକୁ ସୁପାରିସ କରାଯାଇଛି।

ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ବ୍ଲକ ଓ ତହସିଲର ମୂଳ ଓଡ଼ିଆ ନାମ ପୁନଃସ୍ଥାପନ ପାଇଁ ଗଠିତ କମିଟିର ଦ୍ୱିତୀୟ ବୈଠକ ଜୁନ୍ ୨ ତାରିଖରେ ଅନୁଷ୍ଠିତ ହୋଇଛି। ସାହିତ୍ୟିକା ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା, ଇତିହାସ, ଭୂଗୋଳ ଓ ପ୍ରଶାସନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଅନେକ ସ୍ଥାନର ଇଂରାଜୀରେ ନାମକୁ ମୂଳ ଓଡ଼ିଆ ନାମରେ ପରିବର୍ତ୍ତନ କରିବାକୁ ସୁପାରିଶ କରାଯାଇଛି। କମିଟିର ମତ ହେଉଛି, ଇଂରାଜୀ ଶାସନ କାଳ ଓ ପରବର୍ତ୍ତୀ ସମୟରେ ଅନେକ ସ୍ଥାନର ନାମର ଉଚ୍ଚାରଣ ଏବଂ ବନାନ ବିକୃତ ହୋଇଥିଲା। ମୂଳ ଓଡ଼ିଆ ନାମ ପୁନଃସ୍ଥାପନ ହେଲେ ରାଜ୍ୟର ଭାଷାଗତ ଐତିହ୍ୟ ଓ ସାଂସ୍କୃତିକ ପରିଚୟ ଅଧିକ ସୁଦୃଢ଼ ହେବ। ବୈଠକରେ ଗୃହୀତ ସୁପାରିସଗୁଡ଼ିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ସରକାରୀ ଅନୁମୋଦନ ପରେ ସମ୍ପୃକ୍ତ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ।

### ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହ 'ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପ' ବୈଠକ

# ଓଡ଼ିଶା ମଡେଲକୁ ବିଶ୍ୱସ୍ତରରେ ଉପସ୍ଥାପିତ କଲେ ମୁଖ୍ୟମନ୍ତ୍ରୀ



- ପରିଚାଳନା ପାଇଁ ଫ୍ରେମ୍‌ୱାର୍କ ଗଠନରେ ସହାୟକ ହେବ ଅଧିବେଶନ
- ଉପକୂଳ ରାଜପଥ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବାରେ ସହାୟକ ହେବ
- ବିଶ୍ୱସ୍ତରୀୟ ଓ ଆନ୍ତରାଜ୍ୟ ସ୍ତରୀୟ ସହଯୋଗ ପାଇଁ ଦେଲେ ଆହ୍ୱାନ ଆହ୍ୱାନ

ପୁରୀ, ୪।୬ (ସଂଚାର ବ୍ୟୁରୋ) ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପବିତ୍ର ସହର ପୁରୀରେ ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପର ବୈଷୟିକ ବୈଠକକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଏବଂ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇବା ସହ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବଢୁଥିବା ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଅନ୍ତର୍ଜାତୀୟ ଓ ଆନ୍ତଃ-ରାଜ୍ୟ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି।

ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧି, ବିଶେଷଜ୍ଞ ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀକୁ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପ୍ରୟାସକୁ ଆଗକୁ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ବର୍ଣ୍ଣନା କରିଛନ୍ତି। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ବୈଠକର ମୂଳ ବିଷୟବସ୍ତୁ ହେଉଛି ବିପର୍ଯ୍ୟୟ ପରିଚାଳନାରେ 'ପ୍ରତିରୋଧ, ଅଭିନବତ୍ୱ, ସହଯୋଗ ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି'। ଜୀବନ, ଜୀବିକା ଏବଂ ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ସମୁଦାୟ ଅଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏହି ଅଧିବେଶନକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ଆଶଙ୍କା ହ୍ରାସ ଏବେ କେବଳ ଏକ ସ୍ୱତନ୍ତ୍ର ସୀମାବଦ୍ଧ ବିଷୟ ହୋଇ ରହିନାହିଁ, ବରଂ ଏହା ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଏବଂ ସୁରକ୍ଷାର ମୂଳଦୁଆ ପାଲଟିଛି। ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଏବଂ ପରିବେଶର ଅବକ୍ଷୟ ଯୋଗୁଁ ସାରା ବିଶ୍ୱରେ ବାରମ୍ବାର ବିପର୍ଯ୍ୟୟ ହେବା ସହିତ ଏହାର ତୀବ୍ରତା ମଧ୍ୟ ବୃଦ୍ଧି ପାଉଛି। ଏଥିପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱିତ ପଦକ୍ଷେପ ଆବଶ୍ୟକ। ସମଗ୍ର ବିଶ୍ୱଦ୍ୱାରା ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପରିଚାଳନା ମଡେଲ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ବିପର୍ଯ୍ୟୟ ପରିଚାଳନା ମଡେଲ ଶୂନ୍ୟ ମୃତ୍ୟୁହାରର ନୀତି ଉପରେ ଆଧାରିତ। ପ୍ରମାଣ-ଆଧାରିତ ଯୋଜନା, ସୁଦୂରପ୍ରସାରୀ ଆଗୁଆ ସୂଚନା ପ୍ରଣାଳୀ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ବିଭିନ୍ନ ସଂସ୍ଥାର କ୍ଷମତା ବୃଦ୍ଧି ଏବଂ ସମାବେଶୀ ଶାସନ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶା ନିଜର ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥାକୁ କ୍ରମାଗତ ଭାବରେ ସୁଦୃଢ଼ କରୁଛି ବୋଲି ସେ କହିଛନ୍ତି।

ବିପର୍ଯ୍ୟୟ ଆଶଙ୍କା ହ୍ରାସ ଦିଗରେ ପ୍ରତିରୋଧୀ ଭିତ୍ତିଭୂମିର ଭୂମିକା ସମ୍ପର୍କରେ ସେ କହିଛନ୍ତି ଯେ, ନିକଟରେ ଅନୁମୋଦିତ ହୋଇଥିବା ପ୍ରାୟ ୮,୩୦୧ କୋଟି ଟଙ୍କାର ବ୍ୟୟ ଅଟକଳରେ ରାମେଶ୍ୱରରୁ ପାରାଦୀପ ୧୬୦ କିଲୋମିଟର ବିଶିଷ୍ଟ ଗ୍ରୀନଫିଲ୍ଡ ଉପକୂଳ ରାଜମାର୍ଗ ଓଡ଼ିଶାର ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା କ୍ଷମତାକୁ ଯଥେଷ୍ଟ ଶକ୍ତିଶାଳୀ କରିବ। ଏହି ପ୍ରକଳ୍ପ ଓଡ଼ିଶାର ବାତ୍ୟା ପ୍ରବଣ ଉପକୂଳରେ ଏକ ଦୃଢ଼ ବିକଳ୍ପ ପରିବହନ କରିଡର ପ୍ରଦାନ କରିବ ବୋଲି ସେ କହିଛନ୍ତି।

## 'ଆମ ସ୍କୁଲ, ଆମ ସ୍ୱାଭିମାନ' ଆଲୁମିନି ଟକ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ)ଃ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଭର୍ଚୁଆଲ୍ 'ଆମ ସ୍କୁଲ, ଆମ ସ୍ୱାଭିମାନ' ଆଲୁମିନି ଟକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କର ପ୍ରଧାନ ଶିକ୍ଷକ ଏବଂ ପୁରାତନ ଛାତ୍ରଛାତ୍ରୀ କମିଟିର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଆସୋସିଏସନ୍ ଫର୍ ଦି କଲ୍ଟିଭେସନ୍ ଅଫ୍ ସାଇନ୍ସ (ଆଇଏସିଏସ)ର ସିନିୟର ପ୍ରଫେସର ନାରାୟଣ ପ୍ରଧାନ ଅତିଥି ବକ୍ତା ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀଙ୍କ ସାମାଜିକ ଦାୟିତ୍ୱ ଏବଂ ଶିକ୍ଷାର ବିକାଶରେ ସେମାନଙ୍କ ଅବଦାନ ସମ୍ପର୍କରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ମତ ରଖିଥିଲେ। ଅନ୍ୟତମ ଅତିଥି ବକ୍ତା ଭାବରେ ଜଗତସିଂହପୁର ଜିଲ୍ଲା ମଣ୍ଡାସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ କମିଟି ସଭାପତି ତାପସ କୁମାର ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପିଏସଏସଏସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଦାଶ ଓ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ପ୍ରମୁଖ ଯୋଗ ଦେଇଥିଲେ।

## ୭ ଜୁନ୍‌କୁ ଘୁଞ୍ଚିଲା ଏନ୍‌ସିଇଆରଟି ଅନ୍‌ଲାଇନ୍ ଆବେଦନ

ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ)ଃ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆରଟି) ପକ୍ଷରୁ ଆୟୋଜିତ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)-୨୦୨୬ ପାଇଁ ଅନଲାଇନ୍ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲର ଶେଷ ତାରିଖ ବୃଦ୍ଧି କରାଯାଇଛି। ଆଗ୍ରହୀ ପ୍ରାର୍ଥୀମାନେ ୭ ଜୁନ୍ ୨୦୨୬ ରାତି ୧୧ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଅନଲାଇନ୍ ପଞ୍ଜୀକରଣ ସମ୍ପୂର୍ଣ୍ଣ କରି ନିଜର ଆବେଦନପତ୍ର ଦାଖଲ କରିପାରିବେ। ଏନ୍‌ସିଇଆରଟିର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ପରିଚାଳିତ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମଲେଖା ପାଇଁ ସିଇଇ-୨୦୨୬ ଆୟୋଜିତ ହେଉଛି। ଅଧିକ ସଂଖ୍ୟକ ଯୋଗ୍ୟପ୍ରାର୍ଥୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ସହ ଯେଉଁମାନେ ଏପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ସମାପ୍ତ କରିପାରିନାହାନ୍ତି ସେମାନଙ୍କୁ ଅତିରିକ୍ତ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ସମୟସୀମା ବୃଦ୍ଧି କରାଯାଇଛି। ଏନ୍‌ସିଇଆରଟି ପକ୍ଷରୁ ଘୋଷଣା କରାଯାଇଛି ଯେ, ୮ ଜୁନ୍ ୨୦୨୬ଠାରୁ ୯ ଜୁନ୍ ୨୦୨୬ ରାତି ୧୧ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଆବେଦନପତ୍ରରେ ସଂଶୋଧନ ପାଇଁ ବିଶେଷ ସୁବିଧା ଉପଲବ୍ଧ ରହିବ। ଏହି ଅବଧି ମଧ୍ୟରେ ପ୍ରାର୍ଥୀମାନେ ଅନଲାଇନ୍ ଆବେଦନପତ୍ରରେ ଦାଖଲ କରିଥିବା ବ୍ୟକ୍ତିଗତ ସୂଚନା ଯାଞ୍ଚ କରି ଆବଶ୍ୟକ ସଂଶୋଧନ କରିପାରିବେ। ଏଥିପାଇଁ ସେମାନଙ୍କୁ ନିଜର ଲଗ୍-ଇନ୍ ବିବରଣୀ ବ୍ୟବହାର କରି ସିଇଇ-୨୦୨୬ ପୋର୍ଟାଲରେ ପ୍ରବେଶ କରିବାକୁ ପଡ଼ିବ। ଆବେଦନର ଶେଷ ତାରିଖ ବୃଦ୍ଧି କିମ୍ବା ସଂଶୋଧନ ସୁବିଧା ସମ୍ପର୍କିତ କୌଣସି ପୃଥକ ସୂଚନା ବ୍ୟକ୍ତିଗତ ଭାବେ ପ୍ରାର୍ଥୀମାନଙ୍କୁ ପଠାଯିବ ନାହିଁ। ତେଣୁ ପରୀକ୍ଷା ସମ୍ବନ୍ଧୀୟ ସର୍ବଶେଷ ସୂଚନା, ବିଜ୍ଞପ୍ତି ଏବଂ ନିର୍ଦ୍ଦେଶାବଳୀ ପାଇଁ ପ୍ରାର୍ଥୀମାନଙ୍କୁ ନିୟମିତ ଭାବେ ସିଇଇ-୨୦୨୬ର ଅଧିକୃତ ୱେବସାଇଟ୍ ପରିଦର୍ଶନ କରିବାକୁ ଏନ୍‌ସିଇଆରଟି ପରାମର୍ଶ ଦେଇଛି।

## ପଞ୍ଚସଖା ଗଣନାଟ୍ୟର ପ୍ରଯୋଜକଙ୍କ ଦେହାନ୍ତ



କଟକ,୪।୬ (ସଂଚାର ବ୍ୟୁରୋ)ଃପଞ୍ଚସଖା ଗଣନାଟ୍ୟର ସତ୍ତ୍ୱାଧିକାରୀ ବିଜୟ କୁମାର ପଣ୍ଡାଙ୍କ କଟକର ଜଗତପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ ପଞ୍ଚସଖା ଗଣନାଟ୍ୟ ଜରିଆରେ ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନାଟକ ପରିବେଷଣ କରି କଳାପ୍ରେମୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। ଦୀର୍ଘଦିନ ଧରି ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କର ମରଶରୀରକୁ ପ୍ରଥମେ କଟକସ୍ଥିତ ବାସଭବନକୁ ଅଣାଯାଇଥିଲା ଓ ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ପୁଅ ପୁରବ୍ ମୁଖାଗ୍ନି ଦେଇଥିଲେ।

## କୋଷ୍ଟାଲ ହାଇୱେ ପ୍ରକଳ୍ପ ଓଡ଼ିଶାବାସୀଙ୍କୁ ନିରାଶ କରିଛି



ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ)ଃଓଡ଼ିଶାର କୋଷ୍ଟାଲ ହାଇୱେ ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ମିଳିଥିବା ନେଇ କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ ଏଥିରେ ଓଡ଼ିଶାବାସୀଙ୍କ ଆଶା ଓ ଆକାଂକ୍ଷାକୁ ଜଳାଞ୍ଜଳି ଦିଆଯାଇଥିବା ବିଜେଡ଼ି କହିଛି। ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା କୋଷ୍ଟାଲ ହାଇୱେ କେବଳ ଏକ ସଡ଼କ ପ୍ରକଳ୍ପ ନୁହେଁ ବରଂ ଓଡ଼ିଶାର ଭାଗ୍ୟ, ଭବିଷ୍ୟତ, ପର୍ଯ୍ୟଟନ, ଅର୍ଥନୀତି ଓ ଉପକୂଳ ଅଞ୍ଚଳର ସାମଗ୍ରିକ ବିକାଶ ସହ ଜଡିତ ଏକ ଐତିହାସିକ ପ୍ରକଳ୍ପ ବୋଲି କହିଥିଲେ।

ସେ କହିଥିଲେ ଯେ, ୨୦୧୫ ମସିହାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ପ୍ରାୟ ୪୫୦ କିଲୋମିଟର ଦୀର୍ଘ କୋଷ୍ଟାଲ ହାଇୱେ ନିର୍ମାଣ ପାଇଁ ପିପିଲିରେ ଘୋଷଣା କରିଥିଲେ। କିନ୍ତୁ ପରିତାପର ବିଷୟ, ଦୀର୍ଘ ୧୧ ବର୍ଷ ପରେ ଏହି ପ୍ରକଳ୍ପ କେବଳ ରାମେଶ୍ୱରରୁ କୋଣାର୍କ ଏବଂ କୋଣାର୍କରୁ ପାରାଦୀପ ଦୁଇଟି ଅଂଶ ପାଇଁ କେନ୍ଦ୍ର କ୍ୟାବିନେଟ୍ ୧୮,୩୦୦ କୋଟି ଟଙ୍କାର ମଞ୍ଜୁରୀ ଦେଇଛି। ଏଥିରେ ପୁଣି ପାରାଦୀପରୁ ଦୀଘା ପର୍ଯ୍ୟନ୍ତ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବିଶାଳ ଉପକୂଳ ଅଞ୍ଚଳକୁ ଯୋଜନାରୁ ବାଦ୍ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଓଡ଼ିଶାବାସୀଙ୍କୁ ନିରାଶ କରିଛି ବୋଲି ସେ କହିଛନ୍ତି।

ଏହି ଅବସରରେ ୨୦୧୫ ମସିହାରେ ଘୋଷଣା କରାଯାଇଥିବା କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍ ଏବଂ ରାମେଶ୍ୱର-ଚନ୍ଦନପୁର ଜାତୀୟ ରାଜପଥ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି କ'ଣ ବୋଲି ଶ୍ରୀ ଦାସବର୍ମା ପଚାରିଥିଲେ। ସେହିପରି ପାରାଦୀପରୁ ଦୀଘା ପର୍ଯ୍ୟନ୍ତ ଅବଶିଷ୍ଟ କୋଷ୍ଟାଲ ହାଇୱେ ଅଞ୍ଚଳର ଭବିଷ୍ୟତ ସମ୍ପର୍କରେ କେନ୍ଦ୍ର ସରକାର ସ୍ପଷ୍ଟ ମତ ରଖନ୍ତୁ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଉପସ୍ଥିତ ଥିଲେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଫଳତା

## ରାଜ୍ୟ ପାଇଁ ଗୌରବ ଆଣିଲେ ୧୭ ଶିକ୍ଷାର୍ଥୀ




ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ)ଃ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପୁଣିଥରେ ଜାତୀୟସ୍ତରରେ ନିଜର ଶ୍ରେଷ୍ଠତା ପ୍ରତିପାଦିତ କରିଛନ୍ତି। 'ଜେଇଇ ଆଡଭାନ୍ସଡ୍-୨୦୨୬' ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଆଦର୍ଶ ବିଦ୍ୟାଳୟରୁ ମୋଟ୍ ୧୭ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକ ଶିକ୍ଷାର୍ଥୀ ଜାତୀୟ ସ୍ତରରେ ଅଲ୍ ଇଣ୍ଡିଆ ରାଙ୍କ୍ (ଏଆଇଆର) ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ଶୀର୍ଷ ସ୍ଥାନ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନେ ହେଉଛନ୍ତି ବରଗଡ଼ ଫ୍ରେଜରପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପୀୟୂଷ ରଞ୍ଜନ ସ୍ୱାଇଁ, ଗଞ୍ଜାମର ବିନାୟକ ପାତ୍ର, କଟକର ଓମ୍ କୃଷ୍ଣ ପ୍ରହରାଜ, ନୂଆପଡ଼ାର ଲଭ୍ୟାଂଶ ମେହେର, କଟକର ବିଶ୍ୱଜିତ୍ ସାହୁ, କେନ୍ଦୁଝରର ଏନ୍.ପୀୟୁଷ ରଞ୍ଜନ ନାୟକ।

ଓଡ଼ିଶାର ଗ୍ରାମାଞ୍ଚଳରେ ରହୁଥିବା ଏହି ମେଧାବୀ ଛାତ୍ରଛାତ୍ରୀମାନଙ୍କର କଠିନ ପରିଶ୍ରମ ଓ ନିଷ୍ଠା ପୁଣିଥରେ ପ୍ରମାଣିତ କରିଛି ଯେ ସୁଯୋଗ ଓ ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ ଆମ ରାଜ୍ୟର ପିଲାମାନେ ଯେକୌଣସି ଜାତୀୟ ସ୍ତରର ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିପାରିବେ। ଏହା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଶିକ୍ଷାଗତ ଉତ୍କର୍ଷତା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଏହି ଅସାଧାରଣ ସଫଳତା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଏସ୍‌ସିବି ସର୍ଜରୀ ୱାର୍ଡରେ ଅଗ୍ନିକାଣ୍ଡ

### ସର୍ଟ ସର୍କିଟ୍‌ରୁ ଲାଗିଲା ନିଆଁ

କଟକ, ୪।୬ (ସଂଚାର ବ୍ୟୁରୋ)ଃଏସ୍‌ସିବି ପିଛା ଛାଡୁନି ଅଗ୍ନିକାଣ୍ଡ। ଥରକୁ ଥର ଏସ୍‌ସିବିର ବିଭିନ୍ନ ବିଭାଗରେ ଅଗ୍ନିକାଣ୍ଡ ଘଟୁଥିବା ଦେଖିବାକୁ ମିଳୁଛି। ଯାହା ହସ୍ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗୁରୁବାର କଟକ ଏସ୍‌ସିବି ମେଡିକାଲ ସର୍ଜରୀ ୱାର୍ଡରେ ଅଗ୍ନିକାଣ୍ଡ ଘଟିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ଜଣାପଡିଛି। ୱାର୍ଡ ଭିତରେ ଥିବା ବିଦ୍ୟୁତ କେବୁଲରେ ସର୍ଟ ସର୍କିଟ୍ ହେବା କାରଣରୁ ଲାଗିଥିଲା ନିଆଁ। ତେବେ ଏସ୍‌ସିବି କର୍ମଚାରୀ ଏବଂ ସୁରକ୍ଷାକର୍ମୀଙ୍କ ତ୍ୱରିତ ପଦକ୍ଷେପ କାରଣରୁ



ନିଆଁ ଆୟତ୍ତ ହୋଇପାରିଛି। ଅବଶ୍ୟ ଖବର ପାଇ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ନିଆଁ ଆୟତ୍ତ ହୋଇସାରିଥିବାରୁ କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବିଦ୍ୟୁତ କେବୁଲ ଉପରେ ଅତ୍ୟଧିକ ଚାପ ପଡୁଥିବା କାରଣରୁ ଏପରି ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

## କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ଜିଲ୍ଲାପାଳ



ଆଠଗଡ଼, ୪।୬ (ସଂଚାର ବ୍ୟୁରୋ)ଃକଟକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଲଜିତ୍ ଦାସ ଗୁରୁବାର ଆଠଗଡ଼ ସବ୍‌ଡିଭିଜନ ଅନ୍ତର୍ଗତ ୮୯-ଆଠଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଇନ୍ୟୁମେରେସନ (ଇଲେକ୍ଟୋରାଲ ଫର୍ମ) ବଣ୍ଟନ ଓ ଡିଜିଟାଇଜେସନ ପ୍ରକ୍ରିୟାର ଅଗ୍ରଗତି ସମୀକ୍ଷା କରିଛନ୍ତି। ସେ ବୁଥ୍‌ସ୍ତରରେ ଚାଲିଥିବା ଇଏଫ୍ ଫର୍ମ ବଣ୍ଟନ, ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କାର୍ଯ୍ୟର ବ୍ୟାପକ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଡିଜିଟାଇଜେସନ ପ୍ରକ୍ରିୟାକୁ ଶତପ୍ରତିଶତ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା ଓ ଆଠଗଡ଼ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଉପକୂଳ ସୁରକ୍ଷା ଏକ ସମନ୍ୱିତ ପ୍ରୟାସଃଅନୁ ଗର୍ଗ




ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ)ଃଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ପୋଲିସ ଭବନରେ 'ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ସମାପନୀ ଅଧିବେଶନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲ କରିବାରେ ଉପକୂଳ ସୁରକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଓଡ଼ିଶାରେ ନୂତନ ବନ୍ଦର, ମତ୍ସ୍ୟ ଅବତରଣ କେନ୍ଦ୍ର, ଶିଳ୍ପ ପ୍ରକଳ୍ପ ଓ ସାମୁଦ୍ରିକ ଭିତ୍ତିଭୂମିର ଦ୍ରୁତ ବିକାଶ ସହ ଉପକୂଳ ଅଞ୍ଚଳର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଉଛି। ଉପକୂଳ ସୁରକ୍ଷା କେବଳ ପୋଲିସ କିମ୍ବା କୌଣସି ଗୋଟିଏ ବିଭାଗର ଦାୟିତ୍ୱ ନୁହେଁ; ଏହା ଏକ ସମନ୍ୱିତ ପ୍ରୟାସ। ସମସ୍ତ ବିଭାଗ, ସୁରକ୍ଷା ସଂସ୍ଥା ଏକ ଟିମ୍ ଭାବେ କାର୍ଯ୍ୟ କରିବା ଦ୍ୱାରା ଆମେ ଏକ ସୁଦୃଢ଼ ଓ ସୁରକ୍ଷିତ ଉପକୂଳ ବ୍ୟବସ୍ଥା ଗଢ଼ିପାରିବା ବୋଲି ସେ ନିଜ ଅଭିଭାଷଣରେ କହିଛନ୍ତି। ଏଥିସହ ଓଡ଼ିଶା ସରକାର ଉପକୂଳ ସୁରକ୍ଷା ଶାଖାର ଦକ୍ଷତା ବୃଦ୍ଧି, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ମାନବ ସମ୍ବଳ ବିକାଶ ଏବଂ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

## କଲଭର୍ଟ ଓ ଡ୍ରେନ୍ କାମ ଯାଞ୍ଚ କଲେ ମେୟର



କଟକ, ୪।୬ (ସଂଚାର ବ୍ୟୁରୋ)ଃକଟକ ମହାନଗର ନିଗମ ମେୟର ସୁବାସ ସିଂହ ସକାଳ ୧୦ଟାରେ ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଅର୍ଣ୍ଣପୂର୍ଣ୍ଣା ଥିଏଟର ସମ୍ମୁଖ ଗଳିରେ ଚାଲିଥିବା କଲଭର୍ଟ ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ସ୍ଥାନୀୟ ବାସିନ୍ଦାମାନଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ମାନଦଣ୍ଡ ଓ ଆବଶ୍ୟକତା ଅନୁଯାୟୀ କରାଯାଉ ନଥିବା ଅଭିଯୋଗ ଆସିଥିଲା। ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମେୟର ଘଟଣାସ୍ଥଳକୁ ଯାଇ କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଏବଂ ବ୍ୟବହୃତ ସାମଗ୍ରୀର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସେ ସମ୍ପୃକ୍ତ ଠିକାସଂସ୍ଥା ଓ ଅଧିକାରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟରେ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରିବା ସହିତ ଶୀଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାଇୱା ଭିତରୁ ମିଳିଲା ଯୁବକଙ୍କ ମୃତଦେହ

ଡେରାବିଶ,୪।୬ (ସଂଚାର ବ୍ୟୁରୋ) ଃ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ୫୩ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ଛିଡ଼ା ହୋଇଥିବା ଏକ ହାଇୱା ଗାଡ଼ିର ବନ୍ଦ କେବିନ୍ ଭିତରୁ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ନିକିରେଇ ଥାନା ଚକରଘୁନାଥପୁର ଗ୍ରାମର ପ୍ରଫୁଲ୍ଲ ଜେନା (୩୬)। ପରିବାର ପକ୍ଷରୁ ଏହାକୁ ଏକ ସନ୍ଦେହଜନକ ମୃତ୍ୟୁ ବୋଲି ଦର୍ଶାଇ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ହାଇୱା ସହ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### କବିସୂର୍ଯ୍ୟନଗର ଥାନା ହାଜତ ମୃତ୍ୟୁ ମାମଲା

## ଗଞ୍ଜାମ ଏସ୍‌ପିଙ୍କ ସହ ଆଲୋଚନା କଲା ଏଚ୍‌ଆରପିସି ଟିମ, ମିଳିବ ସିସିଟିଭି ଫୁଟେଜ



ଛତ୍ରପୁର,୪।୬ (ସଂଚାର ବ୍ୟୁରୋ) ଃ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନାରେ ପୋଲିସର 'ଥାର୍ଡ ଡିଗ୍ରୀ' ଯୋଗୁ ଦିବ୍ୟାଙ୍ଗ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ମାମଲାରେ ଏବେ ମାନବାଧିକାର ସୁରକ୍ଷା ସେଲ (ଏଚ୍‌ଆରପିସି) ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜୋରଦାର ଚାଲିଛି। ଏହି କ୍ରମରେ ଆଜି ଏଚ୍‌ଆରପିସିର ୪ ଜଣିଆ ଟିମ ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଘଟଣାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ଏଚ୍‌ଆରପିସି ତଦନ୍ତକାରୀ ଟିମର ମୁଖ୍ୟ ତଥା ଏସ୍‌ପି ଗୋପାଳ ପ୍ରସାଦ ପଟ୍ଟନାୟକ ଏବଂ ଡିଏସ୍‌ପି ଅନ୍ନପୂର୍ଣ୍ଣା ବେହେରା ଛତ୍ରପୁର ସ୍ଥିତ ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରେ ପହଞ୍ଚି ଗଞ୍ଜାମ ଏସ୍‌ପି ହରିଶ ବିଶିଙ୍କ ସହ ଆଲୋଚନା କରିଛନ୍ତି। ତଦନ୍ତକୁ ସ୍ୱଚ୍ଛ ଓ ସଠିକ କରିବା ପାଇଁ ଥାନାରେ ଲାଗିଥିବା ସିସିଟିଭି (ସିସିଟିଭି) ଫୁଟେଜ୍‌କୁ ଖୁବ୍‌ଶୀଘ୍ର ଏଚ୍‌ଆରପିସି ଟିମକୁ ପ୍ରଦାନ କରାଯିବ ବୋଲି ଏସପି ବିଶି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୃତକ ସୁଶାନ୍ତଙ୍କ ଭାଇଙ୍କୁ ନିଜ ବୟାନ ବଦଳାଇବା ପାଇଁ ଜଣେ ପୋଲିସ କର୍ମଚାରୀ ଚାପ ପକାଉଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଏହି ବିଷୟରେ ମଧ୍ୟ ପୋଲିସ ବିଭାଗ ପକ୍ଷରୁ ତଦନ୍ତ ଚାଲିଥିବା ଜଣାପଡ଼ିଛି। ଉକ୍ତ ସମ୍ବେଦନଶୀଳ ଘଟଣା ପରେ କବିସୂର୍ଯ୍ୟନଗର ଥାନାର ସମସ୍ତ କର୍ମଚାରୀଙ୍କୁ ବଦଳି କରାଯାଇଛି। ଗୁରୁବାର କନ୍ଧମାଳରୁ ଆସିଥିବା ସଞ୍ଜିତ ବେହେରା କବିସୂର୍ଯ୍ୟନଗର ଥାନାର ନୂଆ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏଚ୍‌ଆରପିସିର ସିସିଟିଭି ଫୁଟେଜ ଯାଞ୍ଚ ପରେ ଦିବ୍ୟାଙ୍ଗ ଯୁବକଙ୍କ ହାଜତ ମୃତ୍ୟୁ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

# ବେଆଇନ୍ ଆପାର୍ଟମେଣ୍ଟ, ନିରାପତ୍ତା ପ୍ରଶ୍ନବାଚୀ

ଭୁବନେଶ୍ୱର,୪।୬ଃ ବହୁତଳ ଆପାର୍ଟମେଣ୍ଟ, ଡାକ୍ତରଖାନା, ହୋଟେଲ୍, ବ୍ୟବସାୟିକ ପ୍ରତିଷ୍ଠାନ ଆଦିରେ ବାରମ୍ବାର ଅଗ୍ନିକାଣ୍ଡ ଘଟି ବହୁ ଧନଜୀବନ ନଷ୍ଟ ହେଉଥିବାବେଳେ ଏଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକଣା ଭାବେ ଯାଞ୍ଚ ହେଉଛି କି ନାହିଁ ସେଥିନେଇ ସର୍ବସାଧାରଣରେ ପ୍ରଶ୍ନବାଚୀ ଉଠୁଛି । ବିଶେଷକରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହ ବାୟୁ ଓ ଆଲୋକ ଚଳାଚଳ ବ୍ୟବସ୍ଥାକୁ ଆଖି ଆଗରେ ରଖି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନିର୍ମିତ ହେଉଛି କି ନାହିଁ ଏବଂ ଏହାର ନିର୍ମାଣ ପାଇଁ ଯେଉଁ ସରକାରୀ ସଂସ୍ଥା ପ୍ଲାନ୍ ଅନୁମୋଦନ କରୁଛନ୍ତି ସେମାନେ ନିଜ ନିଜର ଦାୟିତ୍ୱ ଠିକଣା ଭାବେ ନିର୍ବାହ କରୁଛନ୍ତି କି ନାହିଁ ସେ ଦିଗରେ ସରକାର ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

ଦିଲ୍ଲୀରେ ଏବେ ଏକ ହୋଟେଲ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୧ଜଣ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଆଉ ଅନେକ ଗୁରୁତର ଆହତ ଜୀବନ ମରଣ ସନ୍ଧିକ୍ଷଣରେ ସଂଘର୍ଷ କରୁଛନ୍ତି । ଏବେ ଜଣାପଡୁଛି ଯେ ଏହି ହୋଟେଲ୍‌ର ଅନୁମତି ପତ୍ରରେ ତ୍ରୁଟି ରହିଛି । ଓଡ଼ିଶାର ବିଭିନ୍ନ ସରକାରୀ ମେଡିକାଲ୍ କଲେଜ୍‌ରେ କିଛିବର୍ଷ ଭିତରେ ବାରମ୍ବାର ଅଗ୍ନି ଦୁର୍ଘଟଣା ଘଟିଛି। ଏମିତିକି କେତେକ ଆପାର୍ଟମେଣ୍ଟ ନିଆଁ ଲାଗି ମଧ୍ୟ ଲୋକେ ମରିଛନ୍ତି । ଏଭଳି ସ୍ଥିତିରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଓ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ସହିତ ଆପାର୍ଟମେଣ୍ଟ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଉପଯୋଗ ପ୍ରମାଣପତ୍ରର ବୈଧତା ଉପରେ



ପ୍ରଶ୍ନବାଚୀ ଉଠୁଛି । କିଛିବର୍ଷ ତଳେ ନୋଏଡାର କେତେକ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟକୁ ଭାଙ୍ଗି ଦିଆଯାଇଥିଲା । ଆପାର୍ଟମେଣ୍ଟଗୁଡ଼ିକ ଯୋଗୁ ଆଖପାଖରେ ଆଇନ୍ ସମ୍ମତ ଭାବେ ଘର କରି ରହିଥିବା ଅନେକ ଲୋକ ମୁକ୍ତ ବାୟୁ ଓ ଆଲୋକ ପାଇପାରୁନଥିଲେ । ଶେଷରେ କର୍ତ୍ତୃପକ୍ଷ ତ୍ରୁଟି ସ୍ୱୀକାର କରି କୋଟି କୋଟି ଟଙ୍କାରେ ନିର୍ମିତ ଏହି ଆପାର୍ଟମେଣ୍ଟଗୁଡ଼ିକୁ ମାଟିରେ ମିଶାଇଥିଲେ ।

ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏବେ ବହୁ ସଂଖ୍ୟକ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟମାନ ଗଢ଼ି ଉଠିଛି । ଏମିତିକି ଛୋଟଛୋଟ ଆବାସିକ ପ୍ଲଟ୍‌ରେ ବି ବଡ଼ବଡ଼ ଆପାର୍ଟମେଣ୍ଟ ଛିଡ଼ା ହେଉଛି । ଏହି ଆପାର୍ଟମେଣ୍ଟଗୁଡ଼ିକର ଚାରିପଟେ ଦମକଳ ଗାଡ଼ି ବୁଲିବା ପାଇଁ ଯାଗା ବି ରହୁନାହିଁ । ଏମିତିକି କେତେକ ଆପାର୍ଟମେଣ୍ଟ ଯୋଗୁ ପଡ଼ୋଶୀ ପ୍ଲଟ୍‌ର ବାସିନ୍ଦାମାନଙ୍କ ଘରକୁ ବାୟୁ ଓ ଆଲୋକ ଚଳାଚଳ ବାଧାପ୍ରାପ୍ତ ହେଉଛି । ଏହାର କୁପ୍ରଭାବ ବି ସ୍ୱରେଜ୍ ଓ ବିଦ୍ୟୁତ ବ୍ୟବସ୍ଥା ଉପରେ ପଡୁଛି । ଛୋଟଛୋଟ ଆବାସିକ ପ୍ଲଟରେ ବଡ଼ବଡ଼ ଆପାର୍ଟମେଣ୍ଟ ନିର୍ମାଣ କରିବା ପାଇଁ କିଭଳି ପ୍ଲାନ୍ ଅନୁମୋଦନ ହେଉଛି ଏବଂ ସେତେବେଳେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହିତ ପଡ଼ୋଶୀ ପ୍ଲଟଗୁଡ଼ିକୁ ଏହି ଆପାର୍ଟମେଣ୍ଟ ଯୋଗୁ ଆଲୋକ ଓ ବାୟୁ ଚଳାଚଳ ବାଧାପ୍ରାପ୍ତ ହେଉଛି କି ନାହିଁ ସେଥିପ୍ରତି କର୍ତ୍ତୃପକ୍ଷ ବହୁ ସ୍ଥଳରେ ଆଖିବୁଜି ଦେଉଛନ୍ତି । ଆପାର୍ଟମେଣ୍ଟ ନିର୍ମାଣ ପରେ ଏଗୁଡ଼ିକ କର୍ତ୍ତୃପକ୍ଷଙ୍କଠାରୁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଓ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ହାସଲ କରିବା କଥା । କିନ୍ତୁ ଅନେକ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ସତ୍ତ୍ୱେ ସାର୍ଟିଫିକେଟ୍ ମିଳିଯାଉଛି ଏବଂ ଆଉ କେତେକ ସ୍ଥଳରେ ବିନା ସାର୍ଟିଫିକେଟ୍‌ରେ ଲୋକେ ଆପାର୍ଟମେଣ୍ଟରେ ରହୁଛନ୍ତି । ବିଶେଷକରି ଅନେକ ଆପାର୍ଟମେଣ୍ଟ ବେଆଇନ୍ ଭାବେ ଭୂତଳ ଜଳ ଉତ୍ତୋଳନ କରୁଥିବାରୁ ଜଳ ସ୍ତର ଉପରେ କୁପ୍ରଭାବ ପଡୁଛି । ଏହା ଆଗାମୀ ଦିନରେ ପାନୀୟ ଜଳ ସଂକଟକୁ ଉତ୍କଟ କରିପାରେ ବୋଲି ପରିବେଶ ପ୍ରେମୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଶତାଧିକ ବେଆଇନ୍ ଆପାର୍ଟମେଣ୍ଟକୁ କର୍ତ୍ତୃପକ୍ଷ ଚିହ୍ନଟ କରିଥିଲେ ମଧ୍ୟ ସେଗୁଡ଼ିକୁ ଭାଙ୍ଗିବା ପାଇଁ ସେମିତି କିଛି ପଦକ୍ଷେପ ନିଆଯାଉ ନାହିଁ । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



# କିଏ ରଖିବ ଟିଏମ୍‌ସି ନାମ ଓ ପ୍ରତୀକ?

ପଶ୍ଚିମବଙ୍ଗର ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ୨୦୨୬ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଟିଏମସି)ର ଐତିହାସିକ ପରାଜୟ ପରେ ଦଳ ଭିତରେ ବିଦ୍ରୋହ ଓ ବିଭାଜନର ସ୍ପଷ୍ଟ ଲକ୍ଷଣ ଦେଖାଯାଉଛି। ଏହି ପରିସ୍ଥିତିରେ ଏକ ପ୍ରଶ୍ନ ଉଠୁଛି - ଟିଏମସି ନାମ, ତାହାର ଐତିହ୍ୟ ଓ ନିର୍ବାଚନ ପ୍ରତୀକ (ଦୁଇଟି ଫୁଲ ସହ ଘାସ)ର ମାଲିକାନା କିଏ ପାଇବ? ଏହା କେବଳ ଏକ ଆଇନଗତ ପ୍ରଶ୍ନ ନୁହେଁ, ବରଂ ପଶ୍ଚିମବଙ୍ଗର ରାଜନୈତିକ ଭବିଷ୍ୟତ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଟିଏମସିର ଜନ୍ମ ୧୯୯୮ ମସିହାରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ହୋଇଥିଲା। କଂଗ୍ରେସରୁ ବିଚ୍ଛିନ୍ନ ହୋଇ ସେ ଗଠନ କରିଥିଲେ ଏହି ଦଳ। ତାଙ୍କ ଆଙ୍କିତ ପ୍ରତୀକ - ଘାସ ଉପରୁ ଉଠୁଥିବା ଦୁଇଟି ଫୁଲ - ହିନ୍ଦୁ-ମୁସଲିମ ଐକ୍ୟର ପ୍ରତୀକ ଭାବେ ପରିଚିତ। ଏହି ପ୍ରତୀକ ଓ ନାମ ମମତାଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ଓ ଗ୍ରାମମୂଳ ରାଜନୀତିର ପରିଚାୟକ ହୋଇ ଉଠିଥିଲା। ୨୦୧୧ରେ ବାମପନ୍ଥୀ ଶାସନର ଅବସାନ ଘଟାଇ ଟିଏମସି କ୍ଷମତାକୁ ଆସିଥିଲା ଓ ଲଗାତାର ତିନି ଥର ସରକାର ଗଠନ କରିଥିଲା। କିନ୍ତୁ ୨୦୨୬ ନିର୍ବାଚନରେ ବିଜେପିର ବିଜୟ ପରେ ଦଳରେ ବିଦ୍ରୋହ ଦେଖାଦେଇଛି। ରତବ୍ରତ ବାନାର୍ଜୀଙ୍କ ବିତାଡ଼ନ ପରେ ପ୍ରାୟ ୫୯ ଜଣ ବିଧାୟକ ବିଦ୍ରୋହୀ ଗୋଷ୍ଠୀରେ ଯୋଗ ଦେଇ ରତବ୍ରତଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦାବି କରିଛନ୍ତି। ଏହା ଏକ ସ୍ପଷ୍ଟ ବିଭାଜନର ସଙ୍କେତ।



ଭାରତରେ ରାଜନୈତିକ ଦଳର ନାମ ଓ ପ୍ରତୀକର ମାଲିକାନା ନିର୍ଣ୍ଣୟ ନିର୍ବାଚନ ଆୟୋଗ (ଇସିଆଇ) କରେ। ଏହା ପାଇଁ ସାଙ୍କେତିକ ଆଦେଶ ପ୍ରଯୁଜ୍ୟ। ଯଦି ଦଳ ବିଭାଜିତ ହୁଏ, ତେବେ ଆୟୋଗ ଦୁଇଟି ମୁଖ୍ୟ ମାନଦଣ୍ଡ ବିଚାର କରେ - (୧) ବିଧାୟକ ଓ ସାଂସଦଙ୍କ ସଂଖ୍ୟାଗତ ସମର୍ଥନ, ଓ (୨) ସଂଗଠନିକ ଶକ୍ତି ଓ ଦଳର ଐତିହ୍ୟ। ଅତୀତରେ ଏହି ପ୍ରକ୍ରିୟା ଅନେକ ଥର ଦେଖାଯାଇଛି - ଯେମିତି କଂଗ୍ରେସର ବିଭାଜନ, ଜନତା ଦଳର ବିଭାଜନ ବା ଶିବସେନାର ବିଭାଜନ। ସାଧାରଣତଃ ଯେଉଁ ଗୋଷ୍ଠୀ ଅଧିକ ବିଧାୟକ/ସାଂସଦ ସମର୍ଥନ ଓ ମୂଳ ନେତୃତ୍ୱ ସହ ଜଡ଼ିତ, ସେମାନଙ୍କୁ ପ୍ରତୀକ ମିଳେ।

ବର୍ତ୍ତମାନ ଟିଏମସିର କ୍ଷେତ୍ରରେ ମମତା ବାନାର୍ଜୀ ଦଳର ପ୍ରତିଷ୍ଠାତା ଓ ସର୍ବେସର୍ବା ଭାବେ ରହିଛନ୍ତି। ତାଙ୍କ ନାମ ସହ ଦଳର ପରିଚୟ ଏତେ ଗଭୀରଭାବେ ଜଡ଼ିତ ଯେ ଅନେକ ଲୋକ ଟିଏମସିକୁ ମମତାଙ୍କ ଦଳ ବୋଲି ଚିହ୍ନଟ କରନ୍ତି। କିନ୍ତୁ ବିଦ୍ରୋହୀ ଗୋଷ୍ଠୀ ଯଦି ଅଧିକାଂଶ ବିଧାୟକଙ୍କ ସମର୍ଥନ ପାଇ ପାରନ୍ତି ଓ ନିର୍ବାଚନ ଆୟୋଗ ଆଗରେ ପ୍ରମାଣ ଦେଇପାରନ୍ତି ଯେ ସେମାନେ ଦଳର ବହୁସଂଖ୍ୟକ ପ୍ରତିନିଧିତ୍ୱ କରୁଛନ୍ତି, ତେବେ ପରିସ୍ଥିତି ଜଟିଳ ହୋଇପାରେ। ମମତାଙ୍କ ଗୋଷ୍ଠୀ ନିଶ୍ଚୟ କହିବ ଯେ ସେ ଦଳର ପ୍ରତିଷ୍ଠାତା ଓ ସଂଗଠନର ମୂଳ ଆଧାର ତାଙ୍କ ହାତରେ ରହିଛି। ବିଦ୍ରୋହୀମାନେ ହୁଏତ ଦାବି କରିବେ ଯେ ଜନସାଧାରଣର ଅସନ୍ତୋଷ ଓ ନିର୍ବାଚନ ପରାଜୟ ପରେ ନୂତନ ନେତୃତ୍ୱ ଆବଶ୍ୟକ।

ଏହି ବିବାଦରେ ଆଇନଗତ ଓ ରାଜନୈତିକ ଉଭୟ ଦିଗ ରହିଛି। ଭାରତୀୟ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ନିର୍ବାଚନ ଆୟୋଗ ନିରପେକ୍ଷ ଭାବେ ନିଷ୍ପତ୍ତି ନେବା ଉଚିତ୍। କିନ୍ତୁ ଅତୀତ ଅଭିଜ୍ଞତା କହୁଛି ଯେ ଏପରି ନିଷ୍ପତ୍ତି ପରେ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇପାରେ। ଏହା ଦଳର କର୍ମୀମାନଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିପାରେ ଓ ବଙ୍ଗର ରାଜନୀତିକୁ ଆହୁରି ଅସ୍ଥିର କରିପାରେ।

ଏହି ପରିସ୍ଥିତି ଏକ ବଡ଼ ଶିକ୍ଷା ଦେଉଛି। ରାଜନୈତିକ ଦଳଗୁଡ଼ିକର ନେତୃତ୍ୱ ଯଦି ବ୍ୟକ୍ତିକେନ୍ଦ୍ରିକ ହୁଏ, ତେବେ ପରାଜୟ ପରେ ଏପରି ସଙ୍କଟ ଅନିବାର୍ଯ୍ୟ। ଟିଏମସିର ସଫଳତା ମମତାଙ୍କ କରିଶ୍ମା ଉପରେ ନିର୍ଭର କରୁଥିଲା, କିନ୍ତୁ ସଂଗଠନିକ ଗଭୀରତା ଓ ଦ୍ୱିତୀୟ ସ୍ତରର ନେତୃତ୍ୱର ଅଭାବ ଏବେ ପ୍ରକାଶ ପାଇଛି। ବିଦ୍ରୋହୀମାନେ ଯଦି ସଫଳ ହୁଅନ୍ତି, ତେବେ ନୂତନ ଟିଏମସି ଜନ୍ମ ନେଇପାରେ; ନହେଲେ ମମତାଙ୍କ ନେତୃତ୍ୱରେ ଦଳ ପୁନର୍ଜୀବିତ ହେବାର ଚେଷ୍ଟା ଜାରି ରହିବ।

ଶେଷରେ କହିବାକୁ ହେଲେ, ନାମ ଓ ପ୍ରତୀକ କେବଳ ଆଇନଗତ ସମ୍ପତ୍ତି ନୁହେଁ, ସେଗୁଡ଼ିକ ଲକ୍ଷ ଲକ୍ଷ କର୍ମୀଙ୍କ ଆଶା-ଆକାଂକ୍ଷାର ପ୍ରତୀକ। ନିର୍ବାଚନ ଆୟୋଗ ଉଚିତ୍ ଓ ସ୍ୱଚ୍ଛ ନିଷ୍ପତ୍ତି ନେବା ଉଚିତ୍, ଯାହା ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା କରିବ। ବଙ୍ଗର ଜନତା ଦେଖିବାକୁ ଚାହୁଁଛନ୍ତି ଯେ ଏହି ସଙ୍କଟ କେଉଁ ପକ୍ଷକୁ ଶକ୍ତିଶାଳୀ କରେ ଓ କେଉଁ ପକ୍ଷ ଜନସେବାର ନୂତନ ପଥ ଖୋଜିପାରେ। ରାଜନୀତି କେବଳ କ୍ଷମତାର ଖେଳ ନୁହେଁ, ଏହା ଜନସାଧାରଣର ଆସ୍ଥାର ବିଷୟ। ଏହି ଆସ୍ଥା ଯେଉଁ ପକ୍ଷ ଜିତିବ, ସେହି ପକ୍ଷ ଟିଏମସିର ପ୍ରକୃତ ଉତ୍ତରାଧିକାରୀ ହେବ।

# ଜଗନ୍ନାଥ ସଂସ୍କୃତିରେ ପଞ୍ଚତୀର୍ଥ ମାହାତ୍ମ୍ୟ

**ଉମାଶଙ୍କର ପ୍ରସାଦ**



ଜଗନ୍ନାଥ ସଂସ୍କୃତିରେ ଲୀଳାମୟ ପ୍ରଭୁ ଜଗନ୍ନାଥଙ୍କର ବାରମାସରେ ତେରଯାତ୍ରା ବିଶ୍ୱପ୍ରସିଦ୍ଧ। ପ୍ରତ୍ୟେକ ଯାତ୍ରା ଶାସ୍ତ୍ରୀୟ ବିଧି ବିଧାନ ଅନୁସାରେ ସମ୍ପାଦିତ ହୋଇ ଜଗତର କଲ୍ୟାଣ ସାଧିତ ହୋଇଥାଏ। କୋଟି କୈବଲ୍ୟର ନାଥ ଦାରୁ ବ୍ରହ୍ମ ଜଗନ୍ନାଥଙ୍କର ଦ୍ୱାଦଶଯ୍ୟାତ୍ରା ବିଶ୍ୱବିଦିତ। ଏହି ଯାତ୍ରାମାନଙ୍କ ମଧ୍ୟରେ ସ୍ନାନଯାତ୍ରା ପ୍ରଥମ। ଏହି ସ୍ନାନଯାତ୍ରାର ବିଭିନ୍ନ ବିଧି ବିଧାନ ପ୍ରସଙ୍ଗରେ ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି। ସ୍ନାନଯାତ୍ରା ପୂର୍ବରୁ ପ୍ରଥମେ ଜ୍ୟେଷ୍ଠଶୁକ୍ଳ ଦଶମୀ ଦିନ ପଞ୍ଚତୀର୍ଥରେ ସ୍ନାନ ଆଚରଣକରି ପ୍ରଥମେ 'ମାର୍କଣ୍ଡେୟ'ରେ ସ୍ନାନ କରି ଭଗବାନ ଶିବଙ୍କୁ ପାର୍ଥନା କରିବେ। ମାର୍କଣ୍ଡେୟ ଙ୍କୁ ପ୍ରଣାମ କରି କହିବେ ହେ ପ୍ରଭୁ ମୁଁ ଭବସାଗରରେ ପଡ଼ି ସର୍ବଦା ହନ୍ତ ସନ୍ତ ହେଉଛି। ମୋତେ ଆପଣ ରକ୍ଷା କରନ୍ତୁ। ତାପରେ ଜଳ ବାହାରକୁ ଆସି ବସ୍ତ୍ର ପ୍ରକ୍ଷାଳନ କରି ଶ୍ରୀ ଶଙ୍କର ମନ୍ଦିରରେ ପ୍ରବେଶ କରି ବୃଷଭଙ୍କୁ ପୂଜାର୍ଚ୍ଚନା କରିବେ। ଏହିପରି ଭଗବାନ୍ ଶଙ୍କର ଓ ତାଙ୍କ ବାହାନ ବୃଷଭଙ୍କୁ ପୂଜା କରିବା ପରେ ମାର୍କଣ୍ଡେୟର ଦକ୍ଷିଣରେ ବିରାଜମାନ 'କଳ୍ପବଟ' ନିକଟକୁ ଯିବ ଯାହା ହେଉଛି ପ୍ରଭୂ ବିଷ୍ଣୁଙ୍କର ବିଗ୍ରହ। ମନରେ 'କଳ୍ପବଟକୁ'ନାରାୟଣଙ୍କ ଶରୀର ବୋଲି ଭାବି ପ୍ରଦକ୍ଷିଣ କରିବା ସହ ପୂଜା କରିବା ଏଭଳି କଲେ କିମ୍ବଦନ୍ତୀ ଅନୁସାରେ ଏହାର ଛାୟା ସ୍ପର୍ଶ କଲେ ସମସ୍ତ ପାପରୁ ମାନବ ମୁକ୍ତ ହୋଇଥାଏ।

ଏହି କଳ୍ପବଟର ଛାୟା ସଂସ୍ପର୍ଶରେ ଆସିବାପରେ ତାର ମୂଳରେ ବିରାଜମାନ ନାରାୟଣଙ୍କର ବାହନ ଗରୁଡଙ୍କୁ ଦର୍ଶନକରି ଯୋଡ ହସ୍ତରେ ପ୍ରଣାମ କରିବା କଥିତ ଅଛି ଗରୁଡ ଙ୍କୁ ପୂଜାକଲେ ସମସ୍ତ ପାପର ବିନାଶ ହୋଇଥାଏ। ତା ପରେ ମହାପ୍ରଭୁଙ୍କ ଦର୍ଶନ ଓ ପ୍ରଦକ୍ଷିଣ କରି ପୂଜା କଲେ ଏହି ବିଷୟ ବାସନା ପୂର୍ଣ୍ଣସଂସାରରୁ ଉଦ୍ଧାର ମିଳିଥାଏ। ଏହି ପ୍ରାର୍ଥନା କ୍ରମରେ ପ୍ରଥମେ ଅନାଥର ନାଥ ପ୍ରଭୁଶ୍ରୀଜଗନ୍ନାଥ, ତାପରେ ଲାଙ୍ଗଳଧ୍ୱଜ ଶ୍ରୀ ବଳଭଦ୍ର ତାପରେ ବିଶ୍ୱବ୍ରହ୍ମାଣ୍ଡର ମୂଳକାରଣ ଯୋଗମାୟା ସୁଭଦ୍ରାଙ୍କୁ ପ୍ରାର୍ଥନା କରିବା। ଏହା ପରେ ସମୁଦ୍ର ସ୍ନାହାନ କରିବାକୁ ଯିବ ଏବଂ ମହୋଦଧିଙ୍କୁ ପ୍ରଣାମ କରି ସୁସ୍ଥିର ଚିତରେ ଉଗ୍ରସେନଙ୍କୁ ପ୍ରାର୍ଥନା କରି ତାଙ୍କଠାରୁ ଆଜ୍ଞାନେଇ ପ୍ରଭୁ ନାରାୟଣଙ୍କୁ ଚିନ୍ତନ କରି ସମୁଦ୍ରରେ ସ୍ନାନ କରିବା ପାଇଁତାଙ୍କର ଅନୁମତି ଭିକ୍ଷା କରିବା। ଏହାପରେ ଅନ୍ୟତମ ତୀର୍ଥ ସ୍ୱର୍ଗଦ୍ୱାର ନିକଟକୁ ଯାଇ ସେଠାରେ ଉଭୟ ତୀର୍ଥରାଜ ଓ ଉଗ୍ରସେନଙ୍କୁ ପ୍ରାର୍ଥନା କରିବା। ଏହାପରେ ସେହି ମହୋଦଧି ନିକଟରେ ଶାସ୍ତ୍ରସମ୍ମତ ମଣ୍ଡଳ ଆଙ୍କି ତାହାକୁ ମନ୍ତ୍ର ପାଠ ପୂର୍ବକ ଅଭିମନ୍ତ୍ରିତ କରି ଅଙ୍ଗନ୍ୟାସ, କରନ୍ୟାସ ଆଦି କାର୍ଯ୍ୟ ସମ୍ପାଦନ କରି ସମସ୍ତ ଦେବଙ୍କୁ ଆବାହନ କରିବ ଏବଂ ନିଜର ରକ୍ଷା ପାଇଁ ପ୍ରାର୍ଥନା କରିବା। ତାପରେ କୋଟିସୂର୍ଯ୍ୟ ସମପ୍ରଭ ଚକ୍ରରାଜ ସୁଦର୍ଶନଙ୍କୁ ପୂଜାକରି ପୁନଶ୍ଚ ତୀର୍ଥରାଜ ମହୋଦଧିଙ୍କୁ ଭକ୍ତି ନୈବେଦ୍ୟ ପ୍ରଦାନ ପୂର୍ବକ କହିବେ ହେ, ତୀର୍ଥରାଜ ଆପଣହିଁ ଜଳରୂପୀ ଜନାର୍ଦ୍ଦନ। ବିଶ୍ୱର ଆଦିମ ସୃଷ୍ଟି। ତୁମ୍ଭର ଦେହ ସୁଧାସମ। ତୁମ୍ଭ ଜଳରେ ପ୍ରବେଶ ପାଇଁ ଅନୁମତି ଦିଅ। ଏହାପରେ ତୀର୍ଥରାଜଙ୍କ ଜଳରେ ପ୍ରବଶେ କରି ତାଙ୍କୁ ଆବାହନ କରି ଅଘମର୍ଷଣ ସୁକ୍ତ ଗାନ କରିବା।

ସମୁଦ୍ର ତୀରରେ ମୌନ ଆଚରଣ ପୂର୍ବକ ଧବଳବସନ ପରିଧାନ କରି ଉତରୀୟ ଧାରଣ ପୂର୍ବକ ଶିରରେ ଶଙ୍ଖାକୃତି ତିଳକ ପରିଧାନ କରିବା। ଏହାପରେ ୧୦୮ ଥର ପ୍ରଭୁଙ୍କର ମୂଳମନ୍ତ୍ର 'ଓଁ କ୍ଳୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ସ୍ୱାହା''। କଥିତ୍ଛ ଅଛି ସିନ୍ଧୁ ସ୍ନାନ ଫଳରେ ଅନେକ ପୁଣ୍ୟ ଅର୍ଜିତ ହୋଇଥାଏ ଏବଂ ଜନ୍ମ ଜନ୍ମାନ୍ତର ପାପକ୍ଷୟ ହୋଇଥାଏ। ଏହି ସିନ୍ଧୁ ସ୍ନାନ କରିବା ପାଇଁ ଦେବତାମାନେ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି। ଏ ସମୁଦ୍ର ହିଁ ସ୍ୱୟଂ ନାରାୟଣ। ପଞ୍ଚତୀର୍ଥର ମାହାତ୍ମ୍ୟ ସହିତ ତୀର୍ଥରାଜ ଜଳନିଧିରେ ସ୍ନାନ କରିବାର ସୁଫଳ ବିଷୟ ସ୍କନ୍ଦ ପୁରାଣରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ କରାଯାଇଛି।


ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋବାଇଲ୍:୬୩୭୦୬ ୭୫୫୬୨




# ଗରମର ଗ୍ରାସରେ ପୃଥିବୀ: ଜୀବନ, ଜୀବିକା ଓ ଜଳବାୟୁର ଚ୍ୟାଲେଞ୍ଜ



**ସାରଦା ପ୍ରସାଦ ପଣ୍ଡା**

ଥର୍ମୋମିଟର କେବେ ମିଛ କହେ ନାହିଁ। ବଢୁଥିବା ପାରଦ ଆମକୁ ସ୍ପଷ୍ଟ ସଙ୍କେତ ଦେଉଛି, ଜଳବାୟୁ ସଙ୍କଟ ଆଉ ଭବିଷ୍ୟତର କଥା ନୁହେଁ, ଏହା ଆଜିର ବାସ୍ତବତା।"

ରାଜସ୍ଥାନ ଓ ଓଡ଼ିଶାର ତାତିଲା ମାଟିଠାରୁ ଆରମ୍ଭ କରି ସ୍ପେନ ଓ ତୁର୍କୀର ସହର ପର୍ଯ୍ୟନ୍ତ, ବିହାରର କୃଷି କ୍ଷେତ୍ରଠାରୁ ବ୍ରାଜିଲର ଜଙ୍ଗଲ ପର୍ଯ୍ୟନ୍ତ-ଗତ କିଛି ବର୍ଷର ଗ୍ରୀଷ୍ମ ଋତୁ ଆମକୁ ଗୋଟିଏ ସ୍ପଷ୍ଟ ବାର୍ତ୍ତା ଦେଇଛି। ଜଳବାୟୁ ପରିବର୍ତ୍ତନ ଆଉ ଭବିଷ୍ୟତର ଆଶଙ୍କା ନୁହେଁ, ଏହା ଆଜିର ବାସ୍ତବତା।

କେବେ କାଳେ ବିରଳ ପାଣିପାଗୀୟ ଘଟଣା ଭାବେ ଧରାଯାଉଥିବା ତାପପ୍ରବାହ ବା ହିଟ୍‌ୱେଭ୍ ଆଜି ନିୟମିତ ଘଟଣାରେ ପରିଣତ ହୋଇଛି। ଏହାର ଅବଧି ବଢୁଛି, ଅଧିକ ଲୋକଙ୍କୁ ପ୍ରଭାବିତ କରୁଛି ଏବଂ ମଣିଷର ସ୍ୱାସ୍ଥ୍ୟ, କୃଷି, ପରିବେଶ ଓ ଅର୍ଥନୀତି ଉପରେ ଅପୂରଣୀୟ କ୍ଷତି ଘଟାଉଛି।

ଏବେ ପ୍ରଶ୍ନ ଏହା ନୁହେଁ ଯେ ତାପପ୍ରବାହ ଆସିବ କି ନାହିଁ। ପ୍ରକୃତ ପ୍ରଶ୍ନ ହେଉଛି, ଆମେ ଏହାକୁ ମୁକାବିଲା କରିବାକୁ କେତେ ପ୍ରସ୍ତୁତ?

## ଅତ୍ୟଧିକ ଉତ୍ତାପରେ ଜଳୁଛି ବିଶ୍ୱ

୨୦୨୫ ବର୍ଷ ପୃଥିବୀର ଉଷ୍ମତା ବୃଦ୍ଧିର ଆଉ ଏକ ଚିନ୍ତାଜନକ ମାଇଲଖୁଣ୍ଟ ଥିଲା। ବିଶ୍ୱ ପାଣିପାଗ ସଂସ୍ଥାର "ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ୍ କ୍ଲାଇମେଟ୍ ୨୦୨୫" ରିପୋର୍ଟ ଅନୁସାରେ ପୃଥିବୀର ପ୍ରାୟ ସବୁ ଅଞ୍ଚଳରେ ସାଧାରଣଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଥିଲା। ବିଶ୍ୱର ୯୦ ପ୍ରତିଶତରୁ ଅଧିକ ସମୁଦ୍ର ଅଞ୍ଚଳ ଅତିକମରେ ଥରେ ସାମୁଦ୍ରିକ ତାପପ୍ରବାହର ସମ୍ମୁଖୀନ ହୋଇଥିଲା।

ଏହାର ପ୍ରଭାବ ସବୁଠି ଦେଖିବାକୁ ମିଳିଥିଲା। ମତ୍ସ୍ୟ ଉତ୍ପାଦନ କମିଥିଲା, ପ୍ରବାଳ ପ୍ରାଚୀର କ୍ଷତିଗ୍ରସ୍ତ ହୋଇଥିଲା ଏବଂ ପାଣିପାଗର ସାଧାରଣ ଚକ୍ର ବିଘ୍ନିତ ହୋଇଥିଲା। ଦକ୍ଷିଣ ଏସିଆରେ ଏପ୍ରିଲ ମାସରୁ ହିଁ ତାପମାତ୍ରା ସାଧାରଣଠାରୁ ୫ରୁ ୮ ଡିଗ୍ରୀ ସେଲସିୟସ୍ ଅଧିକ ରେକର୍ଡ ହୋଇଥିଲା। ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ତାପମାତ୍ରା ୪୮ ଡିଗ୍ରୀ ସେଲସିୟସ୍‌ର ନିକଟବର୍ତ୍ତୀ ହୋଇଥିଲା। ଭାରତର ଉତ୍ତର, ମଧ୍ୟ ଓ ପୂର୍ବାଞ୍ଚଳର ବିସ୍ତୃତ ଅଞ୍ଚଳ ଏହି ତୀବ୍ର ଗରମରେ ପ୍ରଭାବିତ ହୋଇଥିଲା।

ଅନ୍ୟପକ୍ଷରେ ୟୁରୋପରେ ମଧ୍ୟ ରେକର୍ଡ ଭାଙ୍ଗିଥିବା ତାପମାତ୍ରା ଦେଖାଯାଇଥିଲା। ୨୦୨୫ ଜୁଲାଇରେ ତୁର୍କୀର ସିଲୋପିରେ ୫୦.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିଲା। ପର୍ତ୍ତୁଗାଲ ଓ ସ୍ପେନରେ ତାପମାତ୍ରା ୪୬ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ଅଧ୍ୟୟନ ଅନୁସାରେ ୟୁରୋପରେ ପ୍ରାୟ ୧୬,୫୦୦ ଲୋକ ତାପପ୍ରବାହ ଜନିତ କାରଣରୁ ପ୍ରାଣ ହରାଇଥିଲେ। ଏଗୁଡ଼ିକ କେବଳ ଅଲଗା ଅଲଗା ଘଟଣା ନୁହେଁ, ବରଂ ବଦଳୁଥିବା ଜଳବାୟୁର ସ୍ପଷ୍ଟ ସଙ୍କେତ।

## ଭାରତରେ ଉଷ୍ମପ୍ରବାହ: କାରଣ, ପ୍ରଭାବ ଓ ପ୍ରତିକାର

ଭାରତ ବିଶ୍ୱର ସବୁଠାରୁ ଉଷ୍ମପ୍ରବାହ-ପ୍ରବଣ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ବିପୁଳ ଜନସଂଖ୍ୟା, ଉଷ୍ଣ ଜଳବାୟୁ, ବାହ୍ୟ ପରିଶ୍ରମ ଉପରେ ନିର୍ଭରଶୀଳତା ଏବଂ ସାମାଜିକ-ଆର୍ଥିକ ଅସମାନତା ଏହି ବିପଦକୁ ଆହୁରି ବଢ଼ାଇଛି।

୨୦୨୬ ମସିହାରେ ପ୍ରକାଶିତ ନାରଙ୍ଗ ଓ ଗାଡଗିଲଙ୍କ ଅଧ୍ୟୟନ ଅନୁସାରେ ଗୋଟିଏ ଦିନର ଅତ୍ୟଧିକ ଗରମ ଭାରତରେ ପ୍ରାୟ ୩,୪୦୦ ଅତିରିକ୍ତ ମୃତ୍ୟୁର କାରଣ ହୋଇପାରେ। ଲଗାତାର ପାଞ୍ଚ ଦିନର ତୀବ୍ର ତାପପ୍ରବାହ ପ୍ରାୟ ୩୦,୦୦୦ ଲୋକଙ୍କ ଜୀବନ ନେଇପାରେ।

ଅଧ୍ୟୟନରୁ ଜଣାପଡ଼ିଛି ଯେ ଦେଶର ସବୁଠାରୁ ଅଧିକ ସଙ୍କଟାପନ୍ନ ୧୦୦ଟି ଜିଲ୍ଲା ମୋଟ ଜନସଂଖ୍ୟାର ମାତ୍ର ୩୧ ପ୍ରତିଶତ ହୋଇଥିଲେ ମଧ୍ୟ, ତାପଜନିତ ମୃତ୍ୟୁର ୪୪ ପ୍ରତିଶତ ଏହି ଜିଲ୍ଲାଗୁଡ଼ିକରେ ହୋଇପାରେ।

ଏଥିରୁ ସ୍ପଷ୍ଟ ହୁଏ ଯେ ଉଷ୍ମପ୍ରବାହ କେବଳ ପରିବେଶ ସମ୍ବନ୍ଧୀୟ ସମସ୍ୟା ନୁହେଁ, ଏହା ସାମାଜିକ ସମାନତା ଓ ବିକାଶ ସହ ଜଡ଼ିତ ଏକ ଗୁରୁତର ଚ୍ୟାଲେଞ୍ଜ ମଧ୍ୟ।"

## ଜଳବାୟୁ ପରିବର୍ତ୍ତନର ଚାପରେ ଓଡ଼ିଶା

ଓଡ଼ିଶା ପାଇଁ ଏହି ଚ୍ୟାଲେଞ୍ଜ ଦିନକୁ ଦିନ ଆହୁରି ଗମ୍ଭୀର ହୋଇଉଠୁଛି। ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର, ସୁବର୍ଣ୍ଣପୁର, ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଭଳି ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମ ଦିନରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଟପିଯିବା ଏବେ ପ୍ରାୟ ସାଧାରଣ କଥା ହୋଇଗଲାଣି।



ସେହିପରି ଭୁବନେଶ୍ୱର, କଟକ, ରାଉରକେଲା ଓ ସମ୍ବଲପୁର ଭଳି ସହରଗୁଡ଼ିକରେ "ସହରୀ ଉତ୍ତାପ ଦ୍ୱୀପ" (URBAN HEAT ISLAND) ପ୍ରଭାବ ଦ୍ରୁତ ଭାବେ ବଢ଼ୁଛି। କଂକ୍ରିଟ୍ ଘରବାଡ଼ି, ରାସ୍ତାଘାଟର ବିସ୍ତାର ଏବଂ ସବୁଜ ବନାନୀର ଅଭାବ ଯୋଗୁଁ ସହରଗୁଡ଼ିକ ଚାରିପାଖ ଅଞ୍ଚଳ ତୁଳନାରେ ଅଧିକ ଗରମ ହେଉଛି।

ଏହି ବଢ଼ୁଥିବା ଉଷ୍ମତାର ପ୍ରଭାବ ସବୁଠାରୁ ଅଧିକ ପଡ଼ୁଛି କୃଷକ, କୃଷି ଶ୍ରମିକ, ନିର୍ମାଣ ଶ୍ରମିକ, ରାସ୍ତାକଡ଼ ବ୍ୟବସାୟୀ, ସଫେଇ କର୍ମଚାରୀ ଏବଂ ଦୈନିକ ମଜୁରିଆଙ୍କ ଉପରେ। ସେହିପରି ମହିଳା, ଶିଶୁ ଓ ବୟସ୍କ ନାଗରିକମାନେ ମଧ୍ୟ ଏହି ତାପପ୍ରବାହର ବିପଦକୁ ଅଧିକ ସାମ୍ନା କରୁଛନ୍ତି।

## ଉଷ୍ମପ୍ରବାହ: ଅର୍ଥନୀତି ପାଇଁ ନିରବ ବିପଦ

ଉଷ୍ମପ୍ରବାହ କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ, ଏହା ଆମ ଅର୍ଥନୀତି ଓ ଜୀବିକା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (FAO) ଏବଂ ବିଶ୍ୱ ପାଣିପାଗ ସଂଗଠନ (WMO)ର ଏକ ମିଳିତ ରିପୋର୍ଟ ଅନୁସାରେ, ପ୍ରତିବର୍ଷ ତୀବ୍ର ଗରମ ଯୋଗୁଁ ବିଶ୍ୱରେ ପ୍ରାୟ ଅଧା ଟ୍ରିଲିୟନ୍ କାର୍ଯ୍ୟଘଣ୍ଟା ନଷ୍ଟ ହେଉଛି। ଏହାର ପ୍ରଭାବରେ ପ୍ରାୟ ୧୨୦ କୋଟି ଶ୍ରମିକ ତାପଜନିତ ଚାପ ଓ କାର୍ଯ୍ୟକ୍ଷମତା ହ୍ରାସର ସମ୍ମୁଖୀନ ହେଉଛନ୍ତି।

ଭାରତ ଭଳି ଦେଶରେ, ଯେଉଁଠାରେ କୋଟି କୋଟି ଲୋକ ଖୋଲା ଆକାଶ ତଳେ କାମ କରି ନିଜ ପରିବାର ଚଳାନ୍ତି, ସେଠାରେ ତାପପ୍ରବାହ ଯୋଗୁଁ ଗୋଟିଏ ଦିନ କାମ ବନ୍ଦ ହେବାର ଅର୍ଥ ହେଉଛି ଗୋଟିଏ ପରିବାରର ଆୟ ଓ ଖାଦ୍ୟ ସୁରକ୍ଷା ଉପରେ ସିଧାସଳଖ ପ୍ରଭାବ ପଡ଼ିବା।

## ଜଳବାୟୁ ସଙ୍କଟ ମୁକାବିଲାରେ ଆମର ଭୂମିକା

ଏହି ତାପ ସଙ୍କଟର ମୁକାବିଲା ପାଇଁ ସରକାର, ସମାଜ ଏବଂ ପ୍ରତ୍ୟେକ ନାଗରିକଙ୍କୁ ମିଳିତ ଭାବେ କାମ କରିବାକୁ ହେବ।

ସରକାରଙ୍କୁ ତାପପ୍ରବାହ ମୁକାବିଲା କାର୍ଯ୍ୟଯୋଜନାକୁ ଆହୁରି ସୁଦୃଢ଼ କରିବା ସହ ସହରଗୁଡ଼ିକରେ ସବୁଜ କ୍ଷେତ୍ର ବଢ଼ାଇବା, ଜଳ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ଏବଂ ବାହାରେ କାମ କରୁଥିବା ଶ୍ରମିକମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆବଶ୍ୟକ।

ସମାଜ ଓ ଗୋଷ୍ଠୀ ସ୍ତରରେ ବୃକ୍ଷରୋପଣ, ପୋଖରୀ ଓ ଜଳାଶୟର ସୁରକ୍ଷା, ବର୍ଷାଜଳ ସଂରକ୍ଷଣ ଏବଂ ଜଳବାୟୁ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ଦରକାର। ବ୍ୟକ୍ତିଗତ ସ୍ତରରେ ମଧ୍ୟ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ପାଣିର ଅପଚୟ ରୋକିବା, ଅଧିକରୁ ଅଧିକ ଗଛ ଲଗାଇବା, ପ୍ରଚଣ୍ଡ ଖରାବେଳେ ଅନାବଶ୍ୟକ ଭାବେ ବାହାରକୁ ନଯିବା ଏବଂ ପରିବେଶ-ଅନୁକୂଳ ଜୀବନଶୈଳୀ ଅପଣାଇବା ଦ୍ୱାରା ଆମେ ଏହି ସଙ୍କଟର ପ୍ରଭାବ କମାଇପାରିବା।

## ଥର୍ମୋମିଟର: ସମୟର ଦର୍ପଣ

ଉଷ୍ମପ୍ରବାହ ଆଉ କେବଳ ପାଣିପାଗର ଏକ ସାଧାରଣ ଘଟଣା ନୁହେଁ। ଏହା ଆମର ବିକାଶ ଧାରା, ଜଳବାୟୁ ନୀତି ଓ ସାମାଜିକ ଦାୟିତ୍ୱବୋଧର ଏକ କଠିନ ପରୀକ୍ଷା। ବିଜ୍ଞାନ ଆମକୁ ସ୍ପଷ୍ଟ ସତର୍କବାଣୀ ଦେଉଛି। ଏହାର ପ୍ରଭାବ ଆଜି ହସ୍ପିଟାଲ, ଚାଷଜମି, କାର୍ଯ୍ୟସ୍ଥଳ ଓ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ସ୍ପଷ୍ଟ ଭାବେ ଅନୁଭବ କରାଯାଉଛି।

ଆଜି ଥର୍ମୋମିଟର କେବଳ ତାପମାତ୍ରା ମାପିବାର ଉପକରଣ ହୋଇ ରହିନାହିଁ; ଏହା ଆମ ସମାଜର ଏକ ଦର୍ପଣ ପାଲଟିଯାଇଛି। ଏହା ଆମକୁ ଦେଖାଉଛି ଯେ ଆମେ କିପରି ସହର ଗଢ଼ୁଛୁ, ପ୍ରାକୃତିକ ସମ୍ପଦର ବ୍ୟବହାର କରୁଛୁ ଏବଂ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜକୁ କିପରି ସାମ୍ନା କରୁଛୁ।

ଓଡ଼ିଶା ଓ ଭାରତ ସମ୍ମୁଖରେ ଥିବା ବଡ଼ ଆହ୍ୱାନ କେବଳ ଗରମରୁ ରକ୍ଷା ପାଇବା ନୁହେଁ, ବରଂ ଏକ ଜଳବାୟୁ-ସହନଶୀଳ ଓ ସୁରକ୍ଷିତ ସମାଜ ଗଢ଼ି ତୋଳିବା। ତାପପ୍ରବାହ ଆଉ ଋତୁକାଳୀନ ଅସ୍ୱାଭାବିକତା ନୁହେଁ। ଏହା ଏକବିଂଶ ଶତାବ୍ଦୀର ସବୁଠାରୁ ଗୁରୁତର ବିକାଶଗତ ଚ୍ୟାଲେଞ୍ଜମାନଙ୍କ ମଧ୍ୟରୁ ଗୋଟିଏ।

ସମୟ ଆସିଛି ସଚେତନ ହେବାର, ସମ୍ମିଳିତ ପଦକ୍ଷେପ ନେବାର ଏବଂ ଆଗାମୀ ପିଢ଼ି ପାଇଁ ଏକ ଅଧିକ ସୁରକ୍ଷିତ, ସବୁଜ ଓ ବାସଯୋଗ୍ୟ ପୃଥିବୀ ଗଢ଼ି ଛାଡ଼ିଯିବାର।


(ମୋବାଇଲ: ୯୪୩୭୧୭୬୬୭୦)


# ଶରୀର ଓ ମନ ଧନରେ ସୁନା



**ଡକ୍ଟର ଲକ୍ଷ୍ମଣ ସାହୁ**

ଭାରତରେ ସୁନାର ମୂଲ୍ୟ ବୃଦ୍ଧି ପାଉଥିବାରୁ ଅଧିକ ଚର୍ଚ୍ଚାର ବିଷୟ ଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୋଟିଏ ବର୍ଷ ପାଇଁ ସୁନା କିଣିବା ବନ୍ଦ କରିବାର ଆହ୍ୱାନ ଏହାକୁ ତୀବ୍ର କରିଛି। ପ୍ରସିଦ୍ଧ ନିବେଶ ସଂସ୍ଥା ବ୍ଲାକରକରର ପ୍ରତିଷ୍ଠାତା ଲାରି ଫିଙ୍କ୍ ଥରେ କହିଥିଲେ " ସୁନା ପ୍ରତି ଭାରତର ପ୍ରେମ ଏହାର ଅର୍ଥନୀତି କିମ୍ବା ନିବେଶକଙ୍କ ପାଇଁ ବହୁତ କମ୍ କରିଛି।" ଫିଙ୍କ୍ ବିଶ୍ୱାସ କରନ୍ତି ସୁନା ମୂଲ୍ୟର ଏକ ଭଲ ଭଣ୍ଡାର ହୋଇପାରେ, କିନ୍ତୁ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ ନାହିଁ। କିନ୍ତୁ ବାସ୍ତବ ପକ୍ଷରେ ଆମ ହୃଦୟ ଓ ମନରୁ ସୁନାକୁ ପୃଥକ କରିବା ଏତେ ସହଜ ନୁହେଁ। ଏହାର ସୌନ୍ଦର୍ଯ୍ୟ ବିରଳ ଯୋଗୁଁ ମାନବ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସାମାଜିକ ସଭ୍ୟତାକୁ ଗଠନ କରିଛି ଓ ବିଶ୍ୱ ଶକ୍ତିକୁ ପରିବର୍ତ୍ତନ କରିଛି। ଭାରତରେ ସୁନାକୁ କେବଳ ଏକ ଧାତୁ ବୋଲି ବିଚାର କରିବା ଅର୍ଥ ଭାରତକୁ ତା'ର ଆତ୍ମାକୁ ଅସ୍ୱୀକାର କରିବା। ସୁନା କେବଳ ଧନର ପ୍ରତୀକ ନୁହେଁ, ବରଂ ଏହା ତା'ର ବଂଶର ହୃଦସ୍ପନ୍ଦନ। ସମ୍ମାନର ଏହି ଜୀବନ୍ତ ପ୍ରତୀକକୁ, ଭାରତୀୟ କପଡ଼ାରେ ବୁଣାଯାଇଥିବା ସୁରକ୍ଷାର ଏକ ନୀରବ ପ୍ରତିଜ୍ଞା କହିବା ଅତ୍ୟୁକ୍ତି ହେବ ନାହିଁ। ତେଣୁ କୁହାଯାଏ ଭାରତ ଏକ ସୁନାର ଦେଶ।

ପାଶ୍ଚାତ୍ୟ ଦେଶମାନଙ୍କ ପରି ସୁନା ଭାରତୀୟ ମହିଳାମାନଙ୍କ ପାଇଁ ଏକ ସମ୍ପତ୍ତି। ଏପରିକି ମୁଦ୍ରାସ୍ଫୀତି ଓ ମୁଦ୍ରା ଅନିଶ୍ଚିତତାର କ୍ଷୟକ୍ଷତି ବିରୁଦ୍ଧରେ ଏକ ଢାଲ। ଅନିଶ୍ଚିତତାରେ ସୁନା ବୃଦ୍ଧି ପାଉଥିବାରୁ, ଏହାର ଚମକ ବିଶ୍ୱ ବଜାରର ଝଡ଼ ଦ୍ୱାରା ଅସ୍ପୃଶ୍ୟ ରହିଥାଏ। ପ୍ରାୟ ୧୫ ପ୍ରତିଶତ ବାର୍ଷିକ ରିଟର୍ଣ୍ଣ ସହିତ, ସୁନା ଆଉ ଏକ ନିଷ୍କ୍ରିୟ ସମ୍ପତ୍ତି ନୁହେଁ ବରଂ ଏକ ବୁଦ୍ଧିମାନ ନିବେଶ କହିହେବ। ଭାରତୀୟ ମହିଳାମାନଙ୍କର ସୁନା ପ୍ରତି ଆଗ୍ରହକୁ ରକ୍ଷଣଶୀଳ ବୋଲି ବିବେଚନା କରାଯାଇପାରେ। କିନ୍ତୁ ସମୟ ସହିତ ଏହି ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିରୁ ସୁନା ପ୍ରତି ଆକର୍ଷଣ ବୁଦ୍ଧିମାନ ବୋଲି ପ୍ରମାଣିତ ହୁଏ।

ଏସବୁ ନିଷ୍ପତ୍ତି ମଧ୍ୟରୁ ସୁନା ଗୋଟିଏ ବୋଲି ବିବେଚନା କରାଯାଏ। ଭାରତୀୟମାନଙ୍କ ହାତରେ ଥିବା ସୁନା କେବଳ ଧନ ଓ ପରମ୍ପରା ନୁହେଁ, ବରଂ ଜ୍ଞାନ ଓ ବିପ୍ଳବ ସ୍ୱରା କିଛି ଦିନ ପୂର୍ବରୁ ଆରପିଜି (RPG) ଗ୍ରୁପ୍ ଅଧ୍ୟକ୍ଷ ହର୍ଷ ଗୋଏଙ୍କା ଏକ ମଜାଦାର ଉପାଖ୍ୟାନ ଆକାରରେ ସୁନା ପ୍ରତି ମହିଳାଙ୍କ ଆକର୍ଷଣକୁ ବର୍ଣ୍ଣନା କରିଥିଲେ। ସେ କହିଥିଲେ 'ବାର ବର୍ଷ ପୂର୍ବେ ମୁଁ ୮ ଲକ୍ଷ ଟଙ୍କାରେ ଏକ କାର କିଣିଥିଲି। ମୋ ସ୍ତ୍ରୀ ୮ ଲକ୍ଷ ଟଙ୍କା ମୂଲ୍ୟର ସୁନା କିଣିଥିଲେ। ଆଜି କାରଟି ୧..୫ ଲକ୍ଷ ଟଙ୍କା ମୂଲ୍ୟର ଓ ତାଙ୍କ ସୁନା ୪୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର !'

ସମୟ ସହିତ ସୁନାର ପ୍ରଦର୍ଶନ ଦର୍ଶାଉଛି ଯେ ବିଶ୍ୱର ସବୁଠାରୁ ଭାରତୀୟ ଗୃହିଣୀମାନେ ଚତୁର ପାଣ୍ଠି ପରିଚାଳକ। ଏହି ପୂର୍ବପୁରୁଷ ଐତିହ୍ୟ ବର୍ତ୍ତମାନ ଏକ ଆର୍ଥିକ ଶକ୍ତିଶାଳୀ ପାଲଟିଛି , ଯାହାକି ସମାନ ଷ୍ଟକ୍ ଓ ବଣ୍ଡକୁ ପଛରେ ପକାଇ। ଭାରତ ସ୍ୱାଧୀନତା ପାଇଲା ପରେ ୧୦ ଗ୍ରାମ ସୁନାର ମୂଲ୍ୟ ଟ ୮୮.୬୨ ଥିଲା। ୧୯୬୪ ମସିହାରେ ମୂଲ୍ୟ ଆହୁରି ହ୍ରାସ ପାଇ ପ୍ରତି ୧୦ ଗ୍ରାମ ଟ୬୩.୨୫ କୁ ହ୍ରାସ ପାଇଥିଲା। ତଥାପି କିଛି ପରିବର୍ତ୍ତନ ସହିତ ସୁନାର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଭାରତର ସୁନା ଭଣ୍ଡାର ୨୦୨୫ ର ଚତୁର୍ଥ ତ୍ରୟମାସିକରେ ୮୮୦.୧୮ ଟନ୍ ରୁ ୨୦୨୬ ର ପ୍ରଥମ ତ୍ରୟମାସିକରେ ୮୮୦.୫୨ ଟନ୍ କୁ ବୃଦ୍ଧି ପାଇଛି। ୨୦୦୦ ରୁ ୨୦୨୬ ପର୍ଯ୍ୟନ୍ତ ଭାରତର ସୁନା ଭଣ୍ଡାର ହାରାହାରି ୫୪୦.୯୮ ଟନ୍ ଥିଲା। ୨୦୨୬ ର ପ୍ରଥମ ତ୍ରୟମାସରେ ଏହା ୮୮୦.୫୨ ଟନ୍ ର ଶୀର୍ଷରେ ପହଞ୍ଚିଥିଲା।

୨୦୦୧ ମସିହାର ଦ୍ୱିତୀୟ ତ୍ରୟମାସରେ ଏହା ସର୍ବନିମ୍ନ ୩୫୭.୭୫ ଟନ୍ ସ୍ତରକୁ ପହଞ୍ଚିଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଆମେରିକାର ସୁନା ଭଣ୍ଡାର ୮,୧୩୩ ଟନ୍, ଚୀନର ୨,୩୧୩ ଟନ୍, ରୁଷର ୨,୩୦୫ ଟନ୍ ଓ ଭାରତର ୮୮୧ ଟନ୍ ଥିଲା। ଏହାର ଅର୍ଥ ହେଉଛି ଭାରତରେ ଜାପାନ (୮୪୬ ଟନ୍) ଏବଂ ୟୁକେ (୩୧୦ ଟନ୍) ଅପେକ୍ଷା ଅଧିକ ସୁନା ଅଛି।

ଏହା ସତ୍ୟ ଯେ ଭାରତର ଅଧିକାଂଶ ଜନସଂଖ୍ୟା ସୀମିତ ସମ୍ବଳରେ ବଞ୍ଚି ରହିଛି। ତଥାପି ସେମାନେ ସୁନା କିଣିବା ଓ ଏହାର ମୂଲ୍ୟ ନିର୍ବିଶେଷରେ ଏହାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ କରିବାକୁ ଉପାୟ ଖୋଜନ୍ତି। ସୁନା କିଛି ପରମ୍ପରାର ଏକ ଅତ୍ୟନ୍ତ ଭାବପ୍ରବଣ ଅଂଶ। ଏହା ଏକ ଚର୍ଚ୍ଚିତ ଐତିହ୍ୟ ହୋଇ ରହିଛି। ଭାରତରେ ସୁନା ଅପେକ୍ଷା ବଡ଼ ସ୍ଥିତି ପ୍ରତୀକ ଆଉ କିଛି ନାହିଁ। ଭାରତୀୟମାନେ ଏହାକୁ ପ୍ରଦର୍ଶନ କରିବାକୁ ପଛାଇ ନାହାଁନ୍ତି। ସୁନାକୁ ସବୁଠାରୁ ନିରାପଦ ନିବେଶ ବୋଲି ବିବେଚନା କରାଯାଏ। ଭାରତୀୟମାନଙ୍କୁ ଖରାପ ସମୟରେ ସୁରକ୍ଷା ପ୍ରଦାନ କରୁଥିବା ସୁନାର ଏହି ଗୁଣ ଏକ ନିବେଶ ଭାବରେ କିଣିବାକୁ ପ୍ରେରଣା ଦେଇଛି। ଏକ ବହୁତ ବୁଦ୍ଧିମାନ ପସନ୍ଦ ଭାବରେ ସୁନା ଧରି ରଖିବା ବିବେଚନା କରାଯାଏ। ଏହାହିଁ ଭାରତୀୟମାନଙ୍କ ଦ୍ୱାରା ରଖାଯାଇଥିବା ସୁନା ପରିମାଣରେ ପ୍ରତିଫଳିତ ହୁଏ। ସୁନାକୁ ସାଧାରଣତଃ ଏକ ବିଶ୍ୱ ରିଜର୍ଭ ଭାବରେ ବ୍ୟବହୃତ କରାଯାଏ, ଅର୍ଥାତ୍ ଭୌତିକ ମୁଦ୍ରାର ହ୍ରାସ ସମୟରେ ଏହା ଏକ ନିରାପଦ ଆଶ୍ରୟସ୍ଥଳ।

ଏହା ବୁଝିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଏହି ଦୁଇଟି ଧାରଣା - ଘରୋଇ ସୁନାର ମୂଲ୍ୟ ଓ ଭାରତର ଜିଡିପି (GDP )- "ଷ୍ଟକ୍" ଓ "ପ୍ରବାହ" ଧାରଣା ଦୃଷ୍ଟିରୁ ମୌଳିକ ଭାବରେ ଭିନ୍ନ। ଯଦିଓ ଘରୋଇ ସୁନା ବ୍ୟାପକ ଭାବରେ ଏପରି ସମ୍ପତ୍ତିକୁ ପ୍ରତିନିଧିତ୍ୱ କରେ, ଯାହା ସମୟ ସହିତ ସଂଗୃହିତ ହୋଇଛି। ଏବେ ବି ରହିଛି ଜିଡିପି (GDP) ହେଉଛି ଏକ ବର୍ଷ ମଧ୍ୟରେ ଏକ ଅର୍ଥନୀତିରେ ଉତ୍ପାଦିତ ସାମଗ୍ରୀ ଓ ସେବାର ମୂଲ୍ୟ। ଆମକୁ ଏହା ମଧ୍ୟ ମନେ ରଖିବାକୁ ପଡିବ ଯେ ସୁନା ମୂଲ୍ୟରେ ପରିବର୍ତ୍ତନ ସୁନାର ମୂଲ୍ୟକୁ ପରିବର୍ତ୍ତନ କରିବ। କିନ୍ତୁ କଦାପି ଅର୍ଥନୈତିକ ଉତ୍ପାଦକତାକୁ ପ୍ରତିନିଧିତ୍ୱ କରିବ ନାହିଁ।

ବିଶ୍ୱ ସୁନା ପରିଷଦ ଅନୁଯାୟୀ ଗତ ୧୫ ବର୍ଷ ମଧ୍ୟରେ ଭାରତୀୟ ମହିଳାମାନେ ପ୍ରାୟ ୫୯୦ ବିଲିୟନ ଡଲାର ମୂଲ୍ୟର ୧୨.୦୦୦ ଟନ୍ ରୁ ଅଧିକ ସୁନା କିଣିଛନ୍ତି। ଆଜିର ବଜାର ମୂଲ୍ୟରେ ଏହା ପ୍ରାୟ ୧୬୨୬ ବିଲିୟନ ଡଲାର ମୂଲ୍ୟ। ୨୦୨୬ ଆରମ୍ଭ ସୁଦ୍ଧା, ଭାରତୀୟ ପରିବାରମାନଙ୍କ ପାଖରେ ଥିବା ସୁନାର ମୂଲ୍ୟ ଅଭୂତପୂର୍ବ ସ୍ତରରେ ପହଞ୍ଚିଛି, ଯାହା ୫ ଟ୍ରିଲିୟନ ଡଲାର ଅତିକ୍ରମ କରିଛି। ଏହି ସଂଖ୍ୟା ସେହି ସମୟ ପାଇଁ ଭାରତର ଆକଳନ କରାଯାଇଥିବା ନାମମାତ୍ର ଜିଡିପି (GDP ) (ପ୍ରାୟ ୪.୧ ଟ୍ରିଲିୟନ ଡଲାରରୁ ୪.୨ ଟ୍ରିଲିୟନ ଡଲାର ) ଠାରୁ ଅଧିକ।

ଭାରତୀୟ ପରିବାରଗୁଡ଼ିକ ପ୍ରାୟ ୩୦.୦୦୦ ଟନ୍ ସୁନାର ମାଲିକ। ଅକ୍ଟୋବର ୨୦୨୫ ମସିହାର ମୋର୍ଗାନ୍ ଷ୍ଟାନଲି ରିପୋର୍ଟରେ ଏପରି ମଧ୍ୟ କୁହାଯାଇଛି ଯେ ଭାରତୀୟ ଘରେ ସୁନାର ମୋଟ ପରିମାଣ ୩୪,୬୦୦ ଟନ୍! ଏହି ସୁନାର ମୂଲ୍ୟ ଭାରତର ବାର୍ଷିକ ଜିଡିପି (GDP) ର ପ୍ରାୟ ୧୨୦ ରୁ ୧୨୫ ପ୍ରତିଶତ। ବିଶ୍ୱ ସ୍ତରରେ ଭାରତୀୟ ପରିବାର ବିଶ୍ୱର ମୋଟ ସୁନା ଭଣ୍ଡାରର ପ୍ରାୟ ୧୧ ରୁ ୧୪ ପ୍ରତିଶତ ଧାରଣ କରନ୍ତି। ଏହି ସୁନା ଶତାବ୍ଦୀ ପୁରୁଣା ସଞ୍ଚୟ, ସାଂସ୍କୃତିକ ଐତିହ୍ୟ ଏବଂ ସୁରକ୍ଷାର ପ୍ରତୀକ। ଦୈନନ୍ଦିନ ଖର୍ଚ୍ଚ ପୂରଣ କରିପାରୁଥିବା ତରଳ ନିବେଶ ନୁହେଁ। ଅର୍ଥନୀତିର ମୋଟ ଉତ୍ପାଦନ ଅପେକ୍ଷା ଏହି ସୁନା ଅଧିକ ମୂଲ୍ୟବାନ। ତଥାପି ଏହା ମୁଖ୍ୟତଃ ବ୍ୟକ୍ତିଗତ ଘର ଓ ମନ୍ଦିରରେ ଗଚ୍ଛିତ ରହିଛି। ଏହା ନୀତି ନିର୍ମାତାମାନଙ୍କ ପାଇଁ ଏହାକୁ ମୁଦ୍ରୀକରଣ କରିବା କିମ୍ବା ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାରେ ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରେ।

ତଥାପି ବିଶ୍ୱରେ ବ୍ୟକ୍ତିଗତ ଭାବରେ ରଖାଯାଇଥିବା ଏହି ସୁନା ଭଣ୍ଡାର ପରିବାରର ଆର୍ଥିକ ସମ୍ପତ୍ତିର ସବୁଠାରୁ ବଡ଼ ଉତ୍ସ ମଧ୍ୟରୁ ଗୋଟିଏ। ଏକ ନିର୍ଭରଯୋଗ୍ୟ ବୀମା ଓ ମୁଦ୍ରାସ୍ଫୀତି ବିରୁଦ୍ଧରେ ସୁନା ଏକ ହେଜ୍ ଭାବରେ କାର୍ଯ୍ୟ କରେ। ତେଣୁ ଭାରତୀୟ ଅନେକ ପରିବାର ପାଇଁ, ଉଚ୍ଚ ମୁଦ୍ରାସ୍ଫୀତି ଓ ଆର୍ଥିକ ଆଘାତ ସତ୍ତ୍ୱେ, ସୁନା ବ୍ୟାଙ୍କ ଜମା କିମ୍ବା ଇକ୍ୱିଟି ଅପେକ୍ଷା ଅଧିକ ମୂଲ୍ୟବାନ ହୋଇ ରହିଛି। ସୁନା ସର୍ବଦା ଏକ ମୂଲ୍ୟବାନ ସମ୍ପତ୍ତି ହୋଇ ରହିଛି ଓ ରହିଥିବ, ଏହା ନିଃସନ୍ଦେହରେ କୁହାଯାଇପାରେ...!!!


ତାରା ନିଳୟ, ପ୍ଲଟ:୮୫୪/ଏ, ଲକ୍ଷ୍ମୀନାରାୟଣ ବିହାର,
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା:୫୫, ମୋବାଇଲ୍:୯୦୪୦ ୧୫୧୪୭

## ଆଇପିଏଲ୍ ଫ୍ରାଞ୍ଚାଇଜ୍ ବିବାଦ

# ଶଶିଙ୍କ ସୁରକ୍ଷାରେ ଓହ୍ଲାଇଥିଲା ୟୁପିଏ

### ଲଳିତ ମୋଦିଙ୍କ ବୟାନକୁ ନେଇ ଚାଞ୍ଚଲ୍ୟ



ନୂଆଦିଲ୍ଲୀ, ୪।୬: ୨୦୧୦ରେ ଇଣ୍ଡିଆନ ପ୍ରିମିଅର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ କୋଚି ଟସ୍କର୍ସ ସହିତ ଜଡ଼ିତ ବିବାଦ ସମ୍ପର୍କରେ ପୂର୍ବତନ ଆଇପିଏଲ୍ ଅଧ୍ୟକ୍ଷ ଲଳିତ ମୋଦି ଚାଞ୍ଚଲ୍ୟକର ମନ୍ତବ୍ୟ ଦେଇଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ୨୦୧୦ ଆଇପିଏଲ କୋଚି ଦୁର୍ନୀତିରେ ଥରୁରଙ୍କ ପକ୍ଷରେ ସମଗ୍ର କଂଗ୍ରେସ ଏବଂ ତତ୍କାଳୀନ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆସିଥିଲେ।

ଯେତେବେଳେ ସେ ଥରୁରଙ୍କ ସ୍ୱର୍ଗତ ପତ୍ନୀ ସୁନନ୍ଦା ପୁଷ୍କରଙ୍କ ସହିତ ଜଡ଼ିତ ଏକ କଥିତ ଠକେଇ ଇକ୍ୱିଟି ଗଠନ ଉପରେ କୋଚି କନସୋର୍ଟିୟମ୍‌ର ଟୁର୍ଣ୍ଣାମେଣ୍ଟରେ ପ୍ରବେଶକୁ ରୋକିବାକୁ ଚେଷ୍ଟା କରିଥିଲେ, ସେତେବେଳେ କ୍ଷମତାସୀନ ୟୁପିଏ ସରକାରଙ୍କ ସମଗ୍ର କଳ ତାଙ୍କୁ ତଳକୁ ଆଣିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଶଶି ଥରୁରଙ୍କୁ କିଏ ରକ୍ଷା କରୁଛନ୍ତି ବୋଲି ପଚରାଯିବାରୁ ଲଳିତ କହିଥିଲେ, ସୋନିଆ ଗାନ୍ଧୀ। ମୋତେ ସବୁ ପଟରୁ ଟାର୍ଗେଟ କରାଯାଇଥିଲା। ମୁଁ ଅହମ୍ମଦ ପଟେଲଙ୍କଠାରୁ ଫୋନ୍ ପାଉଥିଲି। ସେହି ସମୟରେ ପ୍ରଣବ ମୁଖାର୍ଜୀଙ୍କଠାରୁ ଫୋନ୍ ପାଉଥିଲି। ମୁଁ ସମସ୍ତଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଥିଲି। ରାଜୀବ ଶୁକ୍ଳା ମୋ ପାଖକୁ ଆସି ମୋତେ ଏହା କର ତାହା କର କରିବାକୁ କହୁଥିଲେ।

ଲଳିତଙ୍କ ଅନୁସାରେ ବିବାଦ ଆରମ୍ଭ ହୋଇଥିଲା ଯେତେବେଳେ ସେ କୋଚି କନସୋର୍ଟିୟମ ଦ୍ୱାରା ଉପସ୍ଥାପିତ କଥିତ ତ୍ରୁଟିପୂର୍ଣ୍ଣ ଆର୍ଥିକ ମଡେଲକୁ ଗ୍ରହଣ କରିବାକୁ ମନା କରିଥିଲେ। ତାଙ୍କ ଅନୁସାରେ, ଗୋଷ୍ଠୀଟି ୩୫୦ ନିୟୁତ ଡଲାରର ଏକ ବଡ଼ ବିଡ୍ କରି ଦଳକୁ ଅଧିଗ୍ରହଣ କରିଥିଲା, କିନ୍ତୁ ଏହାର ଆର୍ଥିକ ମଡେଲ ସମ୍ପୂର୍ଣ୍ଣ ସନ୍ଦେହଜନକ ଥିଲା। ପୂର୍ବତନ ଆଇପିଏଲ୍ ଅଧ୍ୟକ୍ଷଙ୍କ ଅନୁଯାୟୀ, ଯେତେବେଳେ ‘ସୁନନ୍ଦା ପୁଷ୍କର’ ନାମକ ଜଣେ ଅଜଣା ମହିଳାଙ୍କୁ କୌଣସି ନିବେଶ ବିନା ମାଗଣାରେ ୨୫% ଇକ୍ୱିଟି ପ୍ରଦାନ କରାଯାଇଥିଲା, ସେତେବେଳେ ସସ୍‌ପେନ୍ସ ଆହୁରି ବୃଦ୍ଧି ପାଇଥିଲା। ଲଳିତ ମୋଦିଙ୍କ ଅନୁଯାୟୀ, ଯେତେବେଳେ ସେ ଏହି ‘ସ୍ୟାଡୋ ହୋଲଡର’ଙ୍କ ପରିଚୟ ଉପରେ ପ୍ରଶ୍ନ ଉଠାଇ ଫ୍ରାଞ୍ଚାଇଜ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ମନା କରିଥିଲେ, ସେତେବେଳେ ସେ ତତ୍କାଳୀନ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଶଶି ଥରୁରଙ୍କଠାରୁ ଏକ ଫୋନ୍ ଆସିଥିଲା।

ଲଳିତ ମୋଦି ଥରୁରଙ୍କ ଉପରେ ସଙ୍ଗୀନ୍ ଆରୋପ ଆଣିଛନ୍ତି। ସେ କହିଛନ୍ତି ଯେ, ଶଶି ଥରୁର ତାଙ୍କୁ ସୁନନ୍ଦାଙ୍କ ବିଷୟରେ ପ୍ରଶ୍ନ ନ କରିବାକୁ କହିଥିଲେ। ଶଶି କହିଥିଲେ ଯେ, ଯଦି ତୁମେ ସୁନନ୍ଦାଙ୍କ ବିଷୟରେ ଅଧିକ ପ୍ରଶ୍ନ ପଚାରିବ, ତେବେ ମୁଁ ତମ ଘର ଉପରେ ରେଡ୍ କରାଇଦେବି।

# ମୌସୁମୀ ବର୍ଷାରେ ଭିଜିଲା କେରଳମ୍



### ପହଞ୍ଚିଲା ନଅଦିନ ବିଳମ୍ବରେ

### କେତେକ ରାଜ୍ୟରେ ପ୍ରାକ୍-ମୌସୁମୀ ବର୍ଷା

ନୂଆଦିଲ୍ଲୀ,୪।୬: କେରଳମ୍ ଛୁଇଁଲା ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମେ’୨୬ ମୌସୁମୀ କେରଳମ୍ ଛୁଇଁବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଥିଲା। କିନ୍ତୁ ଏହା ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ନଅ ଦିନ ବିଳମ୍ବରେ ପହଞ୍ଚିଥିଲା। ଏଥର ବିଳମ୍ବରେ କେରଳମ୍ ଛୁଇଁଛି ମୌସୁମୀ ବାୟୁ। ସାଧାରଣତଃ, ମୌସୁମୀ ଜୁନ୍ ୧ ସୁଦ୍ଧା କେରଳମରେ ପହଞ୍ଚିଥାଏ ଏବଂ ପରବର୍ତ୍ତୀ ସମୟରେ ପ୍ରାୟ ଦେଢ଼ ମାସ ମଧ୍ୟରେ ସମଗ୍ର ଦେଶକୁ ବ୍ୟାପିଥାଏ।

ଏହି ସମୟରେ ଅନେକ ରାଜ୍ୟରେ ପ୍ରାକ୍ ମୌସୁମୀ କାର୍ଯ୍ୟକଳାପ ତୀବ୍ର ହୋଇଛି ଏବଂ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ବର୍ଷା, ବଜ୍ରପାତ ଏବଂ ପ୍ରବଳ ପବନ ଜାରି ରହିବାର ସମ୍ଭାବନା ରହିଛି। କେରଳମରେ ଆଗାମୀ ସାତ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ତାମିଲନାଡୁ ଏବଂ କର୍ଣ୍ଣାଟକର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। କେରଳମର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇସାରିଛି, ଯାହା ଫଳରେ ଆଲାପୁଝା, କୋଜିକୋଡ଼ ଏବଂ ଏର୍ଣ୍ଣାକୁଲମ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଅରେଞ୍ଜ ଆଲର୍ଟ ୧୧ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ସୂଚିତ କରେ।

ଓଡ଼ିଶା, ରାଜସ୍ଥାନ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଦିଲ୍ଲୀ ଏବଂ ତେଲେଙ୍ଗାନା ସମେତ ୨୪ଟି ରାଜ୍ୟରେ ବର୍ଷା, ଝଡ଼ବର୍ଷା ଏବଂ ପ୍ରବଳ ପବନ ପାଇଁ ଆଇଏମଡି ସତର୍କତା ଜାରି କରିଛି। ରାଜସ୍ଥାନ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା, କୁଆପଥର ବର୍ଷା ଏବଂ ପ୍ରବଳ ପବନ ପାଇଁ ସତର୍କତା ଜାରି କରାଯାଇଛି, ଯେତେବେଳେ ଦିଲ୍ଲୀ ପାଇଁ ଆଗାମୀ ଦୁଇ ଦିନ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

## ହସ୍ପିଟାଲ ଆଇସିୟୁରେ ନିଆଁ, ୩ ରୋଗୀ ମୃତ

ନୂଆଦିଲ୍ଲୀ, ୪।୬: ଦିଲ୍ଲୀ ମାଲବ୍ୟ ନଗରରେ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟଣା ଲୋକଙ୍କ ମନରୁ ଲିଭିନାହିଁ। ବୁଧବାର ଘଟିଥିବା ଅଗ୍ନିକାଣ୍ଡରେ ୨୦ରୁ ଅଧିକ ଲୋକେ ପ୍ରାଣ ହରାଇଥିଲେ। ଏହି ଘଟଣାର ୨୪ ଘଣ୍ଟା ନପୁରୁଣୁ ବିହାରର ଏକ ହସ୍ପିଟାଲରେ ଭୟଙ୍କର ନିଆଁ ଲାଗିଛି। ବିହାରର ମୁଜଫରପୁରରେ ଥିବା ଏକ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତିନି ଜଣ ରୋଗୀ ପ୍ରାଣ ହରାଇଛନ୍ତି। ଏହାସହ ଆହୁରି ଅନେକ ଆହତ ହୋଇଛନ୍ତି। ଉଦ୍ଧାର ହୋଇଥିବା ଅନେକ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁରୁବାର ସକାଳେ ହିଁ ମୁଜଫରପୁର ବ୍ରହ୍ମପୁରାରେ ଥିବା ପ୍ରସାଦ ହସ୍ପିଟାଲରେ ନିଆଁ ଲାଗିଯାଇଥିଲା। ଫଳରେ ଆତଙ୍କ ଖେଳିଯାଇଥିଲା। ହସ୍ପିଟାଲର ପଞ୍ଚମ ମହଲାରେ ଥିବା ଆଇସିୟୁରେ ପ୍ରଥମେ ନିଆଁ ଲାଗିଥିଲା। ଏହାପରେ ହସ୍ପିଟାଲର ସାରା ବିଲ୍ଡିଂରେ ଧୂଆଁ ଖେଳିଯାଇଥିଲା।

ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ସର୍ଟ ସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଏବେସୁଦ୍ଧା ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଗୁରୁତର ରହିଛନ୍ତି। ଏବେବି ଅଗ୍ନିଶମ ବିଭାଗର ୧୨ରୁ ଅଧିକ ଗାଡି ଘଟଣାସ୍ଥଳରେ ଉପସ୍ଥିତ ରହି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। କିଛି କିଛି ରୋଗୀଙ୍କୁ ହସ୍ପିଟାଲର ଝରକା ଦେଇ ଉଦ୍ଧାର କରାଯାଉଛି।

## ସିଏମ୍ ଡି. ଶିବକୁମାରଙ୍କ ଉପହାର

## ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା



ବେଙ୍ଗାଲୁରୁ, ୪।୬: କର୍ଣ୍ଣାଟକ ନୂଆ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ବୁଧବାର ଦାୟିତ୍ୱଗ୍ରହଣ କରିବା ପରେ ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ଯାତ୍ରା ପାଇଁ ପାସ୍ ଦିଆଯିବ ବୋଲି ଘୋଷଣା କରିଛନ୍ତି। ସରକାରଙ୍କ ଏହି ଯୋଜନାରେ ଉଭୟ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ସାମିଲ ହେବେ ବୋଲି କୁହାଯାଇଛି। ଶିବକୁମାର ତାଙ୍କର ପ୍ରଥମ କ୍ୟାବିନେଟ୍ ବ୍ରିଫିଙ୍ଗରେ ଏହି ଘୋଷଣା କରିଥିବା ବେଳେ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ମାଗଣା ପରିବହନ କେବଳ ଝିଅ ଓ ମହିଳାଙ୍କ ପାଇଁ ସୀମିତ କାହିଁକି ବୋଲି ପ୍ରଶ୍ନ ହେଉଥିଲା। ଏଣୁ ଏହାକୁ ସମ୍ପ୍ରସାରଣ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେବେ ଏହି ଯୋଜନା ଆରମ୍ଭ ହେବ ଛାତ୍ରଛାତ୍ରୀଙ୍କୁ ବସ୍ ପାସ୍ ପାଇଁ ଆବେଦନ କରିବାକୁ ପଡିବ। ଶିବକୁମାର କହିଛନ୍ତି ଯେ ଏହା ଯୁବକମାନଙ୍କ ସମୟ। ଛାତ୍ର ପଚାରୁଥିଲେ ମାଗଣା ବସ୍ ପରିବହନ କେବଳ ଛାତ୍ରୀଙ୍କ ପାଇଁ କାହିଁକି? ତେବେ ଆମେ ସବୁ ଛାତ୍ରଛାତ୍ରୀଙ୍କୁ ବିନା କୌଣସି ଶୁଳ୍କରେ ବସ୍ ପରିବହନ ଯୋଗାଇ ଦେବୁ। ସବୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ପାସ୍ ମାଗଣା ଯୋଗାଇ ଦିଆଯିବ। ଏହା ଡି.କେ.ଶିବକୁମାରଙ୍କ ମନ୍ତ୍ରୀମଣ୍ଡଳର ପ୍ରଥମ ନିଷ୍ପତ୍ତି ବୋଲି ସେ କହିଛନ୍ତି।

## ପୁଣି ଏକାଠି ହେବ ଶିବସେନା!

ମୁମ୍ବାଇ, ୪।୬: ପ୍ରାୟ ୪ ବର୍ଷ ପୂର୍ବେ ଏକନାଥ ସିନ୍ଦେ ଓ ଅନ୍ୟ ୪୦ ବିଧାୟକଙ୍କ ବିଦ୍ରୋହ କାରଣରୁ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡିଥିଲା ଓ ପାର୍ଟି ଦୁଇଫାଳ ହୋଇଯାଇଥିଲା। ଏବେ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ ବୁଝାମଣା ସମ୍ଭାବନାକୁ ନେଇ ରାଜନୈତିକ



ଅଙ୍କକଷା ଆରମ୍ଭ ହୋଇଗଲାଣି। ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ରିପୋର୍ଟ ଅନୁସାରେ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ବରିଷ୍ଠ ନେତାମାନେ ପାର୍ଟିର ପୁନର୍ମିଳନ ବିଷୟରେ ସଂକେତ ଦେଉଛନ୍ତି। ଏହି ବାର୍ତ୍ତା ଏପରି ସମୟରେ ହେଉଛି ଯେତେବେଳେ ମହାରାଷ୍ଟ୍ର ରାଜନୀତିରେ ବିଜେପିର ପ୍ରଭାବ ବଢୁଥିବା ଭଳି ଦେଖା ଯାଉଛି। ଏହି ଚର୍ଚ୍ଚାର ଆରମ୍ଭ ଶିବସେନା ୟୁବିଟି ନେତା ଅମ୍ବାଦାସ ଦାନୱେ ଓ ସିନ୍ଦେଗୋଷ୍ଠୀର ବରିଷ୍ଠ ନେତା ଅବଦୁଲ ସତ୍ତାରଙ୍କ ବୟାନରୁ ଆରମ୍ଭ ହୋଇଛି। ଯେତେବେଳେ ଦୁଇ ନେତାଙ୍କୁ ଉଭୟ ଗୋଷ୍ଠୀର ପୁନର୍ମିଳନ ନେଇ ପଚରା ଗଲା ଦାନୱେ କହିଛନ୍ତି ଯେ ‘ପ୍ରାୟତଃ ଏମିତି ଲାଗେ, ହେଲେ କେବଳ ଇଚ୍ଛାରେ ପରିବର୍ତ୍ତନ ଆସିବ ନାହିଁ’। ଏଥିରୁ ସଂକେତ ମିଳୁଛି ଯେ ଉଦ୍ଧବ ଗୋଷ୍ଠୀର କିଛି ନେତା ପାର୍ଟିର ବିଭାଜିତ ଗୋଷ୍ଠୀର ପୁନର୍ମିଳନ ସମ୍ଭାବନାକୁ ନେଇ ଏବେ ଖୋଲାଖୋଲି ବିଚାର କରୁଛନ୍ତି। ସେହିଭଳି ସତ୍ତାର ମଧ୍ୟ ଏହି ଭାବନାକୁ ଦୋହରାଇ କହିଛନ୍ତି ଯେ ଏବେ ଏକତାର ସମୟ।

## ସମ୍ବିଧାନ ବିଶେଷଜ୍ଞ ସୁଭାଷ ସି କଶ୍ୟପଙ୍କ ଦେହାନ୍ତ

ନୂଆଦିଲ୍ଲୀ, ୪।୬: ସମ୍ବିଧାନ ବିଶେଷଜ୍ଞ ତଥା ପଦ୍ମ ଭୂଷଣ ଡା. ସୁଭାଷ ସି କଶ୍ୟପଙ୍କ ପରଲୋକ। ୯୭ ବର୍ଷ ବୟସରେ ଶେଷ ନିଶ୍ୱାସ ନେଇଛନ୍ତି। ଖବର ମୁତାବକ, ସୁଭାଷ କଶ୍ୟପଙ୍କ ମୃତ୍ୟୁ କାର୍ଡିଓ-ପଲ୍ମୋନାରୀ କାରଣ



ଯୋଗୁଁ ହୋଇଛି। ଡା. ସୁଭାଷ କଶ୍ୟପ ଜଣେ ଜଣାଶୁଣା ସମ୍ବିଧାନିକ ବିଶେଷଜ୍ଞ, ରାଜନୀତିଜ୍ଞ ଏବଂ ସଂସଦୀୟ ମାମଲାର ବିଶେଷଜ୍ଞ ଥିଲେ।

ସୁଭାଷ କଶ୍ୟପଙ୍କ ଜନ୍ମ ୧୦ ମଇ ୧୯୨୯ରେ ହୋଇଥିଲା। ଭାରତୀୟ ସଂସଦ ସହିତ ଜଡିତ ଅନେକ ଦାୟିତ୍ୱ ସମ୍ଭାଳିଥିଲେ। ୧୯୮୪ରୁ ୧୯୯୦ ଯାଏ ୭ମ, ୮ମ, ୯ମ ଲୋକସଭାର ମହାସଚିବ ରହିଥିଲେ। ୧୯୫୩ରେ ସଂସଦ ସଚିବାଳୟରେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ। ଦୀର୍ଘ ୩୭ ବର୍ଷ ଯାଏଁ ସଂସଦ ସହିତ ଜଡ଼ିତ ଥିଲେ। ଭାରତୀୟ ସମ୍ବିଧାନ, ସଂସଦୀୟ ପ୍ରକ୍ରିୟା ଏବଂ ସାମ୍ବିଧାନିକ ଆଇନର ପ୍ରମୁଖ ଥିଲେ। ସେ ଜେନଭା ସ୍ଥିତ ଇଣ୍ଟରନ୍ୟାସନାଲ ସେଣ୍ଟର ଫର ପାର୍ଲିୟାମେଣ୍ଟ୍ରି ଡକ୍ୟୁମେଣ୍ଟସନର ନେତୃତ୍ୱ କରିଥିଲେ। ସୁଭାଷ କଶ୍ୟପ ଭାରତ ସରକାରଙ୍କ ପାଇଁ ପଞ୍ଚାୟତ ରାଜ ଆଇନ ଏବଂ ସଂସ୍କାର ପରାମର୍ଶଦାତା ଥିଲେ। ଏହାସହିତ ସମ୍ବିଧାନ କାର୍ଯ୍ୟପ୍ରଣାଳୀର ସମୀକ୍ଷା ପାଇଁ ଗଠିତ ରାଷ୍ଟ୍ରୀୟ ଆୟୋଗର ସଦସ୍ୟ ଏବଂ ଡ୍ରାଫିଂ ଆଣ୍ଡ ଏଡିଟରିଆଲ କମିଟର ଅଧ୍ୟକ୍ଷ ଥିଲେ। ସାର୍ବଜନୀନ ମାମଲାରେ ସୁଭାଷ କଶ୍ୟପଙ୍କ ଯୋଗଦାନ ପାଇଁ ଭାରତ ସରକାର ତାଙ୍କୁ ୨୦୧୫ରେ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ। ସେ ଦୀର୍ଘଦିନରୁ ଭାରତୀୟ ରାଷ୍ଟ୍ରୀୟ ବାର୍ ଆସୋସିଏସନର ଅଧ୍ୟକ୍ଷ ରହିଥିଲେ।

## ଟ୍ରମ୍ପଙ୍କୁ ଶକ୍ତ ଝଟ୍‌କା

# ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଯୁଦ୍ଧ-କ୍ଷମତା ପ୍ରସ୍ତାବ ପାରିତ



ସପକ୍ଷରେ ଭୋଟ୍ ଦେଲେ ଦଳୀୟ ସଦସ୍ୟ

ୱାଶିଂଟନ୍, ୪।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟକା। ପଦାରେ ପଡ଼ିଲା ରାଷ୍ଟ୍ରପତି ଟ୍ରମ୍ପଙ୍କ ଇରାନ ନୀତି ପ୍ରତି ବଢୁଥିବା ଅସନ୍ତୋଷ। ଇରାନ ବିରୋଧରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ରୋକିବା ପାଇଁ ଆମେରିକୀୟ ସଂସଦର ନିମ୍ନ ସଦନ ବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ କ୍ଷମତା ପ୍ରସ୍ତାବ ପାରିତ ହୋଇଛି। ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନର କିଛି ସାଂସଦ ବିରୋଧୀ ଡେମୋକ୍ରାଟ୍ସଙ୍କ ସହ ମିଶି ଏହି ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଛନ୍ତି।

ବୁଧବାର ଆମେରିକା ସଂସଦରେ ଆଗତ ହୋଇଥିବା ଏହି ବିଲ୍ ସପକ୍ଷରେ ୨୧୫ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୨୦୮ଟି ଭୋଟ୍ ପଡ଼ିଥିଲା। ରିପବ୍ଲିକାନ୍ ପାର୍ଟିର ୪ ଜଣ ସାଂସଦ ଥୋମାସ୍ ମାସି, ବ୍ରାଏନ୍ ଫିଟ୍‌ଜପ୍ୟାଟ୍ରିକ୍, ଟମ୍ ବାରେଟ୍ ଏବଂ ୱାରେନ୍ ଡେଭିଡସନ୍ ଦଳୀୟ ଶୃଙ୍ଖଳା ଭାଙ୍ଗି ଡେମୋକ୍ରାଟ୍ସଙ୍କ ସମର୍ଥନରେ ଆସିଥିଲେ। ଯାହା ଫଳରେ ଏହି ପ୍ରସ୍ତାବଟି ସଂଖ୍ୟାଗରିଷ୍ଠତା ହାସଲ କରି ପାରିତ ହୋଇଥିଲା।

୧୯୭୩ମସିହାରେତିଆରିହୋଇଥିବା ଏହିଆଇନଅନୁଯାୟୀ, କଂଗ୍ରେସର (ଆମେରିକା ସଂସଦ) ସ୍ୱୀକୃତି ବିନା ରାଷ୍ଟ୍ରପତି ନିଜ ଇଚ୍ଛାରେ ୬୦ ଦିନରୁ ଅଧିକ ସମୟ ଧରି କୌଣସି ବିଦେଶୀ ରାଷ୍ଟ୍ରରେ ସାମରିକ କାର୍ଯ୍ୟାନୁଷ୍ଠାନ ବା ଯୁଦ୍ଧ ଜାରି ରଖିପାରିବେ ନାହିଁ। ଇରାନ ସହ ଚାଲିଥିବା ବିବାଦ ୯୦ ଦିନ ଅତିକ୍ରମ କରିସାରିଥିବାରୁ ଏହି ପ୍ରସ୍ତାବ ଆଗତ କରାଯାଇଥିଲା। ବିରୋଧୀଙ୍କ କହିବା ଅନୁଯାୟୀ, ଏହି ଯୁଦ୍ଧ ଆମେରିକାର ଟିକସଦାତାଙ୍କର ପ୍ରାୟ ୧୦୦ ବିଲିୟନ୍ ଡଲାର ଖର୍ଚ୍ଚ କରାଇସାରିଲାଣି ଏବଂ ଏହାର କୌଣସି ନିର୍ଦ୍ଦିଷ୍ଟ ଅନ୍ତ ଦେଖାଯାଉନାହିଁ।

# ୨୯ କୋଟିର ଜମିକୁ ୪୫ କୋଟିରେ କିଣିଲା ବିଜେପି



### ୫୫୦୦ ବର୍ଗ ମିଟର ଜମିରେ ହେବ ବିଜେପି ମୁଖ୍ୟ କାର୍ଯ୍ୟାଳୟ

### ଉପର ମହଲାରେ ରହିବ ହେଲିପ୍ୟାଡ୍

ଲକ୍ଷ୍ନୌ,୪।୬: ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ପ୍ରତିଷ୍ଠା ହେବ ବିଜେପିର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ। ଏହାର ରାଜ୍ୟ ମୁଖ୍ୟାଳୟ ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଛି। ତିନି ଜଣ ବିଲ୍ଡରଙ୍କୁ ପଛରେ ପକାଇ ୟୁପି ବିଜେପି ଜିଜାମାଇରେ ୫୫୦୦ ବର୍ଗ ମିଟର ଜମି କିଣିବା ପାଇଁ ୪୫ କୋଟି ନିଲାମ କରିଛି। ଲାଇଭ୍ ହିନ୍ଦୁସ୍ତାନ ରିପୋର୍ଟ ଅନୁସାରେ, ଲକ୍ଷ୍ନୌ ଉନ୍ନୟନ କର୍ତ୍ତୃପକ୍ଷ (ଏଲଡିଏ) ଗତମାସରେ ଲକ୍ଷ୍ନୌ ନଗର ନିଗମରୁ ଏହି ଜମି ୨୯ କୋଟିରେ ଅଧିଗ୍ରହଣ କରିଥିଲା। କିନ୍ତୁ ବିଜେପି ଏହାକୁ ୪୫ କୋଟି ସର୍ବୋଚ୍ଚ ନିଲାମ ଦେଇ ହାସଲ କରିନେଇଛି।

ଏଲଡିଏ ମାତ୍ର ଗୋଟିଏ ମାସରେ ୧୯ କୋଟି ଲାଭ କରିଥିଲା। ନିଲାମରେ ଅଂଶଗ୍ରହଣ କରୁଥିବା ତିନୋଟି ପ୍ରମୁଖ ବିଲ୍ଡର ଗୋଷ୍ଠୀ ମଧ୍ୟରେ ଭାରତୀୟ ଜନତା ପାର୍ଟି ଥିଲା। ଅନଲାଇନ୍ ନିଲାମରେ ସର୍ବାଧିକ ମୂଲ୍ୟରେ ବିଡ୍ ଦେଇ ବିଜେପି ଏହି ପ୍ଲଟକୁ ସୁରକ୍ଷିତ କରିଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜୁଲାଇରେ ଏଠାରେ କାର୍ଯ୍ୟାଳୟ ନିର୍ମାଣ ଉଦଘାଟନ କରିବାର ଆଶା କରାଯାଉଛି। ଏହି ପ୍ଲଟରେ ଅତ୍ୟାଧୁନିକ ସୁବିଧା ସହିତ ସଜ୍ଜିତ ଏକ ୬ ମହଲା ବିଶିଷ୍ଟ ରାଜ୍ୟ ମୁଖ୍ୟାଳୟ ନିର୍ମାଣ କରିବାକୁ ପ୍ରସ୍ତୁତି କରୁଛି ବିଜେପି। ପ୍ରସ୍ତାବିତ କୋଠାରେ ପ୍ରଶାସନିକ କାର୍ଯ୍ୟାଳୟ, ବୈଠକ କକ୍ଷ, ସମ୍ମିଳନୀ ସୁବିଧା ଏବଂ ଅନ୍ୟାନ୍ୟ ଆଧୁନିକ ସୁବିଧା ରହିବ। ସୂତ୍ର ଅନୁଯାୟୀ, ଜାତୀୟସ୍ତରୀୟ ନେତାଙ୍କ ଯାତାୟାତକୁ ସହଜ କରିବା ପାଇଁ କୋଠାର ଉପର ମହଲାରେ ଏକ ହେଲିପ୍ୟାଡ୍ ବିକଶିତ କରିବାର ଯୋଜନା ମଧ୍ୟ ରହିଛି। ଜମି ଫେରସ୍ତ ପରେ ସମ୍ପୂର୍ଣ୍ଣ ରଣନୀତି ପରିବର୍ତ୍ତନ ହୋଇଥିଲା। ଏହି ପ୍ଲଟ୍ ପ୍ରଥମେ ପୌର ନିଗମ ଦୀନଦୟାଲ ଉପାଧ୍ୟାୟ ସେବା ଟ୍ରଷ୍ଟକୁ ଆବଣ୍ଟିତ କରିଥିଲା।

୨୦୨୦ ମସିହାରେ ପୌର ନିଗମ ୯୦ ବର୍ଷର ଲିଜରେ ଟ୍ରଷ୍ଟକୁ ପ୍ରାୟ ୫,୫୦୦ ବର୍ଗ ମିଟର ଜମି ପ୍ରଦାନ କରିଥିଲା। ପରେ ଏହାକୁ ଫ୍ରିହୋଲ୍ଡ କରିବା ପାଇଁ ଏକ ପ୍ରସ୍ତାବ ପାରିତ ହୋଇଥିଲା ଯାହା ଦ୍ୱାରା ସେଠାରେ ବିଜେପିର ରାଜ୍ୟ ମୁଖ୍ୟାଳୟ ନିର୍ମାଣ କରାଯାଇପାରିବ। ତଥାପି ୭ ଏପ୍ରିଲରେ ଟ୍ରଷ୍ଟ ସଦସ୍ୟ କୃଷ୍ଣ କୁମାର ଦୀକ୍ଷିତ ବଜେଟ୍ ସୀମାକୁ ଦର୍ଶାଇ ନଗର ନିଗମକୁ ଏକ ଚିଠି ପଠାଇ ଜମି ଫେରାଇବାକୁ ନିଷ୍ପତ୍ତି ନେଇଥିଲେ।

ଏହା ପରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଏକ ନୂତନ ମୋଡ଼ ନେଇଥିଲା। ଏଲଡିଏ ଡିଏମ୍ ସର୍କଲ୍ ହାରର ଦୁଇଗୁଣରେ ଜମି କିଣିଥିଲା। ଏଲଡିଏ ଉପାଧ୍ୟକ୍ଷ ପ୍ରଥମେଶ କୁମାର ପୌର କମିଶନର ଗୌରବ କୁମାରଙ୍କୁ ଏକ ଚିଠି ପଠାଇଥିଲେ। ତାଙ୍କୁ ପ୍ଲଟ୍ ସର୍କଲ୍ ହାରର ଦୁଇଗୁଣରେ ଏଲଡିଏକୁ ହସ୍ତାନ୍ତର କରିବାକୁ ଅନୁରୋଧ କରାଯାଇଥିଲା। ମ୍ୟୁନିସିପାଲ କର୍ପୋରେସନ ହାଉସ ମଧ୍ୟ ଜମିକୁ ଏଲଡିଏକୁ ହସ୍ତାନ୍ତର କରିବା ପ୍ରସ୍ତାବକୁ ଅନୁମୋଦନ କରିଛି। ଏହା ପରେ ଏଲଡିଏ ଜମିକୁ ନିଜ ଦଖଲକୁ ନେଇ ନିଲାମ ପ୍ରକ୍ରିୟା ଆରମ୍ଭ କରିଛି।

# ଯୁଦ୍ଧ ବିରତି ପାଇଁ ଇସ୍ରାଏଲ-ଲେବାନନ ରାଜି



ଆଲୋଚନାରେ ହିଜବୁଲ୍ଲାକୁ ଡକାଗଲାନି

ନୂଆଦିଲ୍ଲୀ, ୪।୬: ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଶାନ୍ତି ଫେରିବାକୁ ଯାଉଛି। ଆମେରିକାର ମଧ୍ୟସ୍ଥତା କାରଣରୁ ଦୁଇଦେଶ ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି। ୱାଶିଂଟନରେ ହୋଇଥିବା ଆଲୋଚନାରେ ଉଭୟ ପକ୍ଷ ଦୀର୍ଘଦିନ ଧରି ଜାରି ରହିଥିବା ହିଂସା ଏବଂ ସଂଘର୍ଷରେ ବିରାମ ଲଗାଇବାକୁ ସହମତି ପ୍ରକାଶ କରିଛନ୍ତି। କିନ୍ତୁ ଆଲୋଚନାରେ ହିଜବୁଲ୍ଲାକୁ ସାମିଲ କରାଯାଇ ନଥିଲା। କିନ୍ତୁ ଯୁଦ୍ଧ ବିରତିର ଅନେକ ସର୍ତ୍ତ ହିଜବୁଲ୍ଲାକୁ ଟାର୍ଗେଟ୍ କରାଯାଇଛି। ଶାନ୍ତିଚୁକ୍ତିରେ କୁହାଯାଇଛି ଯେ, ହିଜବୁଲ୍ଲା ଗୁଳିମାଡ ବନ୍ଦ କରିବା ପରେ ହିଁ ଯୁଦ୍ଧ ବିରତି ଲାଗୁହେବ। ଏହାସହ ଲିଟାନୀ ନଦୀ ପାଖରୁ ହିଜବୁଲ୍ଲାକୁ ନିଜର ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ହଟାଇବାକୁ ହେବ। ଏଠାରେ କେବଳ ଲେବାନନ ସେନାର ନିୟନ୍ତ୍ରଣ ରହିବ। କୌଣସି ଅଣ ସରକାରୀ ଗୋଷ୍ଠୀକୁ ଏଠାରେ ପ୍ରବେଶ ଅନୁମତି ଦିଆଯିବ ନାହିଁ।

ଚୁକ୍ତି ଅନୁସାରେ ଦକ୍ଷିଣ ଲେବାନନରେ ସ୍ୱତନ୍ତ୍ର ପାଇଲଟ୍ ସିକ୍ୟୁରିଟି ଜୋନ୍ ନିର୍ମାଣ କରାଯିବ। ଏଠାରେ ଲେବାନନ ସେନାକୁ କିଛି ଅଧିକାର ପ୍ରଦାନ କରାଯିବ। ଫଳରେ ସୁରକ୍ଷା ବ୍ୟବସ୍ଥା ସରକାରୀ ନିୟନ୍ତ୍ରଣରେ ରହିବ। ଆମେରିକା ମଧ୍ୟ ଏହି ପଦକ୍ଷେପକୁ ଶାନ୍ତି ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ବିଷୟ କହିଛି।

ଆମେରିକା ତରଫରୁ କୁହାଯାଇଛି ଯେ, ଲିଟାନୀ ନଦୀ ପାଖରେ ହିଜବୁଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ବ୍ୟାନ୍ କରାଯିବ। ସେମାନେ ଗୁଳିମାଡ ବନ୍ଦ କରିବା ପାଇଁ ଚାପ ପକାଯିବ। ହିଜବୁଲ୍ଲା ପକ୍ଷରୁ ଗୁଳିମାଡ ବନ୍ଦ ହେଲେ ହିଁ ଯୁଦ୍ଧ ବିରତି ଲାଗୁ ହେବ। ଏବେବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ବୁଧବାର ଦକ୍ଷିଣ ଲେବାନନରେ ଇସ୍ରାଏଲ ଡ୍ରୋନ୍ ଆକ୍ରମଣ କରିଥିଲା। ଯେଉଁଥିରେ ୬ ଜଣ ପ୍ରାଣ ହରାଇଥିଲେ।

## ୪ ହାଇକୋର୍ଟରେ ହେବ ୧୨ ଜଜ୍‌ଙ୍କ ନିଯୁକ୍ତି



ନୂଆଦିଲ୍ଲୀ,୪।୬: ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ୪ ରାଜ୍ୟଙ୍କ ହାଇକୋର୍ଟରେ ଖାଲିଥିବା ୧୨ ଜଜ୍ ପଦବୀରେ ନିଯୁକ୍ତି ଲାଗି ମଞ୍ଜୁରୀ ମିଳିଛି।ଏଥିରେ ବିଚାରବିଭାଗୀୟ ଅଧିକାରୀ ଏବଂ ଓକିଲଙ୍କୁ ପଦୋନ୍ନତି ଦେଇ ଜଜ୍ ନିଯୁକ୍ତି କରିବା ସହିତ ଅତିରିକ୍ତ ଜଜ୍ ମାନଙ୍କୁ ସ୍ଥାୟୀ କରିବାକୁ ମଧ୍ୟ ମଞ୍ଜୁରୀ ମିଳିଛି। କଲେଜିୟମଙ୍କ ଏହି ମଞ୍ଜୁରୀର ସମ୍ବନ୍ଧ କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ ଓ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ସମ୍ପର୍କିତ। ପ୍ରଧାନବିଚାରପତି (ସିଜେଆଇ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଲେଜିୟମ ବୈଠକରେ ଚିରାଗ ଭାନୁ ସିଂହ, ଭୂପେଶ ଶର୍ମା ଓ ଯୋଗେଶ ଜୟସ୍ୱାଲଙ୍କ ନାମକୁ ହିମାଚଳ ପ୍ରଦେଶ ହାଇକୋର୍ଟ ବିଚାରପତି ଭାବେ ଅନୁମୋଦନ କରାଯାଇଛି।

ସେହିପରି କଲେଜିୟମ ଅତିରିକ୍ତ ବିଚାରପତି ଜଷ୍ଟିସ୍ ହରମୀତ ସିଂହ ଗ୍ରେୱାଲ ଓ ଜଷ୍ଟିସ୍ ଦୀପେନ୍ଦ୍ର ସିଂହ ନଲୱାଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏହା ଛଡ଼ା ୬ ଜଣ ଓକିଲ ରାଘବେନ୍ଦ୍ର ସୀତାରାମ ଶ୍ରୀବତ୍ସ, ହେମା କୁଲକର୍ଣ୍ଣି, ସୁବ୍ରମଣ୍ୟ ରଙ୍ଗାରାଓ, ଟି.ପି.ବିବେକାନନ୍ଦ, ବଙ୍କେଶ୍ୱର ପ୍ରମୋଦ ଓ ଏଚ.ଜି.ଶାନ୍ତିଭୂଷଣଙ୍କୁ କର୍ଣ୍ଣାଟକ ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଲାଗି ପ୍ରସ୍ତାବକୁ ସ୍ୱୀକୃତି ଦେଇଛନ୍ତି।

ସେହିପରି ଓକିଲ ଅମିତ ଲାହୋଟୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟରେ ବିଚାରପତି ନିଯୁକ୍ତି ଲାଗି ପ୍ରସ୍ତାବକୁ ଅନୁମତି ମିଳିଛି। ଦେଶର ହାଇକୋର୍ଟମାନଙ୍କରେ ବିଚାରପତିଙ୍କ ଅଭାବ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରୁଛି। କୋର୍ଟଙ୍କ ଉପରେ ବଢ଼ି ଚାଲିଥିବା ମାମଲା ଚାପକୁ ଦୃଷ୍ଟିରେ ରଖି ୪ ରାଜ୍ୟଙ୍କ ଉଚ୍ଚନ୍ୟାୟାଳୟରେ ରିକ୍ତ ବିଚାରପତି ପଦବୀ ପୂରଣ ନିମନ୍ତେ କଲେଜିୟମ ନିଷ୍ପତ୍ତି ନେଇଛନ୍ତି। ସେହି ଅନୁସାରେ ଓକିଲ, ବିଚାରବିଭାଗୀୟ ଅଧିକାରୀ ଓ ଅତିରିକ୍ତ ବିଚାରପତିଙ୍କ ପଦୋନ୍ନତିକୁ ସ୍ୱୀକୃତି ଦେଇଛନ୍ତି।

# ରାଜ୍ୟସଭା ଆସନ କଂଗ୍ରେସକୁ ବାଣ୍ଟିଲା ଟିଭିକେ



ନୂଆଦିଲ୍ଲୀ, ୨।୬: ତାମିଲଗା ଭେଟ୍ରି କାଜାଘାମ୍ (ଟିଭିକେ) ନେତୃତ୍ୱାଧୀନ ମେଣ୍ଟ ଜୁନ ୧୮ରେ ହେବାକୁ ଥିବା ଦ୍ୱି-ବାର୍ଷିକ ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜ୍ୟସଭା ସିଟ୍ ନିଜ ସହଯୋଗୀ କଂଗ୍ରେସକୁ ଆବଣ୍ଟିତ କରିଛି। କଂଗ୍ରେସ ସୂତ୍ର ଅନୁସାରେ, ଏଆଇସିସି ପଦାଧିକାରୀ ପ୍ରବୀଣ ଚକ୍ରବର୍ତ୍ତୀ ଶୁକ୍ରବାର ଅଥବା ସୋମବାର ଏହି ଆସନରୁ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିପାରନ୍ତି। ମେଣ୍ଟ ଏକ ବୟାନରେ ଘୋଷଣା କରିଛି ଯେ, ତାମିଲନାଡୁରୁ ଖାଲି ହୋଇଥିବା ତଥା ଆଗାମୀ ରାଜ୍ୟସଭା ନିର୍ବାଚନରେ ପୂରଣ ହେବାକୁ ଥିବା ଆସନକୁ ଟିଭିକେ ମେଣ୍ଟରେ ହୋଇଥିବା ଆସନ ବଣ୍ଟନ ବ୍ୟବସ୍ଥା ଅନୁସାରେ କଂଗ୍ରେସକୁ ଆବଣ୍ଟିତ କରାଯାଇଛି। ଏଆଇଏଡିଏମକେ ନେତା ସି.ଭେ. ସନମୁଗମଙ୍କ ଇସ୍ତଫା କାରଣରୁ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି।

କଂଗ୍ରେସର ତାମିଲନାଡୁ ନିର୍ବାଚନ ପ୍ରଭାରୀ ଗିରିଶ ଚୋଣ୍ଡକର ବୁଧବାର ସକାଳେ ଏ ନେଇ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଭେଟିଥିଲେ। ଏହି ସାକ୍ଷାତ ଆଲୋଚନାରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଏହି ସିଟ୍ କଂଗ୍ରେସକୁ ଆବଣ୍ଟିତ କରିବାକୁ ଅନୁରୋଧ କରିଥିଲେ ଓ କହିଥିଲେ ଯେ ଏହା ଦ୍ୱାରା ସଂସଦ ଓ ରାଜ୍ୟସଭାରେ ସହାୟତା ମିଳିବ। ସେ କହିଛନ୍ତି ଯେ, ମୋତେ ଲାଗୁଛି ମୁଖ୍ୟମନ୍ତ୍ରୀ ଆମ ନିବେଦନ ଉପରେ ବିଚାର କରିବେ। ରାଜ୍ୟସଭା ପ୍ରାର୍ଥୀଙ୍କ ନାମ କଂଗ୍ରେସ ପାର୍ଟିର କେନ୍ଦ୍ରୀୟ ନିର୍ବାଚନ ପ୍ରାଧିକରଣ ଚୂଡ଼ାନ୍ତ କରିବେ।

# ସବୁ ଘରେ ଚାଲୁଛି ଏସି-କୁଲର୍, ବିଜୁଳି ବିଲ୍ ଜିରୋ



ମୁମ୍ବାଇ, ୪।୬: ଦେଶର ଏମିତି ଏକ ଗାଁ, ଯେଉଁଠି ସବୁ ଘରେ ଚାଲୁଛି ଏସି-କୁଲର୍, କିନ୍ତୁ ବିଜୁଳି ବିଲ୍ ‘ଜିରୋ’ ! ଆଜିର ଆଧୁନିକ ଯୁଗରେ ବିଜୁଳି କାଟ୍ ଏବଂ ଆକାଶଛୁଆଁ ବିଜୁଳି ବିଲ୍ କୁ ନେଇ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ। ଗ୍ରୀଷ୍ମ ଋତୁ ଆସିଲେ ଏସି ଏବଂ କୁଲର୍ ଚଲାଇବା ପୂର୍ବରୁ ଲୋକଙ୍କୁ ଶହେ ଥର ଭାବିବାକୁ ପଡ଼େ। କିନ୍ତୁ କଳ୍ପନା କରନ୍ତୁ ଏମିତି ଗୋଟିଏ ଗାଁ ଯେଉଁଠି ପ୍ରତିଟି ଘରେ ଏସି, କୁଲର୍, ଟିଭି, ଫ୍ରିଜ୍ ଭଳି ସବୁ ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ୨୪ ଘଣ୍ଟା ଧରି ଚାଲୁଛି, ହେଲେ ମାସ ଶେଷରେ ବିଜୁଳି ବିଲ୍ ଆସୁଛି ବିଲକୁଲ୍ ଶୂନ୍ ଅର୍ଥାତ୍ ଜିରୋ! ଆଶ୍ଚର୍ଯ୍ୟ ଲାଗୁଛି ନା? କିନ୍ତୁ ଏହା ସତ। ମହାରାଷ୍ଟ୍ରର ସତାରା ଜିଲ୍ଲାରେ ଥିବା ଏକ ଛୋଟ ଗାଁ ‘ମାନ୍ୟାଚିୱାଡ଼ି’ ଆଜି ସାରା ଦେଶ ପାଇଁ ଏକ ଉଦାହରଣ ସାଜିଛି। ଏହା ହେଉଛି ମହାରାଷ୍ଟ୍ରର ପ୍ରଥମ ୧୦୦ ପ୍ରତିଶତ ସୋଲାର ପାୱାର୍ଡ ବା ସୌରଶକ୍ତି ଚାଳିତ ଗାଁ। ସୋଲାର ଏନର୍ଜି ବଦଳାଇଦେଲା ଗାଁର ଭାଗ୍ୟ।

ପାଟନ ତହସିଲ୍ ଅନ୍ତର୍ଗତ ଏହି ଛୋଟ ଗାଁର ଜନସଂଖ୍ୟା ମାତ୍ର ୪୨୦ ଏବଂ ଏଠାରେ ମୋଟ୍ ୧୦୨ଟି ଘର ରହିଛି। ଆଉ ସବୁଠାରୁ ବଡ଼ କଥା ହେଲା, ପ୍ରତ୍ୟେକ ଘରର ଛାତ ଉପରେ ଶୋଭା ପାଉଛି ରୁଫ୍ ଟପ୍ ସୋଲାର ପ୍ୟାନେଲ୍। କେବଳ ଲୋକଙ୍କ ଘର ନୁହେଁ, ବରଂ ଗାଁର ସ୍କୁଲ୍, ଗ୍ରାମ ପଞ୍ଚାୟତ ଅଫିସ୍, ଅଙ୍ଗନୱାଡ଼ି, ଷ୍ଟ୍ରିଟ୍ ଲାଇଟ୍, ପାଣି ସପ୍ଲାଇ ଏବଂ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟ ଚାଲୁଛି ଏହି ସୌରଶକ୍ତିରେ। ଏଠି ମନରେ ପ୍ରଶ୍ନ ଆସୁଥିବ ଯେ ଏହି ବଡ଼ ପରିବର୍ତ୍ତନ ଆସିଲା କେମିତି ? ଏହା ପଛରେ ରହିଛି ଗାଁର ମହିଳା ଶକ୍ତିର ଏକ ବଡ଼ ଅବଦାନ। ଦିନେ ବିଜୁଳି କାଟରେ ଅତିଷ୍ଠ ହୋଇ ଗାଁର ମହିଳାମାନେ ଏହାକୁ ବଦଳାଇବାକୁ ସଙ୍କଳ୍ପ ନେଇଥିଲେ। ଗ୍ରାମ ପଞ୍ଚାୟତର ସହଯୋଗ ଏବଂ କେନ୍ଦ୍ର ସରକାରଙ୍କ ‘ପିଏମ୍ ସୂର୍ଯ୍ୟ ଘର ଯୋଜନା’ ମାଧ୍ୟମରେ ଆଜି ଏହି ଗାଁ ଆତ୍ମନିର୍ଭରଶୀଳ ହୋଇପାରିଛି। ଗାଁର ଏହି ସଫଳତାକୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି।

ବିଶେଷ କଥା ହେଉଛି, ମାନ୍ୟାଚୀୱାଡ଼ି କେବଳ ବିଜୁଳି କ୍ଷେତ୍ରରେ ନୁହେଁ, ବରଂ ସବୁ କ୍ଷେତ୍ରରେ ବିକାଶ ପାଇଁ ଜଣାଶୁଣା। ୨୦୦୧ ମସିହାରେ ଗ୍ରାମ ପଞ୍ଚାୟତ ଗଠନ ହେବା ପରେ ଏହି ଗାଁକୁ ଏପର୍ଯ୍ୟନ୍ତ ୭୬ରୁ ଅଧିକ ପୁରସ୍କାର ମିଳିସାରିଲାଣି। ଏହି ସ୍ମାର୍ଟ ଭିଲେଜରେ ଏଭଳି କିଛି ସୁବିଧା ଅଛି, ଯାହା ବଡ଼ ବଡ଼ ସହରରେ ବି ଦେଖିବାକୁ ମିଳେନାହିଁ। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏଠାରେ ପଶୁମାନଙ୍କ ପାଇଁ ରହିଛି ବ୍ୟୁଟି ପାର୍ଲର। ଗୋରୁଗାଈଙ୍କ ସଫାସୁତୁରା ଓ ଯତ୍ନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ରାସ୍ତାଘାଟକୁ ସଫା ରଖିବାକୁ ଏବଂ ଗୁଟଖା ଛେପ ଫୋପାଡ଼ିବା ଲାଗି ସ୍ୱତନ୍ତ୍ର ସ୍ଥାନରେ ୱାଶ୍ ବେସିନ୍ ଲଗାଯାଇଛି।

# ସୌର ଶକ୍ତି ବ୍ୟବହାରରେ ଓଡ଼ିଶା ଦେଶରେ ଅଗ୍ରଣୀ

## ମିଳିଲା 'ପିଏମ୍ ସୂର୍ଯ୍ୟ ଘର' ଜାତୀୟ ପୁରସ୍କାର



**ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ) :** ସୌର ଶକ୍ତି କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ବଡ଼ ସଫଳତା ହାସଲ କରିଛି। କେନ୍ଦ୍ର ସରକାରଙ୍କ 'ପିଏମ୍ ସୂର୍ଯ୍ୟ ଘରः ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ଓଡ଼ିଶାକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ପୁରସ୍କାର ମିଳିଛି । କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ବିଶେଷ ଅଭିଯାନରେ ଓଡ଼ିଶା ଦେଶର ଅନ୍ୟ ସମସ୍ତ ରାଜ୍ୟକୁ ପଛରେ ପକାଇ ଦେଇଛି।

ଘର ଛାତ ଉପରେ ସୌର ପ୍ରକଳ୍ପ ଲଗାଇବା କ୍ଷେତ୍ରରେ ଓଡ଼ିଶା, ସର୍ବାଧିକ ଗ୍ରାହକଙ୍କ ଆବେଦନରେ ପ୍ରଥମ ସ୍ଥାନ, ସର୍ବାଧିକ ସୌର ପ୍ରକଳ୍ପ ସ୍ଥାପନରେ ପ୍ରଥମ ସ୍ଥାନ, ସର୍ବାଧିକ ଥର ବିଦ୍ୟୁତ ବିତରଣ କମ୍ପାନୀ ଯାଞ୍ଚରେ ପ୍ରଥମ ସ୍ଥାନ, ଓ ସର୍ବାଧିକ ଭେଣ୍ଡର ପଞ୍ଜୀକରଣରେ ତୃତୀୟ ସ୍ଥାନ ଅଧିକାର କରିଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କଠାରୁ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଲବ କେଶରୀ ପ୍ରଧାନ ଏବଂ ବିଦ୍ୟୁତ ବିତରଣ କମ୍ପାନୀର ଅଧିକାରୀମାନେ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

ଏହି ସଫଳତା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଖୁସି ବ୍ୟକ୍ତ କରିବା ସହ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଉଦାହରଣ ସାଜିଛି । ଏହା ଦ୍ୱାରା ରାଜ୍ୟ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବ। ରାଜ୍ୟ ସରକାରଙ୍କ ସହଯୋଗ ଏବଂ ସହଜ ନୀତି ଯୋଗୁଁ ଆଜି ହଜାର ହଜାର ପରିବାର ନିଜ ଘରେ ସୋଲାର ପ୍ୟାନେଲ ଲଗାଇ 'ଶୂନ୍ୟ ବିଦ୍ୟୁତ ବିଲ୍'ର ଲାଭ ଉଠାଉଛନ୍ତି। ୨୦୨୭ ସୁଦ୍ଧା ରାଜ୍ୟର ୩ ଲକ୍ଷ ପରିବାର ପାଖରେ ସୌର ଶକ୍ତି ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ପୁଣି ବିବାଦରେ ନବୀନ ଜୈନ

**ଟିଟିଲାଗଡ, ୪।୬ (ସଂଚାର ବ୍ୟୁରୋ) :** ଏସ୍ଆଇଆର୍ ସଂପର୍କିତ ନିଜ ମନ୍ତବ୍ୟକୁ ନେଇ ଅଡୁଆରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ୍। ଭାଇରାଲ୍ ହେଉଥିବା ଏକ ଭିଡିଓରେ ବିଧାୟକ ନିଜ ସମର୍ଥକଙ୍କୁ କହୁଛନ୍ତି, ଏସଆଇଆର ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀ ଘରକୁ ଘର ବୁଲିବେ। ତାଙ୍କ ସାଂଗରେ ଆମ ଲୋକ ବି ବୁଲିବାର ଅଛି। ଯେଉଁମାନେ ଆମକୁ



ଭୋଟ ଦିଅନ୍ତି ନାହିଁ, ସେମାନଙ୍କୁ ଆମେ କାହିଁକି ତାଲିକାରେ ରଖିବା? ଯାହାର ବାପା ଅଜା ମରିଗଲେଣି, ତାଙ୍କୁ ବି ଲିଷ୍ଟରୁ କଟାଇଦେବା। ଯେଉଁମାନେ ୨୦-୨୨ ବର୍ଷ ଧରି ଅଲଗା ଜାଗାରେ ରହୁଛନ୍ତି, ତାଙ୍କୁ ବି ଭୋଟ୍ ଲିଷ୍ଟରୁ କାଟିଦେବା। ବିଧାୟକଙ୍କ ଏହି ଭିଡିଓ ଭାଇରାଲ୍ ହେବା ପରେ ସରଗରମ ହୋଇଛି ରାଜନୀତି। ବିରୋଧୀ ବିଜେଡି ଓ କଂଗ୍ରେସ ତରଫରୁ ଏ ସଂପର୍କରେ ଟିଟିଲାଗଡ଼ ଥାନାରେ ଅଭିଯୋଗ କରାଯାଇଛି। ଏଭଳି ମନ୍ତବ୍ୟକୁ ନେଇ, ବିଧାୟକଙ୍କୁ ନିର୍ବାଚନ କମିଶନ୍ କାରଣ ଦର୍ଶାଅ ନୋଟିସ ଜାରି କରିବା ଉଚିତ୍ ବୋଲି ଦାବି କରିଛି କଂଗ୍ରେସ୍। ସେପଟେ ସ୍ପଷ୍ଟୀକରଣ ରଖି ନବୀନ ଜୈନ୍ କହିଛନ୍ତି, ସେ ଏଭଳି କୌଣସି ମନ୍ତବ୍ୟ ଦେଇନାହାନ୍ତି। ବିରୋଧୀ ତିଳକୁ ତାଳ କରୁଛନ୍ତି। ଅନ୍ୟପକ୍ଷରେ ବିଧାୟକଙ୍କ ଏଭଳି ମନ୍ତବ୍ୟ ସଂର୍ପକରେ ତାଙ୍କ ପାଖରେ କୌଣସି ଖବର ନଥିବା କହିଛନ୍ତି ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳ।

## ୨୨ ବସ୍ତା କଫ୍ ସିରପ୍ ଜବତ, ୨ ଗିରଫ

**ପଦ୍ମପୁର, ୪।୬ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ପୋଲିସବିପୁଳ ପରିମାଣର କଫ୍ ସିରପ୍ ଜବତ କରିବା ସହ ୨ ଜଣ ଅଭିଯୁକ୍ତ ମାନସ ପାଣ୍ଡେ ଓ ଶରତ ଚନ୍ଦ୍ର ତୁଙ୍ଗଙ୍କୁ ଗିରଫ କରିଛି। ଚଢ଼ାଉ ସମୟରେ ଓଡି ଜିରୋ୨ ଡିପି ୪୭୪୫ ନମ୍ବର ଥିବା ଗାଡିକୁ ଅଟକାଇ ଯାଞ୍ଚ କରାଯାଇ ଗାଡ଼ି ଭିତରୁ ୨୨ଟି ବସ୍ତା ଜବତ କରାଯାଇଛି। ପ୍ରତ୍ୟେକ ବସ୍ତାରେ ୩ କାର୍ଟୁନ୍ ଲେଖାଏ ଯେଉଁଥିରେ ପ୍ରତି କାର୍ଟୁନ୍‌ରେ ୧୦ ବୋତଲ ହିସାବରେ ସର୍ବମୋଟ ୭,୯୨୦ ବୋତଲ 'ୱିନସେରେକ୍ସ' କଫ୍ ସିରପ୍ ଜବତ ହୋଇଛି। ଏହି ଚୋରା ଚାଲାଣରେ ବ୍ୟବହୃତ ଗାଡ଼ିକୁ ପୁଲିସ୍ ଜବତ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକଙ୍କ ପାଇଁ...

ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପୁଲିସ୍ ବାହିନୀକୁ ଜନ-ଅଭିମୁଖୀ ହେବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁଲିସ୍ ସାଧାରଣ ଲୋକଙ୍କ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ ଏବଂ ଅପରାଧୀଙ୍କ ପ୍ରତି କଠୋର ହୁଅନ୍ତୁ।

ଏଥିସହ ସେ ଚେତାବନୀ ଦେଇ କହିଛନ୍ତି, ଯେ କିଛି ଛୋଟ ଛୋଟ ଘଟଣା ପୋଲିସର ସାମଗ୍ରିକ ଭାବମୂର୍ତ୍ତି ଉପରେ ଆଞ୍ଚ ଆଣୁଛି। ସେଥିପାଇଁ ଆମ ପୁଲିସ୍ ବାହିନୀକୁ ଆହୁରି ସତର୍କ ଓ ସଂବେଦନଶୀଳ ହେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନଙ୍କ ଉପଯୁକ୍ତ ତାଲିମ ଉପରେ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନର ବଡ଼ ଆହ୍ୱାନ ସାଇବର ଓ ସଙ୍ଗଠିତ ଅପରାଧ ବିଷୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିକାଲି ସମଗ୍ର ବିଶ୍ୱରେ ସାଇବର ଅପରାଧ ଏବଂ ସଙ୍ଗଠିତ ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହାର ସଫଳ ମୁକାବିଲା ପାଇଁ ଆମକୁ ନୂତନ ପ୍ରଯୁକ୍ତିବିଦ୍ୟା ଆପଣେଇ ସକ୍ରିୟ ରହିବାକୁ ହେବ।

### ସରକାରୀ ଅଫିସରେ...

ଇଭି ଗାଡ଼ି ଭଡ଼ା ୭୦ହଜାର ଟଙ୍କା ଧାର୍ଯ୍ୟ ହୋଇଛି।

ସେହିପରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟାନ୍ୟ ବିଚାରପତି ଓ ମନ୍ତ୍ରୀମାନଙ୍କ ବ୍ୟବହାର ପାଇଁ ମାସିକ ସର୍ବାଧିକ ୮୦ହଜାର ଟଙ୍କା ପର୍ଯ୍ୟନ୍ତ ଇଭି ଗାଡ଼ି ଭଡ଼ାରେ ନିଆଯାଇପାରିବ ବୋଲି ଅର୍ଥ ବିଭାଗ କହିଛି। ଇଭି ଗାଡ଼ିର ମୂଳ ଭଡ଼ାରେ ଚାର୍ଜିଂ ଖର୍ଚ୍ଚ ସାମିଲ କରାଯାଇନାହିଁ। ସେବା ପ୍ରଦାନକାରୀ ସଂସ୍ଥାକୁ ଗାଡ଼ି ଚାର୍ଜିଂ ବାବଦରେ ପ୍ରତି କିମି ପିଛା ୨ ଟଙ୍କା ହିସାବରେ ଅତିରିକ୍ତ ଦେୟ ଦିଆଯିବ। ଯଦି ରାଜ୍ୟ ସରକାର ନିଜେ ଚାର୍ଜିଂ ଖର୍ଚ୍ଚ ବହନ କରନ୍ତି ତେବେ ସେବା ପ୍ରଦାନକାରୀ ସଂସ୍ଥାକୁ ଏହି ଚାର୍ଜିଂ ଅର୍ଥ ଦିଆଯିବ ନାହିଁ। ଏହି ଇଭି ଗାଡ଼ି ଭଡ଼ା ଆଗାମୀ ଦୁଇ ବର୍ଷ ପାଇଁ ଲାଗୁ ରହିବ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓଡ଼ିଶା ଅକ୍ଷୟଶକ୍ତି ବିକାଶ ଏଜେନ୍ସି (ଓରେଡ଼ା) ମାଧ୍ୟମରେ ଟେଣ୍ଡର ଦରରେ ସର୍ବାଧିକ ୩୦୦ଟି ଇଭି ଗାଡ଼ି ଭଡ଼ାରେ ଆଣିପାରିବେ। ଟେଣ୍ଡର ମାଧ୍ୟମରେ ଧାର୍ଯ୍ୟ ଭଡ଼ା ଦେୟକୁ ଓରେଡ଼ାକୁ ପ୍ରଦାନ କରିବେ। କେବଳ ମୂଳ ସରକାରୀ ଅଫିସ ନୁହେଁ, ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ସରକାରୀ ଉଦ୍ୟୋଗ, ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟ ଓ ସମିତିଗୁଡ଼ିକ ପାଇଁ ମଧ୍ୟ ଏହି ନିୟମ ସମାନ ଭାବେ କାର୍ଯ୍ୟକାରୀ ହେବ, ଯାହା ପ୍ରଶାସନିକ କ୍ଷେତ୍ରରେ ଏକ ବଡ଼ ପରିବେଶ ଅନୁକୂଳ ଓ ସୁଧାରମୂଳକ ପରିବର୍ତ୍ତନ ଆଣିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି।

### ମୂଳପୋଛ ହେବ...

ନେଇଛନ୍ତି। ଏଥିପାଇଁ ରାଜ୍ୟବ୍ୟାପୀ ଚଢ଼ାଉ ଓ ଯାଂଚ ପ୍ରକ୍ରିୟାକୁ ଅଧିକ ଗତିଶୀଳ ଓ କଡ଼ାକଡ଼ି କରିବା ନିମନ୍ତେ ତାଗିଦ୍ କରାଯାଇଛି।

ରାଜ୍ୟ ଖଣି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କୁ ଜୁନ୍ ୨ତାରିଖରେ ଇସ୍ପାତ ଓ ଖଣି ସଚିବ ଦେଓରଞ୍ଜନ ସିଂ ଚିଠି ଲେଖି ଏହି ଚଢ଼ାଉ ଅଭିଯାନରେ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ବେଆଇନ ଖଣି କାରବାରକୁ ପ୍ରଶ୍ରୟ ଦେଉଥିବା ଅବା କାର୍ଯ୍ୟରେ ଅବହେଳା କରୁଥିବାର ପ୍ରମାଣ ମିଳେ ତା'ହେଲେ ସମ୍ପୃକ୍ତ ଅଫିସରଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଶ୍ରୀ ସିଂ ଚେତାବନୀ ଦେଇଥିବା ଜଣାପଡ଼ିଛି। ରାଜ୍ୟ ଖଣି ନିର୍ଦ୍ଦେଶକଙ୍କୁ ଜରୁରୀ ଚିଠି ଲେଖି ଏହାକୁ କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ଲିଜ୍ ସୀମା ବାହାରେ ବେଆଇନ ଭାବେ ଖନନ କରିବା, ବୈଧ ଅନୁମତି ବିନା ଅଣଲିଜ୍ ଅଂଚଳରୁ ଖଣିଜ ଉତ୍ତୋଳନ କରିବା ଓ ପ୍ରକୃତ ଉତ୍ପାଦନ ପରିମାଣକୁ ଲୁଚାଇବା ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକ ଉପରେ କଠୋର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଖଣିଜ ପଦାର୍ଥର ଗ୍ରେଡ୍ ବା ମାନରେ ହେରଫେର କରି ରୟାଲଟି ଓ ନିଲାମ ପ୍ରିମିୟମ୍ ଆଦି ସରକାରୀ ପ୍ରାପ୍ୟ ଫାଙ୍କିବା ପାଇଁ ହେଉଥିବା ପ୍ରୟାସକୁ ଗମ୍ଭୀରତାର ସହ ଯାଞ୍ଚ କରିବାକୁ କୁହାଯାଇଛି। ବିଶେଷକରି ଖଣିଜ ପରିବହନ କ୍ଷେତ୍ରରେ ଚାଲିଥିବା ଅରାଜକତାକୁ ରୋକିବା ପାଇଁ ବିନା ବୈଧ ପରମିଟରେ ଗାଡ଼ି ଚଳାଚଳ, ଜାଲ୍ କାଗଜପତ୍ରର ବ୍ୟବହାର, ଅନଧିକୃତ କିମ୍ବା ବେଆଇନ ରୁଟରେ ଯାତାୟାତ ଓ ଓଭରଲୋଡିଂ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିବାକୁ ଖଣି ନିର୍ଦ୍ଦେଶକ ଓ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କେବଳ ସେତିକି ନୁହେଁ, ଏହି ବେଆଇନ କାରବାରର ଚେରକୁ ସମ୍ପୂର୍ଣ୍ଣ ମୂଳପୋଛ ପାଇଁ ରାଜ୍ୟର ସମସ୍ତ ଷ୍ଟକୟାର୍ଡ, ଡିପୋ, ମିନେରାଲ୍ ଟ୍ରେଡିଂ ପରିସର, ୱେବ୍ରିଜ୍, ରେଳ ସାଇଡିଂ ଓ ବନ୍ଦର ଅଂଚଳଗୁଡ଼ିକରେ କ୍ଷେତ୍ରାଧିକାରୀମାନଙ୍କ ଦ୍ୱାରା ନିୟମିତ ଓ ସରପ୍ରାଇଜ୍ ଯାଞ୍ଚ କରାଯିବ। ଏଥିସହିତ ପ୍ରଶାସନିକ ଓ ବିଭାଗସ୍ତରରେ ଥିବା ସରକାରୀ କର୍ମଚାରୀ ଓ ଅଫିସରମାନଙ୍କୁ ମଧ୍ୟ ତାଗିଦ୍ କରିଛନ୍ତି। ଖଣି ପ୍ରଶାସନ ଓ ଏନଫୋର୍ସମେଣ୍ଟ ଦାୟିତ୍ୱରେ ଥିବା କୌଣସି ବି କ୍ଷେତ୍ରାଧିକାରୀ ଯଦି ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରନ୍ତି, ଜାଣିଶୁଣି ନିୟମ ଉଲ୍ଲଂଘନକୁ ପ୍ରଶ୍ରୟ ଦିଅନ୍ତି କିମ୍ବା ଉପଯୁକ୍ତ ସମୟରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ବିଭାଗୀୟ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି।

### ଡିଏମଏଫ ପାଣ୍ଠି...

ମଧ୍ୟର ଅଞ୍ଚଳକୁ 'ପରୋକ୍ଷ ପ୍ରଭାବିତ ଅଞ୍ଚଳ' ଭାବେ ଗଣନା କରାଯିବ। ଡିଏମଏଫ ପାଣ୍ଠିର ୭୦ ପ୍ରତିଶତ ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ ଏବଂ ୩୦ ପ୍ରତିଶତ ପରୋକ୍ଷ ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ବ୍ୟୟ କରାଯିବ। ୨୫ କିଲୋମିଟର ବାହାରେ ଥିବା ଅଞ୍ଚଳରେ ଏହି ପାଣ୍ଠି ବ୍ୟବହାର କରାଯିବ ନାହିଁ। ନୂତନ ନୀତି ଅନୁସାରେ, ଖଣି ଯେଉଁ ଜିଲ୍ଲାରେ ଅବସ୍ଥିତ, ସେହି ଜିଲ୍ଲା ସମସ୍ତ ଡିଏମଏଫ ଅର୍ଥ ସଂଗ୍ରହ କରିବ। ପରେ ଖଣି ପ୍ରଭାବିତ ଅଞ୍ଚଳର ଭୌଗୋଳିକ ପରିସର ଆଧାରରେ ଅନ୍ୟ ଜିଲ୍ଲାଗୁଡ଼ିକୁ ସେମାନଙ୍କ ହକ୍‌ର ଅର୍ଥ ପ୍ରଦାନ କରାଯିବ। ଏଥିପାଇଁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର (ଓର୍ସାକ) ଖଣି ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବ ଏବଂ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକ ଏହାର ସମନ୍ୱୟ କରିବେ।

### ଆଇଜିଆଇଟି ସରାଙ୍ଗକୁ...

ପ୍ରାୟ ୪୫ ବର୍ଷର ଏକ ସମୃଦ୍ଧ ସେବା ଓ ଗୌରବର ଇତିହାସ ରହିଛି। ଏହା ବର୍ତ୍ତମାନ ୟୁଜିସି ଦ୍ୱାରା ସ୍ୱୟଂଶାସିତ ମାନ୍ୟତା ପ୍ରାପ୍ତ, ଏଆଇସିଟିଇ ଦ୍ୱାରା ଅନୁମୋଦିତ ଏବଂ ଏନବିଏ ଦ୍ୱାରା ମଧ୍ୟ ସ୍ୱୀକୃତିପ୍ରାପ୍ତ । ଏହା ସହିତ ଏହି ଅନୁଷ୍ଠାନ ବୈଷୟିକ ଶିକ୍ଷା ଗୁଣବତ୍ତା ସୁଧାର କାର୍ଯ୍ୟକ୍ରମ (ଟିଇକ୍ୟୁଆଇପି) ଦ୍ୱାରା ମଧ୍ୟ ସହାୟତା ପ୍ରାପ୍ତ, ଯାହା ଏହାର ଶିକ୍ଷାଗତ ବିଶ୍ୱସନୀୟତା ଓ ସାଂଗଠନିକ ଦକ୍ଷତାକୁ ଦର୍ଶାଉଛି। ଏହି ପ୍ରତିଷ୍ଠିତ ଅନୁଷ୍ଠାନରେ ପିଏଚଡି, ଏମଟେକ, ଏମସିଏ, ବିଟେକ, ବ୍ୟାଚଲର ଅଫ୍ ଆର୍କିଟେକଚର, ଏମ.ଏସସି ଏବଂ ଡିପ୍ଲୋମା ଭଳି ବିଭିନ୍ନ ଉଚ୍ଚକୋଟୀର ପାଠ୍ୟକ୍ରମର ସୁବିଧା ରହିଛି। ଏସବୁ ଯୋଗ୍ୟତାସମ୍ପନ୍ନ ଓ ଅଭିଜ୍ଞ ଅଧ୍ୟାପକ ତଥା ଦୃଢ଼ ଏକାଡେମିକ ଭିତ୍ତିଭୂମି ଦ୍ୱାରା ପରିଚାଳିତ ହେଉଛି । ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏହି ଅନୁଷ୍ଠାନ ଆଇଆଇଟି, ବମ୍ବେ ସହ ଏହାର 'ଭର୍ଚ୍ଚୁଆଲ ଲ୍ୟାବ୍' କାର୍ଯ୍ୟକ୍ରମ ପାଇଁ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସହ ଇଣ୍ଟର୍ନସିପ୍ ସୁଯୋଗ କ୍ଷେତ୍ରରେ ସଫଳତାର ସହ ଭାଗିଦାରୀ ରଖିଛି।

ଆଇଜିଆଇଟି ସରାଙ୍ଗ, ଢେଙ୍କାନାଳ ଏବଂ ଅନୁଗୋଳର ବୃହତ ଶିଳ୍ପାଞ୍ଚଳ ମଧ୍ୟରେ ଅବସ୍ଥିତ ଥିବାରୁ ଏହା ଶିଳ୍ପ ଆଧାରିତ ଜ୍ଞାନ, ଗବେଷଣା, ଇନୋଭେସନ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ପରିସଂସ୍ଥାନକୁ ଅଧିକ ବ୍ୟାପକ କରାଇବାର ମଧ୍ୟ ସମ୍ଭାବନା ରଖୁଛି। ଏହାକୁ ଏକକ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିଲେ ଅନୁଷ୍ଠାନର ଏକାଡେମିକ ସ୍ୱାୟତ୍ତତା ବୃଦ୍ଧି ପାଇବ, ଉନ୍ନତ ଗବେଷଣା ଓ ଇନୋଭେସନକୁ ପ୍ରୋତ୍ସାହନ ମିଳିବ। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ମିଳିବା ସହ ଦକ୍ଷ ପ୍ରଫେସରମାନଙ୍କୁ ଏଠାକୁ ଆସିବା ପାଇଁ ଆକୃଷ୍ଟ କରିବ, ଅନୁଷ୍ଠାନକୁ ଅଧିକ ପାଣ୍ଠି ମିଳିବା ସହ ଭାଗିଦାରୀ ମଧ୍ୟ ବଢ଼ିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

### ରୁଖାକୁ ଚଢ଼ିଗଲେଣି...

ସହ ନେଉନାହିଁ। ବିଜେଡିର ଏହି ଦୁଇ କର୍ମୀ ଯେଭଳି ପ୍ରତିଦିନ ଆସି ଏକାଧିକ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି ତାହା ସରକାର ବିରୋଧୀ ପ୍ରସଙ୍ଗକୁ କେବଳ ହାଲୁକା କରୁନାହିଁ, ବରିଷ୍ଠ ନେତାମାନଙ୍କ ମଧ୍ୟରେ ଅସନ୍ତୋଷକୁ ବଢାଇବାରେ ଲାଗିଛି।

### ବଙ୍ଗୋପସାଗରରେ...

କଲାମ ଦ୍ୱୀପ ମିସାଇଲ୍ ପରୀକ୍ଷଣ କେନ୍ଦ୍ର ସହ ଜଡ଼ିତ। ଏହା ଅନୁସାରେ ଜୁନ୍ ୪ରୁ ୯ ଯାଏ ନୋ-ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି।

ସୂତ୍ର ଅନୁଯାୟୀ, ଜୁନ ୪ରୁ ଜୁନ ୯ ମଧ୍ୟରେ ଏକ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ହୋଇପାରେ। ବିଶାଖାପାଟଣାରେ ଥିବା ଭାରତୀୟ ନୌସେନାର ପୂର୍ବ କମାଣ୍ଡ କ୍ଷେତ୍ରରୁ ଦ୍ୱିତୀୟ ନୋଟିସ୍ ଜାରି କରାଯାଇଛି। ଜୁନ ୭ରୁ ଜୁନ୍ ୯ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ନୌସେନା ଜାହାଜ ଦ୍ୱାରା ଏକ ସମ୍ଭାବ୍ୟ ଅସ୍ତ୍ର କିମ୍ବା କ୍ଷେପଣାସ୍ତ୍ର ପରୀକ୍ଷଣ ଘୋଷଣା କରାଯାଇପାରେ। ଏଥିପାଇଁ ପ୍ରାୟ ୪୭୦ କିଲୋମିଟର ଲମ୍ବା ଏକ ସମୁଦ୍ର ଅଞ୍ଚଳ ଚିହ୍ନଟ କରାଯାଇଛି। ଭାରତ ଦ୍ରୁତ ଗତିରେ ତାର ସାମରିକ ଶକ୍ତି ବୃଦ୍ଧି କରୁଛି। ଭାରତୀୟ ସାମରିକ ବାହିନୀ ନିୟମିତ ଭାବରେ ଆଧୁନିକ ଅସ୍ତ୍ରଶସ୍ତ୍ର ପରୀକ୍ଷଣ କରୁଛି। ପୂର୍ବରୁ ଏପ୍ରିଲ ୨୫ରୁ ମେ ୬ ପର୍ଯ୍ୟନ୍ତ ନୋଟିସ୍-ଟୁ-ଏୟାରମ୍ୟାନ୍ (ନୋଟାମ୍) ଜାରି କରିଥିଲା।

## ତୃଣମୂଳକର୍ମୀଙ୍କୁ ପିଟିପିଟି ହତ୍ୟା ଅଭିଯୋଗରେ ଗିରଫ ୩

**କୋଲକାତା, ୪।୬ (ସଂଚାର ବ୍ୟୁରୋ) :** ତୃଣମୂଳ କର୍ମୀ ସୁକୁମାର ଓରଫ୍ ହାବୋଲ ଲୋହାରଙ୍କୁ ପିଟିପିଟି ହତ୍ୟା ଘଟଣାରେ ବୁଧବାର ରାତିରେ, ମୃତକଙ୍କ ପରିବାର ବୋଲପୁର ପୁଲିସ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ ମୃତକଙ୍କ ପରିବାର। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ତଦନ୍ତ ଆରମ୍ଭ କରି ତିନି ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଉଛନ୍ତି ରାକେଶ ଲୋହାର, ଖୋକନ ଦାସ ଏବଂ ତାପି ଓରଫ ଦେବବ୍ରତ ସାର। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଗିରଫ ସମସ୍ତ ବ୍ୟକ୍ତି ବୋଲପୁର ଥାନା ଅନ୍ତର୍ଗତ ବହିରୀ ପୂର୍ବପଡ଼ା ଅଞ୍ଚଳର ବାସିନ୍ଦା। ପୁଲିସ ଜଣାଇଛି ଯେ ଏହି ଘଟଣା ସମ୍ପର୍କରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଆରମ୍ଭ ହୋଇଛି। ଗିରଫ ବ୍ୟକ୍ତିମାନଙ୍କୁ ଗୁରୁବାର ବୋଲପୁର କୋର୍ଟରେ ହାଜର କରାଯାଇଥିଲା। ତଦନ୍ତକାରୀମାନେ ବର୍ତ୍ତମାନ ଘଟଣା ପଛର ଉଦ୍ଦେଶ୍ୟ ଯାଞ୍ଚ କରୁଛନ୍ତି ଏବଂ ଅନ୍ୟ କେହି ଏଥିରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ନିର୍ଣ୍ଣୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ବହିରି ପୂର୍ବପଡା ଅଞ୍ଚଳରେ ତୃଣମୂଳ କର୍ମୀ ସୁକୁମାର ଲୋହାରଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଛି।

## କୋଲକାତା ପୁଲିସର ଘର ବାହୁଡା ?



**କୋଲକାତା, ୪।୬ (ସଂଚାର ବ୍ୟୁରୋ):** ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ, ପ୍ରଶାସନିକ ପଦପଦବୀରେ ନିରନ୍ତର ଅଦଳବଦଳ ଦେଖାଦେଇଛି। ବର୍ତ୍ତମାନ, କୋଲକାତା ପୁଲିସ କର୍ମୀ ଯେଉଁମାନେ ପୂର୍ବ ପ୍ରଶାସନ ସମୟରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିଲେ ସେମାନଙ୍କ ଘର ବାହୁଡା ଦିଗରେ ଆଉ ଏକ ପଦକ୍ଷେପ ନେଇଛନ୍ତି। ଡିଆଇଜି (କାର୍ମିକ) କୋଲକାତା ପୁଲିସ ବାହିନୀକୁ ଫେରିବା ସମ୍ପର୍କରେ ୬୬ ଜଣ କୋଲକାତା ପୁଲିସ କର୍ମୀ ଯେଉଁମାନେ ଦଣ୍ଡ ସ୍ୱରୂପ ରାଜ୍ୟ ପୁଲିସକୁ ସ୍ଥାନାନ୍ତରିତ ହୋଇଥିଲେ ସେମାନଙ୍କ ସମ୍ମତି ଲୋଡ଼ି ଏକ ଚିଠି ଜାରି କରିଛନ୍ତି।

## ତୃଣମୂଳ ପାର୍ଟି କାର୍ଯ୍ୟାଳୟ ସମ୍ମୁଖରୁ ବୋମା ଉଦ୍ଧାର

**କୋଲକାତା, ୪।୬ (ସଂଚାର ବ୍ୟୁରୋ):** ଧନେଖାଲିର ବୋସୋ ଅଞ୍ଚଳରେ ତୃଣମୂଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ କୋଠରୀ ସଫା କରିବା ସମୟରେ ଦୁଇଟି ସତେଜ ବୋମା ଉଦ୍ଧାର। ଏହାପରେ ଧନେଖାଲି ଥାନାକୁ ଖବର ଦିଆଯାଇଥିଲା। ପୁଲିସ ବୋମାଗୁଡ଼ିକୁ ଉଦ୍ଧାର କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷିତ କରିଥିଲା। ପରେ ବମ୍ ସ୍କ୍ୱାର୍ଡକୁ ଖବର ଦିଆଯାଇଥିଲା। ଗୁରୁବାର ସକାଳେ, ବମ୍ ସ୍କ୍ୱାର୍ଡର ଏକ ଦଳ ବାରାକପୁରରୁ ପହଞ୍ଚି ଦୁଇଟି ସତେଜ ବୋମାକୁ ସ୍ଥାନୀୟ ଅଞ୍ଚଳରୁ ଦୂରରେ ଏକ ନିର୍ଜନ ଅଞ୍ଚଳକୁ ପରିବହନ କରି ସଫଳତାର ସହ ନିଷ୍କ୍ରିୟ କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବାରୁ କେନ୍ଦ୍ରୀୟ ବାହିନୀ ଅଞ୍ଚଳରେ ମୁତୟନ କରାଯାଇଛି।

## କୋଇଲା ବୋଝେଇ ଡମ୍ପର ଧକ୍କା ଦେବାରୁ ଅଗ୍ନିକାଣ୍ଡ, ଡ୍ରାଇଭର ମୃତ୍ୟୁ

**କୋଲକାତା, ୪।୬ (ସଂଚାର ବ୍ୟୁରୋ):** ୧୯ ନମ୍ବର ଜାତୀୟ ରାଜପଥରେ ଏକ କୋଇଲା ବୋଝେଇ ଡମ୍ପର ଏକ ବଡ଼ ଲରି ପଛପଟେ ଧକ୍କା ଦେଇଥିଲା। ଧକ୍କା ପରେ ଡମ୍ପରଟି ତୁରନ୍ତ ନିଆଁରେ ଜଳି ଉଠିଥିଲା। କ୍ୟାବିନ ଭିତରେ ଜୀବନ୍ତ ଦଗ୍ଧ ହୋଇ ଡମ୍ପରର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ଆସାନସୋଲର ସଲାନପୁର ଥାନା ଅଞ୍ଚଳ ଅନ୍ତର୍ଗତ ମେଲାକଲା କ୍ରସିଂ ନିକଟରେ ଧାନବାଦ ଅଭିମୁଖେ ଯାଉଥିବା ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା। ପୁଲିସ ସୂତ୍ର ଅନୁସାରେ, କୋଇଲା ବୋଝେଇ ଡମ୍ପର ନିୟନ୍ତ୍ରଣ ହରାଇ ଆଗରେ ଯାଉଥିବା ଏକ ବଡ଼ ମାଲବାହୀ ଲରି ପଛରେ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା।

## କକ୍ରୋଚ୍ ଜନତା ପାର୍ଟିର ଯୁଦ୍ଧଂଦେହୀ ଡାକରା




**ନୂଆଦିଲ୍ଲୀ, ୪।୬:** ବୁଧବାର ଦିନ ନୂଆଦିଲ୍ଲୀର 'କନଷ୍ଟିଚ୍ୟୁସନ କ୍ଲବ ଅଫ୍ ଇଣ୍ଡିଆ'ଠାରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ତା'ର ପ୍ରଥମ ପ୍ରେସ୍ କନଫରେନ୍ସ କରି ସରକାରଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଛି। ଆସନ୍ତା ୬ ତାରିଖରେ ଦିଲ୍ଲୀର ଜନ୍ତର-ମନ୍ତରଠାରେ ହେବାକୁ ଥିବା ଗଣବିକ୍ଷୋଭ କେବଳ କୌଣସି ଗୋଟିଏ ପରୀକ୍ଷା ବିରୋଧରେ ନୁହେଁ, ବରଂ ଦେଶର ସମ୍ପୂର୍ଣ୍ଣ ଶଢ଼ି ଯାଇଥିବା ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ସ୍ଥିର କରିବା ପାଇଁ ଉଦ୍ଦିଷ୍ଟ ବୋଲି ପାର୍ଟି ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପ୍ରେସ୍ କନଫରେନ୍ସ ସମୟରେ ସିଜେପି ପ୍ରବକ୍ତାମାନେ ସରକାରଙ୍କ ଦ୍ୱାରା ନିକଟରେ ସିବିଏସଇରେ କରାଯାଇଥିବା ପ୍ରଶାସନିକ ପରିବର୍ତ୍ତନ ଏବଂ ଅଧିକାରୀମାନଙ୍କ ବଦଳି ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ସେମାନେ ଏହାକୁ କେବଳ ଏକ 'ଛଳନା' ବୋଲି କହିଛନ୍ତି।

ଏହି ପ୍ରେସ୍ କନଫରେନ୍ସରେ ପାର୍ଟି ନିଜର ତିନିଜଣ ଉଚ୍ଚଶିକ୍ଷିତ ତଥା ଯୁବ ପ୍ରବକ୍ତାଙ୍କୁ ଦେଶ ସାମ୍ନାକୁ ଆଣିଛି। ସେମାନେ ହେଉଛନ୍ତି ସାମ୍ବାଦିକ ସୌରଭ ଦାସ, ରାଜନୈତିକ ଗବେଷକ ଏବଂ ଚଳଚ୍ଚିତ୍ର ନିର୍ମାତା ବିଜେତା ଦହିୟା ଏବଂ ପୂର୍ବତନ ମ୍ୟାନେଜମେଣ୍ଟ କନସଲଟାଣ୍ଟ ଆଶୁତୋଷ ରାଙ୍କା।

## ବିଦ୍ୟୁତ ଆଘାତରେ ହାତୀ ମୃତ

**ସମ୍ବଲପୁର, ୪।୬ (ସଂଚାର ବ୍ୟୁରୋ):** ବିଦ୍ୟୁତ ଆଘାତରେ ଚାଲିଗଲା ହାତୀର ଜୀବନ । ସମ୍ବଲପୁର ସଦର ବନାଞ୍ଚଳ ଅନ୍ତର୍ଗତ ବଦୁଆ ପାଲି ଝାଙ୍କରବାହାଲି ରାସ୍ତାର ଡେରା ନିକଟରେ ଏକ ହାତୀର ମୃତଦେହ ଉଦ୍ଧାର ହୋଇଛି । ମୃତ ହାତୀର ବୟସ ୧୫ବର୍ଷ ହେବ ବୋଲି ଜଣାପଡିଛି । ଧମା ଥାନା ଅନ୍ତର୍ଗତ ବଦୁଆପାଲି ଗ୍ରାମ ନିକଟସ୍ଥ ଏକ ବେସରକାରୀ ଆମ୍ବ ତୋଟା(ବଗିଚା)କୁ ପଶିବା ପାଇଁ ଉକ୍ତ ମାଈ ହାତୀ ଉଦ୍ୟମ କରୁଥିଲା। ଏହି ସମୟରେ ଏହାର ପାଚେରୀରେ ଖଞ୍ଜା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲା। ବିଦ୍ୟୁତ ଆଘାତ ଏତେ ପ୍ରଖର ଥିଲା ଯେ ଘଟଣାସ୍ଥଳରେ ହିଁ ହାତୀଟିର ମୃତ୍ୟୁ ଘଟିଛି । ଖବର ପାଇ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ଆରସିସିଏଫ ଆର.କେ ସ୍ୱାଇଁ, ରେଞ୍ଜର ପ୍ରଶାନ୍ତ ଓରାମ ଏବଂ ଫରେଷ୍ଟର କେଶବ ଓରାମଙ୍କ ସମେତ ବହୁ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ସରଜମିନ ତଦନ୍ତ କରିଛନ୍ତି ।

**ସୌମ୍ୟ ହତ୍ୟା ମାମଲାରେ ଏନଏଚଆରସିର ତନାଘନା**

## ଜେରା ହେଲେ ପୂର୍ବତନ ଗର୍ଲଫ୍ରେଣ୍ଡ

**ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ) :** ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ହତ୍ୟା ମାମଲାରେ ଏନଏଚଆରସିର ମାରାଥନ୍ ଜେରା ଜାରି ରହିଛି। ଚତୁର୍ଥ ଦିନରେ କମିଶନ୍ ନିକଟରେ ହାଜର ହୋଇଛନ୍ତି ମୃତ ସୌମ୍ୟଙ୍କ ବାନ୍ଧବୀ, ଯେ କି କଟକ ମହିଳା ଥାନାରେ ସୌମ୍ୟଙ୍କ ବିରୋଧରେ କରିଥିଲେ ଲଭ୍-ସେକ୍ସ-ଧୋକ୍କା ଅଭିଯୋଗ। ତା ସହିତ ଆଜି କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀ, ବାଲିଅନ୍ତା ଥାନାର ପୂର୍ବତନ ତଦନ୍ତ ଅଧିକାରୀ ଓ ଏସିପିଙ୍କ ସମେତ ଏକାଧିକ ଲୋକଙ୍କୁ ମଧ୍ୟ ଜେରା କରିଛି। ଗତକାଲି ସୌମ୍ୟଙ୍କ ସାଙ୍ଗ ଓମଙ୍କୁ ମଧ୍ୟ ଜେରା ହୋଇଥିଲା। ଏହି ଘଟଣାରେ ଏନଏଚଆରସି ସମସ୍ତଙ୍କୁ ମାରାଥନ ଜେରା କରୁଥିବା ବେଳେ ଆଜି କିନ୍ତୁ ଫୋକସ୍ ଥିଲା ସୌମ୍ୟଙ୍କ ଏକ୍ସ-ଗର୍ଲଫ୍ରେଣ୍ଡ ଉପରେ। ଦିନ ୧୦ଟାରୁ ଗୋଟାଏ ପର୍ଯ୍ୟନ୍ତ ତାଙ୍କୁ ଜେରା କରିବା ସହ ଘଟଣା ପଛର ତଥ୍ୟ ଜାଣିବାକୁ ଚେଷ୍ଟା କରିଛନ୍ତି ଆୟୋଗ। ସୌମ୍ୟଙ୍କ ମୃତଦେହର ପଞ୍ଚନାମା ସହ ବ୍ୟବଚ୍ଛେଦ ବେଳେ ଉପସ୍ଥିତ ଥିବା ମାଜିଷ୍ଟ୍ରେଟଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି ଆୟୋଗ ସଦସ୍ୟ। ସେପଟେ ସୌମ୍ୟ ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀଣୀ ତଥା କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥୀଙ୍କୁ ମଧ୍ୟ ପଚରାଉଚରା କରିଛି ଆୟୋଗ। ସୌମ୍ୟ ହତ୍ୟା ମାମଲାର ବାଲିଅନ୍ତା ଥାନାରେ ରୁଜୁ ହୋଇଥିବା ମାମଲାର ତଦନ୍ତକାରୀ ଅଫିସରଙ୍କ ସହ ଅନ୍ୟଜଣେ ଏସଆଇ ଓ ଏସିପିଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

ଦିନ ତମାମ ଏକାଧିକ ଲୋକଙ୍କ ଷ୍ଟେଟମେଣ୍ଟ ରେକର୍ଡ ପରେ ଅପରାହ୍ନରେ କଟକ ଜିଆରପି ଥାନାରେ ପହଞ୍ଚିଥିଲେ ଏନଏଚଆରସି ସଦସ୍ୟ।

## ଜଙ୍ଗଲ ଜମି ଜବରଦଖଲକାରୀ, ପ୍ରକଳ୍ପରେ ବାଧକ



**ଭୁବନେଶ୍ୱର, ୪।୬:** ଜମି ମାଫିଆମାନେ କେବଳ ସହରାଞ୍ଚଳର ମୂଲ୍ୟବାନ ଜମିକୁ ଜବରଦଖଲ କରୁନାହାନ୍ତି, ଏମାନେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଙ୍ଗଲ ଜମିକୁ ବି ମାଡି ବସୁଛନ୍ତି । ଯେଉଁଠାରେ ଘରୋଇ ଶିଳ୍ପ କିମ୍ବା ସରକାରୀ ଉଦ୍ୟୋଗ ହେବାର ସୂଚନା ପାଉଛନ୍ତି ସେହିସବୁ ଅଞ୍ଚଳରେ ରାତାରାତି ଜଙ୍ଗଲ ଜମିକୁ ଜବରଦଖଲ କରୁଛନ୍ତି ।

ରାଜ୍ୟର ୩୦ଟି ଜିଲ୍ଲାରେ ୩୪ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ଜମି ଜବରଦଖଲରୁ ଏହା ଜଳ ଜଳ ହୋଇ ଦିଶୁଛି । ଯଦିଓ ଏହିସବୁ ଜବରଦଖଲ ଜମିକୁ ମୁକୁଳାଇବାପାଇଁ ସରକାର ମାମଲା ରୁଜୁ କରି ଅଦାଲତରେ ଲଢେଇ କରୁଛନ୍ତି, କିନ୍ତୁ ଜବରଦଖଲ ଜଙ୍ଗଲ ଜମିକୁ ସେଭଳି ଭାବେ ମୁକୁଳାଇ ପାରୁ ନାହାନ୍ତି ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏବେ ଶିଳ୍ପ ପ୍ରତିଷ୍ଠା ସହିତ ଜାତୀୟ ରାଜପଥ, ରେଳପଥ, ବିମାନବନ୍ଦର, ବିଭିନ୍ନ ଖଣି ଖନନ ସହିତ ଜଳସେଚନ ପ୍ରକଳ୍ପ ଆଦି ନିର୍ମାଣ ହେଉଛି । ଏଥିପାଇଁ ହଜାର ହଜାର କୋଟି ଟଙ୍କର ବ୍ୟୟବରାଦ ରହୁଛି । ତେବେ ଏହିସବୁ ପ୍ରକଳ୍ପ ନିର୍ମାଣ ପାଇଁ ଘରୋଇ ଜମି ସହିତ ଜଙ୍ଗଲ ଜମି ବି ଆବଶ୍ୟକ ହେଉଛି । କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟରୁ ଅନୁମତି ପାଇଲାପରେ ଏଠାରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

ତେବେ ଯେଉଁସବୁ ଅଞ୍ଚଳରେ ଏଭଳି ପ୍ରକଳ୍ପ ନିର୍ମାଣର ସୂଚନା ମିଳୁଛି ସେଠାରେ ଜମି ମାଫିଆମାନେ ଆଗତୁରା ଜଙ୍ଗଲ ଜମିକୁ ଜବରଦଖଲ କରିବା ସହିତ ସେଠାରେ ସ୍ଥାନୀୟ ଲୋକଙ୍କୁ ଥଇଥାନ କରିଦେଉଛନ୍ତି । ପରବର୍ତ୍ତୀ ସମୟରେ ଜବରଦଖଲକାରୀମାନେ ସେଠାରେ ନେତା ପାଲଟି ଲୋକଙ୍କୁ ଧରି ପ୍ରକଳ୍ପ ବିରୁଦ୍ଧରେ ଲଢେଇ କରୁଛନ୍ତି ଓ କାରଖାନା ମାଲିକମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି ।

ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଜଙ୍ଗଲ ଜମି ଜବରଦଖଲ ବେକାବୁ ହେବାରେ ଲାଗିଛି । ନବରଙ୍ଗପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୨୦ହଜାର ହେକ୍ଟରରୁ ଅଧିକ ଜମି ଜବରଦଖଲ ହୋଇଥିବାବେଳେ କଳାହାଣ୍ଡି ଉତ୍ତର ଡିଭିଜନରେ ୨ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ଜମି ଜବରଦଖଲ ହୋଇଛି। କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନରେ ଏହା ଦେଢ ହଜାର ହେକ୍ଟର ଥିବା ରେକର୍ଡ ହୋଇଛି। ସୁନ୍ଦରଗଡ ଜିଲ୍ଲାରେ ଜବରଦଖଲ ଜଙ୍ଗଲ ଜମିର ପରିମାଣ ୨୭୬୦ ହେକ୍ଟରରୁ ଅଧିକ ରହିଛି । ଏତେ ପରିମାଣର ଜଙ୍ଗଲ ଜମି ଜବରଦଖଲ ହୋଇଥିବାବେଳେ ଏହାକୁ ମୁକୁଳାଇବାପାଇଁ ସରକାର ୧୫ହଜାରରୁ ଅଧିକ ମାମଲା ରୁଜୁ କରି ଲଢୁଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ୩ହଜାର ହେକ୍ଟର ଜବରଦଖଲ ଜମି ବି ମୁକୁଳାଯାଇ ପାରିନାହିଁ । ସମସ୍ତ ଜମି ମୁକୁଳାଇବା ଏତେଟା ସହଜ ନୁହେଁ ବୋଲି ମତପ୍ରକାଶ ପାଉଛି । ତେବେ ଜଙ୍ଗଲ ଅଞ୍ଚଳରେ ଏହି ମାଫିଆମାନଙ୍କ ପାଇଁ ଖଣି ଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ବହୁ ପ୍ରକଳ୍ପ ପ୍ରଭାବିତ ହେବାରେ ଲାଗିଛି । ଏମାନେ ଜବରଦଖଲ ଜମିକୁ ବିଭିନ୍ନ ଲୋକଙ୍କ ନାମରେ ବେଆଇନ୍ ଭାବେ ପଞ୍ଜିକୃତ କରାଇ ଆଇନ୍ ଅଦାଲତରେ ମାମଲା ରୁଜୁ କରୁଛନ୍ତି । ପରବର୍ତ୍ତୀ ସମୟରେ ପରିବେଶ ଓ ଅନ୍ୟାନ୍ୟ ଆଳ ଦେଖାଇ ଆନ୍ଦୋଳନକୁ ଓହ୍ଲାଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ବାଧକ ସାଜୁଛନ୍ତି । ତେଣୁ ଜଙ୍ଗଲ ଜମିକୁ ଜବରଦଖଲ କରୁଥିବା ଏହି ମାଫିଆମାନଙ୍କ ଉପରେ ନଜର ରଖିବା ସହିତ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ମତପ୍ରକାଶ ପାଉଛି। (ତଥ୍ୟ)

## ବେଆଇନ ନିର୍ମାଣ ଉଚ୍ଛେଦକୁ ନେଇ ଉତ୍ତେଜନା

**ପୂର୍ତ୍ତ ବିଭାଗ ଗାଡ଼ି ଭଙ୍ଗାରୁଜା**



**କୋଲକାତା, ୪।୬ (ସଂଚାର ବ୍ୟୁରୋ):** ଗୁରୁବାର ସକାଳେ ବୋଲପୁରରେ ଏକ ଉତ୍ତେଜିତ ପରିସ୍ଥିତି ଦେଖାଦେଇଥିଲା। କାରଣ ରାସ୍ତା ଉପରେ ଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରିବାକୁ ଚେଷ୍ଟା କରିବା ସମୟରେ ପୂର୍ତ୍ତ ବିଭାଗର ଅଧିକାରୀମାନେ ବିରୋଧର ସମ୍ମୁଖୀନ ହୋଇଥିଲେ।

ଏଦିନ ସକାଳେ ବୋଲପୁରର ୧୦ ନମ୍ବର ୱାର୍ଡର ମକ୍ରମପୁର ଅଞ୍ଚଳରେ ଏହି ଘଟଣା ଘଟିଛି। ଜାଣିବାକୁ ମିଳିଛି ଯେ, ମକ୍ରମପୁରରେ ଚାଲିଥିବା ରାସ୍ତା ମରାମତି କାର୍ଯ୍ୟ ମଧ୍ୟରେ, ପୂର୍ତ୍ତ ବିଭାଗ ରାସ୍ତା ଉପରେ ଜବରଦଖଲ କରିଥିବା ବେଆଇନ ନିର୍ମାଣକୁ ହଟାଇବା ପାଇଁ ଏକ ଅଭିଯାନ ଆରମ୍ଭ କରିଥିଲା। ଏଦିନ, ଏକ ନିର୍ଦ୍ଦିଷ୍ଟ ନିର୍ମାଣ ଭାଙ୍ଗିବାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଏକ ଗୋଷ୍ଠୀ ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବିବାଦ ବଢ଼ିବା ସହିତ ପରିସ୍ଥିତି ଶୀଘ୍ର ଅସ୍ଥିର ହୋଇଯାଇଥିଲା । ଫଳସ୍ୱରୂପ, ଏହି ଘଟଣାକୁ ନେଇ ଅନେକ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା। ଅଭିଯୋଗ ହେଉଛି ଯେ ଏହି କ୍ରୋଧରେ ଉତ୍ତେଜିତ ହୋଇ ବାସିନ୍ଦାମାନେ କେବଳ ପ୍ରତିବାଦ କରିନଥିଲେ ବରଂ ଜଣେ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ଗାଡ଼ିକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଘଟଣାର ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବୋଲପୁର ଥାନାର ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିସାରିଛି।

## ମହିଳାଙ୍କୁ ହଇରାଣ ଓ ଧମକ ଅଭିଯୋଗରେ କାଉନସିଲର ଗିରଫ

**କୋଲକାତା, ୪।୬ (ସଂଚାର ବ୍ୟୁରୋ):** ରିଜେଣ୍ଟ ପାର୍କରେ ଜଣେ ମହିଳାଙ୍କୁ ହଇରାଣ ଏବଂ ଧମକ ଦେବା ଅଭିଯୋଗରେ ୧୧୪ ନମ୍ବର ୱାର୍ଡର କାଉନସିଲର ବିଶ୍ୱଜିତ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୁଦ୍ଧରେ ପୂର୍ବ ପୁଟିଆରୀର ଜଣେ ମହିଳାଙ୍କୁ ଶାରୀରିକ ଆକ୍ରମଣ କରିବା, ଅଶ୍ଳୀଳ ଭାଷା ବ୍ୟବହାର କରି ତାଙ୍କୁ ଗାଳି ଦେବା ଏବଂ ହତ୍ୟା ଧମକ ଦେବା ଅଭିଯୋଗ ରହିଛି। କୋଲକାତା ମ୍ୟୁନିସିପାଲ କର୍ପୋରେସନର ୧୧୪ ନମ୍ବର ୱାର୍ଡକୁ ପ୍ରତିନିଧିତ୍ୱ କରୁଥିବା କାଉନସିଲର ବିଶ୍ୱଜିତ ମଣ୍ଡଳଙ୍କୁ ହେପାଜତକୁ ନିଆଯାଇଛି।

**ଆଜି ବିଶ୍ୱ ପରିବେଶ ଦିବସ**

# କାଗଜକଲମରେ ସୀମିତ ସଚେତନତା ବାର୍ତ୍ତା



### ଗୁଲୁଗୁଲିରେ ଛଟପଟ ଜନଜୀବନ

## ଗାଁ ଗାଁରେ କାଠ ମାଫିଆ ସକ୍ରିୟ, ସବୁ ଜାଣି ବନବିଭାଗ ଚୁପ୍

କାକଟପୁର/ଅସ୍ତରଙ୍ଗ,୪।୬ (ସଂଚାର ବ୍ୟୁରୋ): ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ଜନଜୀବନ। ଦିନକୁ ଦିନ ବୃଦ୍ଧି ପାଉଥିବା ତାପମାତ୍ରା କଲବଲ କରୁଛି। ପଶୁପକ୍ଷୀ ବି ପ୍ରଭାବିତ ହେଉଛନ୍ତି। ସମସ୍ତେ ପରିବେଶକୁ ଦୋଷ ଦେଉଛନ୍ତି କିନ୍ତୁ ପ୍ରତିକାର କଥା ଚିନ୍ତା କରୁନାହାନ୍ତି। ଏମିତି ଧାରା ଜାରି ରହିଲେ ଆଗାମୀ ପିଢ଼ି କେତେ ଯନ୍ତ୍ରଣା ଭୋଗିବେ ତାହା ଏବେ ଠାରୁ ଅନୁମାନ କରାଯାଇପାରେ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ରାସ୍ତା ସମ୍ପ୍ରସାରଣ ହେଉ କି କୌଣସି କାରଣ ରୁ ବିକାଶ ନାଁରେ କଟାଯାଉଛି ବହୁ ପୁରାତନ ଗଛ। କେଉଁଠି ବନ ବିଭାଗର ଅନୁମତି ଅଛି ତ, ଆଉ କେଉଁଠି ବିନା ଅନୁମତିରେ ଚାଲିଛି ଶହ ଶହ ଗଛ କଟା। ଅନ୍ୟ ପଟେ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଗ୍ରାମାଞ୍ଚଳରେ କାଠ ମାଫିଆ ସକ୍ରିୟ ହୋଇ ବିରାଟ କାୟ ଗଛ କାଟୁଛନ୍ତି। କିଏ ବିଦ୍ୟୁତ୍ ତାର ସୁରକ୍ଷା ନାଁରେ କାଟୁଛି ତ ଆଉ କିଏ ରାସ୍ତା ଯିବା ନାଁରେ। ହେଲେ ବିକଳ୍ପ ବ୍ୟବସ୍ଥା କେହି କରୁନାହାନ୍ତି। ଫଳରେ ଏହାର ସିଧା ପ୍ରଭାବ ପରିବେଶ ଉପରେ ପଡୁଛି। କେବଳ ମନୁଷ୍ୟ କାହିଁକି ପଶୁପକ୍ଷୀ ଏହାର ଶିକାର ହେଉଛନ୍ତି। ଏଭଳି ଅବାଧ ଗଛକଟା ଚାଲିଥିବା ବେଳେ ବନ ବିଭାଗର ନିରବତାକୁ ପ୍ରଶ୍ନ ଉଠିଛି।

ପରିବେଶବିତଙ୍କ କହିବା କଥା ଯେ ଗୋଟିଏ ଗଛ ହଜାର ହଜାର ପ୍ରାଣୀକୁ ଜୀବନ ଦେଇପାରେ। ଗଛ କାଟିବା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଅତ୍ୟାଧୁନିକ ଯନ୍ତ୍ରପାତି ମାଧ୍ୟମରେ ବଡ଼ବଡ଼ ଗଛକୁ ମୂଳରୁ ନକାଟି ଶାଖା ପ୍ରଶାଖାକୁ ସ୍ଥାନାନ୍ତର କରାଯାଇପାରିବ। କିନ୍ତୁ ଏଥିପ୍ରତି କାହାର ନିଘା ନାହିଁ। ତାପମାତ୍ରା ବୃଦ୍ଧି ଲାଗି କେବଳ ପରିବେଶକୁ ଦାୟୀ କରିବା ବଦଳରେ ପ୍ରତିକାର ପାଇଁ ଚିନ୍ତା କରିବା ଆବଶ୍ୟକ।

ଅନ୍ୟପଟେ ବନ ବିଭାଗର ଅନୁମତିରେ ଗୋଟିଏ ଗଛ କାଟିଲେ ବଦଳରେ ୧୦ଟି ଗଛର ଲଗାଇବା ଲାଗି ସରକାରୀ ନିୟମ ରହିଛି। ବେଆଇନ ଭାବେ ଗଛ କାଟିବା ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହୁଛନ୍ତି ବନବିଭାଗ କର୍ମଚାରୀ, କିନ୍ତୁ ଫଳ ଶୂନ୍ୟ। ବର୍ଷକୁ ବର୍ଷ ଗ୍ରାମାଞ୍ଚଳରେ ପୂର୍ବ ଅପେକ୍ଷା ତାପମାତ୍ରା ବୃଦ୍ଧି ପାଉଥିବା ଏକମାତ୍ର କାରଣ ଅବାଧ ଗଛକଟା। ଏଣୁ ପରିବେଶ ସୁରକ୍ଷା ଲାଗି ସମସ୍ତେ ସଚେତନ ହୋଇ ଗଛଟିଏ ଲଗାଇବା ଆବଶ୍ୟକ। ନଚେତ ଆଗାମୀ ଭବିଷ୍ୟତ ପିଢ଼ି ଭୟଙ୍କର ପରିସ୍ଥିତିର ସାମନା କରିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ପରିବେଶବିତ ସରୋଜ ମତଦେଉଛନ୍ତି।

## ହିଞ୍ଜିଳିରେ କାଳବୈଶାଖୀ ବର୍ଷା



ହିଞ୍ଜିଳିକାଟୁ,୪।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ପ୍ରାୟ ୪ଟା ସମୟରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷାପବନ ସହ ବଜ୍ରପାତ ହୋଇଛି। ଏହାଫଳରେ ସହରର ବିଭିନ୍ନ ସ୍ଥାନରେ ବହୁ ଛୋଟବଡ଼ ଗଛ ପଡ଼ିବା ସହ ବିଦ୍ୟୁତ୍ ସରବରାହ କିଛି ଘଣ୍ଟା ପାଇଁ ବ୍ୟାହତ ହୋଇଥିଲା। ସହରର ରାଜାସାହି ଛକ ଓଥା ମଠ.ଆଇ ଅଫିସ ସାମ୍ନାରେ ଗଛ ଭାଙ୍ଗି ରାସ୍ତା କିଛି ସମୟ ଅବରୋଧ ହେବା ସହ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିଲା। ସହରର ଗଳିକନ୍ଦିରେ ଆଣ୍ଠୁଏ ପାଣିର ସୁଅ ଛୁଟିଥିବା ବେଳେ ଅନେକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା।

## କୋରେଇ ଉନ୍ନୟନ ପରିଷଦର ପ୍ରତିଷ୍ଠା ଦିବସ ପାଳିତ



ଯାଜପୁର ରୋଡ୍,୪।୬ (ସଂଚାର ବ୍ୟୁରୋ): କୋରେଇ ଉନ୍ନୟନ ପରିଷଦର ୫ମ ପ୍ରତିଷ୍ଠା ଦିବସ ଓ ସାଂସ୍କୃତିକ ଉତ୍ସବ -୨୦୨୬ କାର୍ଯ୍ୟକ୍ରମ ବ୍ୟାସନଗର ସହରର ହୋଟେଲ ରୟାଲ କଳିଙ୍ଗ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାସ'ଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଆକାଶ ଦାସନାୟକ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ନିଜ ବକ୍ତବ୍ୟରେ ପଂଚାୟତ ଠାରୁ ପୌର ସହର ପର୍ଯ୍ୟନ୍ତ ଦ୍ରୁତ ଗତିରେ ବିଭିନ୍ନ ଜନହିତକର ପ୍ରକଳ୍ପର ବିକାଶମୂଳକ କାର୍ଯ୍ୟ ହେଉଥିବା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣ ସମେତ ଉନ୍ନୟନ ପରିଷଦର ସଦସ୍ୟ ମାନଙ୍କୁ ଅବଗତ କରାଇଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ଶ୍ରୀ ମନୋଜ ଜେନା,ବରିଷ୍ଠ ସାମ୍ବାଦିକା ସୁପ୍ରିୟା ଦାସ, ଲେଖିକା ବ୍ରଜେଶ୍ୱରୀ ସିଂହ ଓ ସମାଜସେବୀ ପ୍ରୀତିରାଜ ଶତପଥି ଯୋଗଦେଇ କୋରେଇ ଅଂଚଳର ବିକାଶ ପାଇଁ ଉନ୍ନୟନ ପରିଷଦ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଉନ୍ନୟନ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ରହି କୋରେଇ ଜନସାଧାରଣ, ସ୍ୱାସ୍ଥ୍ୟ, ପରିବେଶ, ଶିକ୍ଷା, ନିଯୁକ୍ତି ଏବଂ ଅଂଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

## ବଜ୍ରାଘାତରେ ୫ ଆହତ

ହିଞ୍ଜିଳିକାଟୁ, ୪।୬ (ସଂଚାର ବ୍ୟୁରୋ):ହିଞ୍ଜିଳି ବ୍ଲକ ଅନ୍ତର୍ଗତ ନୂଆ ବୁରୁପଡା ଗ୍ରାମରେ ଆଜି ବଜ୍ରପାତ ଯୋଗୁଁ ଅଘଟଣ ଘଟିଛି | ଗୋଟିଏ ପରିବାରର ୫ ଜଣ ସଦସ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ଣରେ ହଠାତ୍ ପାଗ ବଦଳିବା ସହ ବର୍ଷା ଏବଂ ଘଡ଼ଘଡ଼ି ସୃଷ୍ଟି ହୋଇଥିଲା।ଏହି ସମୟରେ ଏହି ୫ ଜଣ ନିଜ ଘରେ ଥିବା ବେଳେ ଘର ପରିସରରେ ବଜ୍ରପାତ ଘଟିଥିଲା। ଫଳରେ ବଜ୍ରପାତର ପ୍ରଭାବରେ ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପରିବାର ଲୋକ ଏବଂ ଗ୍ରାମବାସୀମାନେ ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ସେଠାରେ ସମସ୍ତଙ୍କର ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

## ହାତୀ ଆକ୍ରମଣରେ ମହିଳା ମୃତ

ବାରିପଦା, ୪।୬ (ସଂଚାର ବ୍ୟୁରୋ): ଗତକାଲି ରାତ୍ରୀର ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ର ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି । ଲୋଧାସାହି ଗ୍ରାମର ଦୁଃଖିନୀ ପରମାଣିକ ନାମକ ଜଣେ ମହିଳା ରାତ୍ରୀରେ ଘର ବାରଣ୍ଡାରେ ଶୋଇଥିବା ବେଳେ ହାତୀ ଆସି ଦୁଃଖିନୀକୁ ରାସ୍ତା ଉପରକୁ ଟାଣିନେଇ କଚାଡି ମାରିଦେଇଅଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ଗ୍ରାମବାସୀ ମୃତକ ପରିବାରକୁ କ୍ଷତିପୂରଣ ସାଙ୍ଗକୁ ହାତୀକୁ ଉକ୍ତ ଅଞ୍ଚଳରୁ ଘଉଡେଇବାକୁ ଦାବୀ କରିଛନ୍ତି ।

### ଦିବଲୋକରେ ଚାଲିଛି ଜୁଆଖେଳ

## ପୁଲିସ ପ୍ରଶାସନର ନଜର ପଡିବ କେବେ ?



ରାଇଘର, ୪।୬ (ସଂଚାର ବ୍ୟୁରୋ): ରାଇଘର ବ୍ଲକରେ ଦିନ ଦାହାଡ଼େ ଚାଲୁଛି ଜୁଆଖେଳ ହେଲେ କୁନ୍ଦେଇ ପୁଲିସ ପ୍ରଶାସନ ନିରବ ଦ୍ରଷ୍ଟା। ନବରଙ୍ଗପୁର ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବା ବେଳେ ଶିକ୍ଷାର ଅଭାବ ଓ ସଚେତନତା ଅଭାବ ଯୋଗୁଁ ଏଠାରେ ବସବାସ କରୁଥିବା ନିରୀହ ଆଦିବାସୀ ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯୁବଗୋଷ୍ଠୀ ମଦ ପିଇ ମାତାଲ ରହୁଥିବା ବେଳେ ଜୁଆ ମାଫିଆମାନେ ଜୁଆରେ ସାଧାରଣ ଲୋକଙ୍କୁ ଜାବୁଡି ଧରି ଶୋଷଣ କରୁଛନ୍ତି।

ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁନ୍ଦେଇ ଥାନା ସାପ୍ତାହିକ ବଜାରରୁ। ସୋମବାର ସର୍ଗିପାରା ଏବଂ ଆଦି ପାରା ମଝିରେ ବୁଲାଣୀ ପାଖ ଜଙ୍ଗଲ ସାଇଟରେ ଓ ବୁଧବାର ଦିନ ହିରୀ ବଜାରରେ ଭଗବାନ ସିଂ ଓ ଜୟରାମ ନାମକ ଏହି ଦୁଇ ଜଣ ବ୍ୟକ୍ତି ହ୍ୱାଟସ୍ଆପ ଗ୍ରୁପ ମାଧ୍ୟମରେ ଲୋକଙ୍କୁ ଏକାଠି କରି ଜୁଆ ଖେଳାନ୍ତି ଏବଂ ନିରୀହ ଆଦିବାସୀ ଜୁଆ ଖେଳି ସର୍ବହରା ହୋଇ ମୁହଁ ଶୁଖେଇ ଘରକୁ ଖାଲି ହାତରେ ଫେରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏବଂ ଘରେ ଘରେ ଅପ୍ରୀତିକର ପରିବେଶ ମଧ୍ୟ ସୃଷ୍ଟି ହେଉଥିବା ଖବର ଆସୁଛି। ଯୁଆଡ଼ିମାନେ ପସରା ମେଲେଇ ବସୁଥିବା ବେଳେ ଗରିବ ଆଦିବାସୀ ଖଟିଖିଆ ଘରୁ ଧାନ, ଚାଉଳ, ଟଙ୍କା ପଇସା ଓ ଅନ୍ୟାନ୍ୟ ସାମଗ୍ରୀ ଘରୁ ଚୋରି କରି ଜୁଆରେ ବାଜି ଲଗେଇ ଦେଉଥିବା ସାଧାରଣରେ ଆଲୋଚନା ହେଉଛି। ତେଣୁ ପୁଲିସ ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି।

**ବାର୍ଦ୍ଧକ୍ୟ ଭତ୍ତା ହଡପ ଘଟଣା**

## ଦାରୁଭଦ୍ରା ପିଇଓ ପଛରେ ବଡ଼ ମୁଣ୍ଡ କିଏ ?

ହିଞ୍ଜିଳିକାଟୁ,୪।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଦାରୁଭଦ୍ରା ଗ୍ରାମ ପଞ୍ଚାୟତର ଭତ୍ତା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ପାଣ୍ଠିରୁ ପ୍ରାୟ ୧୨ ଲକ୍ଷ ୩୦ ହଜାର ଟଙ୍କା ହେରଫେର ଅଭିଯୋଗରେ ପଞ୍ଚାୟତ ଏକଜିକ୍ୟୁଟିଭ ଅଫିସର (ପିଇଓ) ତ୍ରିଲୋଚନ ନାୟକ ଗିରଫ ହୋଇଛନ୍ତି | ତେବେ ଏହି ପଂଚାୟତ ନିର୍ବାହୀ ଅଧିକାରୀ ତ୍ରିଲୋଚନ ନାୟକଙ୍କ ଅସଲ କାରନାମା ଦାଣ୍ଡରେ ପଡି ହାଟରେ ଗଡୁଛି | ତେବେ ଏତେ ବଡ଼ ଦୁର୍ନୀତି ପଛରେ ସେ ନିଜେ ନା ବଡ଼ ମୁଣ୍ଡ କିଏ ଅଛି ତାକୁ ପ୍ରଶ୍ନଦ୍ୱୟ ଛକ ବଜାରରେ ଶୁଣିବାକୁ ମିଳୁଛି | ଯଦି ଅଛି, ଖସିବେ ନା ଫସିବେ ?

ଗତ ଦୁଇବର୍ଷ ତଳେ ପିଇଓ ଦାରୁଭଦ୍ରାରେ ନିଯୁକ୍ତି ପାଇଥିବା ବେଳେ ଏତେ ବଡ଼ ଦୁର୍ନୀତି ହେବା ଯାଏଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କିଭଳି ଅପେକ୍ଷା କରିଥିଲା ? ସେତେବେଳୁ ହିଁ ଘଟଣାକୁ ଗୁରୁତ୍ୱ ଦେଇଥିଲେ ପ୍ରାୟ ୧୨ଲକ୍ଷ ଟଙ୍କା ହେରଫେର ହୋଇ ନ ଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୁଲିସ ବ୍ଲକ କାର୍ଯ୍ୟାଳୟ ଠୁ ପିଇଓଙ୍କୁ ଉଠାଇବା ପରେ ହିଞ୍ଜିଳି ନିକଟବର୍ତ୍ତୀ ସୋମପୁର ଗ୍ରାମରୁ ବ୍ୟାଙ୍କ ପାସ ବୁକ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଠାବ କରିଛି | ତେବେ ବାସ୍ତବ ତଦନ୍ତ ନ ହେଲେ ଘଟଣା ଚପିଯିବା ସମ୍ଭାବନା ରହିଛି।

## ପୁଲିସ ପଞ୍ଝାରେ ଲୁଟେରା ଗ୍ୟାଙ୍ଗ

- ୧୩୫ ଗ୍ରାମ ସୁନା, ୮.୮୦ ଲକ୍ଷ ଟଙ୍କା ଜବତ



ଖୋରଧା,୪।୬ (ସଂଚାର ବ୍ୟୁରୋ): ଖୋରଧା ସହରର ବିଶିଷ୍ଟ ବ୍ୟବସାୟୀ ଲୋକନାଥ ରାମ ତାଙ୍କ ସ୍ତ୍ରୀଙ୍କ ସହିତ ଗୋଡ଼ିପୋଖରୀ ଠାରୁ ଖୋରଧା ଟାଉନ ମଧ୍ୟକୁ ଏକ ସ୍କୁଟିରେ ଆସୁଥିବା ବେଳେ ଦୁଇଜଣ ଅଜଣା ବ୍ୟକ୍ତି ଏକ ଧଳା ରଙ୍ଗର ମୋଟରସାଇକେଲରେ ଆସି ଲୋକନାଥଙ୍କ ବେକରୁ ପ୍ରାୟ ୨୦ ଗ୍ରାମ ଓଜନର ସୁନା ଚେନ ଟିକୁ ଛିଣ୍ଡାଇ ନେଇଯାଇଥିବା ନେଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାଟିର ତଦନ୍ତ ଆରମ୍ଭ କରିଥିଲା। ଗତ ୩ ତାରିଖ ସନ୍ଧ୍ୟା ୭ଟା ସମୟରେ ଖୋରଧା ଆଦର୍ଶ ଥାନା ପୁଲିସ ପକ୍ଷରୁ ବାଟ ମଙ୍ଗଳା ଛକରେ ପାଟ୍ରୋଲିଙ୍ଗ ସମୟରେ ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଏକ ମାରୁତି ସ୍ୱିଫ୍ଟ କାରକୁ ଅଟକାଯାଇଥିଲା। କାରଟିକୁ ଯାଞ୍ଚ ସମୟରେ କାର ଭିତରୁ ୫.୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ପଚରାଉଚରା ସମୟରେ ଡ୍ରାଇଭର କାଳି ପ୍ରସାଦ ରାଉଳ ଏବଂ କାରର ଥିବା ଅନ୍ୟ ଜଣେ ବ୍ୟକ୍ତି ଆଶିଷ ଦାସ ସ୍ୱୀକାର କରିଥିଲେ, ସେମାନେ ଖୋରଧା ଆଦର୍ଶ ଥାନା, ସଦର ଥାନା ଏବଂ ଶିଳ୍ପାଞ୍ଚଳ ଥାନା ଅଧୀନରେ ଅନେକ ସୁନା ଚେନ ଛିନତାଇ ଘଟଣା ଘଟାଇଛନ୍ତି ଏବଂ ଚୋରି ସୁନା ଅଳଙ୍କାର ସବୁ ଖୋରଧା ଗୁରୁଜଙ୍ଗ ଗ୍ରାମର ସନ୍ତୋଷ କୁମାର ସାହୁ, କଟକର ନିରଞ୍ଜନ ସାହୁ ଏବଂ ଜୟଦେବ ପାଲଙ୍କୁ ବିକ୍ରି କରିଛନ୍ତି। ସେମାନଙ୍କ ସ୍ୱୀକାରକ୍ତି ଆଧାରରେ ତଦନ୍ତ ସମୟରେ ଅନ୍ୟ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ କପିଳ ପ୍ରସାଦ ରାଉଳ (୨୯) ଆଶିଷ ଦାସ (୧୮) ଗୁଡୁଲ ବେହେରା (୩୨) ସନ୍ତୋଷ କୁମାର ସାହୁ (୩୫) ନିରଞ୍ଜନ ସାହୁ (୪୩) ଏବଂ ଜୟଦେବ ପାଲ (୪୪)। ସେମାନଙ୍କ ନିକଟରୁ ଗୋଟିଏ ମାରୁତି ସ୍ୱିଫ୍ଟ କାର, ୧୩୫ ଗ୍ରାମ ଗ୍ରାମ ଓଜନର ତରଳା ଯାଇଥିବା ସୁନା, ୮,୮୦,୦୦୦/- ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତ ମାନଙ୍କ ପୂର୍ବ ଅପରାଧିକ ରେକର୍ଡ ଏବଂ ବହୁ ବିଚାରାଧୀନ ମାମଲାରେ ସେମାନଙ୍କର ସମ୍ପୃକ୍ତି ରହିଥିବା ନେଇ ଜିଲ୍ଲା ଏସ.ପି ସୂଚନା ଦେଇଛନ୍ତି ।

**ଭୋଟର ସଚେତନତା ଅଭିଯାନ**

## ଜିଲ୍ଲାପାଳଙ୍କ ଦ୍ୱାରା ସଚେତନତା ରଥର ଶୁଭାରମ୍ଭ, ଗାଁ ଗାଁରେ ବଣ୍ଟାହେବ ଫର୍ମ



ମାଲକାନଗିରି, ୪।୬ (ସଂଚାର ବ୍ୟୁରୋ): ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପ୍ରସ୍ତୁତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ସ୍ୱୀପ୍ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ମାଧ୍ୟମରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବ।

ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଚେତନତା ରଥର ପତାକା ଦେଖାଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଏହି ମେଗା ଶୁଭାରମ୍ଭ ସମୟରେ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ରଥ ଶୁଭାରମ୍ଭ ପରେ ପରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏମ୍.ଭି-୭ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ ବଣ୍ଟନ କାର୍ଯ୍ୟର ସେମାନେ ସମୀକ୍ଷା କରିବା ସହ ନିଜେ ଉପସ୍ଥିତ ରହି ଜନସାଧାରଣଙ୍କୁ ଫର୍ମ ବଣ୍ଟନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିଷୟରେ ବୁଝାଇବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତି ଯେପରି ଏହି ତାଲିକାରେ ସାମିଲ ହେବେ, ସେଥିପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ଯେ, ଯେଉଁମାନଙ୍କର ବୟସ ୧୮ ବର୍ଷ ବା ତା'ଠାରୁ ଅଧିକ ହୋଇଛି କିମ୍ବା ଭୋଟର କାର୍ଡରେ କୌଣସି ସଂଶୋଧନ ଯଥା ନାମ, ବୟସ, କିମ୍ବା ଠିକଣା ଭୁଲ ରହିଛି, ସେମାନେ ତୁରନ୍ତ ନିଜ ଅଞ୍ଚଳର ବିଏଲଓ ଙ୍କ ସହ ଯୋଗାଯୋଗ କରି ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ଅଭିଯାନର ଲାଭ ଉଠାନ୍ତୁ।

## ରାଇପାଳ ପାହାଡ଼ରୁ ପଥର ଲୁଟ୍



**କଣ୍ଟିପାଳ ରାଜସ୍ୱ କାର୍ଯ୍ୟାଳୟ ନାକତଳେ ଚୋରା କାରବାର**

**ମାଫିଆ ସକ୍ରିୟ, ବନ୍ୟଜନ୍ତୁ ଅସୁରକ୍ଷିତ**

ଆନନ୍ଦପୁର, ୪।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅନ୍ତର୍ଗତ କଣ୍ଟିପାଳ ରାଜସ୍ୱ ସର୍କଲରେ ମାତିଛନ୍ତି ପଥର ମାଫିଆ। ଏଠାକାର ରାଇପାଳ ପାହାଡ଼ରୁ ପଥର ଚୋରି କରିବା ପାଇଁ ଆରମ୍ଭ ହୋଇଛି ଏକପ୍ରକାର ପ୍ରତିଦ୍ୱନ୍ଦିତା। ଏହି ପଥର କାରବାର ଯୋଗୁଁ ପ୍ରଭାବିତ ହେଉଛନ୍ତି ବନ୍ୟଜନ୍ତୁ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

ଅନ୍ୟପକ୍ଷରେ ବେଧଡ଼କ ପଥର ଲୁଟ୍‌ର ପ୍ରଭାବରେ ପାହାଡ଼କୁ ଲାଗି ରହିଥିବା ହଦଗଡ଼ ହସ୍ତୀ ଅଭୟାରଣ୍ୟରେ ଥିବା ବନ୍ୟଜନ୍ତୁଙ୍କ ଉପରେ ପଡୁଥିବାରୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଇପାଳ ପାହାଡ଼ ଏବେ ଚୋରା କାରବାର ଟାର୍ଗେଟ୍‌ରେ ରହିଛି। ପାହାଡ଼ରୁ ପଥର ଫଟାଯିବା ସହ ଦିନରାତି ଟ୍ରାକ୍ଟରରେ ପଥର ବୁହା ଚାଲିଛି। ସଞ୍ଜ ନଇଁବା ପରେ ଗ୍ରାମାଞ୍ଚଳ ରାସ୍ତାରେ ବହୁ ସଂଖ୍ୟାରେ ପଥର ବୋଝେଇ ଟ୍ରାକ୍ଟର ଅତ୍ୟନ୍ତ ବେପରୁଆ ଭାବେ ଚଳାଚଳ କରୁଥିବାରୁ ଲୋକେ ଭୟଭୀତ ହୋଇ ଯାତାୟାତ କରୁଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ବାରୁଆଁରେ ଏକ ପଥର ଖାଦାନକୁ ଲିଜ୍ ଦିଆଯାଇଛି। ତେବେ ସେଠାରୁ କୌଣସି ପଥର ଉତ୍ତୋଳନ ହେଉନାହିଁ। ବାରୁଆଁରେ ନିଲାମ ଆଳରେ କେତେକ ବ୍ୟବସାୟୀ ରାଇପାଳ ପାହାଡ଼ର ବିଭିନ୍ନ ସ୍ଥାନରୁ ପଥର ଉତ୍ତୋଳନ କରୁଛନ୍ତି। ଏପଟେ କୁଆମରା ପାହାଡ଼କୁ ଲାଗିରହିଛି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଏହି ଅଞ୍ଚଳ ଦେଇ ସବୁ ସମୟରେ ହାତୀ, ହରିଣ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ଯାତାୟାତ ଲାଗି ରହୁଛି। ବେଆଇନ ପଥର ଉତ୍ତୋଳନର ପ୍ରଭାବ ବନ୍ୟଜନ୍ତୁଙ୍କ ଉପରେ ପଡୁଛି।

୨୦୨୧ରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ ହଦଗଡ଼ ଅଭୟାରଣ୍ୟ ମଧ୍ୟରେ କୌଣସି ପଥର ଖାଦାନ ଚଳାଇବାକୁ ବାରଣ କରିଥିଲେ। ଏନ୍‌ଜିଟି ନିର୍ଦ୍ଦେଶକୁ ବେଖାତିର କରି ଏଠାରେ ପଥର ଉତ୍ତୋଳନ କରାଯାଉଛି।

## ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ ଅନୁଷ୍ଠିତ



ଛତ୍ରପୁର, ୪।୬ (ସଂଚାର ବ୍ୟୁରୋ): ଗଞ୍ଜାମ ଏନଏସି ଅନ୍ତର୍ଗତ ୱାର୍ଡ ନଂ- ୮ର ପୁଇଁତୋଳା ବଡ଼ ବନ୍ଧ ଓ ପାର୍କ ପରିସରରେ "ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ" କାର୍ଯ୍ୟକ୍ରମ ଗଞ୍ଜାମ ଏନଏସି ପକ୍ଷରୁ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ପ୍ରେରଣାରେ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ଗଞ୍ଜାମ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପନା ଡାଙ୍ଗୁଆଙ୍କ ନେତୃତ୍ୱରେ ପରିଚାଳିତ ହୋଇଆସୁଛି।

ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଇଓ ଅଞ୍ଜଳି ପାଢ଼ୀ, ଆକାଉଣ୍ଟାଣ୍ଟ ଲିଟି ଜେନା, ସ୍ୱଚ୍ଛ ସାଥୀ ନିହାରିକା ପଟ୍ଟନାୟକ, ଉର୍ମିଳା ମହାନ୍ତି, ନମିତା ଗୌଡ଼, ସାନିଟେସନ ଅଫିସର ନୋମେଶ କୁମାର, ପଦ୍ମନାଭ ସାହୁ ଏବଂ ଅନ୍ୟାନ୍ୟ ସ୍ୱଚ୍ଛ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ।

ଏହି ଅବସରରେ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା, ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତଙ୍କ ସହଭାଗିତା ବୃଦ୍ଧି କରିବା ନେଇ ଜନସଚେତନତା ସୃଷ୍ଟି କରାଯାଇଥିଲା।

# ଖାଲଖମାରେ ଭର୍ତ୍ତି ରାସ୍ତା, ଲୋକେ ହନ୍ତସନ୍ତ

**ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି**



ଫୁଲବାଣୀ, ୪।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଯାଜେଶପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଉପରଦାମିଙ୍ଗିଆ ଠାରୁ ଅଣ୍ଡାରିଗାଁ ଦେଇ ବାଲିଗୁଡାକୁ ସଂଯୋଗ ରାସ୍ତା ଖାଲଖମା ହୋଇପଡି ରହିଛି। ଏହି ମାଟି ରାସ୍ତାର ଶ୍ରାକୁଡ଼ି ଘାଟି ରାସ୍ତା ସମ୍ପୂର୍ଣ୍ଣ ଭାବେ ଖାଲଖମା ହୋଇ ଦୀର୍ଘ ବର୍ଷରୁ ପଡ଼ିରହିଛି ଯାହା ଫଳରେ ଅଞ୍ଚଳବାସୀ ରାସ୍ତା ଖାଲଖମା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିବା କହିଛନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ପାଣି ଭର୍ତ୍ତି ହୋଇ ଯାଉଛି। ଏଣୁ ଅନେକ ଲୋକ ଯାତାୟତ ସମୟରେ ଘାଟି ରାସ୍ତାରେ ପଡିଯିବା ସହ ଆହତ ହେଉଛନ୍ତି। ବର୍ଷା ଦିନେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ପାଲଟିଛି।ବର୍ଷାଦିନେ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ ବହୁ କଷ୍ଟକର ହୋଇପଡୁଛି।

ଯାଜେଶପାଙ୍ଗା ପଞ୍ଚାୟତ ବାସୀ ଓ ଆଖପାଖ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରନ୍ତି। କିନ୍ତୁ ଦୁଃଖ ବିଷୟ ଏହି ଉପରଦାମିଙ୍ଗିଆ ଠାରୁ ବାଲିଗୁଡା ୧୦ କିଲୋ ମିଟର ଊର୍ଦ୍ଧ ହେବ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ଠାରୁ ବ୍ଲକ ଓ ଜିଲ୍ଲାପାଳଙ୍କ ପାଖରେ ପହଞ୍ଚି ଅଭିଯୋଗ କରିଛନ୍ତି। ଇଲେକ୍ସନ ଆସିଲେ ଖାଲି ଭୋଟ ପାଇ ନେତା ଆସୁଛନ୍ତି। ମିଛ ପ୍ରତିଶ୍ରୁତି ଦେଇ ଗ୍ରାମବାସୀକୁ ଭୂୟାଁ ବୁଲାଇ ଯାଉଛନ୍ତି।

ଏହି ଖାଲଖମା ରାସ୍ତାଟିକୁ ମରାମତି କିମ୍ବା ନୂତନ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମଧ୍ୟରେ ରାସ୍ତା ନିର୍ମାଣ ସହ ସାମିଲ କରିବା ପାଇଁ ବାରମ୍ବାର ଦାବି କରିଛନ୍ତି ଅଞ୍ଚଳବାସୀ। କିନ୍ତୁ ତାହା ଏଯାଏଁ ରାସ୍ତା ନିର୍ମାଣ ହୋଇପାରି ନାହିଁ। ଯାହା ଫଳରେ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତ।

ଏହି ମାଟି ରାସ୍ତା ଦୀର୍ଘ ବର୍ଷରୁ ଏମିତି ଖାଲଖମା ହୋଇ ପଡ଼ି ରହିଛି ଖାସ୍ କରି ଏହି ରାସ୍ତାର ଶ୍ରାକୁଡ଼ି ଘାଟି ଅଧିକରୁ ଅଧିକ ଖାଲଖମା ହେବାରୁ ବର୍ଷା ଦିନେ ଗମନାଗମନ ପାଇଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ତେଣୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ଶ୍ରାକୁଡି ଘାଟି ରାସ୍ତା ମରାମତି କରିବା ପାଇଁ ପିଣ୍ଡିକ କହଁର ପ୍ରକାଶ ବିନ୍ଧାଣି, ରମାକାନ୍ତ ମଲ୍ଲିକ, ରାଜୀବ କହଁର, ବାଳକୃଷ୍ଣ କହଁର ପ୍ରଭୃତି ଗ୍ରାମବାସୀ ଦାବି କରିଛନ୍ତି।

### ଅଳ୍ପକେ ଟଳିଲା ବଡ଼ ଧରଣର ଅଘଟଣ

## ବ୍ରେକ୍ ଫେଲ୍ ହେବାରୁ ଏଚପି ଗ୍ୟାସ ଏଜେନ୍ସି ପରିସରକୁ ପସିଲା ଟ୍ରକ୍, ୮ରୁ ଅଧିକ ବାଇକ୍ କ୍ଷତିଗ୍ରସ୍ତ



କୋରାପୁଟ, ୪।୬ (ସଂଚାର ବ୍ୟୁରୋ): କୋରାପୁଟ ସହରରେ ଅଳ୍ପକେ ଟଳିଯାଇଛି ଏକ ବଡ଼ ଧରଣର ଅଘଟଣ। ବ୍ରେକ୍ ଫେଲ୍ ହୋଇ ଜରି ବୋଝେଇ ଏକ ଟ୍ରକ୍ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ବାଇକ୍‌ଗୁଡ଼ିକୁ ଧକ୍କା ଦେବା ସହ ଶେଷରେ ଏଚପି ଗ୍ୟାସ ଏଜେନ୍ସି ପରିସର ଭିତରକୁ ପସିଯାଇଥିଲା। ଏହି ଘଟଣାରେ ୮ରୁ ଅଧିକ ବାଇକ୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛି ଅନେକ ଜୀବନ। କୋରାପୁଟ ସହର ପ୍ରବେଶ ପଥରେ ଥିବା ୨୬ ନମ୍ବର ଜାତୀୟ ରାଜପଥରେ ଆଜି ଅପରାହ୍ଣରେ ଏହି ଭୟାବହ ଦୁର୍ଘଟଣା ଘଟିଥିଲା। ଜରି ବୋଝେଇ ଟ୍ରକ୍‌ଟି ଯାଉଥିବା ବେଳେ ହଠାତ୍ ଏହାର ବ୍ରେକ୍ ଫେଲ୍ ହେବାରୁ ଦ୍ରୁତ ଗତିରେ ଆସି ରାସ୍ତା କଡ଼ରେ ପାର୍କିଂ ହୋଇଥିବା ବାଇକ୍‌ଗୁଡ଼ିକ ଉପରେ ଚଢ଼ିଯିବା ସହ ଏଚପି ଗ୍ୟାସ ଏଜେନ୍ସି ପରିସର ଭିତରକୁ ପଶି ଯାଇଥିଲା। ସୌଭାଗ୍ୟବଶତଃ ସେହି ସମୟରେ ସେଠାରେ ଲୋକଙ୍କ ଭିଡ଼ କମ୍ ଥିବାରୁ କୌଣସି ବଡ଼ ଜୀବନହାନି ଘଟିନଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଅଞ୍ଚଳରେ ଆତଙ୍କ ଓ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଛି।

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com
**e-Procurement Notice- Bid Identification No.-** ACEM/MDC-07/2026-27

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDC-07/2026-27
5. Estimated Cost : Rs. 14,62,365 /-
6. Period of Completion : 01 (One) calendar month.
7. Date & time of availability of bid documents in the Portal : From dt.06.06.2026(10.00 AM) to dt.19.06.2026(5.30 PM)
8. Last date/ time for receipt of bid In the Portal : dt.19.06.2026 (up to 5.30 PM)
9. Date and Place of opening of Bid : dt.20.06.2026(11.00 AM onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

### ପିପିଲିରେ ବିଶ୍ୱପ୍ରସିଦ୍ଧ ଚାନ୍ଦୁଆ ହସ୍ତଶିଳ୍ପ ହବ୍‌ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ସମୃଦ୍ଧ ଓଡ଼ିଶା ଗଠନରେ ହେବ ଆଉ ଏକ ମାଇଲଖୁଣ୍ଟ

- ନିର୍ମାଣ ହେବ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଚାନ୍ଦୁଆ ବଜାର
- ଉପକୃତ ହେବେ ୬ ହଜାର ସ୍ଥାନୀୟ ଚାନ୍ଦୁଆ କାରିଗର
- 'ଭୋକାଲ ଫର ଲୋକାଲ' ମନ୍ତ୍ରରେ ପିପିଲି ଚାନ୍ଦୁଆ



ଭୁବନେଶ୍ୱର,୪।୬ (ସଂଚାର ବ୍ୟୁରୋ): ଓଡ଼ିଶାର କଳା, ଐତିହ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରତୀକ ପିପିଲି ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ଆଜି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିପିଲି ତହସିଲ ଅନ୍ତର୍ଗତ ଜଗନ୍ନାଥପୁର ମୌଜାରେ ୫ ଏକରରୁ ଅଧିକ ଜମି ଉପରେ ଏକ ଅତ୍ୟାଧୁନିକ 'ପିପିଲି ଚାନ୍ଦୁଆ ହସ୍ତଶିଳ୍ପ ହବ୍' ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରାୟ ୮୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ।

ଶିଳାନ୍ୟାସ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିପିଲି ଚାନ୍ଦୁଆ କେବଳ ଏକ ହସ୍ତଶିଳ୍ପ ନୁହେଁ, ଏହା ଓଡ଼ିଆ ଜାତିର ସ୍ୱାଭିମାନ ଓ 'ଓଡ଼ିଆ ଅସ୍ମିତା'ର ପରିଚୟ। ଏହି କଳା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ରଥଯାତ୍ରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିଗତ ସରକାରଗୁଡ଼ିକର ଅଦୂରଦର୍ଶିତା ଯୋଗୁଁ ଏହି ବିଶ୍ୱପ୍ରସିଦ୍ଧ କାରିଗରମାନେ ବର୍ଷ ବର୍ଷ ଧରି ନିଜର ହକ୍‌ରୁ ବଞ୍ଚିତ ହୋଇଥିଲେ। ଆଜିର ଏହି ଶିଳାନ୍ୟାସ ସେହି ସ୍ୱାର୍ଥପର ରାଜନୀତି ବିରୁଦ୍ଧରେ ଏକ ଦୃଢ଼ ଜବାବ ବୋଲି ମତଦେଇ ଆମ ସରକାର କେବଳ ଶିଳାନ୍ୟାସ କରେନାହିଁ, ବରଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରି ଉଦ୍‌ଘାଟନ କରିବାର ରେକର୍ଡ ରଖିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପାଞ୍ଚ ମହଲା ବିଶିଷ୍ଟ ନିର୍ମାଣ ହେବାକୁ ଥିବା ଏହି ସମନ୍ୱିତ 'କ୍ରାଫ୍ଟ, କଲ୍ଚର ଆଣ୍ଡ ଟୁରିଜମ୍ ହବ୍'ରେ ୫୦ଟି ବ୍ୟବସାୟିକ ଦୋକାନ, ୨ଟି ସରକାରୀ ଶୋ-ରୁମ୍, ଲାଇଭ୍ ଡେମୋନଷ୍ଟ୍ରେସନ୍ କେନ୍ଦ୍ର, ଟ୍ରେନିଂ ସେଣ୍ଟର, ଅଡିଓ-ଭିଜୁଆଲ୍ ଗ୍ୟାଲେରୀ, ମୁକ୍ତ ଆକାଶ ରଙ୍ଗମଞ୍ଚ, ଓଡ଼ିଆ ଫୁଡ୍ କୋର୍ଟ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ରହିବ। ଏଠାରେ ଚାନ୍ଦୁଆ ସମେତ ଓଡ଼ିଶାର ସମସ୍ତ ୭୪ଟି ଅନୁମୋଦିତ ହସ୍ତଶିଳ୍ପ ଏବଂ ୬ଟି ଜିଆଇ ମାନ୍ୟତାପ୍ରାପ୍ତ କଳାର ପ୍ରଦର୍ଶନ ଓ ବିକ୍ରୟ କରାଯିବ।

ପିପିଲି ବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ଦ୍ୱାରା ପିପିଲି ଓ ଆଖପାଖ ଅଞ୍ଚଳର ୬ ହଜାରରୁ ଅଧିକ କାରିଗର ସିଧାସଳଖ ଉପକୃତ ହେବେ। କାରିଗରମାନଙ୍କୁ ସୁଲଭ ମୂଲ୍ୟରେ କଞ୍ଚାମାଲ ଯୋଗାଇବା ପାଇଁ ଏଠାରେ ଏକ 'ର-ମାଟେରିଆଲ ବ୍ୟାଙ୍କ' ସ୍ଥାପନ କରାଯିବ। ଏହାସହ ଇ-କମର୍ସ ଯୁଗକୁ ଲକ୍ଷ୍ୟ କରି କାରିଗର, ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ଓ ଭଉଣୀମାନଙ୍କୁ ଡିଜିଟାଲ୍ ମାର୍କେଟିଂ ଏବଂ ପ୍ୟାକେଜିଂର ପ୍ରଶିକ୍ଷଣ ଦିଆଯାଇ ସଶକ୍ତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ ଫର ଲୋକାଲ' ମନ୍ତ୍ରରେ ଅନୁପ୍ରାଣିତ ହୋଇ ପିପିଲି ଚାନ୍ଦୁଆକୁ ବିଶ୍ୱ ବଜାର ସହ ଯୋଡ଼ିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ୨୦୩୬ ଓଡ଼ିଶା ଗଠନର ଶତବାର୍ଷିକୀ ଓ ୨୦୪୭ ସ୍ୱାଧୀନତାର ଶତବର୍ଷ ପୂର୍ତ୍ତିକୁ ଆଖି ଆଗରେ ରଖି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏହି ହବ୍ ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



■ ଲିଭରପୁଲ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ପ୍ରତିଷ୍ଠା ନେଇ ମଞ୍ଜୁରୀ ପତ୍ର

## ଯୁବପିଢ଼ିଙ୍କୁ ମିଳିବ ଅନ୍ତର୍ଜାତୀୟ ସ୍ତରର ଶିକ୍ଷା

- ଧର୍ମେନ୍ଦ୍ର ପ୍ରଧାନ ଓ ଜୟଶଙ୍କରଙ୍କ ଉପସ୍ଥିତିରେ ଲେଟର୍ ଅଫ୍ ଆପ୍ରୁଭାଲ ହସ୍ତାନ୍ତର
- ଜାତୀୟ ଶିକ୍ଷା ନୀତି ସଫଳତାର ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ :ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୪।୬ : ଇଂଲଣ୍ଡରୁ ଠାରେ ପ୍ରତିଷ୍ଠିତ ଲିଭରପୁଲ୍ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ପାଇଁ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ଏବଂ ଯୁକେର ବୈଦେଶିକ ସଚିବ ଇଭେଟ୍ କୁପରଙ୍କ ଉପସ୍ଥିତିରେ ଏହି ପତ୍ର ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଗୌରବମୟ ମୁହୂର୍ତ୍ତକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହ କହିଛନ୍ତି ଯେ, ଏହା ପ୍ରଧାନମନ୍ତ୍ରୀଙ୍କ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ତଥା ଭାରତକୁ ଏକ ବୈଶ୍ୱିକ ଜ୍ଞାନ, ନବୋନ୍ମେଷ ଓ ଗବେଷଣାର କେନ୍ଦ୍ର ଭାବେ ଗଢ଼ିତୋଳିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ବିଶ୍ୱର ଏହିଭଳି ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଭାରତ ଆଗମନ ଦ୍ୱାରା ଆମ ଯୁବପିଢ଼ିଙ୍କ ପାଇଁ ଶିକ୍ଷାର ସୁଯୋଗ ବ୍ୟାପକ ହେବା ସହ ଭାରତ-ଯୁକେ ମଧ୍ୟରେ ଥିବା ବ୍ୟାପକ ରଣନୈତିକ ସହଭାଗିତା ଆହୁରି ସୁଦୃଢ଼ ହେବ। ବିଶ୍ୱର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକ ଭାରତରେ କ୍ୟାମ୍ପସ ପ୍ରତିଷ୍ଠା କରିବା ଫଳରେ ଦେଶର ଶିକ୍ଷାଗତ ବାତାବରଣ ସମୃଦ୍ଧ ହେବ। ଭାରତୀୟ ଛାତ୍ରଛାତ୍ରୀମାନେ ନିଜ ଦେଶରେ ରହି ବିଶ୍ୱସ୍ତରୀୟ ଶିକ୍ଷା, ଅତ୍ୟାଧୁନିକ ଗବେଷଣା ଏବଂ ନବୋନ୍ମେଷର ସୁଯୋଗ ପାଇପାରିବେ।

## କୁମ୍ଭୀର ମୁହଁରୁ ଖସି ଆସିଲେ କ୍ଷମାନିଧି

କେନ୍ଦ୍ରାପଡ଼ା,୪।୬ (ସଂଚାର ବ୍ୟୁରୋ): ଝୁଣି ଝୁଣି ଖାଇଯାଉଥାନ୍ତା କୁମ୍ଭୀର। କିନ୍ତୁ କୁମ୍ଭୀର ଆଗରେ ଆଙ୍ଗୁଠି ଗୋଞ୍ଜି ଖସି ଆସିଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବାଲିକେନ୍ଦୁପୁର ଗାଁର କ୍ଷମାନିଧି ଦାସ। ସୂଚନାଯୋଗ୍ୟ ଯେ, ବ୍ରାହ୍ମଣୀ ନଦୀରେ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏକ ଗାଧୁଆ ଘାଟରେ ଗାଧାଉଥିବା ବେଳେ କ୍ଷମାନିଧିଙ୍କୁ କୁମ୍ଭୀର ଆକ୍ରମଣ କରିଥିଲା। ଏଥିରେ ଭୟଭୀତ ନହୋଇ କ୍ଷମାନିଧି ସାହସର ସହିତ କୁମ୍ଭୀର ଆକ୍ରମଣର ପ୍ରତିରୋଧ କରିଥିଲେ। ଅନ୍ୟପକ୍ଷରେ ସେଠାରେ ଗାଧାଉଥିବା ଅନ୍ୟ ଲୋକମାନେ ମଧ୍ୟ ଏକ ବାଉଁଶ ସାହାଯ୍ୟରେ କୁମ୍ଭୀର ମୁହଁକୁ ପ୍ରହାର କରିଥିଲେ। ଶେଷରେ କୁମ୍ଭୀରଟି କ୍ଷମାନିଧିଙ୍କୁ ଛାଡି ଚାଲିଯାଇଥିଲା। କୁମ୍ଭୀର ଆକ୍ରମଣରେ କ୍ଷମାନିଧିଙ୍କ ଦୁଇଗୋଡ଼ରେ ଏକାଧିକ ଗଭୀର କ୍ଷତ ସୃଷ୍ଟି ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ କୁମ୍ଭୀରଟି ପ୍ରାୟ ୨୫ ଫୁଟ ଲମ୍ବା ହେବ। ଲୋକେ କ୍ଷମାନିଧିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି।

● କେନ୍ଦୁଝର ବନ ବିଭାଗ ଚଢ଼ାଉ

## ୬୦ଟି ବେଆଇନ୍ ଶାଳ କାଠ ଜବତ



କେନ୍ଦୁଝର, ୪।୬ (ସଂଚାର ବ୍ୟୁରୋ) : କେନ୍ଦୁଝର ବନ ବିଭାଗ ଆଜି ପାଟଣା ରେଞ୍ଜର କର୍ମଚାରୀ ଏବଂ ମୋବାଇଲ୍ ଟିମ୍ ମିଳିତ ଭାବେ ଚଢ଼ାଉ କରିଥିଲେ । ନୂଆପଡ଼ା ଗ୍ରାମର ଚକ୍ରଧର ମହାନ୍ତଙ୍କ ପତ୍ନୀ ଜୟମଣି ମହାନ୍ତଙ୍କ ବାସଭବନରେ ଚଢାଉ କରି ବ୍ୟାପକ ବେଆଇନ ଶାଳ କାଠ ଜବତ କରିଛି । ବନଜାତ ଦ୍ରବ୍ୟର ଅବୈଧ ସଂରକ୍ଷଣ ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ପାଇ ବନ ବିଭାଗ ଟିମ୍ ଏହି ଚଢ଼ାଉ କରିଥିଲା ବୋଲି ଡି ଏଫ୍ ଓ ଧନରାଜ୍ ଏଚ ଡି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଚଢାଉ ବେଳେ ଘର ପରିସରରୁ ବେଆଇନ ଭାବରେ ଗଚ୍ଛିତ ଥିବା ବିଭିନ୍ନ ସାଇଜର ୬୦ ଟି ସାଇଜ ଶାଳ କାଠ ଚିହ୍ନଟ କରାଯାଇଥିଲା। ଜବତ କାଠର ପରିମାଣ ୦.୬୨୦୨୨ କ୍ୟୁବିକ ମିଟର ଯାହାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରା ଯାଇଛି। ଜବତ ପରେ କାଠକୁ ନିଜ ହେପାଜତକୁ ବନ ବିଭାଗ ନେଇଛି । ଓଡ଼ିଶା ବନ ଆଇନ ଏବଂ ପ୍ରଯୁଜ୍ୟ ବନ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ବିଭାଗ ଏକ ବନ ଅପରାଧ ମାମଲା ପଞ୍ଜିକୃତ କରି ଅଧିକ ତଦନ୍ତ କରୁଛି । କାଠ କେଉଁଠୁ ଆସିଲା, କେଉଁ ଗାଡ଼ିରେ ଆସିଲା ଏବଂ ଏହି କାରବାର ରେ ଆଉ କାହାର ସମ୍ପୃକ୍ତି ଅଛି ତାହାର ତଦନ୍ତ ବନ ବିଭାଗ କରିଛି।

## ବ୍ରାହ୍ମଣୀରେ ବୁଡ଼ିଗଲେ ନବମ ଶ୍ରେଣୀ ଛାତ୍ରୀ

ବ୍ରହ୍ମବରଦା, ୪।୬ (ସଂଚାର ବ୍ୟୁରୋ): ଗାଧୋଇବା ବେଳେ ବ୍ରାହ୍ମଣୀ ନଦୀରେ ବୁଡି ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ରୀଜଣଙ୍କ ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଚନ୍ଦନପୁର ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଝିଅ ଶୁଭଲକ୍ଷ୍ମୀ ବୋଲି ଜଣାପଡିଛି। ସୂଚନାନୁଯାୟୀ, ଶୁଭଲକ୍ଷ୍ମୀ ତିନିଜଣ ସାଙ୍ଗଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏତିକି ବେଳେ ନଦୀରେ ବୁଡି ଯାଇଥିଲେ। ଖବର ପାଇ ବରୀ ଅଗ୍ନିଶମ ବିଭାଗ ପହଞ୍ଚି ନଦୀରୁ ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବରୀ ରାମଚନ୍ଦ୍ରପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଥାନା ଅଧିକାରିଣୀ ହେମଲତା ଦାସ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଫାଟିଲା ଏସି

● ଜଳିଗଲା ମୂଲ୍ୟବାନ ଆସବାବପତ୍ର



ବଲାଙ୍ଗୀର, ୪।୬ (ସଂଚାର ବ୍ୟୁରୋ) : ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଗଲା ଏସି । ଏସିଟି ବ୍ଲାଷ୍ଟ ହେବା ପରେ ଉକ୍ତ ଘରେ ଥିବା ଏକ ଚାରିଚକିଆ ଗାଡି ଓ ଅନ୍ୟାନ୍ୟ ମୂଲ୍ୟବାନ ଅସବାବ ପତ୍ରରେ ନିଆଁ ଲାଗିଯାଇଛି । ସୂଚନା ମୁତାବକ ଟିଟିଲାଗଡ ସହର ସ୍ଥିତ ୱାର୍ଡ଼ ନମ୍ବର ୧୨ର ଜଣକ ଘର ଉପର ଦେଇ ବିଦ୍ୟୁତ ତାର ଯାଇଥିଲା । ତେବେ ଏସିଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବ୍ଲାଷ୍ଟ ହୋଇଯାଇଥିଲା । ଏସିଟି ବ୍ଲାଷ୍ଟ ହେବା ପରେ ଉକ୍ତ ଘରେ ଥିବା ଏକ ଚାରିଚକିଆ ଗାଡି ଓ ଅନ୍ୟାନ୍ୟ ମୂଲ୍ୟବାନ ଅସବାବ ପତ୍ରରେ ନିଆଁ ଲାଗିଯାଇଥିଲା । ନିଆଁକୁ ଆୟତ୍ତ କରିବା ପାଇଁ ଟିଟିଲାଗଡ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଘରେ ଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।



## ଉଠିଲା ୩ ରଥର ଚାରି ନାହାକା

ପୁରୀ ୪।୬ (ସଂଚାର ବ୍ୟୁରୋ): ଚଳିତ ବର୍ଷ ରଥ ନିର୍ମାଣ କାର୍ଯ୍ୟ ବେଶ ଆଗୁଆ ଚାଲିଛି। ସ୍ନାନ ପୂର୍ଣ୍ଣିମାର ଯଥେଷ୍ଟ ପୂର୍ବରୁ ଉଠିଛି ତିନି ରଥର ଚାରି ନାହାକା। ରଥର ଦଣ୍ଡା ଉପରେ କଣ୍ଟା ବାଡ଼ିଆ ପରେ ଗରଗରା ଓ ପୋଲ ଗୟଳ ପଡିଥିଲା। ଏଥିସହ ଜଳଯନ୍ତ୍ର ଓ ଗୁଜ ସ୍ଥାପନ ସରିବା ପରେ ମହାରଣାଙ୍କ ନିର୍ଦ୍ଦେଶରେ ଭୋଇ ସେବକମାନେ ଗୁରୁବାର ଅପରାହ୍ଣରେ ତିନିରଥର ଚାରି ନାହାକା ଉଠାଇଛନ୍ତି। ଏଥିସହ ତୃତୀୟ ହରିବୋଲ ପକାଇଛନ୍ତି ଭୋଇ ସେବକ। ଏମିତି ଲାଗୁଛି ସତେ ଯେମିତି ଚଳିତବର୍ଷ ମହାପ୍ରଭୁଙ୍କର ଇଛା କିଛି ଅଲଗା ରହିଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ତିନିରଥ ପ୍ରସ୍ତୁତ ହୋଇଯିବ ବୋଲି ଆଶା ରଖିଛନ୍ତି ରଥ ନିର୍ମାଣକାରୀ।

ଦେବସ୍ନାନ ପୂର୍ଣ୍ଣିମା ନ ଆସୁଣୁ ତିନିରଥର ଅର୍ଦ୍ଧାଧିକ କାମ ସରିବାକୁ ବସିଲାଣି। ଟାର୍ଗେଟ ଥାଏ ଦେବସ୍ନାନ ପୂର୍ଣ୍ଣିମା ଦିନ ତିନି ରଥର ଚାରି ନାହାକା ଉଠିବ। କିନ୍ତୁ ଗୁରୁବାର ଅପରାହ୍ଣରେ ଭୋଇ ସେବକମାନେ ମହାରଣାଙ୍କ ନିର୍ଦ୍ଦେଶରେ ତିନି ରଥର ଚାରି ନାହାକା ଉଠାଇବା ସହ ତୃତୀୟ ହରିବୋଲ ପକାଇଛନ୍ତି।ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ତିନି ରଥର ଛଅଟି ଚକ ସହିତ ତିନୋଟି ଅଖ ସଂଯୋଗ କରାଯାଇଥିବା ବେଳେ ଶୀତଳଷଷ୍ଠୀର ଯଥେଷ୍ଟ ପୂର୍ବରୁ ତିନି ରଥର ୩୬ଟି ଚକ ସହ ୧୮ଟି ଅଖ ସଂଯୋଗ ହୋଇ ଡେରା ଯାଇଥିଲା। ତେବେ ଚାରି ନାହାକା ଉଠିବା ପରେ ଗୁଜ, ଜଳଯନ୍ତ୍ର ସ୍ଥାପନ ଚାଲିଛି। ଏହାପରେ ଛନ୍ଦା ଗୟଳ ପକାଇ ତୀଖ ଗୁଜ ଓ ସାଲଗୁଜ ସଂଯୋଗ କରାଯାଇ ଚଉଦ ନାହାକା ଉଠାଯିବ ବୋଲି ଭୋଇ ସେବକ କହିଛନ୍ତି।

## ଦେବାଶିଷ ସାମନ୍ତରାୟ ବିଜେପି ରାଜ୍ୟସଭା ପ୍ରାର୍ଥୀ

### ୮ରେ ନାମାଙ୍କନ, ୧୮ରେ ଉପନିର୍ବାଚନ



ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ): ଦେବାଶିଷ ସାମନ୍ତରାୟଙ୍କୁ ବିଜେପିର ରାଜ୍ୟସଭା ପ୍ରାର୍ଥୀ ମନୋନୀତ କରାଯାଇଛି। ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟିର ଅନୁମୋଦନ କ୍ରମେ ଏହି ଘୋଷଣା କରାଯାଇଛି। ଦେବାଶିଷ ରାଜ୍ୟସଭା ସାଂସଦରୁ ଇସ୍ତଫା ଦେବା ପରେ ଖାଲି ପଡିଥିଲା ଏହି ଆସନ।

ସୂଚନାଯୋଗ୍ୟ ଯେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଦେବାଶିଷ ଇସ୍ତଫା ଦେଇଥିଲେ। ଇସ୍ତଫା ପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଥିଲେ। ଏହା ପରେ ସେ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତିଙ୍କୁ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ପତ୍ର ଦେଇଥିଲେ। ପରେ ଦିଲ୍ଲୀରେ ସେ ବିଜେପିରେ ଯୋଗ ଦେଇଥିଲେ। ରାଜ୍ୟସଭା ପଦରୁ ଇସ୍ତଫା ଦେବା ପରେ ଏହି ଆସନ ଖାଲି ପଡିଥିଲା। ପାର୍ଟି ତା'ର ପୁରୁଣା ଫର୍ମୁଲା ଅନୁସାରେ ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ଦେବାଶିଷଙ୍କୁ ପୁଣିଥରେ ଏହି ଆସନରେ ପ୍ରାର୍ଥୀ କରିଛି। ଜୁନ ୧୮ ତାରିଖରେ ରାଜ୍ୟସଭା ଉପନିର୍ବାଚନ ହେବ। ନାମାଙ୍କନ ଦାଖଲ ଶେଷ ତାରିଖ ଜୁନ ୮ ରହିଛି। ଦେବାଶିଷ ପୂର୍ବରୁ ବାରବାଟୀ କଟକ ଆସନ ଏବଂ ତିର୍ତ୍ତୋଲ ଆସନରୁ ମଧ୍ୟ ବିଜେଡି ବିଧାୟକ ଥିଲେ।

## ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ବୁଲିଲେ ବ୍ରିକ୍ସ ପ୍ରତିନିଧିମଣ୍ଡଳୀ



କାକଟପୁର/ଅସ୍ତରଙ୍ଗ,୪।୬ (ସଂଚାର ବ୍ୟୁରୋ):ଗୁରୁବାର ଅପରାହ୍ଣରେ ବ୍ରିକ୍ସ ଦେଶର ପ୍ରତିନିଧି ମଣ୍ଡଳୀ କୋଣାର୍କ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ଓ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଋଷ, ଭାରତ, ଚୀନ, ବ୍ରାଜିଲ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ ଆଦି ଦେଶର ପ୍ରତିନିଧିମାନେ ଗୁରୁବାର ଅପରାହ୍ଣରେ ଏଠାରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସମସ୍ତ ବିଦେଶୀ ପ୍ରତିନିଧି ସୂର୍ଯ୍ୟ ମନ୍ଦିର ବୁଲିଥିଲେ।

ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶେଶ୍ୱର ଦାଶ, ପ୍ରଦୀପ୍ତ ମଲ୍ଲ, ଆଭାସ ମହାନ୍ତି ସୂର୍ଯ୍ୟ ମନ୍ଦିର ଇତିହାସ ସମ୍ପର୍କରେ ବୁଝାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ବ୍ରିକ୍ସ ପ୍ରତିନିଧିମଣ୍ଡଳୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ଆଇଆଇସି ପ୍ରଶାନ୍ତ କୁମାର ପଢ଼ିୟାରୀ, ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## 'ଦେଶ-କାଳ-ପାତ୍ର'ର ସ୍ରଷ୍ଟା ଜଗନ୍ନାଥ ପ୍ରସାଦ ଦାସଙ୍କ ଦେହାନ୍ତ



**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ):ପ୍ରଖ୍ୟାତ ଓଡ଼ିଆ ସାହିତ୍ୟିକ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଜଗନ୍ନାଥ ପ୍ରସାଦ ଦାସଙ୍କ ବୁଧବାର ରାତିରେ ଭୁବନେଶ୍ୱର ବାସଭବନରେ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିଛନ୍ତି।

୨୬ ଏପ୍ରିଲ, ୧୯୩୬ରେ ପୁରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଜଗନ୍ନାଥ ଦାସ ୧୯୫୮ରେ ଆଇଏଏସ୍ ଅଧିକାରୀ ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ଅମଲାତାନ୍ତ୍ରିକ କ୍ୟାରିୟରରେ ବହୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଓ କେନ୍ଦ୍ର ସରକାରୀ ଭୂମିକାରେ କାର୍ଯ୍ୟ କରିଥିଲେ। ବିଶେଷତଃ ୧୯୬୫-୧୯୬୬ର ଭୟଙ୍କର ଦୁର୍ଭିକ୍ଷ ଏବଂ ମରୁଡ଼ି ସମୟରେ ସେ କଳାହାଣ୍ଡିର କଲେକ୍ଟର ଥିବା ବେଳେ ତାଙ୍କର ରିଲିଫ୍ ପ୍ରୟାସ ବ୍ୟାପକ ସ୍ୱୀକୃତି ପାଇଥିଲା।

୧୯୮୪ ମସିହାରେ ତାଙ୍କ ସୃଜନଶୀଳ ଆଗ୍ରହ ପାଇଁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଓ ଜଣେ କବି, ନାଟ୍ୟକାର, ଚିତ୍ରଶିଳ୍ପୀ, ଅଭିନେତା, ଔପନ୍ୟାସିକ ଏବଂ କଳା ଇତିହାସବିଜ୍ଞାନୀ ଭାବେ ଉତ୍କର୍ଷତା ହାସଲ କରିଥିଲେ। 'ପ୍ରଥମ ପୁରୁଷ', 'ଅହନିକା' ଏବଂ 'ପରିକ୍ରମା' ଭଳି ପ୍ରତୀକାତ୍ମକ କବିତା ସଂକଳନ, 'ସୂର୍ଯ୍ୟାସ୍ତ ପୂର୍ବରୁ' ଏବଂ 'ସୁନ୍ଦର ଦାସ' ଭଳି ପରୀକ୍ଷାମୂଳକ ଅବାସ୍ତବ ନାଟକ ତଥା ଐତିହାସିକ ଉପନ୍ୟାସ 'ଦେଶ କାଳ ପାତ୍ର' ତାଙ୍କର ଗୋଟିଏଗୋଟିଏ କାଳଜୟୀ କୃତି। ତାଙ୍କର ସାହିତ୍ୟିକ ପ୍ରତିଭା ପାଇଁ ତାଙ୍କୁ ୨୦୦୬ ମସିହାରେ ପ୍ରତିଷ୍ଠିତ ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେ ୧୯୯୦ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରତ୍ୟାଖ୍ୟାନ କରିଥିଲେ।

ନିଜର ଶୋକବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଡ. ଦାଶ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନଥିଲେ, ବରଂ ଭାରତୀୟ ପ୍ରଶାସନିକ ସେବା ଜଣେ ଦକ୍ଷ ଅଧିକାରୀ ଭାବେ ସେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟ ଓ ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ। ସାହିତ୍ୟର ପ୍ରତ୍ୟେକ ବିଭାଗରେ ନିଜର ସୃଜନଶୀଳତାର ସ୍ୱତନ୍ତ୍ର ଛାପ ଛାଡିଯାଇଥିବା ଜେ.ପି. ଦାସଙ୍କ ବିୟୋଗ ଆମ ସାରସ୍ୱତ ଜଗତପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କାଠଯୋଡ଼ିରୁ ଯୁବତୀଙ୍କ ମୃତଦେହ ଉଦ୍ଧାର



କଟକ, ୪।୬ (ସଂଚାର ବ୍ୟୁରୋ): ଗୁରୁବାର କଟକ ତ୍ରିଶୂଳିଆ ସୁଭାଷ ସେତୁ ନିକଟ କାଠଯୋଡ଼ି ନଦୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ସେତୁ ଉପରେ ବ୍ୟାଗ ଓ ଚପଲ ପଡ଼ିଥିବା ସକାଳୁ ମର୍ଣ୍ଣିଂ ୱାକ୍ କରୁଥିବା ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ବାରଙ୍ଗ ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଯାଇଥିଲା। ବ୍ୟାଗ୍‌ରୁ ମିଳିଥିବା ପ୍ରେସକ୍ରିପସନରୁ ସେ ଚନ୍ଦ୍ରିକା ହେମ୍ବ୍ରମ ଏବଂ ତାଙ୍କ ବୟସ ୨୮ ବର୍ଷ ବୋଲି ଜଣାପଡିଛି। ବ୍ୟାଗ୍‌ରୁ ପୁଲିସ ଗୋଟିଏ ମୋବାଇଲ ପାଇଛି। ସେତୁ ଉପରୁ ଯୁବତୀ ନଦୀକୁ ଡେଇଁ ପଡ଼ିଥିବା ଲୋକେ କହୁଥିବା ବେଳେ ଯୁବତୀ ସେତୁରୁ ଡେଇଁ ପଡିଛନ୍ତି ନା କେହି ତାଙ୍କୁ ମାରି ଫିଙ୍ଗି ଦେଇଛି ଉଭୟ ଦିଗକୁ ନେଇ ବାରଙ୍ଗ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଉପକୂଳ ସୁରକ୍ଷା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ

**ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬**

- ଉପକୂଳ ସୁରକ୍ଷା ବ୍ୟବସ୍ଥାର ସ୍ଥିତି, ଚ୍ୟାଲେଞ୍ଜ, ସମାଧାନ ନେଇ ଆଲୋଚନା
- ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ମିନି କଣ୍ଟ୍ରୋଲ ସେଣ୍ଟର, ମଡ୍ୟୁଲାର ଜେଟି ସ୍ଥାପନ ଉପରେ ଗୁରୁତ୍ୱ
- ୧୮ଟି ମେରାଇନ୍ ଥାନାରେ ୭୦୦ରୁ ଅଧିକ କର୍ମଚାରୀ ନିୟୋଜିତ
- 'ନାଭାମିତ୍ର' ଆପ୍ ମାଧ୍ୟମରେ ମାଛଧରା ଡଙ୍ଗାଗୁଡ଼ିକର ଗତିବିଧି ନିରୀକ୍ଷଣ

ଭୁବନେଶ୍ୱର, ୪।୬ (ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଗୁରୁବାର ପୋଲିସ ଭବନଠାରେ 'ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ- ୨୦୨୬' ଆୟୋଜିତ ହୋଇଯାଇଛି। 'ଉପକୂଳ ସୁରକ୍ଷା ବ୍ୟବସ୍ଥା: ସମସ୍ୟା, ସମାଧାନ ଓ ଆଗାମୀ ପଦକ୍ଷେପ' ଶୀର୍ଷକକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଉପକୂଳ ସୁରକ୍ଷା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି, ପ୍ରମୁଖ ଚ୍ୟାଲେଞ୍ଜ, ସମ୍ଭାବ୍ୟ ସମାଧାନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।





ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ନିଜ ଅଭିଭାଷଣରେ କହିଥିଲେ ଯେ, ଉପକୂଳ ସୁରକ୍ଷା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ରାଜ୍ୟର ଅର୍ଥନୈତିକ ବିକାଶ, ସାମୁଦ୍ରିକ ବାଣିଜ୍ୟ ଏବଂ ଜନସୁରକ୍ଷା ସହ ଏହା ନିବିଡ଼ ଭାବେ ସମ୍ପୃକ୍ତ। ଓଡ଼ିଶାର ୫୭୪.୭ କିଲୋମିଟର ଦୀର୍ଘ ଉପକୂଳ ଏବଂ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଉପକୂଳ ଅଞ୍ଚଳର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଥିବା ସେ କହିଥିଲେ।

ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ, ଉପକୂଳ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପୋଲିସ ଗତ କିଛିବର୍ଷ ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ବର୍ତ୍ତମାନ ଉପକୂଳ ଅଞ୍ଚଳରେ ଥିବା ୧୮ଟି ମେରାଇନ୍ ପୁଲିସ ଥାନାରେ ୭୦୦ରୁ ଅଧିକ ପୋଲିସ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାସହ ୧୫ଟି ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ୫ଟି ଡ୍ରୋନ୍ ଏବଂ ୫ଟି ଭଡ଼ା ଟ୍ରଲର ମାଧ୍ୟମରେ ସାମୁଦ୍ରିକ ପାଟ୍ରୋଲିଂକୁ ସୁଦୃଢ଼ କରାଯାଇଛି। ଭୁବନେଶ୍ୱରରେ ଅବସ୍ଥାପିତ ଥିବା କମାଣ୍ଡ, କଣ୍ଟ୍ରୋଲ ଓ ଟ୍ରେନିଂ ସେଣ୍ଟର ଉପକୂଳ ସୁରକ୍ଷା କାର୍ଯ୍ୟକଳାପର ସମନ୍ୱୟ ଏବଂ ନିରୀକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ସେହିପରି 'ନାଭାମିତ୍ର' ଆପ୍ ମାଧ୍ୟମରେ ମାଛଧରା ଡଙ୍ଗାଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଉଛି ଏବଂ ଅବସରପ୍ରାପ୍ତ ନୌସେନା ଓ ତଟରକ୍ଷୀ ବାହିନୀର ଅଧିକାରୀମାନଙ୍କ ସେବାକୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯାଇଛି।

ସେ ଆହୁରି ସୂଚନା ଦେଇଥିଲେ ଯେ, ଆଗାମୀ ଦିନରେ ଉପକୂଳ ସୁରକ୍ଷାକୁ ଅଧିକ ଆଧୁନିକ ଓ ପ୍ରଭାବଶାଳୀ କରିବା ନିମନ୍ତେ ୧୦ଟି ନୂତନ ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ଅତିରିକ୍ତ ଟ୍ରଲର, ମିନି କଣ୍ଟ୍ରୋଲ ସେଣ୍ଟର, ମାଛଧରା ବନ୍ଦର ଏବଂ ଫିଶ୍ ଲ୍ୟାଣ୍ଡିଂ ସେଣ୍ଟରଗୁଡ଼ିକରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ମଡ୍ୟୁଲାର ଜେଟି ଏବଂ ଆଧୁନିକ ଆଣ୍ଟି-ଡ୍ରୋନ୍ ପ୍ରଣାଳୀ ସ୍ଥାପନ କରାଯିବ।

ସେ କହିଥିଲେ ଯେ, ଉପକୂଳ ସୁରକ୍ଷାକୁ ଆହୁରି ମଜବୁତ କରିବା ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ, ଆଧୁନିକ ପ୍ରଯୁକ୍ତିର ଦକ୍ଷ ବ୍ୟବହାର ଏବଂ ମତ୍ସ୍ୟଜୀବୀ ସମୁଦାୟଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର SANCHAR
ଶୁକ୍ରବାର ୫ ଜୁନ୍ ୨୦୨୬
BUSINESS

# ମାରୁତି ବଜାରକୁ ଆଣିଲା ଇଥାନଲ୍ ଚାଳିତ କାର୍




ନୂଆଦିଲ୍ଲୀ,୪।୬: ଅଶୋଧିତ ତୈଳ ଆମଦାନି ନିର୍ଭରଶୀଳତା କମ୍ କରିବା ଦିଗରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଦେଶରେ ପ୍ରଥମ ଥର ପାଇଁ ଇଥାନଲ୍ ଚାଳିତ ମୋଟରସାଇକଲ୍ ଓ କାର୍ ଉନ୍ମୋଚିତ ହୋଇଛି। ଦେଶର ଅଗ୍ରଣୀ ଅଟୋମୋବାଇଲ୍ କମ୍ପାନି ମାରୁତି ସୁଜୁକି ଲିମିଟେଡ୍ ପକ୍ଷରୁ ପ୍ରଥମ ଇଥାନଲ୍ ଚାଳିତ କାର୍‌କୁ ଉନ୍ମୋଚନ କରାଯାଇଛି। କମ୍ପାନିର ୱାଗନ୍‌ଆର୍‌ର ଫ୍ଲେକ୍ସ-ଫୁଏଲ୍ ମଡେଲ୍‌କୁ ଆଜି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଓ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଉନ୍ମୋଚନ କରିଛନ୍ତି। ଗତକାଲି ଉଭୟ ହିରୋ ମୋଟୋକର୍ପର ପ୍ରଥମ ଫ୍ଲେକ୍ସ-ଫୁଏଲ୍ ମୋଟରସାଇକଲ୍‌କୁ ଉନ୍ମୋଚନ କରିଥିଲେ।ଫ୍ଲେକ୍ସ-ଫୁଏଲ୍ ମଡେଲ୍‌ର ଅର୍ଥ ହେଉଛି ସେହି ଗାଡ଼ିଗୁଡ଼ିକ ଅଧିକ ପରିମାଣରେ ଇଥାନଲ ମିଶିଥିବା ତେଲରେ ଚାଲିପାରିବ। ମାରୁତି ଆଣିଥିବା ୱାଗନଆର୍ ଫ୍ଲେକ୍ସଫୁଏଲ୍ ସମ୍ପୂର୍ଣ୍ଣ ରୂପେ ଇଥାନଲରେ ଚାଲିପାରିବ। ଏହି ଗାଡ଼ି ଭାରତର ତୈଳ ଆମଦାନି ନିର୍ଭରଶୀଳତା ହ୍ରାସ କରିବାରେ ସହାୟକ ହେବ। ଏହି ଅବସରରେ ମାରୁତି ସୁଜୁକିର ସିଇଓ ହିସାସି ଟାକେଉଚି କହିଛନ୍ତି ଯେ କମ୍ପାନି ଏବେ ଇଭି, ହାଇବ୍ରିଡ୍ ଓ ସିଏନ୍‌ଜି ଗାଡ଼ି ଉପରେ ଅଧିକ ଗୁରୁତ୍ୱ ଦେଉଛି। ହାଇଡ୍ରୋଜେନ ଚାଳିତ ଗାଡ଼ି ଆଣିବା ପାଇଁ କମ୍ପାନି ଗବେଷଣା ଜାରି ରଖିଥିବା ସେ କହିଛନ୍ତି।

ବର୍ତ୍ତମାନ ଦେଶରେ ଚାଲୁଥିବା ଅଧିକାଂଶ ଗାଡ଼ି ପେଟ୍ରୋଲ ଓ ଡିଜେଲ ଭଳି ଜୀବାଶ୍ମ ଇନ୍ଧନରେ ଚାଲୁଛି। ସେଥିପାଇଁ ପ୍ରତିବର୍ଷ ତେଲ ଆମଦାନି କରିବାରେ ବିପୁଳ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ବର୍ତ୍ତମାନ ଚାଲିଥିବା ଇରାନ ଯୁଦ୍ଧ ପାଇଁ ଦେଶକୁ ତେଲ ଓ ଗ୍ୟାସ୍ ଠିକ୍ ଭାବେ ଆସିପାରୁନାହିଁ। ଏଭଳି ସମୟରେ ବିକଳ୍ପ ଇନ୍ଧନର ଗୁରୁତ୍ୱ ବେଶ୍ ବଢ଼ିଯାଇଛି। ଆଉ କୌଣସି ଦେଶ ସବୁଦିନ ପାଇଁ ଆମଦାନି ତୈଳ ଉପରେ ନିର୍ଭରଶୀଳ ରହିବାକୁ ଚାହୁଁନାହାନ୍ତି। ସେଥିପାଇଁ ଇଲେକ୍ଟ୍ରିକ୍ ଗାଡ଼ି, ଫ୍ଲେକ୍ସ ଫୁଏଲ୍ ଓ ହାଇଡ୍ରୋଜେନ ଚାଳିତ ଗାଡ଼ି ପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ଇଲେକ୍ଟ୍ରିକ୍ ଗାଡ଼ି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛି। ଏବେ ଫ୍ଲେକ୍ସ-ଫୁଏଲ୍ ଗାଡ଼ି ଯଦି ଅଧିକ ଗ୍ରହଣୀୟ ହେବ ତେବେ ପେଟ୍ରୋଲ ଓ ଡିଜେଲ ଉପରେ ନିର୍ଭରଶୀଳତା ଆହୁରି ହ୍ରାସ ପାଇବ। ତେଲ ପାଇଁ ଆବଶ୍ୟକ ହେଉଥିବା ଇଥାନଲ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି। ତେଣୁ ଏହା ଜରିଆରେ ଚାଷୀକୂଳ ମଧ୍ୟ ଉପକୃତ ହେବେ।

# ପ୍ରଥମେ ଖସିଲା ତା'ପରେ ଉଠିଲା ସେନସେକ୍ସ-ନିଫ୍ଟି

ନୂଆଦିଲ୍ଲୀ, ୪।୬: ନିବେଶକଙ୍କୁ ଆରମ୍ଭରୁ ଝଟକା। ଗୁରୁବାର ଭାରତୀୟ ସେୟାର ବଜାର ନିବେଶକ ତଥା ବିଭିନ୍ନ କମ୍ପାନୀ ପାଇଁ ଉଭୟ ଅଶୁଭ ଏବଂ ଶୁଭ ସଙ୍କେତ ଆଣିଦେଇଛି। ବଜାର ଆଜି ରେଡ୍ ଜୋନରେ ଖୋଲିଛି। ଅର୍ଥାତ ପୂର୍ବଦିନ ଅପେକ୍ଷା ସେନସେକ୍ସ ଏବଂ ନିଫ୍ଟି ହ୍ରାସ ପାଇଛି। କିନ୍ତୁ ସବୁଠାରୁ ବଡ କଥା ହେଉଛି ଯେ ରେଡ୍ ଜୋନ୍ ପରେ ଏଥିରେ ଚମକ ଆସିଛି। ଅର୍ଥାତ ସେନସେକ୍ସ-ନିଫ୍ଟି ଉପରକୁ ଉଠିଛି।

ଗୁରୁବାର ବଜାର ଖୋଲିବା ପରେ ବିଏସଇ ସେନସେକ୍ସ ୫୦୦ ଅଙ୍କ ଖସି ଯାଇଥିଲା। କିନ୍ତୁ କିଛି ସମୟ ପରେ ଏହା ଉପରକୁ ଉଠିଥିଲା। ଏନଏସଇରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ସକାଳେ ସେନସେକ୍ସ ୭୪,୯୩୫ ଅଙ୍କରେ ଖୋଲିଥିଲା। ବୁଧବାର ଏହା ୭୪୩୪୬ରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟି ବୁଧବାର ୨୩,୪୦୫ ଅଙ୍କରେ ବନ୍ଦ ହୋଇଥିବା ବେଳେ ଗୁରୁବାର ୨୩୨୮୨ ଅଙ୍କରେ ଖୋଲିଥିଲା। କିଛି ମିନିଟ୍ ମଧ୍ୟରେ ଏହା ୨୩,୨୪୭ ଅଙ୍କକୁ ଚାଲି ଆସିଥିଲା। ପରେ ଏହା ୨୩୩୨୨ ଅଙ୍କରେ କାରବାର କରିଥିଲା। ଗୁରୁବାର ବଜାର ଖୋଲିବା ସମୟରେ କୋଲ୍ ଇଣ୍ଡିଆ, ଅଦାନୀ ଏଣ୍ଟରପ୍ରାଇସେସ, ଗ୍ରାସିମ୍, ଓଏନଜିସି, ଅଦାନୀ ପୋର୍ଟସ ଆଦି ଗ୍ରୀନ୍ ଜୋନରେ ଓପନ୍ ହୋଇଥିଲେ। ସେହିପରି ଇନଫୋସିସ, ଏଚସିଏଲ ଟେକ୍, ସିପଲା, ଆଇଚର୍ ମୋଟର୍ସ ଆଦି କମ୍ପାନିର ସେୟାର ରେଡ୍ ଜୋନରେ ଖୋଲିଥିଲା।



# ୧୫ ଲକ୍ଷ କୋଟି ଟଙ୍କା ସ୍କାମର ଅଭିଯୁକ୍ତ ରାଜେଶ ମେହେଟ୍ଟା

ନୂଆଦିଲ୍ଲୀ,୪।୬: ବଜାର ନିୟାମକ ସେବି ଜୁଏଲରୀ କମ୍ପାନି ରାଜେଶ ଏକ୍ସପୋର୍ଟ୍ସ ଲିମିଟେଡକୁ ନେଇ ଅନ୍ତରୀଣ ଆଦେଶ ଜାରି କରିଛି। ସେବି ଅଭିଯୋଗ କରିଛି ଯେ ଏହି କମ୍ପାନି ଜାଲିଆତି କରି ୧୫.୧୫ ଲକ୍ଷ କୋଟି ଟଙ୍କାର ରେଭେନ୍ୟୁ ଦର୍ଶାଇଛି। ସେବି ଏକ ଚକିତ ଖୁଲାସା କରି ରାଜେଶ ମେହେଟ୍ଟାଙ୍କୁ କମ୍ପାନିର ସେୟାରରେ ଟ୍ରେଡିଂ କରିବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇଛି। ସେବିର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ରାଜେଶ ଏକ୍ସପୋର୍ଟସ ନିଜର ମୋଟ ରୋଜଗାରର ପ୍ରାୟ ୯୭ ପ୍ରତିଶତରୁ ୯୯ ପ୍ରତିଶତ ଅଂଶ ଜାଲ୍ କିମ୍ବା ବଢ଼େଇ ଚଢ଼େଇ ଦେଖାଇଛି। ସେବି ନିଜର ୧୦୯ ପୃଷ୍ଠାର ଅନ୍ତରୀଣ ଆଦେଶରେ ଏହି ଅନିୟମିତତାକୁ ଇତିହାସର ସବୁଠାରୁ ଗମ୍ଭୀର ଆର୍ଥିକ ଅନିୟମିତତା ମଧ୍ୟରୁ ଅନ୍ୟତମ ବୋଲି କହିଛି। ଏହି ବଡ଼ କାର୍ଯ୍ୟାନୁଷ୍ଠାନ ପରେ କେବଳ କମ୍ପାନିର ସେୟାର ହ୍ରାସ ପାଇନାହିଁ, ବରଂ ଦେଶର ସବୁଠାରୁ ବଡ଼ ସରକାରୀ ବୀମା କମ୍ପାନି ଏଲଆଇସିକୁ ମଧ୍ୟ ବଡ଼ ଝଟକା ଲାଗିଛି। ଆସନ୍ତୁ ଜାଣିବା କିଏ ଏହି ରାଜେଶ ମେହେଟ୍ଟା ଏବଂ କିପରି ସେ ଶୂନ୍ୟରୁ ଶିଖର ପର୍ଯ୍ୟନ୍ତ ଯାତ୍ରା କରିଥିଲେ।



ବେଙ୍ଗାଲୁରୁର ବାସିନ୍ଦା ୬୦ ବର୍ଷୀୟ ରାଜେଶ ଜେ.ମେହେଟ୍ଟା ହେଉଛନ୍ତି ରାଜେଶ ଏକ୍ସପୋର୍ଟସର ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍। ସେ ୧୯୮୯ ମସିହାରେ ଏହି କମ୍ପାନି ଆରମ୍ଭ କରିଥିଲେ ଏବଂ ନିଜ ପରିଶ୍ରମ ବଳରେ ଏହାକୁ ବିଶ୍ୱର ସବୁଠାରୁ ବଡ଼ ଗୋଲ୍ଡ ରିଫାଇନିଂ ଏବଂ ଏକ୍ସପୋର୍ଟ କମ୍ପାନି ମଧ୍ୟରୁ ଅନ୍ୟତମ କରିପାରିଥିଲେ। ରାଜେଶ ମେହେଟ୍ଟା ଅତି କମ ବୟସରେ ମୂଲ୍ୟବାନ ଧାତୁ ବ୍ୟବସାୟରେ ପାଦ ଦେଇଥିଲେ। ସେ ନିଜର କଲେଜ ପାଠପଢ଼ା ମଝିରୁ ଛାଡି ଦେଇଥିଲେ ଏବଂ ଆରମ୍ଭରେ ରୁପା ବ୍ୟବସାୟ କରିବା ଆରମ୍ଭ କରିଥିଲେ। ପରେ ସେ ଧୀରେ ଧୀରେ ସୁନା ଏବଂ ଅଳଙ୍କାରର ବଡ଼ ବ୍ୟବସାୟରେ ପ୍ରବେଶ କରିଥିଲେ।

ରାଜେଶ ଏକ୍ସପୋର୍ଟସର ବିଜନେସ୍ ମଡେଲ ବେଶ ଶକ୍ତିଶାଳୀ ବୋଲି ବିବେଚନା କରାଯାଉଥିଲା। ଏହି କମ୍ପାନି କଞ୍ଚା ସୁନା କିଣି ତାକୁ ବିଶୁଦ୍ଧ ସୁନାରେ ରିଫାଇନ୍ କରେ। ଅଳଙ୍କାର ତିଆରି କରେ ଏବଂ ପରେ ବଜାରରେ ବିକ୍ରି କରେ। ରାଜେଶ ମେହେଟ୍ଟାଙ୍କ କ୍ୟାରିୟର ଏବଂ କମ୍ପାନିର ଇତିହାସରେ ସବୁଠାରୁ ବଡ଼ ମୋଡ଼ ୨୦୧୫ ମସିହାରେ ଆସିଥିଲା। ସେହି ବର୍ଷ ରାଜେଶ ଏକ୍ସପୋର୍ଟସ୍ ସ୍ୱିଜରଲ୍ୟାଣ୍ଡର ପ୍ରସିଦ୍ଧ ରିଫାଇନେରୀ 'ଭାଲକାମ୍ବି'କୁ ଅଧିଗ୍ରହଣ କରିଥିଲା। ଭାଲକାମ୍ବିକୁ ବିଶ୍ୱର ସବୁଠାରୁ ବଡ଼ ଗୋଲ୍ଡ ରିଫାଇନିଂ ଫ୍ୟାସିଲିଟି ମଧ୍ୟରୁ ଗୋଟିଏ ବୋଲି କୁହାଯାଏ। ଏହି ଡିଲ୍ ପରେ ରାଜେଶ ମେହେଟ୍ଟାଙ୍କ ନାମ ବିଶ୍ୱ ବଜାରରେ ଚମକି ଉଠିଥିଲା।

ଡାଟା ଅନୁଯାୟୀ, ରାଜେଶ ଏକ୍ସପୋର୍ଟସର ବାର୍ଷିକ ରାଜସ୍ୱ ପ୍ରାୟ ୩୯.୨ ବିଲିୟନ ଡଲାର (ପ୍ରାୟ ୩.୭୫ ଲକ୍ଷ କୋଟି ଟଙ୍କା) ଏବଂ ପ୍ରାୟ ୧,୪୬୫ କୋଟି ଟଙ୍କାର ଶୁଦ୍ଧ ଲାଭ ଦର୍ଶାଏ। ସେୟାର ବଜାରରେ ଏହି କମ୍ପାନିର ମୂଲ୍ୟ ପ୍ରାୟ ୯,୮୨୯ କୋଟି ଟଙ୍କା। କିନ୍ତୁ ସେବି କହିଛି ଯେ କମ୍ପାନି ନିଜର ମୋଟ ବିକ୍ରିକୁ ବଢ଼େଇ ଚଢ଼େଇ ଉପସ୍ଥାପନ କରିଛି। ଆଦେଶ ଅନୁଯାୟୀ, ପ୍ରାୟ ୯୭ ପ୍ରତିଶତରୁ ୯୯ ପ୍ରତିଶତ ରାଜସ୍ୱ ଜାଲ୍ ହେବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ଯାହା ପୂର୍ବରୁ କେବେ ଶୁଣାଯାଇ ନଥିଲା। ରାଜେଶ ମେହେଟ୍ଟାଙ୍କ ଉପରେ ସେବିର ଏହି କାର୍ଯ୍ୟାନୁଷ୍ଠାନର ସିଧାସଳଖ ପ୍ରଭାବ ଭାରତୀୟ ଜୀବନ ବୀମା ନିଗମ ଉପରେ ପଡିଛି।

# ୫୦୦ ଫ୍ଲେକ୍ସ-ଫୁଏଲ୍ ପମ୍ପ୍ ଖୋଲିବ

ନୂଆଦିଲ୍ଲୀ,୪।୬: ଗାଡ଼ି ନିର୍ମାତାମାନେ ଫ୍ଲେକ୍ସ ଫୁଏଲ୍ ବା ଇଥାନଲ୍ ମିଶା ତେଲରେ ଚାଲୁଥିବା ଗାଡ଼ି ଉନ୍ମୋଚନ କରିବା ପରେ କେନ୍ଦ୍ର ସରକାର ଉତ୍ସାହିତ ହୋଇପଡ଼ିଛନ୍ତି। ଏଭଳି ଗାଡ଼ି ଲାଗି ଦରକାର ହେଉଥିବା ତେଲ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ଫ୍ଲେକ୍ସ ଫୁଏଲ୍ ପମ୍ପ ସ୍ଥାପନ କରାଯିବ। ଚଳିତ ବର୍ଷ ଶେଷ ସୁଦ୍ଧା ଏଭଳି ୫୦୦ ଓ ୨୦୨୭ ସୁଦ୍ଧା ୫୦୦୦ ପମ୍ପ ସ୍ଥାପନ କରିବା ଯୋଜନା ରହିଛି ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି।ଶ୍ରୀ ପୁରୀଙ୍କ କହିବାନୁସାରେ ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ପ୍ରମୁଖ ମେଟ୍ରୋ ସହରରେ ୫୦-୧୦୦ ପର୍ଯ୍ୟନ୍ତ ପମ୍ପ ଖୋଲାଯିବ। ଆସନ୍ତା ୧୮ ମାସ ଭିତରେ ସେଭଳି ପମ୍ପ ସଂଖ୍ୟାକୁ ଦ୍ରୁତ ଗତିରେ ବଢ଼ାଯିବ। ବହୁ ଆଗରୁ ଏଭଳି ପମ୍ପ ଖୋଲିବା ଯୋଜନା ଥିଲା। କିନ୍ତୁ ଗାଡ଼ି ନଥିବାରୁ ତେଲ ବିକ୍ରି କରିବାର କିଛି ଅର୍ଥ ନଥିଲା। ଏବେ ଗାଡ଼ି ଆସିଗଲାଣି। ତେଣୁ ତେଲ ବିକ୍ରିକୁ ବ୍ୟାପକ କରାଯିବ। ପ୍ରଥମେ ଦିଲ୍ଲୀ-ଏନ୍‌ସିଆର୍, ମୁମ୍ବାଇ, ପୁଣେ, ନାଗପୁରରେ ଫ୍ଲେକ୍ସ ଫୁଏଲ୍ ପମ୍ପ ଖୋଲାଯିବ। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଅଶୋଧିତ ତେଲ ଆମଦାନି ଉଭୟ କଷ୍ଟକର ଓ ମହଙ୍ଗା ହୋଇଥିବା ଭଳି ଏକ ଗମ୍ଭୀର ସମୟରେ କେନ୍ଦ୍ର ସରକାର ଫ୍ଲେକ୍ସ ଫୁଏଲ୍ ଭଳି ଏକ ବିକଳ୍ପ ଇନ୍ଧନର ବ୍ୟାପକ ପ୍ରସାର କରିବାକୁ ଯାଉଛନ୍ତି। ଫ୍ଲେକ୍ସ ଫୁଏଲ୍ ଗାଡ଼ିଗୁଡ଼ିକ ୮୫ ପ୍ରତିଶତରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ ମିଶିଥିବା ତେଲରେ ଚାଲିପାରିବ। ଦେଶର ଦୁଇ ବଡ଼ ଗାଡ଼ି ନିର୍ମାତା ହିରୋ ମୋଟୋକର୍ପ ଓ ମାରୁତି ସୁଜୁକି ନିଜର ଫ୍ଲେକ୍ସ ଫୁଏଲ୍ ମଡେଲ୍ ଉନ୍ମୋଚନ କରିଛନ୍ତି। ସେହି ଗାଡ଼ିଗୁଡ଼ିକର ବିକ୍ରି ବଢ଼ିବା ପରେ ଇଥାନଲ୍ ଚାହିଦା ବଢ଼ିବ। ତାହାର ଲାଭ ଚାଷୀମାନଙ୍କୁ ମିଳିବ। ପ୍ରତିବର୍ଷ ଅଶୋଧିତ ତୈଳ ମଗାଇବାରେ ଖର୍ଚ୍ଚ ହେଉଥିବା ୧୨୦ ବିଲିଅନ ଡଲାରରେ ମଧ୍ୟ ବ୍ୟାପକ ସଞ୍ଚୟ ହେବ।



# ଭାରତକୁ 'କ୍ଲାଉଡ୍ ମିଥୋସ୍' ବ୍ୟବହାର ଅନୁମତି

ନୂଆଦିଲ୍ଲୀ,୪।୬: ବିଶ୍ୱର ସବୁଠୁ ଶକ୍ତିଶାଳୀ ଏଆଇ ଟୁଲ୍ କ୍ଲାଉଡ୍ ମିଥୋସ୍‌କୁ ବ୍ୟବହାର କରିବା ଲାଗି ଭାରତକୁ ଅନୁମତି ମିଳିଛି। ଆମେରିକୀୟ ସଂସ୍ଥା ଆନ୍ଥ୍ରୋପିକ୍‌ର ଏହି ଏଆଇ ଟୁଲ୍ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ଥିଲା। ଅଳ୍ପ କିଛି ସଂସ୍ଥାକୁ ଏହାର ବ୍ୟବହାର ଅନୁମତି ଦିଆଯାଇଥିଲା। ସିଷ୍ଟମ୍‌ରେ ଥିବା ବହୁ ବର୍ଷ ପୁରୁଣା ତ୍ରୁଟିକୁ ଧରିବାରେ ଏହାର ଥିବା କ୍ଷମତାକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ପ୍ରକଟ କରାଯାଇଥିଲା। ବିଶେଷ କରି ବ୍ୟାଙ୍କ ଭଳି ଆର୍ଥିକ ସଂସ୍ଥାଗୁଡ଼ିକ ବେଶ୍ ଚିନ୍ତିତ ହୋଇପଡ଼ିଥିଲେ। ଏବେ ସେହି ମିଥୋସ୍ ବ୍ୟବହାର କରିବାକୁ ଅନୁମତି ମିଳିଥିବାରୁ ଭାରତ ଆଶ୍ୱସ୍ତ ହୋଇଛି।ମିଳିଥିବା ସୂଚନା ଅନୁସାରେ ଭାରତର ସରକାରୀ ଓ ଘରୋଇ ସଂସ୍ଥାଗୁଡ଼ିକ କ୍ଲାଉଡ୍ ମିଥୋସ୍‌କୁ ସାଇବର୍ ନିରାପତ୍ତା ଓ ଆର୍ଥିକ ସେବା କ୍ଷେତ୍ରରେ ବ୍ୟବହାର କରିପାରିବେ। ଆନ୍ଥ୍ରୋପିକ୍ ପକ୍ଷରୁ କୁହାଯାଇଛି ଯେ ମିଥୋସ୍ ବ୍ୟବହାର କରିବା ପାଇଁ ଆମର ରହିଥିବା 'ପ୍ରୋଜେକ୍ଟ ଗ୍ଲାସ୍‌ୱିଙ୍ଗ'କୁ ଅଧିକ ଦେଶ ଓ ସଂସ୍ଥାକୁ ସମ୍ପ୍ରସାରିତ କରାଯାଇଛି। ତେବେ ସଂସ୍ଥା ଓ ଦେଶଗୁଡ଼ିକର ନାମକୁ କମ୍ପାନି ସାର୍ବଜନୀନ କରିନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୫୦ଟି ସଂସ୍ଥାକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲା ଆମେରିକୀୟ କମ୍ପାନି ଯଥା ଆମାଜନ, ଗୁଗଲ, ଏନଭିଡିଆ, ଆପଲ୍ ଓ ମାଇକ୍ରୋସଫ୍ଟ। ସାଇବର ନିରାପତ୍ତା ସଂସ୍ଥା କ୍ରାଉଡ୍‌ଷ୍ଟ୍ରାଇକ୍ ଓ ପାଲୋ ଅଲ୍‌ଟୋକୁ ମଧ୍ୟ ସାମିଲ କରାଯାଇଥିଲା। ମେ ସୁଦ୍ଧା ଏହି ସଂସ୍ଥାଗୁଡ଼ିକ ବିଭିନ୍ନ ପ୍ରକାର ସିଷ୍ଟମ୍‌ରେ ଥିବା ୧୦,୦୦୦ରୁ ଅଧିକ ତ୍ରୁଟି ଧରିବାରେ ସକ୍ଷମ ହୋଇଥିଲେ ଯାହା ଜରିଆରେ ହ୍ୟାକରମାନେ ସାଇବର୍ ଆକ୍ରମଣ କରିପାରିବେ। ବର୍ତ୍ତମାନ ଆନ୍ଥ୍ରୋପିକ୍ସ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଅଧିକ ୧୫ଟି ଦେଶକୁ ସାମିଲ କରାଯାଇଛି। ସେହି ଦେଶଗୁଡ଼ିକ ମଧ୍ୟରେ ଭାରତର ନାମ ଥିଲା କୁହାଯାଉଛି। ନୂଆ ଦେଶଗୁଡ଼ିକର ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ମିଥୋସ୍‌କୁ ବ୍ୟବହାର କରି ନିଜ ସିଷ୍ଟମ୍‌ରେ ଥିବା ତ୍ରୁଟି ସନ୍ଧାନ କରି ସେଥିରୁ ସୁଧାର ଆଣିବା ଦିଗରେ କାମ କରିବେ। ବିଶେଷ କରି ସଫ୍ଟୱେର ଉପରେ ଅଧିକ ନିର୍ଭରଶୀଳ ଥିବା ସଂସ୍ଥାଗୁଡ଼ିକୁ ମିଥୋସ୍ ବ୍ୟବହାର କରିବାର ଅନୁମତି ଦିଆଯାଇଛି। ଏକ ସମୟରେ 'ମିଥୋସ୍'କୁ ବିଶ୍ୱର ସବୁଠୁ ବଡ଼ ସାଇବର ବିପଦ ଭାବେ ବିଚାର କରାଯାଉଥିଲା। କାରଣ ଅସାଧୁ ତତ୍ତ୍ୱଙ୍କ ହାତରେ ତାହା ପଡ଼ିଲେ ସେମାନେ ସମଗ୍ର ବିଶ୍ୱର ଡିଜିଟାଲ ଜଗତକୁ ନିଜ କବ୍‌ଜାକୁ ନେଇପାରିବେ। ଯେକୌଣସି ସିଷ୍ଟମ୍‌କୁ ସେମାନେ ହ୍ୟାକ୍ କରି ନିୟନ୍ତ୍ରଣ କରିପାରିବେ। ମିଥୋସ୍‌ର ସେଭଳି କ୍ଷମତା ବିଶ୍ୱବ୍ୟାପୀ ଭୟର ବାତାବରଣ ସୃଷ୍ଟି କରିଥିଲା। ଏଭଳିକି ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ପକ୍ଷରୁ ମିଥୋସ୍‌କୁ ନେଇ ସତର୍କବାଣୀ ଜାରି କରାଯାଇଥିଲା।






# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

## ଧାନମଣ୍ଡଳ-କପିଳାସ ରୋଡ଼ ସେକ୍ସନରେ ବ୍ରିଜ୍ ପୁନଃନିର୍ମାଣ କାର୍ଯ୍ୟ ହେତୁ ଯାତ୍ରୀବାହୀ ଟ୍ରେନ୍ ବାତିଲ୍




ଭୁବନେଶ୍ୱର,୪।୬ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନରେ ଥିବା ଧାନମଣ୍ଡଳ- କପିଳାସ ରୋଡ଼ ସେକ୍ସନରେ ପଥର ସ୍ଲାବ୍ ବ୍ରିଜ୍ ଗୁଡ଼ିକର ପୁନଃନିର୍ମାଣ କାର୍ଯ୍ୟକୁ ସହଜ କରିବା ପାଇଁ, ପୂର୍ବତଟ ରେଳପଥ ଦ୍ୱାରା ଜୁନ୍ ଏବଂ ଜୁଲାଇ ୨୦୨୬ ମାସ ମଧ୍ୟରେ ରେଳ ସୁରକ୍ଷା ବୃଦ୍ଧି ଏବଂ ରେଳ ପରିଚାଳନାରେ ଉନ୍ନତି ଆଣିବା ନିମନ୍ତେ ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବ।

ଫଳସ୍ୱରୂପ, ନିମ୍ନଲିଖିତ ମେମୁ ଟ୍ରେନ୍ ସେବାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ବାତିଲ୍ ରହିବ: ଟ୍ରେନ୍ ନଂ୬୮୪୨୪/୬୮୪୨୩ କଟକ- ଭଦ୍ରକ- କଟକ ମେମୁ ଜୁନ୍ ମାସର ୦୫, ୧୨, ୧୯, ୨୬ ତାରିଖରେ ଏବଂ ଜୁଲାଇ ୦୩ ତାରିଖରେ ବାତିଲ୍ ରହିବ।

ଟ୍ରେନ୍ ନଂ ୬୮୪୩୮/୬୮୪୩୭ କଟକ- ଭଦ୍ରକ- କଟକ ମେମୁ ଜୁନ୍ ମାସର ୦୫, ୧୨, ୧୯, ୨୬ ତାରିଖରେ ଏବଂ ଜୁଲାଇ ୦୩ ତାରିଖରେ ବାତିଲ୍ ରହିବ।

ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନ ଗୁଡ଼ିକ ସମ୍ପର୍କରେ ଅବଗତ ହେବାକୁ ଏବଂ ସେହି ଅନୁଯାୟୀ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ। ଟ୍ରେନ୍ ସମ୍ବନ୍ଧୀୟ ଅଦ୍ୟତନ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' (ଏନ୍‌ଟିଇଏସ୍) କିମ୍ବା ସରକାରୀ ରେଳ ଅନୁସନ୍ଧାନ ପ୍ରଣାଳୀର ସହାୟତା ନେଇପାରିବେ।

### ମଦନପୁର ଭାୟା କାନପୁର ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ

# ଖବର ପ୍ରସାରଣ ପରେ ଦୋଷ ଢାଙ୍କିବାକୁ ଉଦ୍ୟମ

ଆନନ୍ଦପୁର,୪।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକର ଭଗାନଇ ଠାରୁ ମଦନପୁର ଭାୟା କାନପୁର ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ବଢ଼ିବାରେ ଲାଗିଛି ବିବାଦ। କୋଟି କୋଟି ଟଙ୍କା ବ୍ୟୟରେ ଚାଲିଥିବା ଏହି ରାସ୍ତା କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର, ସୂଚନା ଫଳକର ଅଭାବ ଓ କାର୍ଯ୍ୟ ଶେଷ ହେବାର ସମୟସୀମା ସମ୍ପର୍କରେ କୌଣସି ସ୍ପଷ୍ଟତା ନଥିବା ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଥିଲେ। ଗତ ୩୧ ମେରେ "ସଂଚାର"ରେ ଏହି ରାସ୍ତା କାମର ଅନିୟମିତତାକୁ ନେଇ ଖବର ପ୍ରସାରଣ ହେବା ପରେ ଠିକାଦାରଙ୍କ ଆଉ ଦେଖା ମିଳୁନଥିବା ବେଳେ ସନ୍ଦେହ ଆହୁରି ଘନୀଭୂତ ହୋଇଛି। ଏବଂ କିଛି ସାମ୍ବାଦିକଙ୍କୁ ହାତ ବାରିସି କରି ଘଟଣାର ଦିଗ ବଦଳାଇବା ଏବଂ ତଦନ୍ତ ବାଟବଣା କରାଯାଉଛି। ଏହାରି ମଧ୍ୟରେ କିଛି ବ୍ୟକ୍ତି ଲୁଙ୍ଗି ଓ ହାପ ପ୍ୟାଣ୍ଟ ପିନ୍ଧି ନିଜକୁ ଅଧିକାରୀ ସାଜି ମାପ ଫିତା ଧରି ଗାତ ଖୋଳି କାମର ଗୁଣବତ୍ତା ଯାଞ୍ଚ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

**କୁଆଡେ ଗଲେ ଯନ୍ତ୍ରୀ?**

**ଗାଁ ଲୋକେ କରୁଛନ୍ତି ରାସ୍ତାର ଗୁଣବତ୍ତା ଯାଞ୍ଚ**



ତେବେ ଏଠି ପ୍ରଶ୍ନ ଉଠୁଛି ପୂର୍ତ୍ତ ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ କୁଆଡେ ଗଲେ? ସରକାରୀ ଭାବେ ଗୁଣବତ୍ତା ଯାଞ୍ଚ ହେବା କଥା ଥିବା ବେଳେ କିଛି ସାଧାରଣ ଲୋକ କାହିଁକି ଏହି ଦାୟିତ୍ୱ ନେଉଛନ୍ତି? ଏହା ପଛରେ କୌଣସି ବଡ଼ ରହସ୍ୟ ଲୁଚି ନାହିଁ ତ? ଅଭିଯୋଗ ହେଉଛି ଯେ, ଡବ୍ଲୁଏମଏମ୍ କାମରେ ମେଷ୍ଟାଲ ଭାଗ କମ୍ ଓ ଡଷ୍ଟ ଭାଗ ଅଧିକ ରହୁଛି। ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ମରମ ପଡ଼ିବା ବଦଳରେ ମାଟି ପକାଯାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି।

ଏହି ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରିଣୀ ରାଜଶ୍ରୀ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ମିଟିଂରେ ବ୍ୟସ୍ତ ଥିବା କହି ପରେ କଲ୍ ବ୍ୟାକ୍ କରିବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଆଉ ଫୋନ୍ କରିନଥିଲେ, ନା ଆମ ପକ୍ଷରୁ କରାଯାଇଥିବା କଲ୍‌କୁ ସେ ରିସିଭ୍ କରିଥିଲେ। ଫଳରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଥିବା ସନ୍ଦେହ ଜୋର ଧରିଛି। କୋଟି କୋଟି ଟଙ୍କାର ଏହି ପ୍ରକଳ୍ପରେ ଯଦି ଯନ୍ତ୍ରୀ ଓ ଅଧିକାରୀଙ୍କ ତଦାରଖ ବଦଳରେ ଗାଁ ଲୋକେ ଗୁଣବତ୍ତା ଯାଞ୍ଚ କରିବେ, ତେବେ ରାସ୍ତାର ମାନ କିପରି ହେବ ତାହା ସହଜରେ ଅନୁମାନ କରାଯାଇପାରେ।

## ଗ୍ରୀଷ୍ମ ଶିକ୍ଷା ଶିବିର ପରିଦର୍ଶନ କଲେ ଜିଲ୍ଲାପାଳ

**ଦଶମ ଶ୍ରେଣୀ ପିଲାଙ୍କୁ ଦେଲେ ସଫଳତାର ମନ୍ତ୍ର**

ମାଲକାନଗିରି,୪।୬ (ସଂଚାର ବ୍ୟୁରୋ): ଶିକ୍ଷା କ୍ଷେତ୍ରରେ ବଡ଼ ସଂସ୍କାର ଓ ପିଲାଙ୍କ ମନୋବଳ ବଢ଼ାଇବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ୨୦ଦିନିଆ ଦଶମ ଶ୍ରେଣୀ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଅନ୍ତର୍ଗତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ।

ଛାତ୍ରଛାତ୍ରୀଙ୍କ ସହ ସେ ସେମାନଙ୍କ ପାଠପଢ଼ା ଓ ଭବିଷ୍ୟତ ଲକ୍ଷ୍ୟ ବିଷୟରେ ସିଧାସଳଖ ଆଲୋଚନା କରିଥିଲେ। ଆଲୋଚନା ବେଳେ ପଢୁଥିବା ବିଷୟକୁ କେବଳ ଘୋଷିବା ପରିବର୍ତ୍ତେ ତାର୍କିକ ରୂପେ ବୁଝିବା ଓ ବର୍ତ୍ତମାନ ସମୟର ସଦୁପଯୋଗ କରିବାକୁ ଜିଲାପାଳ ଉପଦେଶ ଦେଇଥିଲେ। ଏଥିସହ ଦଶମ ଶ୍ରେଣୀ ପାଠକୁ ଟିକେ ଆଗୁଆ ସାରି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ସେ ସେଠାରେ ଉପସ୍ଥିତ ଶିକ୍ଷକ ଗଣଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।




ଏହି ସ୍ପେଶାଲ ଭିଜିଟ୍ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାହୀରଥି ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରାଙ୍କ ସହ ପ୍ରଧାନ ଶିକ୍ଷକ ଈଶ୍ୱର ରାଓ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲାପାଳଙ୍କ ଏହି ହଠାତ୍ ପରିଦର୍ଶନ ଓ ପ୍ରେରଣାଦାୟୀ ବାର୍ତ୍ତା ପରେ ଶିବିରରେ ଥିବା ପିଲାମାନଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି।

## ଶିକ୍ଷକଙ୍କ ଅକାଳ ବିୟୋଗ



ଡେରାବିଶ,୪।୬ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗୌଡବିଶି ଗ୍ରାମ ନିବାସୀ ତଥା ଶିକ୍ଷକ ପୃଥ୍ୱୀରାଜ ବେହେରା(୫୨) ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପୃଥ୍ୱୀରାଜ ପ୍ରାୟ ବର୍ଷେ ହେବ ଦୂରାରୋଗ୍ୟ କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସିତ ହୋଇ ଆସୁଥିବା ବେଳେ ଗୁରୁବାର ଅପରାହ୍ନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଏହି ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଆସୁଥିଲେ। ଏହି ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାଶ, ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମିଶ୍ର, ପ୍ରମୋଦ କୁମାର ରାଉତରାୟ , ଇତିଶ୍ରୀ ନାୟକ,ଶ୍ରୀୟାଶକ୍ତି ମହାନ୍ତି, ଶାନ୍ତିଲତା ପଣ୍ଡା, ଗୋପାଳ ଚନ୍ଦ୍ର ବାରିକ,ଅଜୟ ଦାସ,ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶାନ୍ତନୁ କୁମାର ସାହୁ, ସମାଜସେବୀ ମହେଶ୍ୱର ଷଣ୍ଢ ଓ ସମବାୟବିତ ମଧୁସୁଦନ ଘଡ଼େଇ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାର ନିକଟରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।ତାଙ୍କର ଦୁଇ ଗୋଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଅଙ୍ଗନବାଡ଼ି ଗୃହ ନିର୍ମାଣରେ ପାଳନ ହେଉ ସରକାରଙ୍କ ନିୟମ

ଡେରାବିଶ,୪।୬ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମରେ ହେବାକୁଥିବା ଅଙ୍ଗନବାଡ଼ି ଗୃହ ନିର୍ମାଣରେ ସରକାରୀ ନିୟମ ଅନୁସରଣ କରିବା ପାଇଁ ଶିଶୁ ଅଭିଭାବକ ଓ ଅଙ୍ଗନବାଡ଼ି କମିଟି ଦାବି କରିଛନ୍ତି। ଘଟଣାରୁ ପ୍ରକାଶ କିଛି ବର୍ଷ ପୂର୍ବରୁ ସରକାରଙ୍କ ନିୟମାନୁଯାୟୀ କମ୍ ସଂଖ୍ୟକ ଛାତ୍ରଛାତ୍ରୀଥିବା ବିଦ୍ୟାଳୟକୁ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରାଯିବା ନ୍ୟାୟରେ ଛକନାସ୍ଥିତ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ସାରଦା ଏକାଡେମୀରେ ମିଶ୍ରଣ ହୋଇଥିଲା। ସେତେବେଳେ ଛକନା ପ୍ରାଥମିକ ବିଦ୍ୟାଳୟଟି ଏକ ବିପଦସଙ୍କୁଳ ଘରେ ଚାଲିଥିବା ବେଳେ ନିକଟରେ ସର୍ବଶିକ୍ଷା ଅଭିଯାନ ତରଫରୁ ଏକ ଅର୍ଦ୍ଧନିର୍ମିତ ଗୃହ ରହିଥିଲା ଏବଂ ଏହି ପରିସରରେ ଏକ ପରିତ୍ୟକ୍ତ ଓ ବିପଦସଙ୍କୁଳ ଘରେ ଅଙ୍ଗନବାଡ଼ି ଚାଲିଥିଲା। ତେବେ ସରକାରଙ୍କ ନିୟମ ଅନୁଯାୟୀ ଗୋଟିଏ ଛାତ ତଳେ ଅଙ୍ଗନବାଡ଼ି, ଶିଶୁବାଟିକା ଓ ପ୍ରାଥମିକ ବିଦ୍ୟାଳୟ ରହିବ। ଯାହାଦ୍ୱାରା ଶିକ୍ଷା ଆରମ୍ଭରୁ ଏକ ଶୈକ୍ଷିକ ପରିବେଶରେ ଶିକ୍ଷା ଆରମ୍ଭ ହେବ। ହେଲେ ଛକନାରେ ନୂତନ ଅଙ୍ଗନବାଡ଼ି ଗୃହଟି ନିର୍ମାଣ ପାଇଁ ବ୍ଲକକୁ ଯେଉଁ ପ୍ରକଳ୍ପ ତାଲିକା ଯାଇଛି ସେଥିରେ ଏହି ଗୃହଟି ସାରଦା ଏକାଡେମୀ ପରିସରରେ ନିର୍ମାଣ ପାଇଁ ଅଭିଭାବକ ଓ ଅଙ୍ଗନବାଡ଼ି କମିଟି ଦାବି କରିଛନ୍ତି। ହେଲେ ଗ୍ରାମର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି ଗୃହଟି ସେହି ପରିତ୍ୟକ୍ତ ତଥା ଅସ୍ୱାସ୍ଥ୍ୟକର ବିପଦସଙ୍କୁଳ ସ୍ଥାନରେ କରିବା ପାଇଁ ମସୁଧା କରୁଛନ୍ତି। ଆଜି ଡେରାବିଶ ସିଡ଼ିପିଓ ଓ ହରିଅଙ୍କ ରାଜସ୍ୱ ନିରୀକ୍ଷକ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୁପଣ କରିବାକୁ ଯାଇଥିଲେ। ସେଠାରେ ଅଙ୍ଗନବାଡ଼ି କମିଟି ସଭାପତି ଓ ଗ୍ରାମବାସୀଙ୍କ ସହ ଆଲୋଚନା ନକରି ଏବଂ ସରକାରୀ ନିୟମକୁ ଅନୁସରଣ ନକରି ଗ୍ରାମର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ସହ କଥା ହେଉଥିବା ଜାଣି ଗ୍ରାମର ବହୁ ବ୍ୟକ୍ତି ଓ ଅଙ୍ଗନବାଡ଼ି କମିଟିର ସଭାପତି ଓ ସଦସ୍ୟମାନେ ସିଡ଼ିପିଓଙ୍କୁ ଭେଟି ସରକାରୀ ନିୟମ ଅନୁଯାୟୀ ସାରଦା ଏକାଡେମୀ ପରିସରରେ ନିର୍ମାଣ ପାଇଁ ଦାବି କରିଥିଲେ।

### ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ

## ପ୍ରଥମ ଗର୍ଭବତୀଙ୍କ ସଫଳ ଅସ୍ତ୍ରୋପଚାର

ହିଞ୍ଜିଳିକାଟୁ,୪।୬ (ସଂଚାର ବ୍ୟୁରୋ): ସରକାର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତୃ ଓ ଶିଶୁ ମୃତ୍ୟୁହାର କମିବା ପାଇଁ ବହୁବିଧ ପଦକ୍ଷେପ ନିଆଯାଉଛି। ଏହିକ୍ରମରେ ସିଜରିଆନ ଡେଲିଭରି ଲାଗି ସଚେତନ କରାଯାଉଛି। ତେବେ ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପ୍ରଥମ ଥର ପାଇଁ ବୁଧବାର ଦିନ ଉକ୍ତ ଅଂଚଳର ଜଣେ ଗର୍ଭବତୀଙ୍କ ସଫଳ ଅସ୍ତ୍ରୋପଚାର ଦ୍ୱାରା ଏକ ଶିଶୁକନ୍ୟା ଜନ୍ମ ହୋଇଛି |



ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତିଭା କୁମାରୀ ପାତ୍ର, ନିଶ୍ଚେତକ ବିଭାଗ ଡାକ୍ତର କେ. ଅଶୋକ ରାଜ, ଶୈଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ତପନ କୁମାର ମଲ୍ଲ ଓ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୁର୍ଗା ପ୍ରସାଦ ପଣ୍ଡା ଉପସ୍ଥିତ ରହି ପ୍ରମୁଖ ମହିଳାଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି।

କିନ୍ତୁ ପରିତାପର ବିଷୟ ଏତେ ବଡ଼ ହସ୍ପିଟାଲରେ ରକ୍ତ ଭଣ୍ଡାର ନିର୍ମାଣ ପାଇଁ ସତେ

**ରକ୍ତ ଭଣ୍ଡାର ପାଇଁ ଦାବି**

ଯେମିତି କାହାରି ନିଘା ନାହିଁ । ଗୋଟିଏ ପଟେ ରାଜ୍ୟ ସରକାର ରକ୍ତ ଅଭାବରୁ କାହାରିକୁ ମାରିବାକୁ ଦିଆଯିବ ନାହିଁ ବୋଲି ଡେଙ୍ଗୁରା ପିଟୁଥିବା ବେଳେ ଉକ୍ତ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ନ ଥିବା ଘଟଣାକୁ ବୁଦ୍ଧିଜୀବୀ ସହଜରେ ଗ୍ରହଣ ନ କରିବା ସହ ଉଦବେଗ ପ୍ରକାଶ କରିଛନ୍ତି।

ଯଦି ଆଗାମୀ ଦିନରେ ଉକ୍ତ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ଖୋଲା ଯାଏ ତେବେ ଗର୍ଭବତୀଙ୍କୁ ଆଉ ହଇରାଣ ହୋଇ ବ୍ରହ୍ମପୁର ଯିବାକୁ ପଡିବ ନାହିଁ। ସେମାନେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ସିଜରିଆନ ଡେଲିଭରି ହୋଇପାରିବେ ନେଇ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ କହିଛନ୍ତି |

## ଦୁର୍ଘଟଣାରେ ଭିନ୍ନକ୍ଷମ ନାବାଳକ ମୃତ

ଫୁଲବାଣୀ,୪।୬ (ସଂଚାର ବ୍ୟୁରୋ): ବେପରୁଆ ଗାଡି ଚାଳନା ନେଇଛି ଜଣେ ଭିନ୍ନକ୍ଷମ ନାବାଳକଙ୍କ ଜୀବନ ରାସ୍ତା ପାର ହେଉଥିବା ବେଳେ ଏଭଳି ଘଟଣା ଫିରିଙ୍ଗିଆ ବ୍ଲକ ବନ୍ଧଗଡ ଛକ ପାଖରେ ଘଟିଛି ମୃତ ନାବାଳକ ହେଲେ ବନ୍ଧଗଡ ପଂଚାୟତ ସାଇତିପଡା ଗ୍ରାମର ମଧୁସୂଦନ ନାୟକ(୧୬) ଦୁର୍ଘଟଣା ଘଟାଇଥିବା ଗାଡି ଚାଳକ ଫେରାର ହୋଇ ଯାଇଛନ୍ତି ମିଳିଥିବା ସୁଚନା ଅନୁସାରେ ମଧୁସୂଦନ ଜନ୍ମରୁ ଭିନ୍ନକ୍ଷମ ସେ କଥା କହି ପାରନ୍ତି ନାହିଁ ବୁଧବାର ଦିନ ଭାରି ଥିଲେ ଟିକାବାଲି ଭୋଜି ଖାଇ ଯିବାକୁ ଗ୍ରାମର କିଛି ଜଣଙ୍କ ସହ ବାହାରିଥିଲେ ବନ୍ଧଗଡ ଛକରେ ରାସ୍ତା ସାଇଟ୍ ରେ ଠିଆ ହୋଇ ଥିଲେ ବେଳେ ବାଲିଗୁଡା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା ଏଥିରେ ମଧୁଦୂଦନଙ୍କ ମୁଣ୍ଡରେ ଓ ଗୋଡ଼ ହାତ ଗଭୀର ଆଘାତ ଲାଗିଥିବା ବେଳେ ଗୋଡ ଭାଙ୍ଗି ଯାଇଥିଲା ସମ୍ପୃକ୍ତ ନିଜ୍ ଗାଡି କରି ତାଙ୍କୁ ଆଣି ଫୁଲବାଣୀ ମେଡିକାରେ ଭର୍ତି କରିଥିଲେ ଚିକିତ୍ସିତ ଅବସ୍ଥାରେ ତାଙ୍କୁ ଡ୍ରେସିଂ ହେଉଥିଲା ତାକୁ ବ୍ରହ୍ମପୁର ସ୍ଥାନାନ୍ତର ପାଇଁ ପ୍ରୟାସ କରାଯାଉଥିବା ବେଳେ ମଧୁସୁଦନଙ୍କ ମୃତ୍ୟୁ ହୋଇଥିଲା ଏହା ଜାଣିବା ପରେ ଦୁର୍ଘଟଣା ଘଟାଇଥିବା ଗାଡି ଚାଳକ ସେଠାରୁ ପେରାର ହୋଇ ଯାଇଥିଲେ ଏ ନେଇ ଫିରିଙ୍ଗିଆ ଥାନାରେ ଅଭିଯୋଗ ହୋଇଛି ଫିରିଙ୍ଗିଆ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



## ନରହନ୍ତା ଦନ୍ତାକୁ ଶିମିଳିପାଳରେ ଛଡ଼ାଯିବାକୁ ବିରୋଧ



ବାରିପଦା,୪।୬ (ସଂଚାର ବ୍ୟୁରୋ): ଅନୁଗୁଳ ଜିଲ୍ଲା ବନ୍ତଳା ଅଞ୍ଚଳରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇ ଲୋକମାନଙ୍କର ଜୀବନ ନେଇଯିବାରୁ ସେଠାରୁ ତାକୁ ଟ୍ରାଙ୍କୁଲାଇଜର ଯୋଗେ ଅଚେତ କରି ଏକ ସ୍ୱତନ୍ତ୍ର ଗାଡ଼ିରେ ବନବିଭାଗ ପକ୍ଷରୁ ଶିମିଳିପାଳ ରେ ଛାଡିବାକୁ ଗତକାଲି ରାତ୍ରୀରେ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ରେଞ୍ଜ କାର୍ଯ୍ୟାଳୟ କୁ ଅଣାଯାଇଅଛି । ଏ କଥା ସ୍ଥାନୀୟ ଲୋକମାନେ ଜାଣିବା ପରେ ସେଠାରେ ଘୋର ବିରୋଧ କରିଛନ୍ତି । ହାତୀଟିକୁ ଶିମିଳିପାଳରେ ଛଡାଗଲେ ଶିମିଳିପାଳ ର ପାଦଦେଶରେ ଥିବା ଗ୍ରାମର ଲୋକମାନଙ୍କ ଜୀବନ ପ୍ରତି ବିପଦଥିବାର ଲୋକମାନେ ପ୍ରକାଶ କରିଛନ୍ତି । ସେମାନଙ୍କର ଜୀବନ ନିର୍ବାହ କରିବା ପାଇଁ ପ୍ରତ୍ୟେକ ଦିନ ଶିମିଳିପାଳ ଜଙ୍ଗଲ କୁ ପତ୍ର ଏବଂ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ ଗୋଟାଇବାକୁ ଯାଇଥାନ୍ତି । ତେଣୁ ଏହି ନରହନ୍ତା ହାତୀ ତାଙ୍କର ଜୀବନ ନେଇଯିବ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି । ଲୋକମାନେ ଆଜି ସକାଳୁ ରେଞ୍ଜ କାର୍ଯ୍ୟାଳୟରେ ତାଲା ପକାଇ ବିରୋଧ କରିଥିଲେ । ତେଣୁ ହାତୀଟିକୁ ଆଜି ଦିନତମାମ ଉକ୍ତ ଗାଡ଼ିରେ ରଖିବାକୁ ବନବିଭାଗ ବାଧ୍ୟ ହୋଇଥିଲା । ଏଥି ସହିତ ହାତୀଟିକୁ କେଉଁଠି ଛଡ଼ାଯିବ କଣ କରାଯିବ ତାହା ବନବିଭାଗ ଗୁପ୍ତ ରଖିଅଛି । ସୂଚନା ଯୋଗ୍ୟକି ଏହି ନରହନ୍ତା ହାତୀ ଟି ଗତ ତିନି ବର୍ଷ ମଧ୍ୟରେ ଅନୁଗୁଳ ଜିଲ୍ଲାରେ ଦଶ ଜଣଙ୍କ ଜୀବନ ନେଇଛି । ଗତ ଦୁଇଦିନ ତଳେ ଦୁଇ ଜଣଙ୍କ ଜୀବନ ନେଇଥିବାରୁ ସେଠାରେ ଲୋକମାନଙ୍କ ଭିତରେ ଉତ୍ତେଜନା ଦେଖାଦେଇଥିବାରୁ ସେଠାରୁ ମୟୁରଭଞ୍ଜ ଜିଲ୍ଲାକୁ ଅଣାଯାଇଅଛି ।

## ଜଗତସିଂହପୁରରେ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ଓ ମେଡିକାଲ କଲେଜ ଶୀଘ୍ର ପ୍ରତିଷ୍ଠା ପାଇଁ ଦାବି ଜୋରଦାର

ପାରାଦୀପ,୪।୬ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ଘୋଷିତ ବିଶ୍ୱବିଦ୍ୟାଳୟ, ସରକାରୀ ଇଞ୍ଜିନିୟରିଂ କଲେଜ ଓ ମେଡିକାଲ କଲେଜକୁ ଶୀଘ୍ର ପ୍ରତିଷ୍ଠା କରିବାକୁ ଦାବି ଜୋରଦାର ହୋଇଛି । ଏନେଇ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପ-ସଭାପତି ସୁନିଲ କୁମାର ମାଟିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ଅନୁସାରେ, ଓଡିଶା ବିଧାନ ସଭାରେ ଜଗତସିଂହପୁର ଜିଲ୍ଲାରେ ଉଚ୍ଚଶିକ୍ଷା ପ୍ରସାର ନିମନ୍ତେ ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ଘୋଷଣା କରାଯାଇଥିଲା। ଏହା ଜିଲ୍ଲାବାସୀ ଓ ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚ ଶିକ୍ଷାର ଆଶା ସୃଷ୍ଟି କରିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ସେଗୁଡ଼ିକ କାର୍ଯ୍ୟକାରୀ ହୋଇନଥିବାରୁ ଜିଲ୍ଲା ବାସୀ ଏବଂ ଛାତ୍ରଛାତ୍ରୀମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଘଟଣାରେ ଛାତ୍ର ନେତା ଶ୍ରୀ ମାଟିଆ କହିଛନ୍ତି ଯେ, ଜିଲ୍ଲାର ଅନେକ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ଅନ୍ୟ ଜିଲ୍ଲା ଓ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହୋଉଛନ୍ତି । ଯାହା କି ଜଗତସିଂହପୁର ଭଳି ଏକ ଶିକ୍ଷିତ ଜିଲ୍ଲାକୁ ଅଣଦେଖା କରିବା ଭଳି। ଗରିବ ମେଧାବୀ ଛାତ୍ରଛାତ୍ରୀ ତାଙ୍କ ପରିବାର ପାଇଁ ଅର୍ଥନୈତିକ ଭାବେ ଭାରସାମ୍ୟହୀନ ସ୍ଥିତି ସୃଷ୍ଟି କରୁଛି । ତାଙ୍କ ଦାବି ମୁତାବକ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ମାଟିର ଆଦିକବି ସାରଳା ଦାସ ଙ୍କ ନାମରେ ବିଶ୍ୱବିଦ୍ୟାଳୟ ଯଥା ଶିଘ୍ର ପ୍ରତିଷ୍ଠା କରି ଚଳିତ ବର୍ଷରୁ ନାମ ଲେଖାର ସୁଯୋଗ ପ୍ରଦାନ କରନ୍ତୁ । ପ୍ରସ୍ତାବିତ ପାରାଦ୍ୱୀପରେ ସରକାରୀ ଇଞ୍ଜିନିୟରିଂ କଲେଜ ଓ ପ୍ରସ୍ତାବିତ ଜଗତସିଂହପୁରରେ ମେଡିକାଲ କଲେଜ ସ୍ଥାପନାକୁ ଶୀଘ୍ର କାର୍ଯ୍ୟରୂପ ଦେବା ଦାବି ରହିଛି। ସେଥିପାଇଁ ଚଳିତ ବର୍ଷ ମଧ୍ୟରେ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରି ୨୦୨୬- ୨୭ ଶିକ୍ଷାବର୍ଷରୁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁରୋଧ କରାଯାଇଛି । ଏହି ସମ୍ପର୍କରେ ଛାତ୍ର ସମୁଦାୟ କହିଛନ୍ତି ଯେ, ଯଦି ସରକାର ଶୀଘ୍ର ପଦକ୍ଷେପ ନନେଲେ, ଆଗାମୀ ଦିନରେ ଆନ୍ଦୋଳନ ମାର୍ଗ ଅବଲମ୍ବନ କରାଯିବ।




### ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା

## ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ନାଟକ 'ଗୋଇଠା ବାବା'

ବାରିପଦା,୪।୬ (ସଂଚାର ବ୍ୟୁରୋ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ "ଗୋଇଠା ବାବା"। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣନନ୍ଦ ମହାନ୍ତି, ଆର ଏମ ସି ଉପାଧ୍ୟକ୍ଷ ମଳୟ କୁମାର ଜେନା, ନାଟ୍ୟକାର କ୍ଷୀରୋଦ ବିହାରୀ ସିଟ, ଉପ ସଭାପତି ଡଃ ପ୍ରକାଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳାକାର ପରିବାରର ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ଉପସ୍ଥିତ ଥିବା ଦର୍ଶକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଅସିତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।



"ବାସ୍ତବ" ନାଟ୍ୟ ସଂସ୍ଥା ପ୍ରଯୋଜିତ ଏବଂ ରଣଜିତ ପଟ୍ଟନାୟକଙ୍କ ରଚିତ ଓ ଅନ୍ନଦା ଶଙ୍କର ଦାଶଙ୍କ ନିର୍ଦ୍ଦେଶିତ ନାଟକରେ ରାଜେନ୍ଦ୍ର ସାହୁ, ସୁଧାଂଶୁ ଚକ୍ର, ଧର୍ମପଦ ନନ୍ଦୀ, ସୋମନାଥ ସିଂହ, କୁନ୍ଦନ ଭଞ୍ଜ, ମନୋରଞ୍ଜନ ପରିଡା, ସତ୍ୟଜିତ ସାହୁ, ସୁବ୍ରତ କୁମାର ଦେ, ଅନ୍ନଦା ଶଙ୍କର ଦାଶ ଓ ଲିପ୍ସା ପଣ୍ଡା ଅଭିନୟ କରିଥିବା ବେଳେ ମଞ୍ଚସଜ୍ଜାରେ ନରସିଂହ ବାରିକ, ସଂଗୀତରେ ଗୁରୁ ନନ୍ଦକିଶୋର ଦାସ, ରୂପସଜ୍ଜାରେ ମନୋରଞ୍ଜନ ମହାନ୍ତ, ଆଲୋକରେ ଅନିକେତ ଦାସ ଓ ମଞ୍ଚ ପରିଚାଳନାରେ ସତ୍ୟାନନ୍ଦ ଶେଜପଡା ସହଯୋଗ କରିଥିଲେ । ଆଜିର ସମାଜରେ ସାଧାରଣ ନାଗରିକଟିଏ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାର ଅପ୍ରତିହତ ଚାପକୁ ସହ୍ୟ କରିନପାରି ଗୋଇଠା ବାବା ହୋଇଯାଏ। ଶେଷରେ ନିଜର କ୍ରୋଧ ଓ ଘୃଣାକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଥାଏ। ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଏହି ଅବସରରେ ନିର୍ଦ୍ଦେଶକଙ୍କ ସମେତ ସମସ୍ତ କଳାକାରଙ୍କୁ ଆୟୋଜକଙ୍କ ତରଫରୁ ସମ୍ମାନିତ କରାଯାଇଥିଲା । ଓଡିଶାର ପ୍ରତିଷ୍ଠିତ ନାଟ୍ୟକାର ସ୍ୱର୍ଗୀୟ ରଣଜିତ ପଟ୍ଟନାୟକଙ୍କ ସହଧର୍ମିଣୀ ଦୀପ୍ତି ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତାକାଲି "ଉଜ୍ଜୟିନୀ" ନାଟ୍ୟଶାଳା ନିବେଦିତ ତଥା ସୋମନାଥ ସାହୁଙ୍କ ରଚିତ ଓ ମହେଶ ସାହୁ (ତପୁବାବା) ଙ୍କ ନିର୍ଦ୍ଦେଶିତ ନାଟକ "ମିଡିଲ କ୍ଲାସ" ମଞ୍ଚସ୍ଥ ହେବ ବୋଲି ଜଣାପଡିଛି।

# କୃଷ୍ଣଚୂଡ଼ାରେ ସଜେଇ ହୋଇଛି ପ୍ରକୃତି

**ସୂର୍ଯ୍ୟଙ୍କ ପ୍ରଖର କିରଣରେ ଝଟକୁଛି**



କାକଟପୁର/ଅସ୍ତରଙ୍ଗ,୪।୬ (ସଂଚାର ବ୍ୟୁରୋ): ବସନ୍ତ ଓ ଗ୍ରୀଷ୍ମ ଋତୁରେ ଅନେକ ପୁଷ୍ପ ତାତିକୁ ଖାତିରି ନକରି ନିଜର ଶୋଭାବର୍ଦ୍ଧନ କରିଥାନ୍ତି। ରଙ୍ଗବେରଙ୍ଗ ଫୁଲର ସମ୍ଭାର ପରିବେଶକୁ ସୁନ୍ଦର କରିଥାଏ। ସବୁଠି ଗ୍ରୀଷ୍ମର ପ୍ରକୋପ। କିନ୍ତୁ ସେ ଏମିତି ଏକ ଫୁଲ ତାକୁ କିଛି ଫରକ ନାହିଁ। ମୁଣ୍ଡ ଫଟା ଖରା ଭିତରେ ସେ ଖିଲି ଖିଲି ହୋଇ ହସୁଛି। ଟୁକଟୁକ ସାଧବ ବୋହୂଟେ ପରି ସମସ୍ତଙ୍କୁ ବିମୋହିତ କରୁଛି। ସୂର୍ଯ୍ୟଙ୍କ ପ୍ରଖର କିରଣରେ ବେଶ ଜୋରେ ଝଟକୁଛି।

କୃଷ୍ଣଚୂଡ଼ାର ବାସ ନଥିଲେ କଣ ହେଲା ତାର 'ରଙ୍ଗରେ ରଙ୍ଗୀନ ହୋଇଛି ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ଅଂଚଳର ବିଭିନ୍ନ ରାସ୍ତା ପାର୍ଶ୍ୱ।ଯାହା କବି, କବିୟତ୍ରୀ ଓ ପ୍ରକୃତି ପ୍ରେମୀଙ୍କୁ ଆନମନା କରୁଛି । ଅନ୍ୟ ଫୁଲ ଭଳି କୃଷ୍ଣଚୂଡ଼ା ଭାଗ୍ୟରେ ଦିଅଁ ଦେଉଳ ନାହିଁ, କିନ୍ତୁ ତାର 'ନାଁରେ ଈଶ୍ୱର ଙ୍କ ନାଁ ଯୋଡି ହୋଇଛି। ଦୁନିଆ ତାକୁ କୃଷ୍ଣଚୂଡ଼ା ନାଁରେ ଜାଣିଛି। କୃଷ୍ଣଚୂଡ଼ା, ରାଧାଚୂଡ଼ା, ମଧୁ ମାଳତୀ, ଚମ୍ପା, ବସନ୍ତରାଣୀ ଓ ସୁନାରୀ ଭଳିକି ଭଳି ଫୁଲ ଗଛରେ ପେଣ୍ଡା ପେଣ୍ଡା ହଳଦୀ, ନାଲି, ଗୋଲାପୀ ରଙ୍ଗର ଚାଦରରେ ଅସ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ସୌନ୍ଦର୍ଯ୍ୟ କୁ ଦ୍ୱିଗୁଣିତ କରୁଛି।

କାକଟପୁର ବ୍ଲକ ଅଧିନ ପାଟସୁନ୍ଦରପୁର, ପାଟପୁର, କୋଣାର୍କ ମୁଖ୍ୟ ରାସ୍ତା, ଅସ୍ତରଙ୍ଗ ବ୍ଲକ ଅଧୀନ ନଇଁଗୁଆଁ କ୍ଲାସ ରୋଡ଼, ଶିଖୁଅ ମୁଖ୍ୟ ରାସ୍ତା, ଚକ୍ରପଡା, ମାଣ୍ଡୁକି ରାସ୍ତା ପାର୍ଶ୍ୱରେ ଏହି କୃଷ୍ଣଚୂଡ଼ା ଫୁଲ ଶୋଭାବର୍ଦ୍ଧନ କରୁଛି।

ପ୍ରଖର ବୈଶାଖ ରେ ସେ ତାଜା ମୁହାଁ। ସେହି ବୈଶାଖ ରେ ସେ ତରୁଣ ହୁଏ, ପ୍ରେମ କରେ ନିଦାଘ କୁ। ଗାଁ ରାସ୍ତା ପାର୍ଶ୍ୱରେ ଗଛରେ ଶୋଭା ବଢାଉଥାଏ କୃଷ୍ଣଚୂଡ଼ା। ସତେ ଯେମିତି ତାକୁ ଦେଖିଲେ ପଥିକର ତୃଷ୍ଣା ମେଣ୍ଟିଯାଉଛି। ପ୍ରଚଣ୍ଡ ଖରା ରେ ସେ ଆସିଛି ନାଲି ଟୁକଟୁକ ସାଧବ ବୋହୂ ଟେ ପରି। କବିର ମନରେ ଫୁଟାଉଛି କବିତାର ଆସର।ଦିନ କେଇଟା ପରେ ସେ ଝଡିଯିବ ହେଲେ ଛାଡିଯିବ ଆଉ ଏକ ବର୍ଷ ପାଇଁ ସ୍ମୃତି।ଏହି ଫୁଲର ଅନେକ ଔଷଧୀୟ ଗୁଣରହିଥିବା ବେଳେ ଗ୍ରୀଷ୍ମଋତୁରେ ଏହା ଲୋକଙ୍କୁ ଆକୃଷ୍ଟ କରିଥାଏ।

## ଉଠା ଦୋକାନୀଙ୍କ ପକ୍ଷରୁ ପୌର ଅଧ୍ୟକ୍ଷଙ୍କୁ ଦାବିପତ୍ର

ଢେଙ୍କାନାଳ,୪।୬ (ସଂଚାର ବ୍ୟୁରୋ): ବାଜିଚୌକି ଅଞ୍ଚଳରେ ବ୍ୟବସାୟ କରୁଥିବା ଉଠା ଦୋକାନୀମାନଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ଓ ଦାବି ନେଇ ପୌରପାଳିକା ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନ ଧରି ପୌରପାଳିକା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନହେବାରୁ ଉଠା ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି।

ଦୋକାନୀମାନଙ୍କ କହିବା ଅନୁଯାୟୀ, ପୂର୍ବରୁ ପୌରପାଳିକା କର୍ତ୍ତୃପକ୍ଷ ସେମାନଙ୍କ ପାଇଁ ସ୍ଥାୟୀ ବ୍ୟବସାୟ ସ୍ଥଳୀ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ସେହି ପ୍ରତିଶ୍ରୁତି କେବଳ କାଗଜ କଲମରେ ସୀମିତ ରହିଥିବା ଅଭିଯୋଗ କରିଛନ୍ତି ଦୋକାନୀମାନେ। ଏହାକୁ ନେଇ ବାଜିଚୌକି ଉଠା ଦୋକାନୀ ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ପୌରପାଳିକା କାର୍ଯ୍ୟାଳୟକୁ ଯାଇ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସେମାନେ ଶୀଘ୍ର ସ୍ଥାୟୀ ଥଇଥାନ ବ୍ୟବସ୍ଥା, ବ୍ୟବସାୟ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ, ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଦାବିପତ୍ର ଗ୍ରହଣ କରି ପୌରପାଳିକା ଅଧ୍ୟକ୍ଷ ଦୋକାନୀମାନଙ୍କ ସମସ୍ୟା ଉପରେ ବିଚାର କରାଯିବ ଏବଂ ନିୟମ ଅନୁଯାୟୀ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।





# ଖାଇବା ପରେ ଆପଣଙ୍କୁ ବାରମ୍ବାର ନିଦ ଲାଗୁଛି କି ?

ଅପରାହ୍ନ ଆସିବା ସହିତ ଅନେକ ଲୋକଙ୍କ ଆଖି ଓଜନ ଅନୁଭବ ହେବାକୁ ଲାଗେ। ବିଶେଷକରି ମଧ୍ୟାହ୍ନ ଭୋଜନ ପରେ , କାମରେ , ଘରେ କିମ୍ବା ଯାତ୍ରା ସମୟରେ ଆଳସ୍ୟ ଓ ନିଦ୍ରା ଅନୁଭବ କରିବା ସାଧାରଣ କଥା। ଲୋକମାନେ ପ୍ରାୟତଃ ଏହାକୁ ଆଳସ୍ୟ, ଅତ୍ୟଧିକ ଖାଇବା କିମ୍ବା ଥକ୍କାପଣ ବୋଲି କହି ଖାରଜ କରନ୍ତି। ତଥାପି, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି ଯେ ଯଦି ଏହି ସମସ୍ୟା ପ୍ରତିଦିନ ଘଟେ ତେବେ ଏହାକୁ ହାଲୁକା ଭାବରେ ନେବା ବୁଦ୍ଧିମାନର କାର୍ଯ୍ୟ ନୁହେଁ। କେତେକ ସମୟରେ, ଏହା ଏକ ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ମଧ୍ୟ ହୋଇପାରେ। ତେଣୁ, ଆସନ୍ତୁ ଜାଣିବା ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କୁ କାହିଁକି ନିଦ୍ରା ଲାଗୁଛି। ଏହା କେଉଁ ରୋଗର ଲକ୍ଷଣ ହୋଇପାରେ। ଖାଇବା ପରେ ଶରୀରର ଧ୍ୟାନ ହଜମ ପ୍ରକ୍ରିୟାକୁ ସ୍ଥାନାନ୍ତରିତ ହୁଏ। ଏହି ସମୟରେ ପାଚନ ଅଙ୍ଗକୁ ରକ୍ତ ପ୍ରବାହ ବୃଦ୍ଧି ପାଏ ଏବଂ ମସ୍ତିଷ୍କକୁ ସାମାନ୍ୟ ହ୍ରାସ ପାଏ। ଆଳସ୍ୟ ଏବଂ ନିଦ୍ରା ଅନୁଭବ କରିପାରେ। ଏହାକୁ ଡାକ୍ତରଙ୍କ ଭାଷାରେ ମଧ୍ୟାହ୍ନ ଭୋଜନ ପରେ ଡିପ୍ ମଧ୍ୟ କୁହାଯାଏ। ଯଦି ମଧ୍ୟାହ୍ନ ଭୋଜନରେ ଭାତ , ଆଳୁ , ଧଳା ରୁଟି , ରିଫାଇନ୍ ମଇଦା, କିମ୍ବା ଅତ୍ୟଧିକ ମିଠା ଥାଏ ତେବେ ରକ୍ତ ଶର୍କରା ଦ୍ରୁତ ଗତିରେ ବଢ଼ିଯାଏ ଏବଂ କିଛି ସମୟ ପରେ ହଠାତ୍ ହ୍ରାସ ପାଏ। ଏହି ପରିବର୍ତ୍ତନ ଯୋଗୁଁ ଶରୀର କ୍ଳାନ୍ତ ଏବଂ ନିଦ୍ରାଳୁ ଅନୁଭବ କରିପାରେ। ଏହି କାରଣରୁ ଭାରୀ ଏବଂ ମିଠା ଖାଦ୍ୟ ଖାଇବା ପରେ ଅଧିକ ଆଳସ୍ୟ ଅନୁଭବ ହୁଏ। ଏହା ବ୍ୟତୀତ ଖାଦ୍ୟ ଖାଇବା ପରେ ଶରୀରରେ କିଛି ହରମୋନ୍ ସକ୍ରିୟ ହୁଏ ଯାହା ସୂଚିତ କରେ ଯେ ବର୍ତ୍ତମାନ ବିଶ୍ରାମ ନେବାର ସମୟ ଆସିଛି। ଏହା ଯୋଗୁଁ ଶରୀର ଏକ ଆରାମଦାୟକ ମୋଡ୍ କୁ ଯାଏ ଓ ଜଣଙ୍କୁ ଆଳସ୍ୟ ଅନୁଭବ ହୁଏ। ଏହି ପ୍ରଭାବ ବିଶେଷ ଭାବରେ ଅପରାହ୍ନରେ ଦୃଶ୍ୟମାନ ହୁଏ। ଡାକ୍ତର କୁହନ୍ତି ଯେ ଯଦି ଆପଣ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପରେ ନିଦ୍ରାଳୁ ଓ ଆଳସ୍ୟ ଅନୁଭବ କରନ୍ତି ତେବେ ଏହା ଇନସୁଲିନ୍ ପ୍ରତିରୋଧର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଏହି ଅବସ୍ଥାରେ ଶରୀର ଚିନିକୁ ସଠିକ୍ ଭାବରେ ଶକ୍ତିରେ ପରିଣତ କରିପାରେ ନାହିଁ। ଖାଇବା ପରେ ରକ୍ତ ଶର୍କରା ସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ଶରୀର ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ଇନସୁଲିନ୍ ମୁକ୍ତ କରେ। ଏହି ପ୍ରକ୍ରିୟା ସମୟ ସହିତ ଥକ୍କାପଣ, ନିଦ୍ରା ଏବଂ ଦୁର୍ବଳତା ସୃଷ୍ଟି କରେ। ବିଶେଷଜ୍ଞମାନେ ଏହା ମଧ୍ୟ କୁହନ୍ତି ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ଇନସୁଲିନ୍ ପ୍ରତିରୋଧ ମଧୁମେହ, ହୃଦରୋଗ ଏବଂ କିଛି କ୍ଷେତ୍ରରେ କର୍କଟ ରୋଗର ବିପଦକୁ ବୃଦ୍ଧି କରିପାରେ। ବିଶେଷଜ୍ଞମାନେ ମଧ୍ୟାହ୍ନ ଭୋଜନ ପରେ ବାରମ୍ବାର ନିଦ ନ ଆସିବା ପାଇଁ ହାଲୁକା ଏବଂ ସନ୍ତୁଳିତ ମଧ୍ୟାହ୍ନ ଭୋଜନ ରଖିବାକୁ ପରାମର୍ଶ ଦିଅନ୍ତି। ଫାଇବର ଏବଂ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ଅତ୍ୟଧିକ ଚିନି ଏବଂ ରିଫାଇନ୍ କାର୍ବୋହାଇଡ୍ରେଟ୍ ପରିହାର କରନ୍ତୁ। ଭୋଜନ ପରେ ତୁରନ୍ତ ଶୋଇବା ପରିବର୍ତ୍ତେ ୧୦ରୁ ୧୫ମିନିଟ୍ ଚାଲିବା ଭଲ ବୋଲି ବିବେଚନା କରାଯାଏ।

# କଞ୍ଚା ହଳଦୀ ସ୍ୱାସ୍ଥ୍ୟ ପାଇଁ ହିତକର

ସାଧାରଣତଃ ଥଣ୍ଡା, କାଶ, ଗଣ୍ଠି ଯନ୍ତ୍ରଣା, ଫୁଲା, ବଦହଜମୀ ଏବଂ ରୋଗପ୍ରତିରୋଧକ ଶକ୍ତି ପାଇଁ ଦୁର୍ବଳ ଅନୁଭବ କରିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଆୟୁର୍ବେଦ ଅନୁସାରେ ଅନେକ ଉପାୟ ରହିଛି। ଯାହା ମହୌଷଧୀ ଭାବେ କାମ କରିଥାଏ। ସେହି ସବୁ ଆୟୁର୍ବେଦିକ ଜିନିଷ ମଧ୍ୟରେ କଞ୍ଚା ହଳଦୀ ଅନ୍ୟତମ। କଞ୍ଚା ହଳଦୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ବିଶେଷ କରି ଶୀତଦିନେ ଏହା ଖାଇବା ବେଶୀ ଫଳପ୍ରଦ ହୋଇଥାଏ। ଯାହା ଖାଇବା ଦ୍ୱାରା ଥଣ୍ଡା ଏବଂ ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଏହାକୁ ଖାଇବା ଫଳରେ ଶରୀରରେ ଥିବା ବିଷକ୍ତେ ଜିନିଷକୁ ବିଷମୁକ୍ତ କରିଥାଏ ଏବଂ ରୋଗ ସହିତ ଲଢେଇ କରିବାର କ୍ଷମତାକୁ ବୃଦ୍ଧି କରିଥାଏ। ଏହାର ନିୟମିତ ସେବନ ଆପଣଙ୍କ ତ୍ୱଚାକୁ ମଧ୍ୟ ଲାଭ ଦେଇଥାଏ। ତେଣୁ କଞ୍ଚା ହଳଦୀକୁ ଏକ ଔଷଧି ଭାବେ ବିବେଚନା କରାଯାଏ। ଶୀତଦିନେ ଏହାକୁ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ।

କଞ୍ଚା ହଳଦୀରେ ଆଣ୍ଟିବ୍ୟାକ୍ଟେରିଆଲ,ଆଣ୍ଟିଭାଇରଲ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି। ଯାହା ଖାଇବା ଦ୍ୱାରା ଥଣ୍ଡା, ଗଳା ଯନ୍ତ୍ରଣା ଏବଂ ଭାଇରଲ ସଂକ୍ରମଣରୁ ରକ୍ଷା କରିଥାଏ। ଶୀତଦିନେ ରୋଗ ପ୍ରତିରୋଦକ ଶକ୍ତି ଦୁର୍ବଳ ହୋଇଯାଇଥାଏ। ଯାହାଫଳରେ ସଂକ୍ରମଣର ସମ୍ଭାବନା ବୃଦ୍ଧି ପାଇଥାଏ। କିନ୍ତୁ କଞ୍ଚା ହଳଦୀ ଖାଇବା ଦ୍ୱାରା ଶୀତକାଳୀନ ସଂକ୍ରମଣ ସହିତ ଲଢେଇ କରିବାରେ ଶକ୍ତି ପ୍ରଦାନ କରିଥାଏ। ଲିଭର ପାଇଁ ଖୁବ୍ ଫଳପ୍ରଦ ହୋଇଥାଏ ବୋଲି ପ୍ରମାଣିତ ହୋଇ ଆସୁଅଛି। କେବଳ ହଳଦୀ ନୁହେଁ ହଳଦୀ ପାଣି ମଧ୍ୟ ଆମ ଶରୀର ପାଇଁ ପ୍ରଭାବଶାଳୀ ହୋଇଥାଏ।

ଲୋକମାନେ ପ୍ରାୟତଃ ଗଣ୍ଠି ଯନ୍ତ୍ରଣା, ଆଣ୍ଠୁ କଠିନତା ଏବଂ ମାଂସପେଶୀ କଠିନତା ଦେଖା ଦେଇଥାଏ। ଶୋଇବା ପୂର୍ବରୁ ଅଧ ଚାମଚ କଞ୍ଚା ହଳଦୀକୁ ଉଷୁମ କ୍ଷୀର ସହିତ ମିଶାଇ ପିଇବା ଦ୍ୱାରା ଗଣ୍ଠି କଠିନତା ଦୂର ହୁଏ, ମାଂସପେଶୀରେ ଉନ୍ନତ ହୁଏ ଏବଂ ଭଲ ନିଦ ହୋଇଥାଏ। ଶୀତଦିନେ ହଜମ୍ ଶକ୍ତି କମିଯାଇଥାଏ। ଯାହା ଫଳରେ ଗ୍ୟାସ୍, ବଦହଜମୀ ଏବଂ ପେଟ ଫୁଲିବା ଭଳି ସମସ୍ୟା ବଢ଼ିଯାଇଥାଏ। କଞ୍ଚା ହଳଦୀ ଖାଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ପାଏ, ଯାହା ଖାଦ୍ୟ ହଜମ କରିବା ସହଜ କରିଥାଏ। ଏହା ପେଟ ଫୁଲିବା ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦିଏ।



ଏଥିସହ ହଳଦୀ ଖାଇବା ସହିତ ଫେସପ୍ୟାକ୍ ଭଳି ମଧ୍ୟ କାମ କରେ। କେଶ ଛଡିବା ଏବଂ ଡ୍ୟାଣ୍ଡ୍ରଫ୍ ଭଳି ସମସ୍ୟାକୁ ଦୂର କରି ଦେଇଥାଏ। ଅନେକ ସମୟରେ ଲିଭରରେ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ। ଯାହାକୁ ଖାଇବା ଦ୍ୱାରା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଗୁଣ ସମସ୍ତ ପ୍ରକାର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ହଳଦୀ କିପରି ବ୍ୟବହାର କରିବେ ସେ ସମ୍ପର୍କରେ ଆମେ ଆପଣଙ୍କୁ ଜଣାଇବୁ। କଞ୍ଚା ହଳଦୀ ପାଣି ଲିଭରକୁ ବିଷମୁକ୍ତ କରିବା ପାଇଁ ଲାଭଦାୟକ। କେବଳ କଞ୍ଚା ହଳଦୀକୁ ପେଷି ଉଷୁମ ପାଣି ସହିତ ମିଶାନ୍ତୁ। ସ୍ୱାଦ ପାଇଁ ଅଳ୍ପ ମହୁ ମିଶାଇ ସେଥିରେ ଅଳ୍ପ ଲେମ୍ବୁ ମିଶାନ୍ତୁ। ଏହାକୁ ଖାଲି ପେଟରେ ସେବନ କରନ୍ତୁ। ଯାହା ଲିଭରକୁ ବିଷମୁକ୍ତ କରିବାରେ ସାହାଯ୍ୟ କରିବ।

# ସବୁ ଋତୁ ପାଇଁ ଲାଭକାରୀ ଅଁଳା

ସାଧାରଣତଃ ସମସ୍ତେ ସୁସ୍ଥ ରହିବାକୁ ଚାହିଁଥାନ୍ତି। ସମୟ ପରିବର୍ତ୍ତନ ହେବା ସହିତ ମଣିଷମାନେ ମଧ୍ୟ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାରେ ଲାଗିପଡିଛନ୍ତି। ତେଣୁ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ କାଢି ବିଭିନ୍ନ ଜିନିଷକୁ ଆପଣାଇ ଥାଆନ୍ତି। ଏମିତି କିଛି ଜିନିଷ ରହିଛି ଯାହା ଔଷଧୀୟ ଗୁଣରେ ଭରପୂର। ଯାହାକୁ ଆୟୁର୍ବେଦ ଅନୁସାରେ ମହୋଷଧି ବୋଲି ବିବେଚନା କରାଯାଏ। ଯାହା ସହଜରେ ଅନେକ ସମସ୍ୟାରୁ ଛୁଟକାରା ଦେଇଥାଏ। ସେହି ସବୁ ମଧ୍ୟରୁ ଅଁଳା ଅନ୍ୟତମ। ଅଁଳା ଅନେକ ଔଷଧୀୟ ଗୁଣରେ ଭରପୂର। ଯାହା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ଚିନ୍ତାରୁ ମୁକ୍ତି ଦେଇଥାଏ। ଖାସ୍ କରି ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଆଶ୍ଚର୍ଯ୍ୟଜନକ ଫଳାଫଳ ପ୍ରଦାନ କରିଥାଏ। ଏହାକୁ ଲଗାତାର ପିଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିଥାଏ।



ଅଁଳାରେ ଆଣ୍ଟି ହାଇପରଲିପିଡେମିଆ, ଆଣ୍ଟିଡାଇବେଟିକ, ଆଣ୍ଟିକ୍ୟାନ୍ସର ଏବଂ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଛି। ଆୟୁର୍ବେଦ ଅନୁଯାୟୀ ଅଁଳା ଜୁସ୍ ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଭଲ ହୋଇପାରିବ। ଏହି ସୁପରଫୁଡ୍ ଅଁଳା ଜୁସର ଉପକାରିତା ବିଷୟରେ ଜାଣିବା ପରେ, ଆପଣମାନେ ମଧ୍ୟ ଏହାକୁ ନିଶ୍ଚୟ ଆପଣଙ୍କର ଦୈନନ୍ଦିନ ଡାଏଟ୍ ପ୍ଲାନରେ ସାମିଲ କରିବେ। ତେବେ ଆସନ୍ତୁ ଅଁଳା ଜୁସ୍ ପିଇବାର କିଛି ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଜାଣିବା। ଅଁଳାରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଛି। ଯାହା ଆପଣଙ୍କ ରୋଗପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ଏଥି ସହ ଥଣ୍ଡା, କାଶ ଏବଂ ଅନ୍ୟାନ୍ୟ ସଂକ୍ରମଣରୁ ରକ୍ଷା ପାଇବା ପ୍ରଭାବଶାଳୀ ହୋଇଥାଏ ଅଁଳା। ପାଚନକ୍ରିୟାକୁ ଉନ୍ନତ କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଯାହା କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ ଭଳି ସମସ୍ୟାକୁ ଚୁଟକିରେ ଗାଏବ କରିଥାଏ। ଏଥିସହ ଏଥିରେ ଫାଇବର ଗୁଣ ଥିବାରୁ ଏହା ଆପଣଙ୍କ ଅନ୍ତନଳୀକୁ ସଫା ରଖେ। ଆଖିର ଦୃଷ୍ଟି ଶକ୍ତିକୁ ମଧ୍ୟ ବଢାଇଥାଏ।

ଏତିକି ନୁହେଁ ବରଂ କେଶ ଜନିତ ସମସ୍ୟାକୁ ମଧ୍ୟ ଦୂର କରେ। ବର୍ତ୍ତମାନ କେଶ ଝଡିବା ଏବଂ ଧଳା ହେବା ଭଳି ସମସ୍ୟା ଅଧିକାଂଶ ଲୋକଙ୍କ ପାଖରେ ଦେଖିବାକୁ ମିଳୁଛି। କାହିଁକିନା ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ କେଶକୁ ମଜବୁତ, ଘନ ଏବଂ ଚମକଦାର କରିବାରେ ସାହାଯ୍ୟ କରିଥାଏ। ଏହି ସବୁ ସମସ୍ୟା ପାଇଁ ଏହାକୁ ପ୍ରାକୃତିକ ଉପାୟ ବୋଲି କୁହାଯାଉଛି। ଓଜନ କରିବାର ସହଜ ଏବଂ ଉତ୍ତମ ବିକଳ୍ପ କହିଲେ ଅଁଳା ଜୁସକୁ ବୁଝାଏ। ଏହି ଜୁସକୁ ଲଗାତାର ପିଇବା ଦ୍ୱାରା ଏହା ମେଟାବୋଲେଜିୟମକୁ ବୃଦ୍ଧି କରେ ଏବଂ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିଥାଏ।

ଏଥିସହ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଥାଏ। ହାର୍ଟର ଜନିତ ସମସ୍ୟାର ଆଶଙ୍କାକୁ କମ୍ କରିଥାଏ ଅଁଳା ଜୁସ୍। ସେଥିପାଇଁ ଏହି ଜୁସ୍ ହାର୍ଟ ପାଇଁ ସୁସ୍ଥକର ବୋଲି ପ୍ରମାଣିତ ହୋଇଛି। ଲିଭର ପାଇଁ ଯେତିକି ସୁସ୍ଥକର ବ୍ରେନ୍ ପାଇଁ ମଧ୍ୟ ସେତିକି ଉପକାରୀ। ଯଦି ଏହି ସବୁ ସମସ୍ୟାରୁ ମୁକ୍ତି ପାଇବାକୁ ଚାହାନ୍ତି ତେବେ ଶୀତଦିନେ ଅଁଳା ଜୁସ ପିଇବାର ଅଭ୍ୟାସ କରନ୍ତୁ। ଯାହା ଦ୍ୱାରା ଆପଣ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

# ଗୋଇଠି ଫଟାର ଉପଚାର ପାଇଁ କ'ଣ କରିବେ



ତ୍ୱଚାକୁ ମୁଲାୟମ ରଖିବା ପାଇଁ ଅନେକ ପ୍ରକାରର ଘରୋଇ ଟିପ୍ସ ମଧ୍ୟ ଲୋକମାନେ ଆପଣାଇଥାନ୍ତି। କିନ୍ତୁ ଏହାର ରେଜଲ୍ଟ ଯଦି ଭଲ ନଆସେ ତେବେ ଏହା ଚିନ୍ତାର କାରଣ ପାଲଟିଯାଏ। ମୁହଁ ହେଉ ଅବା ହାତ କିମ୍ବା ପାଦ, ସବୁ ପ୍ରତି ଏହି ସମୟରେ ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିଥାଏ। ତେବେ ତ୍ୱଚା ଓ ହାତ ପାଇଁ ତ ସମସ୍ତେ କିଛି ନା କିଛି ଉପାୟ ଆପଣାଇଥାନ୍ତି। କିନ୍ତୁ ପାଦ କଥା ଧ୍ୟାନକୁ ଆସିଲେ ସମସ୍ତେ ଚିନ୍ତାରେ ପଡ଼ିଯାନ୍ତି। ମହିଳା ହୁଅନ୍ତୁ କିମ୍ବା ପୁରୁଷ ସମସ୍ତେ ନିଜ ଚେହେରା ପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। କିନ୍ତୁ ଏହାରି ମଧ୍ୟରେ ପାଦ ପ୍ରତି ଅଣଦେଖା ହୋଇଯାଏ। ପାଦ ତଥା ଗୋଇଠି ଫାଟିବା ସମସ୍ୟା ସମସ୍ତଙ୍କ ମଧ୍ୟରେ ଦେଖାଯାଏ। କିନ୍ତୁ ଏହାପ୍ରତି ଅବହେଳା ହେଉଥିବା କାରଣରୁ ଅନେକ ସମସ୍ୟା ଦେଖାଯାଏ। କାମ କରିବା ସହ ଠିଆ ହେବାରେ ମଧ୍ୟ ସମସ୍ୟା ହୋଇଥାଏ। ଏପରି ଭାବେ ଅନେକ ଯନ୍ତ୍ରଣା ଅନୁଭବ ହୁଏ।

**କଦଳୀ:** ଭିଟାମିନ୍ ଏ, ବି୬ ଏବଂ 'ସି' କଦଳୀରେ ମିଳିଥାଏ। ଏହାର ଅର୍ଥ କଦଳୀ ହେଉଛି ଏକ ପ୍ରାକୃତିକ ଜିନିଷ ଯାହା ପାଦକୁ ଶୁଷ୍କ ହେବାକୁ ରୋକିଥାଏ। ଏଭଳି ପରିସ୍ଥିତିରେ ୨ ଟି ପାଚିଲା କଦଳୀକୁ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ପାଦର ଫାଟି ଥିବା ସ୍ଥାନରେ ଲଗାନ୍ତୁ। ଏହାକୁ ୨୦ ମିନିଟ୍ ପାଇଁ ଛାଡି ଦିଅନ୍ତୁ ଏବଂ ତା'ପରେ ପାଦକୁ ପାଣିରେ ଧୋଇ ଦିଅନ୍ତୁ।

**ମହୁ:** ମହୁ ହେଉଛି ଏକ ପ୍ରାକୃତିକ ଆଣ୍ଟିସେପ୍ଟିକ୍ ଯାହା ଫାଟିଯାଇଥିବା ଗୋଇଠିକୁ ଭଲ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ଚର୍ମକୁ ଶୁଷ୍କ ହେବାକୁ ରୋକିଥାଏ। ଏକ କପ୍ ଗରମ ପାଣିରେ ଏକ କପ୍ ମହୁ ମିଶାନ୍ତୁ। ସେହି ପାଣିରେ ପାଦକୁ ସଫା କରନ୍ତୁ ଏବଂ ୨୦ ମିନିଟ୍ ପାଇଁ ଧୀରେ ଧୀରେ ମାଲିସ୍ କରନ୍ତୁ। କିଛି ସପ୍ତାହ ଶୋଇବା ପୂର୍ବରୁ ଏହା ନିୟମିତ କରନ୍ତୁ, ଦେଖିବେ କିଛି ଦିନ ମଧ୍ୟରେ ଆପଣଙ୍କ ପାଦ ସମସ୍ୟା ଦୂର ହୋଇଯିବ।

**ଭେସଲିନ୍ ଏବଂ ଲେମ୍ବୁ ରସ :** ଲେମ୍ବୁ ଏବଂ ଭେସଲିନ୍ ଫାଟିଯାଇଥିବା ପାଦକୁ ସହଜରେ ଭଲ କରିଥାଏ। ପାଦକୁ ଉଷୁମ ପାଣିରେ ପ୍ରାୟ ୧୫ ମିନିଟ୍ ବୁଡାଇ ରଖନ୍ତୁ। ଏହା ପରେ ୧ ଚାମଚ ଭେସଲିନ୍ ଏବଂ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ। ଏହି ମିଶ୍ରଣକୁ ଆପଣ ଗୋଇଠି ଏବଂ ପାଦର ଅନ୍ୟ ଅଂଶରେ ଭଲ ଭାବରେ ଲଗାନ୍ତୁ। ଏହି ରସକୁ ପାଦରେ ରାତି ସାରା ଲଗେଇ ରଖନ୍ତୁ ଏବଂ ସକାଳେ ଧୋଇ ଦିଅନ୍ତୁ। ଶୋଇବା ପୂର୍ବରୁ ନିୟମିତ ଏହାକୁ କରନ୍ତୁ।

**ଚାଉଳ ଚୁନା, ମହୁ ଏବଂ ଭିନେଗାର :** ୨ ଚାମଚ ଚାଉଳ ଚୁନା, ୧ ଚାମଚ ମହୁ ଏବଂ ୫ ରୁ ୬ ବୁନ୍ଦା ଭିନେଗାର ମିଶାନ୍ତୁ। ତେବେ ସମସ୍ତ ଉପାଦାନକୁ ମିଶ୍ରଣ କରି ଏକ ପେଷ୍ଟ ତିଆରି କରି ଏକ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ୧୦ ମିନିଟ୍ ପାଇଁ ପାଦକୁ ଉଷୁମ ପାଣିରେ ବୁଡାଇ ରଖନ୍ତୁ, ଏବଂ ତା'ପରେ ଏହି ମିଶ୍ରଣକୁ ସ୍କିନର ବାହାର ଅଂଶରେ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ଏପରି ଭାବେ ସପ୍ତାହରେ ୨ ରୁ ୩ ଥର କରନ୍ତୁ। ତେବେ ଯେଉଁମାନଙ୍କର ପାଦରେ ଏପରି ସମସ୍ୟା ହେଉଛି, ସେମାନେ ଏହି ସବୁ ଘରୋଇ ଉପଚାର ବ୍ୟବହାର କରିପାରିବେ। ଏହି ସବୁ ଘରୋଇ ଉପାୟ ସାହାଯ୍ୟରେ ଆପଣ ଗୋଇଠି ଫାଟିବା ସମସ୍ୟାରୁ ମୁକ୍ତି ପାଇ ପାରିବେ।

# ପ୍ରଦୂଷଣ ଅଭିଯୋଗଃ କୃଷି ଜମି ପ୍ରଭାବିତ ଦାବି

## ଜଳ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ପ୍ରଶ୍ନ !



କଳିଙ୍ଗନାଗର,୪।୬(ସଂଚାର ବ୍ୟୁରୋ): କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଚିଡ୍ରୀ ମୌଜାର ଗୋଲଖି ଆଗ୍ରୋଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ କୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ସମ୍ପର୍କିତ ଅସନ୍ତୋଷ ବଢୁଥିବା ଅଭିଯୋଗ ଆସିଛି। କେତେକ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ସଂସ୍ଥାରୁ ଉତ୍ପାଦିତ ବର୍ଜ୍ୟ କିମ୍ବା ପାଉଁଶ ନିକଟସ୍ଥ କୃଷି କ୍ଷେତ୍ରରେ ପଡୁଥିବାରୁ ଚାଷ ଜମିର ଉର୍ବରତା ଓ ଫସଲ ଉପରେ ପ୍ରଭାବ ପଡୁଛି ବୋଲି ଚିନ୍ତା ବ୍ୟକ୍ତ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୂର୍ବରୁ ମଧ୍ୟ ଧୂଳି, ବାୟୁ ପ୍ରଦୂଷଣ ଓ ବର୍ଜ୍ୟ ପରିଚାଳନା ସମ୍ପର୍କିତ ପ୍ରସଙ୍ଗରେ ବିରୋଧ ଓ ଆପତ୍ତି ଉଠିଥିବା ଦାବି ରହିଛି। ତେବେ, ଏହି ଅଭିଯୋଗଗୁଡ଼ିକର ସତ୍ୟତା ସମ୍ପର୍କରେ ସ୍ୱାଧୀନ ତଥ୍ୟ ଯାଞ୍ଚ ଆବଶ୍ୟକ ବୋଲି ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ଏହା ସହିତ, ଅଞ୍ଚଳରେ ଶିଳ୍ପ ସଂସ୍ଥାମାନଙ୍କ ପରିବେଶ ଅନୁମତି ଯଥା ସିଟିଇ ଏବଂ ସିଟିଓସମ୍ପର୍କିତ ନିୟମ ପାଳନ ଓ ନିରୀକ୍ଷଣ ପ୍ରକ୍ରିୟାକୁ ନେଇ କେତେକ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠୁଛି। ସ୍ଥାନୀୟଙ୍କ ଏକ ଅଂଶର ମତ ହେଉଛି ଯେ, ଯଦି କୌଣସି ଶିଳ୍ପ ସଂସ୍ଥା ପାଖରେ ଆବଶ୍ୟକ ଅନୁମତି, ବର୍ଜ୍ୟ ପରିଚାଳନା ବ୍ୟବସ୍ଥା କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ମାନଦଣ୍ଡ ନେଇ ପ୍ରଶ୍ନ ଥାଏ, ତେବେ ସମ୍ପର୍କିତ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଜବାବଦେହୀ କରିବା ଆବଶ୍ୟକ। ସ୍ଥାନୀୟ ମହଲର କିଛି ଲୋକ ଦାବି କରିଛନ୍ତି ଯେ, ଅଭିଯୋଗ ଥିବା ସତ୍ତ୍ୱେ ନିୟମିତ ନିରୀକ୍ଷଣ, ପରିବେଶ ମାପନ ଓ ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାଧାରଣ ମଧ୍ୟରେ ଆସୁନାହିଁ। ଏହାକୁ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ଓ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠୁଛି। ତେବେ ଏହି ଦାବିଗୁଡ଼ିକ ସମ୍ପର୍କରେ ସମ୍ବନ୍ଧିତ ଅଧିକାରୀଙ୍କ ପ୍ରତିକ୍ରିୟା ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ସ୍ଥାନୀୟଙ୍କ ଦାବି ହେଉଛି, ଗୋଲଖୀ ଆଗ୍ରୋଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ବର୍ଜ୍ୟ ପରିଚାଳନା, ପରିବେଶ ଅନୁମତି, ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାନଦଣ୍ଡ ପାଳନ ସମ୍ପର୍କରେ ନିଷ୍ପକ୍ଷ ଯାଞ୍ଚ କରାଯାଇ ରିପୋର୍ଟ ସାର୍ବଜନିକ କରାଯାଉ।ଏପଟେ କଳିଙ୍ଗନଗର ପ୍ରଦୂଷଣ ଅଧିକାରୀ ମଦନ କୁମାର ସାହୁଙ୍କ ସହ ବାରମ୍ବାର ଯୋଗଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନାହିଁ। କଳିଙ୍ଗନଗର ଅଞ୍ଚଳରେ ପୂର୍ବରୁ ବାରମ୍ବାର ପ୍ରଦୂଷଣ ଖବର ପ୍ରସାରଣ ପରେ ବି ପ୍ରଦୂଷଣ ଅଧିକାରୀ ପଞ୍ଚଘୁଞ୍ଚା ସର୍ବସାଧାରଣରେ ଚିନ୍ତା ବଢ଼ାଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ଏହି ଦିଗରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ନେବାକୁ ଦାବି ହେଉଛି।

## ଗୋଚର ଜମିରେ ଶ୍ମଶାନ୍ ନିର୍ମାଣକୁ ନେଇ ଜନ ଅସନ୍ତୋଷ



କଳିଙ୍ଗନଗର,୪।୬(ସଂଚାର ବ୍ୟୁରୋ): ଦାନଗଦୀ ବ୍ଲକ ଅନ୍ତର୍ଗତ ଜଖପୁରା ପଞ୍ଚାୟତର ବାଲୁଙ୍ଗାବନ୍ଦୀ ଗ୍ରାମରେ ଶ୍ମଶାନ ନିର୍ମାଣ କୁ ନେଇ ଜନଅସନ୍ତୋଷର ରୂପ ନେଇଛି। ଗ୍ରାମରେ ଶ୍ମଶାନ ପାଇଁ ସ୍ୱତନ୍ତ୍ର ଭାବେ ସରକାରୀ ଜମି ଚିହ୍ନଟ ଓ ଉପଲବ୍ଧ ଥିବା ସତ୍ତ୍ୱେ, ପ୍ରଶାସନ କେଉଁ କାରଣ ଓ କାହାର ସ୍ୱାର୍ଥରେ ଗୋଚର ଜମି ଉପରେ ଶ୍ମଶାନ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି, ତାହାକୁ ନେଇ ଏବେ ସାଧାରଣ ଲୋକଙ୍କ ମନରେପ୍ରଶ୍ନ ଉଠିଛି? ପ୍ରଶାସନର ଏହି ପଦକ୍ଷେପକୁ ଗ୍ରାମବାସୀମାନେ କେବଳ ଅଦୂରଦର୍ଶୀ ନୁହେଁ, ବରଂ ଜନସ୍ୱାର୍ଥ ବିରୋଧୀ ଓ ଆଇନର ଉଲ୍ଲଂଘନ ବୋଲି ଅଭିହିତ କରୁଛନ୍ତି।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଖାତା ନଂ-୩୨୫, ପ୍ଲଟ ନଂ-୪୩୮ ଶ୍ମଶାନ ପାଇଁ ଉଦ୍ଦିଷ୍ଟ ହୋଇ ରହିଛି ଏବଂ ଦୀର୍ଘ ଦଶନ୍ଧି ଧରି ଗ୍ରାମବାସୀମାନେ ସେହି ସ୍ଥାନକୁ ଶ୍ମଶାନ ଭାବେ ବ୍ୟବହାର କରିଆସୁଛନ୍ତି। ଆବହମାନ କାଳରୁ ମୃତଦେହ ସତ୍କାର ପାଇଁ ବ୍ୟବହୃତ ହୋଇଆସୁଥିବା ଏହି ଜମି ଆଜି ହଠାତ୍ ପ୍ରଶାସନଙ୍କ ନଜରରୁ କିପରି ଅଦୃଶ୍ୟ ହୋଇଗଲା, ତାହାକୁ ନେଇ ଗ୍ରାମବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି। ଯେଉଁଠି ଶ୍ମଶାନ ପାଇଁ ନିର୍ଦ୍ଧାରିତ ଜମି ରହିଛି, ସେଠାରେ କାର୍ଯ୍ୟ ନକରି ଖାତା ନଂ-୩୨୬, ପ୍ଲଟ ନଂ-୪୭୦ର ଗୋଚର ଜମିରେ ଶ୍ମଶାନ ନିର୍ମାଣ ଆରମ୍ଭ କରିବା ପଛରେ କ'ଣ କାରଣ ରହିଛି, ତାହାର ଉତ୍ତର ପ୍ରଶାସନ ଦେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ବର୍ଷାଦିନ ଆସିଲା, ଡ୍ରେନ୍ ମରାମତି ହେଲାନି



**ପୂର୍ତ୍ତ ବିଭାଗ ନିଦାବିଷ୍ଟୁ**

କଳିଙ୍ଗନାଗର,୪।୬ (ସଂଚାର ବ୍ୟୁରୋ): ଆଗକୁ ବର୍ଷାଦିନ ଆସୁଛି ହେଲେ ମିଲିଟାରୀ ଛକ - ମାନପୁର ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ଅଧାରେ ଅଟକିଛି। ସାମାନ୍ୟ ବର୍ଷା ଟିକେ ହେଲେ ତ୍ରିଜଙ୍ଗା, ଦାନଗଦି ସମେତ ବିସ୍ଥାପିତ କଲୋନୀ ରୁ ଆସୁଥିବା ପାଣି ରାସ୍ତା ଉପରେ ଭାସୁଛି, ଦୀର୍ଘ ୩ ବର୍ଷ ଧରି ଏହି ଡ୍ରେନ କାମ କୁ ପୂର୍ତ୍ତ ବିଭାଗ ଆରମ୍ଭ କରିଥିଲା, ସିଙ୍ଗାଗାଡ଼ିଆ ଛକ ନିକଟରୁ ଏହି ଡ୍ରେନ କାମ ଉଭୟ ପାର୍ଶ୍ୱରୁ ଆରମ୍ଭ ହୋଇଥିଲା, ସୋଲେଇ ଛକ ଦେଇ ମହାରଣା ଟ୍ରେଡ଼ର୍ସ ପର୍ଯ୍ୟନ୍ତ ଏହି ଡ୍ରେନ ନିର୍ମାଣ ହୋଇଥିଲା ହେଲେ ହଟାତ ଏହି କାମକୁ ବନ୍ଦ କରାଯାଇଥିଲା, ଆଗକୁ କାମ ନ କରି ସମ୍ପୃକ୍ତ ଠିକାଦାର ଛୁ ମାରିଥିଲା, ଫଳରେ ବର୍ଷା ପାଣି ସମେତ ବର୍ଜ୍ୟ ଜଳ ନିଷ୍କାସନ ହେବାରେ ଏବେ ଘୋର ବାଧା ସୃଷ୍ଟି ହେଉଛି, ପୁର୍ବରୁ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ସବୁ ପୋତି ହୋଇଯିବା ଫଳରେ ଏବେ ପାଣି ନିଷ୍କାସନ ହେବା କଷ୍ଟକର ହୋଇଛି, ପ୍ରାୟ ୪ ହଜାର ଜନସଂଖ୍ୟା କୁ ନେଇ ଅବସ୍ଥିତ ଏହି ବିସ୍ଥାପିତ କଲୋନୀର ମୁଖ୍ୟ ସମସ୍ୟା ହେଉଛି ଏବେ ପାଣି ନିଷ୍କାସନ ହେବା, ପୁରୁଣା ଡ୍ରେନ ରେ ପାଣି ଜମି ରହିବା ଫଳରେ ମଶା ଓ ନାଁଗୁଡିଆ ପୋକ ସବୁ ସୃଷ୍ଟି ହୋଇ ପରିବେଶକୁ ପ୍ରଦ୍ୟୁଷିତ କରୁଛନ୍ତି। ତୁରନ୍ତ ବର୍ଷା ପୁର୍ବରୁ ଡ୍ରେନର ବ୍ୟବସ୍ଥା କରିବାପାଇଁ ତ୍ରିଜଙ୍ଗା ଗ୍ରାମବାସୀ ସମେତ ବିସ୍ଥାପିତ ଲୋକେ ଦାବି କରିଛନ୍ତି।

## ଭୂମିହୀନ ପରିବାରଙ୍କୁ ମିଳିଲା ନିଜସ୍ୱ ଠିକଣା



ଲାଞ୍ଜିଗଡ଼,୪।୬(ସଂଚାର ବ୍ୟୁରୋ): ସାମାଜିକ ସୁରକ୍ଷା ଏବଂ ସମ୍ମାନଜନକ ଜୀବନଯାପନର ମୂଳଦୁଆ ଉପରେ ହିଁ ପ୍ରକୃତ ବିକାଶର ସୌଧ ଗଢ଼ିଉଠେ।କେବଳ ଭୌତିକ ପ୍ରଗତି ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଏବଂ ସ୍ଥାୟୀ ଠିକଣା ପ୍ରଦାନ କରିବା ହେଉଛି ପ୍ରଶାସନର ପ୍ରକୃତ ସଫଳତା।ଏକ ନିର୍ଦ୍ଦିଷ୍ଟ ଠିକଣା କେବଳ ମାଟିର ଖଣ୍ଡିଏ କାଗଜ ନୁହେଁ, ଏହା ବ୍ୟକ୍ତିର ଆତ୍ମବିଶ୍ୱାସର ପ୍ରତୀକ ଏବଂ ତା'ର ଭବିଷ୍ୟତ ଗଢ଼ିବାର ପ୍ରଥମ ପାହାଚ।ପ୍ରଶାସନିକ ବ୍ୟବସ୍ଥା ଯେତେବେଳେ ନିଜର ଚାରିକାନ୍ଥରୁ ବାହାରି ତୃଣମୂଳ ସ୍ତରର ଅଭାବକୁ ସମାଧାନ କରିବାକୁ ଆଗେଇ ଆସେ, ସେତେବେଳେ ଗଣତନ୍ତ୍ର ପ୍ରକୃତ ଅର୍ଥରେ ଲୋକଙ୍କ ପାଖରେ ପହଞ୍ଚିଥାଏ। ଏହି ଆଦର୍ଶକୁ ପାଥେୟ କରି ଲାଞ୍ଜିଗଡ଼ ତହସିଲଦାର ଶ୍ରୀ ବନମାଳୀ ମେହେର, ଲାଞ୍ଜିଗଡ଼ ରାଜସ୍ୱ ନିରୀକ୍ଷକ ତାପସ କୁମାର ମିଶ୍ର ତ୍ରିଲୋଚନପୁର, ଜଗନ୍ନାଥ ପୁର ଓ ଲାଞ୍ଜିଗଡ଼ ପଞ୍ଚାୟତର ବେଲଗୁଡ଼ା, ଅମ୍ବାଗୁଡ଼ା, ଖାଲଗୁଡ଼ା, ବାନିଗାଁ, ଜଗନ୍ନାଥପୁର ଏବଂ ଗୋଇପଟା ଆଦି ଗ୍ରାମଗୁଡ଼ିକ ଗସ୍ତ କରିଥିଲେ। ଦୀର୍ଘ ଦିନ ଧରି ଭୂମିହୀନ ହୋଇ ଅବହେଳିତ ଜୀବନ ବିତାଉଥିବା ୯୨ ଟି ପରିବାରଙ୍କୁ ୪ ଡେସିମିଲ ଲେଖାଏଁ ସ୍ଥାୟୀ ଘରଡ଼ିହ ପଟ୍ଟା ଆବଣ୍ଟନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଛନ୍ତି। ଏହା ଫଳ ରେ ଏହି ୯୨ ଟି ପରିବାର ଏବେ 'ପ୍ରଧାନମନ୍ତ୍ରୀ ଆବାସଯୋଜନା'(ପିଏମଏଓଆଇ)କିମ୍ବା ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ, ଯାହା ସେମାନଙ୍କ ଜୀବନଧାରାରେ ଏକ ବଡ଼ ପରିବର୍ତ୍ତନ ଆଣିବ। ପଟ୍ଟା ବଣ୍ଟନ ଅବସରରେ ତହସିଲଦାର କହିଛନ୍ତି, 'ସରକାରୀ ଯୋଜନାର ସଫଳ ରୂପାୟନ କେବଳ କାର୍ଯ୍ୟାଳୟର ଚାରି କାନ୍ଥ ଭିତରେ ସୀମିତ ନୁହେଁ। ଆମର ଉଦ୍ୟମ ହେଉଛି ପ୍ରତ୍ୟେକ ଗରିବ ପରିବାରଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଓ ସୁରକ୍ଷା ପ୍ରଦାନ କରିବା।

## ବୈତରଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ହାଟଡିହୀ/ଛେନାପଦୀ,୪।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଆଇଡିପୁର ପଞ୍ଚାୟତ ଅମୃତପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ନିକଟସ୍ଥ ବୈତରଣୀ ନଦୀରେ ବୁଡ଼ି ଜଣେ ୧୪ ବର୍ଷର ଦଶମ ପାସ୍ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ଛାତ୍ର ଜଣକ ହେଉଛନ୍ତି ଅମୃତପୁର ଗ୍ରାମର ଚିତ୍ତରଞ୍ଜନ ଭୂତିଆଙ୍କ ସାନ ପୁଅ ସୋମ୍ୟରଞ୍ଜନ (୧୪)। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନ ସମୟରେ ସୋମ୍ୟରଞ୍ଜନ ଏବଂ ତାଙ୍କ ସାଙ୍ଗ ସଦାନନ୍ଦ ଦାସଙ୍କ ପୁଅ ଆକାଶ ଅନ୍ୟ ସାଙ୍ଗମାନଙ୍କ ସହ ବୈତରଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ।ଗାଧୋଉଥିବା ସମୟରେ ହଠାତ ସୌମ୍ୟରଞ୍ଜନ ଏବଂ ଆକାଶ ନଦୀର ଏକ ଗଭୀର ଖାଲ ଭିତରକୁ ଖସି ଯାଇ ବୁଡ଼ି ଯାଇଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଥିବା ଅନ୍ୟ ସାଙ୍ଗମାନେ ଭୟରେ ଚିତ୍କାର କରିଥିଲେ। ପିଲାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ ଏବଂ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ନଦୀରୁ ଉଦ୍ଧାର କରିଥିଲେ। ଉଭୟଙ୍କୁ ପ୍ରଥମେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ ତୁରନ୍ତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୋମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ବେଳେ ଆକାଶ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

## 'ମେଧା ଆୱାର୍ଡ' କାର୍ଯ୍ୟକ୍ରମ ପାଇଁ ପୂଜ୍ୟପୂଜା ସଂସଦ ପକ୍ଷରୁ ପ୍ରସ୍ତୁତି ବୈଠକ



ଧାମନଗର,୪।୬ (ସଂଚାର ବ୍ୟୁରୋ): ପୂଜ୍ୟପୂଜା ସଂସଦ ଧୂଷୁରୀ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ପୂଜ୍ୟପୂଜା 'ମେଧା ଆୱାର୍ଡ' କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ସଂସଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କ ସହିତ ତାଙ୍କ ମୁରବି ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବାର ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ପୂଜ୍ୟ ପୂଜା ସଂସଦର ସ୍ଥାୟୀ ସଭାପତି ବାବାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ସଂସଦର ପ୍ରତିଷ୍ଠାତା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ ମଲ୍ଲିକ, ସଂସଦର ସମ୍ପାଦକ ଅକ୍ଷୟ କୁମାର ହୋତା, ରମାକାନ୍ତ ପରିଡ଼ା, ଦୟାନିଧି ମିଶ୍ର, ଡାକ୍ତର ଗିରିଶ ଚନ୍ଦ୍ର ନାୟକ, ବିଜୟ ନାରାୟଣ ମିଶ୍ର, ଅନିଲ ଦାସ, ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଉମେଶ ତ୍ରିପାଠୀ, ରତ୍ନାକର ବେହୁରିଆ, ସୁରେନ୍ଦ୍ର ରାଉତ, ବ୍ରଜେନ୍ଦ୍ର ମହାନ୍ତି, ଅମୂଲ୍ୟ ସାଏନ୍ତ, ଜଗତାନନ୍ଦ୍ ସେଠୀ, ରାଜେନ୍ଦ୍ର ପଲାଇ, ବିଜୟ ସାହୁ, ରଘୁନାଥ ସ୍ୱାଇଁ, ସାନ୍ତନୁ ପଲାଇ ପ୍ରମୁଖ ଯୋଗଦେଇ ଚଳିତ ମାସ ୧୨ତାରିଖରେ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ବ୍ୟାପକ ଆଲୋଚନା ସହିତ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ମୁକୁଳା ଅବସ୍ଥାରେ ଗାଁର ଟ୍ରାନ୍ସଫର୍ମର



ଲାଞ୍ଜିଗଡ଼,୪।୬(ସଂଚାର ବ୍ୟୁରୋ): ମୁକୁଳା ଅବସ୍ଥାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଟ୍ରାନ୍ସଫରମର ତଳ ଦେଇ ଗାଁର ଛୋଟରୁ ବଡ଼ ଶତାଧିକ ଲୋକ ସମେତ ଗାଁର ଗାଈଗୋରୁ ଭଳି ଅନେକ ଗୃହ ପାଳିତ ପଶୁ ପକ୍ଷୀ ଯାତାୟାତ କରୁଥିବାବେଳେ କେତେବେଳେ ଯେ'କାହାର ଜୀବନ ଚାଲିଯାଇପାରେ ସେନେଇ ଗ୍ରାମବାସୀ ଏବେ ଆତଙ୍କିତ ମନେ କରୁଛନ୍ତି। ଯାହାଫଳରେ ବିଦ୍ୟୁତ ସଂଯୋଗୀକରଣ ଦିନରୁ ଦୀର୍ଘ ବର୍ଷ ହେଲା ମୁକୁଳା ଅବସ୍ଥାରେ ରହିଛି ଟ୍ରାନ୍ସଫରମର୍। ଅତି ତଳକୁ ଲାଗି ରହିଛି ସାର୍କିଟବକ୍ସ। ଯାହା ବିପଦକୁ ହାତ ଠାରି ଡାକୁଛି ବୋଲି ଗ୍ରାମବାସୀଙ୍କ ମତ ପ୍ରକାଶ ପାଇଛି। ଏମିତି ଏକ ଚିତ୍ର ଦେଖିବାକୁ ମିଳିଛି ଲାଞ୍ଜିଗଡ଼ ବ୍ଲକ କାନକୁଟ୍ରୁ ପଞ୍ଚାୟତ ସ୍ଥିତ ମଟକେରା ଗାଁ ମୁଣ୍ଡରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର।ସୂଚନାନୁସାରେ ସେହି ପାଖ ଦେଇ ଗାଈଗୋରୁ ଏବଂ ଲୋକେ ଯାତାୟତ ହେଉଥିବା ସହ ଛୋଟ ଛୋଟ ପିଲା ଖେଳୁଥିବାବେଳେ ସେଇ ଟ୍ରାନ୍ସଫର୍ମର ତଳ ଦେଇ ଦୈନନ୍ଦିନ ପାଖ ନଳକୂପରେ ପାଣି ବ୍ୟବହାର ପାଇଁ ଗାଁର ମହିଳା ମାନେ ଯାଇଥାଆନ୍ତି।ତେଣୁ କେତେବେଳେ କାହାର ଜୀବନ ଯେ'ଚାଲିଯିବ ସେ ନେଇ ଗ୍ରାମବାସୀ ଆଶଙ୍କାରେ ରହିଆସୁଛନ୍ତି ବୋଲି ଗାଁର ସୁଧୀର କରୁଆଁ, ଧର୍ମ ବିଭାର, ସୀତାରାମ ନାଗ, କମଳାକାନ୍ତ ବେଶରା, ବାବୁରାମ ବିଭାର ସମେତ ସମସ୍ତ ଗ୍ରାମବାସୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏପଟେ ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ କୌଣସି ଅଘଟଣ ଯେ'ପରି ନ'ଘଟେ ସେଥିପ୍ରତି ଯତ୍ନବାନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା କୁହାଯାଉଥିଲେ ହେଁ ବିଶ୍ୱନାଥପୁର ବିଦ୍ୟୁତ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ'ଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଉଛି। ତେବେ ବିଭାଗୀୟ ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ହାଇସ୍କୁଲରେ ଗଛକଟାକୁ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ତଦନ୍ତ



ବୈଶିଙ୍ଗା,୪।୬(ସଂଚାର ବ୍ୟୁରୋ): ବୈଶିଙ୍ଗା ସ୍ଥିତ ବହୁ ପୁରାତନ ମୁନିଲାଲ ହାଇସ୍କୁଲ ରେ ଗତ ୧୮ ତାରିଖ ରେ କେତେକ ମୂଲ୍ୟବାନ ଆକାଶିଆ ଗଛ କଟାଯାଇ ବିକ୍ରୀ କରିବାକୁ ମସୁଧା ଚାଲିଥିବା ବେଳେ ଗ୍ରାମବାସୀ ମାନେ ବିରୋଧ କରିବା ଯୋଗୁଁ ତାହା ବିକ୍ରୀ ହୋଇ ପାରି ନ ଥିଲା। ଘଟଣାରୁ ପ୍ରକାଶ ସ୍କୁଲରେ ଗ୍ରୀଷ୍ମ ଛୁଟି ପଡ଼ିଥିବା ବେଳେ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୁର୍ମୁ ନିଜ ଘରକୁ ଚାଲିଯାଇଥିଲେ ଏହି ସୁଯୋଗରେ ସହକାରୀ ଶିକ୍ଷକ ରବୀନ୍ଦ୍ର ପରିଡ଼ା ଦୁଇ ଦିନ ଧରି କେତେକ ମୂଲ୍ୟବାନ ଆକାଶିଆ ଗଛ କାଟି ପକାଇ କାଠ ବେପାରୀ ଙ୍କୁ ବିକ୍ରୀ କରିବାର ଯୋଜନା କରିଥିଲେ। ଏହି ଖବର ଜାଣିବା ପରେ ପ୍ରଧାନ ଶିକ୍ଷକ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ ସେ ଏହି ବିଷୟରେ ଜାଣି ନାହାନ୍ତି ତଥା ପରିଚାଳନା କମିଟିରେ ମଧ୍ୟ ପ୍ରସ୍ତାବ ପାରିତ ହୋଇ ନାହିଁ ବୋଲି କହିଥିଲେ। ଏଥିପାଇଁ ୨୦ ତାରିଖ ରେ ପ୍ରଧାନ ଶିକ୍ଷକ ଆସି ଏକ ବୈଠକ ଡକାଇଥିଲେ। ବୈଠକରେ ଆଲୋଚନା ପରେ ସଂପୃକ୍ତ ଶିକ୍ଷକ ଶ୍ରୀ ପରିଡା ନିଜର ଭୁଲ ସ୍ୱୀକର କରିଥିଲେ। ଏଥିପାଇଁ ୧୫ ଦିନ ମଧ୍ୟରେ ଏହି ବିଦ୍ୟାଳୟ ଛାଡି ଯିବା ପାଇଁ ଗ୍ରାମବାସୀ ପସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଖବର ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ପହଞ୍ଚିବା ପରେ ସେ ଏହାର ତଦନ୍ତ ପାଇଁ ବ୍ଲକ ଶିକ୍ଷାଧିକାରୀ ବିପ୍ଲବ କରଙ୍କୁ ଦାୟିତ୍ୱ ଦେଇଥିଲେ। ଆଜି ୪ ତାରିଖ ଗୁରୁବାର ଦିବା ୧୦ ଘଟିକା ସମୟରେ ଶ୍ରୀଯୁକ୍ତ କର ପହଞ୍ଚିବା ପରେ ଗ୍ରାମବାସୀ ମାନଙ୍କୁ ଡକାଇ ମତାମତ ନେଇଥିଲେ। ଗ୍ରାମବାସୀ ମାନେ ଶିକ୍ଷକ ଶ୍ରୀ ପରିଡା ଙ୍କ କାର୍ଯ୍ୟକଳାପ ଉପରେ ଅସନ୍ତୁଷ୍ଟ ଥିବା ପ୍ରକାଶ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ବିପ୍ଲବ କର ସମସ୍ତଙ୍କ ଠାରୁ ମତାମତ ନେଇ ଜିଲ୍ଲା ଶିକ୍ଷାଧିକାରୀ କ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ।

## ଜଗଦମ୍ବା ତେଲ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ



ସୁବର୍ଣ୍ଣପୁର,୪।୬(ସଂଚାର ବ୍ୟୁରୋ): ଜିଲ୍ଲା ଉଲୁଣ୍ଡା ଥାନା ସାହାଣଡିହି ସ୍ଥିତ ଶ୍ରୀ ଜଗଦମ୍ବା ତେଲ ଫ୍ୟାକ୍ଟ୍ରିରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ରାଇସ ବ୍ରାନ ଗୋଦାମରେ ଥିବା ଜରି ବସ୍ତାରେ ନିଆଁ ଲାଗିଥିଲା। ଏହା ଫ୍ୟାକ୍ଟ୍ରି ଚାରିଆଡ଼େ ବ୍ୟାପି ଥିଲା। ସଙ୍ଗେ ସଙ୍ଗେ ଉଲୁଣ୍ଡା, ସୋନପୁର ଓ ବିନିକା ଅଗ୍ନିଶମ ସେବାକେନ୍ଦ୍ରର ଟିମ ଫ୍ୟାକ୍ଟ୍ରିରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି କ୍ଷଏହି ବିଷୟରେ ଯାହା ସୂଚନା ମିଳିଛି ପଛପଟେ ଥିବା ଅଳିଆ ଆବର୍ଜନା ଗଦାରୁ ଅଖା ବସ୍ତାକୁ ନିଆଁ ଲାଗି ଅଖା ବସ୍ତା ସହ ରାଇସବ୍ରାଣ୍ଡ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।ଏହାର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଅଗ୍ନିଶମ ବିଭାଗ କର୍ମଚାରୀ ଚାରି ଘଣ୍ଟା ସମୟ ପର୍ଯ୍ୟନ୍ତ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇବାରେ ସହଯୋଗ କରିଥିଲେ।

## ଭୋଟର ତାଲିକା ସଂଶୋଧନ ଏପର୍ଯ୍ୟନ୍ତ ୨୮ ପ୍ରତିଶତ ପ୍ରକ୍ରିୟା ଶେଷ

ଝାରସୁଗୁଡ଼ା,୪।୬(ସଂଚାର ବ୍ୟୁରୋ): ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଏବେ ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ଭାବେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାର ମୋଟ ୪୩୮୪୩୩ ଜଣ ଭୋଟରଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୮ ପ୍ରତିଶତ ଭୋଟରଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇ ସାରିଲାଣି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ ଓ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବିଭିନ୍ନ ବୁଥ୍ ପରିଦର୍ଶନ କରି ଏନୁମେରେସନ ଫର୍ମ ବଣ୍ଟନ କାର୍ଯ୍ୟର ପ୍ରତ୍ୟକ୍ଷ ସମୀକ୍ଷା ଓ ତଦାରଖ କରୁଛନ୍ତି। ଅପରପକ୍ଷେ, ଉପ-ଜିଲ୍ଲାପାଳ ତଥା ଆଇ ଆର ଓ ୦୭-ଝାରସୁଗୁଡ଼ା ସବ୍ୟସାଚୀ ପଣ୍ଡା ମଧ୍ୟ ପୌରାଂଚଳର ବିଭିନ୍ନ ବୁଥ୍ରେ ଏହି ପ୍ରକ୍ରିୟାର ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ବିଏଲଓଙ୍କ ଦ୍ୱାରା ଭୋଟରଙ୍କୁ ସୂଚନା ସଂଗ୍ରହ ପାଇଁ ଏନୁମେରେସନ ଫର୍ମ ଦିଆଯାଉଛି। ନିର୍ବାଚନ ମଣ୍ଡଳୀର ସମସ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ଘରକୁ ଘର ବୁଲି ଏହି ଫର୍ମ ବଣ୍ଟନ ପ୍ରକ୍ରିୟା ଜାରି ରହିଛି।

## ପ୍ରେମ ପ୍ରତାରଣା, ପ୍ରେମିକକୁ କୋର୍ଟ ଚାଲାଣ



ମ.ରାମପୁର/କର୍ଲାମୁଣ୍ଡା,୪।୬(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅନ୍ତର୍ଗତ ରିଷିଡା ଫାଣ୍ଡି ଅଞ୍ଚଳର ଜଣେ କଲେଜ ପଢୁଆ ଯୁବକ ଉକ୍ତ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସଂପର୍କ ରଖିବା ପରେ ଏବେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ପରେ ଅଭିଯୋଗ ଆଧାରରେ ସଂପୃକ୍ତ ଯୁବକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ମ.ରାମପୁର ଥାନା ଅନ୍ତର୍ଗତ ଡୁମେରଗୁଡା (ଡଙ୍ଗାବାହାଲ) ର ଜଣେ ଯୁବତୀଙ୍କ ସହ ରିଷିଡା ଗାନ୍ଧୀନଗର ପଡାର ଯୁବକ ଯୁଗଳ କିଶୋର ସିକଚାନ୍ଦଙ୍କ ସେହି ଯୁବତୀଙ୍କ ସହ ଗତ ୪ବର୍ଷ ହେବ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ଇତି ମଧ୍ୟରେ ଯୁବତୀ ଦୁଇଥର ଗର୍ଭବତୀ ହେବାରୁ ତାଙ୍କର ଗର୍ଭପାତ ମଧ୍ୟ କରାଇଥିଲେ। ତେବେ ବର୍ତ୍ତମାନ ଯୁବକ ଓ ତାଙ୍କ ଘରଲୋକେ ଉକ୍ତ ଯୁବତୀଙ୍କୁ ବୋହୂ ଭାବେ ଗ୍ରହଣ କରିବା ପାଇଁ ମନା କରି ଗଣ୍ଡଗୋଳ କରିବାରୁ ଯୁବତୀ ଜଣକ ରିଷିଡା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏନେଇ ରିଷିଡା ଫାଣ୍ଡିଧିକାରୀ ମନୁଆ ବିଡିକା ଯୁବକଙ୍କୁ ଗିରଫ କରିଥିବା ବେଳେ ମ.ରାମପୁର ଥାନାଧିକାରୀ ସଂଯୁକ୍ତା ପଧାନ ଯୁବକକୁ ଆଜି କୋର୍ଟ ଚାଲାଣ କରିବା ସହ ଏଥିରେ ଆଉ କିଏ ସଂପୃକ୍ତ ଅଛନ୍ତି ତାର ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

## ବଜ୍ରାଘାତରେ ୨୪ ଛେଳି ମୃତ

ଗଞ୍ଜାମ,୪।୬(ସଂଚାର ବ୍ୟୁରୋ): ସାନଖେମୁଣ୍ଡି ବ୍ଲକର ଏସ ଗୋପାଳପୁରରେ ଗତ ସନ୍ଧ୍ୟାରେ ବଜ୍ରପାତ ହୋଇ ସନିଆଗୌଡ଼, ସୁରେନ୍ଦ୍ର ଗୌଡ, ଯୋଗୀ ନାୟକ, ବିନୋଦ ଗୌଡଙ୍କ ୨୪ ଛେଳି ମେଣ୍ଢା ମୃତ୍ୟୁ ବରଣ କରିଛନ୍ତି। ସ୍ଥାନୀୟ ଭେଟନାରୀ ଡାକ୍ତର ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ଏହି ଗରିବ କ୍ଷତିଗ୍ରସ୍ତ ମେଷପାଳକମାନଙ୍କୁ ସରକାରୀସହାୟତା କରିବାକୁ ସାଧାରଣରେ ଦାବି ହେଉଛି।

## କେନ୍ଦୁଝର ବନ ବିଭାଗର ଚଢ଼ାଉ, ବେଆଇନ ଶାଳ କାଠ ଜବତ

କେନ୍ଦୁଝର,୪।୬(ସଂଚାର ବ୍ୟୁରୋ): କେନ୍ଦୁଝର ବନ ବିଭାଗ ଆଜି ପାଟଣା ରେଞ୍ଜର କର୍ମଚାରୀ ଏବଂ ମୋବାଇଲ୍ ଟିମ୍ ମିଳିତ ଭାବେ ଚଢ଼ାଉ କରିଥିଲେ। ନୂଆପଡ଼ା ଗ୍ରାମର ଚକ୍ରଧର ମହାନ୍ତଙ୍କ ପତ୍ନୀ ଜୟମଣି ମହାନ୍ତଙ୍କ ବାସଭବନରେ ଚଢାଉ କରି ବ୍ୟାପକ ବେଆଇନ ଶାଳ କାଠ ଜବତ କରିଛି।

ବନଜାତ ଦ୍ରବ୍ୟର ଅବୈଧ ସଂରକ୍ଷଣ ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ପାଇ ବନ ବିଭାଗ ଟିମ୍ ଏହି ଚଢ଼ାଉ କରିଥିଲା ବୋଲି ଡି ଏଫ୍ ଓ ଧନରାଜ୍ ଏଚ ଡି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଚଢାଉ ବେଳେ ଘର ପରିସରରୁ ବେଆଇନ ଭାବରେ ଗଚ୍ଛିତ ଥିବା ବିଭିନ୍ନ ସାଇଜର ୬୦ ଟି ସାଇଜ ଶାଳ କାଠ ଚିହ୍ନଟ କରାଯାଇଥିଲା। ଜବତ କାଠର ପରିମାଣ (ମୋଟ ଆୟତନ) ୦.୬୨୦୨୨ କ୍ୟୁବିକ ମିଟର ଯାହାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରା ଯାଇଛି। ଜବତ ପରେ କାଠକୁ ନିଜ ହେପାଜତକୁ ବନ ବିଭାଗ ନେଇଛି। ଓଡ଼ିଶା ବନ ଆଇନ ଏବଂ ପ୍ରଯୁଜ୍ୟ ବନ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ବିଭାଗ ଏକ ବନ ଅପରାଧ ମାମଲା ପଞ୍ଜିକୃତ କରି ଅଧିକ ତଦନ୍ତ କରୁଛି। କାଠ କେଉଁଠୁ ଆସିଲା, କେଉଁ ଗାଡ଼ିରେ ଆସିଲା ଏବଂ ଏହି କାରବାର ରେ ଆଉ କାହାର ସମ୍ପୃକ୍ତି ଅଛି ତାହାର ତଦନ୍ତ ବନ ବିଭାଗ କରିଛି।

## ଅସହାୟଙ୍କ ପାଇଁ ବାହାରିଲେ ଦେବଦୂତ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦୁର୍ଦ୍ଦଶାଗ୍ରସ୍ତ ଜୟକୃଷ୍ଣ



ସୁବର୍ଣ୍ଣପୁର,୪।୬(ସଂଚାର ବ୍ୟୁରୋ): ଦୁଇ ବର୍ଷ ତଳେ ଯିଏ ନିଜ ହାତର ପରିଶ୍ରମରେ ପରିବାର ଚଳାଉଥିଲେ, ଆଜି ସେ ଚିକିତ୍ସା ଅଭାବରୁ ବାର ଦୁଆର ହୋଇ ବୁଲୁଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ବ୍ଲକ ଟିଠିପାଲି ଗାଁର ଜୟକୃଷ୍ଣ କର୍ଣ୍ଣଙ୍କ ଜୀବନ ଆଜି ଏକ ଘୋର ଅନ୍ଧକାର ମଧ୍ୟରେ ଗତି କରୁଛି। ହେଲେ ଏହି ସଙ୍କଟ ସମୟରେ 'ମା' ମାହେଶ୍ୱରୀ ସେନା' ତାଙ୍କ ପାଇଁ ଆଶାର କିରଣ ହୋଇ ଠିଆ ହୋଇଛି ସାଧାରଣ ମଜୁରୀ ଖଟି ପରିବାର ପ୍ରତିପୋଷଣ କରୁଥିବା ଜୟକୃଷ୍ଣଙ୍କ ଜୀବନରେ ଦୁଇ ବର୍ଷ ପୂର୍ବେ ଘଟିଥିଲା ଏକ ମର୍ମନ୍ତୁଦ ଦୁର୍ଘଟଣା। କାମ କରୁଥିବା ବେଳେ କାନ୍ଥ ପଡ଼ିଯିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଗୋଡ଼ର ଅସ୍ଥି ଭାଙ୍ଗିଯିବାରୁ ସୋନପୁରଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକାଧିକ ହସ୍ପିଟାଲ ଦୌଡ଼ିଥିଲେ। ଧାରକରଜ କରି ଚିକିତ୍ସା କରାଇଲେ ସତ, କିନ୍ତୁ ଅର୍ଥାଭାବ ଯୋଗୁଁ ଚିକିତ୍ସା ଅଧାରେ ରହିଗଲା। ଫଳସ୍ୱରୂପ, ଆଜି ସେ ଚାଲିବାକୁ ଅକ୍ଷମ ଏବଂ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି। ଜୟକୃଷ୍ଣ ଆଜି ୮୦ ପ୍ରତିଶତ ବିକଳାଙ୍ଗ ହୋଇ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ। 'ମୁଠାଏ ଖାଇବା ପାଇଁ ଦେବ କିଏ?' ଏହି ପ୍ରଶ୍ନ ଆଜି ତାଙ୍କ ରାତିର ନିଦ ହଜାଇ ଦେଇଛି।

## ହାଇୱା ଧକ୍କାରେ ଦୁଇ ଶଗଡ଼ିଆଙ୍କ ମୃତ୍ୟୁ

ଗଞ୍ଜାମ,୪।୬ (ସଂଚାର ବ୍ୟୁରୋ): ପାଟପୁର ଥାନା ଜଗନ୍ନାଥପୁରପପ୍ରତାପଗିରି ରାସ୍ତାରେ ଏକ ବାଲି ବୋଝେଇ ହାଇୱା, ଗୋଟିଏ ଶଗଡ଼କୁ ଧକ୍କା ଦେବା ଫଳରେ ଦୁଇ ଜଣ ଶଗଡ଼ିଆ ମୃତ୍ୟୁ ବରଣ କରିଛନ୍ତି। ଖବରପାଇ ପାଟପୁର ପୁଲିସ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରୁଛନ୍ତି।

## ବଡ଼ଧରଣର ଜୁଆ ଆଡ୍ଡାରେ ପୁଲିସର ଚଢାଉ

ଗଞ୍ଜାମ,୪।୬(ସଂଚାର ବ୍ୟୁରୋ): ବ୍ରହ୍ମପୁର ସଦର ଥାନା ରୋହିଗାଁରେ ଏକ ବଡ ଧରଣର ଜୁଆ ଆଡ୍ଡାଉପରେ ପୁଲିସ ଚଢାଉ କରିବା



ବେଳେ ପୁଲିସ ଓ ଜୁଆଡିଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୁଲିସ ଜୁଆଆଡ୍ଡାରୁ ୫ଲକ୍ଷ୫୦ ହଜାର ଟଙ୍କା, ୧୯ଟି ବାଇକ ଓ ଗୋଟିଏ କାର୍ ଜବତ କରିବା ସହ ୨୦ଜଣ ଜୁଆଡିଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।